# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ମେ ୧୮/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, May 18/ 2019 (Career & Appointment) | ★★

୧୫୩ ଭାଗ ୧୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସାମାଜିକ ପ୍ରସଙ୍ଗଭିତ୍ତିକ ଫିଲ୍ମ ପସନ୍ଦ କରେ**

ସାମାଜିକ ପ୍ରାସଙ୍ଗିକତା ଥିବା ଫିଲ୍ମରେ ଅଭିନୟ ପାଇଁ ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ ପସନ୍ଦ କରନ୍ତି ।

୦୨

୧୪

**୨୫ ବର୍ଷ ବୟସରେ ଅବସର**

ସ୍ୱାସ୍ଥ୍ୟଗତ କାରଣରୁ ଜର୍ମାନୀର ଡବଲ ଅଲିମ୍ପିକ ବାଏଥଲନ ଚାମ୍ପିୟନ ଲାଉରା ଡାହଲମେର ମାତ୍ର ୨୫ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି ।



## ଓଡ଼ିଆ ଆଇଏଏସ୍ ଅଫିସର ପ୍ରମୋଦ ମିଶ୍ରଙ୍କୁ ଜାତିସଂଘ ପୁରସ୍କାର



**ନୂଆଦିଲ୍ଲୀ, ୧୭।୫**

ଓଡ଼ିଶା ଜନ୍ମିତ ବରିଷ୍ଠ ଆଇଏଏସ୍ ଅଫିସର୍ ତଥା ପିଏମ୍ଓର ଅତିରିକ୍ତ ପ୍ରମୁଖ ସଚିବ ପ୍ରମୋଦ ମିଶ୍ରଙ୍କୁ ୨୦୧୯ର ବିପର୍ଯ୍ୟୟ ସଙ୍କଟ ହ୍ରାସ ଲାଗି ଜେନିଭାରେ ଜାତିସଂଘର ସମ୍ମାନଜନକ କାକାସାୱା ପୁରସ୍କାର ମିଳିଛି। ନିପୁମ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷ ରୋଇଚି ସାସାକାୱା ୧୯୮୬ ମସିହାରୁ ଏହାକୁ ଆରମ୍ଭ କରିଥିଲେ। ପୁରସ୍କାର ବିଜେତାଙ୍କୁ ଏଥିଲାଗି ୫୦ ହଜାର ଆମେରିକୀୟ ଡଲାର ପ୍ରଦାନ କରାଯାଇଥାଏ। ପ୍ରବଳ ଝଡ଼ବର୍ଷା ପ୍ରତ୍ୟେକଙ୍କ ଜୀବନ ଓ ଗରିବ କୃଷକଙ୍କ ଜୀବିକା ଉପରେ କି ପ୍ରଭାବ ପକାଇଥାଏ, ସେ ସମ୍ପର୍କରେ ମିଶ୍ର ଅନୁଧ୍ୟାନ କରିଛନ୍ତି। ଏହା ଉପରେ ସେ ଗବେଷଣା କରି ଶସ୍ୟବୀମା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏବେ ଭାରତର ଶସ୍ୟବୀମା ଯୋଜନା ବିଶ୍ୱର ଅନ୍ୟତମ ସର୍ବବୃହତ ବୋଲି କୁହାଯାଉଛି।

■ ୫ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଖବରଦାତା ସମ୍ମିଳନୀ

# କ୍ଷମତାକୁ ଫେରିବାର ଦମ୍ଭୋକ୍ତି

**ନୂଆଦିଲ୍ଲୀ, ୧୭।୫(ପି.ଟି./ ଆଇଏଏନ୍ଏସ୍)**

ଚଳିତ ସାଧାରଣ ନିର୍ବାଚନରେ ଭାଜପା ପୁଣିଥରେ ପୂର୍ଣ୍ଣସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଫେରିବ। ପୂରା ୫ ବର୍ଷ ଶାସନ କରିବା ପରେ ପ୍ରଥମଥର ପାଇଁ ବହୁମତ ସହ ଏକ ଦଳ କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଛି ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦମ୍ଭୋକ୍ତି ବାଢ଼ିଛନ୍ତି। ହେଲେ ଖବରଦାତାଙ୍କ କୌଣସି ପ୍ରଶ୍ନର ଉତ୍ତର ସେ ଦେଇନାହାନ୍ତି। ପ୍ରଶ୍ନର ଉତ୍ତର ଏଡାଇ ମୋଦି ଅଧା ଯୁଦ୍ଧ ଦେଖାଇଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ଜାତୀୟ ରାଜନୀତିର ଦୃଶ୍ୟପଟରେ ଶୁକ୍ରବାର ଦେଖିବାକୁ ମିଳିଛି ଏକ ବିରଳ ଘଟଣା। ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନର ଠିକ୍ ଦୁଇଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏକ ଖବରଦାତା ସମ୍ମିଳନୀରେ ଏନ୍‌ଡିଏ ସରକାରର ସଫଳତା ବଖାଣିଛନ୍ତି। ୫ ବର୍ଷର ଶାସନ କାଳରେ କେବେ ଏଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିବାବେଳେ ଜାତୀୟ ଗଣମାଧ୍ୟମଗୁଡ଼ିକରେ ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଏହି ଅବତାର ଦେଖି ବିସ୍ମିତ ହୋଇଯାଇଛନ୍ତି ଦେଶବାସୀ। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରୁ ଏହାର ସିଧାପ୍ରସାରଣ ହୋଇଥିଲା। ମୋଦିଙ୍କ ସହ ଉପସ୍ଥିତ ଥିଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ। ମୋଦି କହିଥିଲେ, ଭାଜପା ଲୋକ ସଭା ନିର୍ବାଚନ ଜିତିବା ପରେ ପୁଣିଥରେ କେନ୍ଦ୍ରରେ ସରକାର ଗଢ଼ିବ। ପ୍ରଥମଥର ଏଭଳି ଏକ ବଡ଼କଥା ହେବାକୁ ଯାଉଛି। କାରଣ ଏହା ହେଉଛି ପ୍ରଥମ ନିର୍ବାଚନ, ଯାହାକି ସୁଚିନ୍ତିତ ଭାବେ ଲଢ଼ାଯାଇଛି। ପୂର୍ବ ସରକାରଗୁଡ଼ିକ ପରିସ୍ଥିତିକୁ ନେଇ ଗଠନ ହୋଇଥିଲା। ସେହି ସରକାରଗୁଡ଼ିକ ପାରିବାରିକ ରାଜନୀତି ଓ ବଂଶବାଦ ପରମ୍ପରା କିମ୍ବା ଅନ୍ୟ ☞ପୃଷ୍ଠା–୪



ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ଅଧ୍ୟକ୍ଷ ଅମିତ୍ ଶାହ।

- ■ ପ୍ରଶ୍ନର ଉତ୍ତର ଏଡ଼ାଇଲେ ମୋଦି
- ■ ୩୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବୁ: ଶାହ
- ■ ଅଧା ଯୁଦ୍ଧ ଦେଖାଇଲେ ପ୍ରଧାନମନ୍ତ୍ରୀ: ରାହୁଲ


■ ସୂର୍ଯ୍ୟ ପାତ୍ରଙ୍କ ପ୍ରସ୍ତାବକୁ ନେଇ ଚର୍ଚ୍ଚା

# ନବୀନ ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟ

- ■ କଂଗ୍ରେସ କହିଲା 'ମନଗଢ଼ା କଥା'
- ■ ସ୍ୱପ୍ନ ଦେଖିବାକୁ ମନାନାହିଁ: ଭାଜପା

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

ଲୋକ ସଭାର ୫୪୨ରୁ ୪୮୩ ଆସନରେ ଭୋଟ ଗ୍ରହଣ ଶେଷ ହୋଇଛି। ଅବଶିଷ୍ଟ ୮ ରାଜ୍ୟର ୫୯ ଆସନରେ ରବିବାର ମତଦାନ ଅନୁଷ୍ଠିତ ହେବ। ୬ଷ୍ଠ ପର୍ଯ୍ୟାୟ ସୁଦ୍ଧା ଭୋଟ ଶେଷ ହୋଇଥିବା ଲୋକ ସଭା ଆସନଗୁଡ଼ିକରୁ ସର୍ବାଧିକ ସିଟ୍ ଦଖଲ କରିବା ନେଇ ଉଭୟ ଭାଜପା ଓ କଂଗ୍ରେସ ଦୃଢୋକ୍ତି ବାଢୁଛନ୍ତି। ଇତି ମଧ୍ୟରେ ଜାତୀୟ ଗଣମାଧ୍ୟମଗୁଡ଼ିକର ଆକଳନ ଯାହା ରହିଛି ସେଥିରୁ ବୁଝାପଡୁଛି, କେନ୍ଦ୍ରରେ ଏନ୍‌ଡିଏ କିମ୍ବା ଉପାକୁ ସଂଖ୍ୟାଗରିଷ୍ଠତା ମିଳୁନାହିଁ। ଏଭଳି ସ୍ଥିତିରେ ଦୁଇ ପ୍ରମୁଖ ଜାତୀୟ ଦଳ ସପକ୍ଷରେ ଜନମତ ନ ଗଲେ ବିଜେଡି, ଟିଆର୍‌ଏସ ଏବଂ ୱାଇଏସ୍‌ଆର କଂଗ୍ରେସ ଭଳି ଆଞ୍ଚଳିକ ଦଳଗୁଡ଼ିକର ଭୂମିକା ନିର୍ଣ୍ଣାୟକ ହେବ ବୋଲି କେତେକ ଜାତୀୟ ଗଣମାଧ୍ୟମ ଆକଳନ କରିଛନ୍ତି। ଏହିସବୁ ଆକଳନ ଭିତରେ ଓଡ଼ିଶାର ବିଭିନ୍ନ ସମସ୍ୟା ସମୟରେ ବିଶେଷକରି ଫନୀ ପରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପକୁ ମଧ୍ୟ ଜାତୀୟ ଗଣମାଧ୍ୟମ ପ୍ରଶଂସା କରୁଛନ୍ତି। ତେଣୁ ନିର୍ବାଚନ ଫଳାଫଳ ବାହାରିବାକୁ ସପ୍ତାହେରୁ କମ୍ ସମୟ ବାକି ଥିବାବେଳେ ଥିବାବେଳେ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ହେଲେ ଭଲ ହେବ ବୋଲି ବିଜେଡିରୁ ଇଙ୍ଗିତ ଆସିବା ନୂଆ ସମୀକରଣର ଆଭାସ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ☞ପୃଷ୍ଠା–୪



■ ପ୍ରଚଣ୍ଡ ଗ୍ରୀଷ୍ମ: ୩୧ ଯାଏ ନିସ୍ତାର ନାହିଁ

# ଅଂଶୁଘାତରେ ୬ ମୃତ ଅଭିଯୋଗ

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

ବାତ୍ୟା ଫନୀ ପରେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ସତେ ଯେମିତି ଆକାଶରୁ ଅଗ୍ନି ବର୍ଷୁଛି। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ତାତିର ପ୍ରକୋପ। ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ଜୀବନକୁ ଦୁର୍ବିଷହ କରି ପକାଇଛି। ଟାଇଁ ଟାଇଁ ଖରା ଦେହ ମୁଣ୍ଡକୁ ଝାଇଁ ଝାଇଁ କରି ଦେଉଛି। ପଙ୍ଖା ତଳେ ବସିଲେ ମଧ୍ୟ ଗରମରୁ ନିସ୍ତାର ମିଳୁ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ୬ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ କେନ୍ଦୁଝର, ବଲାଙ୍ଗୀର, ନୂଆପଡା, ବୌଦ୍ଧ, ଯାଜପୁର ଓ ପୁରୀରେ ଜଣେ ଲେଖାଏ ବ୍ୟକ୍ତିଙ୍କର ଅଂଶୁଘାତ ଯୋଗୁ ମୃତ୍ୟୁ ହୋଇଥିବା ଜଣାପଡିଛି।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟିହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ତତଲା ହାୱା ପରିବେଶକୁ ଉତ୍ତପ୍ତ କରିଦେଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଟିଟିଲାଗଡ଼ରେ ରାଜ୍ୟର ସର୍ବାଧିକ ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪.୬, ସୋନପୁର ୪୪, ସମ୍ବଲପୁର ୪୩.୩, ଝାରସୁଗୁଡା ୪୩.୨, ହୀରାକୁଦ ୪୨.୪, ଅନୁଗୋଳ ୪୧.୭, ସୁନ୍ଦରଗଡ଼ ୪୧.୫, ତାଳଚେର ୪୦ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶା ମଧ୍ୟ ତାତିର କୋପରୁ ବର୍ତ୍ତି ନାହିଁ। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ପରିବେଶ ସୃଷ୍ଟି କରିଛି। ଆସନ୍ତା ୩୧ ତାରିଖ ଯାଏ ତାତିରୁ ନିସ୍ତାର ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବା ସହ ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରକୁ ଉଠିଯିବ। ତେବେ ଆସନ୍ତା ୨୩ ତାରିଖରୁ ଉପକୂଳ ଓଡ଼ିଶା ମଧ୍ୟ ସିଝିବ। ପାରଦ ୪୦ରୁ ୪୫ ଡିଗ୍ରୀକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇବାରୁ ଗୁଳୁଗୁଳି ମଧ୍ୟ ଅସ୍ତବ୍ୟସ୍ତ କରିବ। ☞ପୃଷ୍ଠା–୪



- ■ ୨୩ରୁ ଉପକୂଳରେ ବଢ଼ିବ ତାତି
- ■ ଟିଟିଲାଗଡ଼ ୪୫.୫ ଡିଗ୍ରୀ
- ■ ୪୦ ଉପରେ ୧୦ ସହର

## ଦମ୍ପତିଙ୍କ ଗଳା କାଟିଲେ ଦୁର୍ବୃତ୍ତ

■ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଠାକୁରମୁଣ୍ଡା, ୧୭।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଧୀନ ଜରକ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦମ୍ପତିଙ୍କ ଗଳା କାଟି ଦିଆଯିବାରୁ ବ୍ରଜ ସାୟ(୬୫)ଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ସାନ ସାୟ(୫୫) ଗୁରୁତର ଆହତ ହୋଇଛନ୍ତି। ଏହି ଦମ୍ପତି ରାତିରେ ଘରେ ଶୋଇଥିବା ବେଳେ ୩ ଜଣ ଦୁର୍ବୃତ୍ତ ଲୁଟ ଉଦ୍ଦେଶ୍ୟରେ ପଶି ଏଭଳି ଅଭାବନୀୟ କାଣ୍ଡ ଘଟାଇଛନ୍ତି।

ମୃତକ ବ୍ରଜ ଓ ତାଙ୍କ ସ୍ତ୍ରୀ ଗାଁରେ ଏକୁଟିଆ ରହୁଥିବା ବେଳେ ତାଙ୍କର ଦୁଇ ପୁଅ ସିଲାୟ ଏବଂ ରାମ ଯାଜପୁର ଅଞ୍ଚଳରେ ଶ୍ରମିକ ଭାବରେ କାମ କରନ୍ତି। ଗୁରୁବାର ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଧାରୁଆ ଅସ୍ତ୍ରରେ ସ୍ୱାମୀ ସ୍ତ୍ରୀଙ୍କ ଗଳା ଓ ପାପୁଲି କାଟି ଦେଇଥିଲେ। ଶୁକ୍ରବାର ସକାଳେ ମହୁଲଡିହା ଥାନା ପୋଲିସ ଖବର ପାଇ ବୃଦ୍ଧଙ୍କ ମୃତଦେହ ଜବତ କରିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମହୁଲଡିହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ଦମ୍‌ବଡ ☞ପୃଷ୍ଠା–୪

ପିଆଇସିଏଲ ଅର୍ଥ ଠକେଇ ଘଟଣା

# ନିର୍ଦ୍ଦେଶକ ଗିରଫ, ତଦନ୍ତ ଜାରି



ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଠକେଇର ଶିକାର ହୋଇଥିବା ଜମାକାରୀ ଓ ଏଜେଣ୍ଟ।

**ବଲାଙ୍ଗୀର ଅଫିସ, ୧୭।୫**

ବଲାଙ୍ଗୀରରେ ଅଫିସ ଖୋଲିଥିବା ପିଆଇସିଏଲ ମଲ୍ଟି ଷ୍ଟେଟ୍ କ୍ରେଡିଟ୍ କୋଅପରେଟିଭ ସୋସାଇଟି ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କଠାରୁ ପ୍ରାୟ ୪୦କୋଟି ଟଙ୍କା ଠକେଇ କରିଥିବା ନେଇ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ଏହି ଅଭିଯୋଗକୁ ନେଇ ଥାନାରେ ବିଧିବଦ୍ଧ ମାମଲା (ନଂ.୨୪୨/୧୯) ରୁଜୁ କରି ଗୁରୁବାରଠାରୁ ଅଟକ ଥିବା ସଂସ୍ଥାର ନିର୍ଦ୍ଦେଶକ ହୁତାସନ୍ ଯାଦବଙ୍କୁ ଗିରଫ କରିଛି। ଶନିବାର ଅଭିଯୁକ୍ତ ଯାଦବଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

**ଧରିତ୍ରୀ ପ୍ରଭାବ**

ପ୍ରାୟ ୩ ମାସ ପୂର୍ବରୁ ଏହି ସଂସ୍ଥାର ଅର୍ଥ ଠକେଇ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ତତ୍ପରତା ପ୍ରକାଶ କରୁ ନ ଥିଲା। ଏବେ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ ହେବାରୁ ଧୀରେ ଧୀରେ ଘଟଣାପଛର ବହୁ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଶୁକ୍ରବାର ଟାଉନ୍ ପୋଲିସ ଗିରଫ ହୁତାସନ୍‌ଙ୍କୁ ପଚରାଉଚରା କରିବା ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ଗିରଫ ହୁତାସନ୍ ହିଁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବାବେଳେ ଏହି ସଂସ୍ଥାରେ ଅନ୍ୟ କେତେଜଣ ବ୍ୟକ୍ତି ମଧ୍ୟ ସାମିଲ ଥିବା ଜଣାପଡିଛି। ସେ ନେଇ ଏବେ ତଦନ୍ତ ଆରମ୍ଭ ହୋଇଛି। ଏହା ଏକ ଆନ୍ତଃ ରାଜ୍ୟ ଠକେଇ ନେଟୱର୍କ ବୋଲି ☞ପୃଷ୍ଠା–୪


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

## କ୍ଷମତା ଲଢ଼େଇ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ବିରୋଧୀ ୯୦% ଓ ସେ ନିଜେ ୧୦% ଦ୍ୱାର ବନ୍ଦ କରିଦେଇଛନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

■ ଆର୍ଥିକ ମେରୁଦଣ୍ଡ ଦୋହଲାଉଛି ପ୍ରାକୃତିକ ବିପର୍ଯ୍ୟୟ

# ୬ ବର୍ଷରେ ୧୮ ହଜାର କୋଟି କ୍ଷତି

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

ପ୍ରାକୃତିକ ବିପତ୍ତିର ପ୍ରଚଣ୍ଡ ପ୍ରହାର ରାଜ୍ୟ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ବ୍ୟକ୍ତିଗତ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଏକ ବିରାଟ ଅନ୍ତରାୟ ସୃଷ୍ଟି କରୁଛି। କେବଳ ବାତ୍ୟା ନୁହେଁ ମରୁଡି ମଧ୍ୟ କୃଷିକ୍ଷେତ୍ର ଏବଂ ଆର୍ଥିକ ପ୍ରଗତିକୁ ନଷ୍ଟଭ୍ରଷ୍ଟ କରିଦେଉଛି। ଗତ ୬ ବର୍ଷ ମଧ୍ୟରେ ରାଜ୍ୟକୁ ୪ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡିଛି। କୃଷିକ୍ଷେତ୍ର ସମେତ ବିଦ୍ୟୁତ୍, ଘରଦ୍ୱାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ଛାରଖାର କରିଦେଇଛି। ଏଥିରେ ପ୍ରାୟ ୧୮ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହାକୁ ଭରଣା କରିବାକୁ ଦୀର୍ଘ ସମୟ ଲାଗିଯାଉଛି। ଅଣ୍ଟା ସଳଖି ଛିଡା ହେବା ବେଳକୁ ପୁଣି ଏକ ଦୁର୍ବିପାକ ରାଜ୍ୟରେ ଧ୍ୱଂସର ତାଣ୍ଡବଲୀଳା ରଚୁଛି।

୧୯୯୯ ମହାବାତ୍ୟା ପରେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡ଼ିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ଟି ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ଠିକ୍ ବର୍ଷକ ପରେ ଅର୍ଥାତ୍ ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡ୍‌ହୁଡ୍ ଦକ୍ଷିଣ ଓଡ଼ିଶାକୁ ଧକ୍କା ଦେଇଥିଲା। କୋରାପୁଟ, ଗଞ୍ଜାମ, ନବରଙ୍ଗପୁର, ମାଲକାନଗିରି, ଗଜପତି, ରାୟଗଡା ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏଥିରେ ୧ ଲକ୍ଷ ଘର ଭାଙ୍ଗିଥିଲା। ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଶସ୍ୟକ୍ଷେତ୍ରଠାରୁ ଆରମ୍ଭ କରି ବିଦ୍ୟୁତ୍, ପାନୀୟ ଜଳ, ରାସ୍ତାଘାଟ, ଘରଦ୍ୱାର, ଜଙ୍ଗଲ ପ୍ରଭାବିତ ହୋଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ଟି ଜିଲା ୧୨୮ଟି ବ୍ଲକର ୮,୧୨୫ଟି ଗ୍ରାମର ୬୦.୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହାର କ୍ଷୟକ୍ଷତି ୨,୭୬୫ କୋଟି ଟଙ୍କା ଆକଳନ କରାଯାଇଥିଲା। ତେବେ ଏହି ବାତ୍ୟା ☞ପୃଷ୍ଠା–୪



**ଆଗକୁ ମରୁଡ଼ିର ପଦଧ୍ୱନି**


**AIMS COLLEGE SAMBALPUR**

FULLY RESIDENTIAL +2 & +3 Sc. COLLEGE

For e-admission: College Code- 28085307

(JHARSUGUDA HIGHWAY) PARDHIAPALI, SAMBALPUR

For Admission please Contact: 7873006705, 7873006725, 7978326206, 7873006711, 7381026700

E-mail: aims.sambalpur@gmail.com

website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 17.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 102 | 161 | 171 |
| CTC | 102 | 161 | 171 |
| DKL | 99 | 157 | 167 |
| BDK | 101 | 159 | 169 |
| BLS | 103 | 162 | 172 |
| ANG | 99 | 157 | 167 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers



INSTITUTE OF ENTREPRENEURSHIP DEVELOPMENT, ODISHA

*An Institute of*

MSME Department, Govt. of Odisha

**Admission Notice for 2019-20**

# IMBA

**Integrated Master in Business Administration-5Yrs**

*(Affiliated to Utkal University)*

QUALITY EDUCATION IN GOVT. INSTITUTE


AFFORDABLE COURSE FEES ₹ 25,000/- per Annum (First 3 yrs BBA module), ₹ 60,000/- per Annum (For last 2 yrs MBA module)

Eligibility : 10+2 (Arts/Science/Commerce/Diploma program) from a recognized Board/University with minimum 45% mark for admission into First Year of IMBA.

For Lateral Entry into 4th Year (MBA Module of IMBA), Students having passed 3year BBA from any recognized University with atleast 50% marks in aggregate can apply.

Application form is available at the Institute or can be downloaded from Institutes website **www.iedodisha.nic.in**. The filled in application can be submitted alongwith DD for ₹ 500/- (₹ 200/- for SC/ST candidates) in favour of **IED Odisha IMBA** payable at **Bhubaneswar** on or before **31.05.2019 (Friday)**.

123, Sect-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2587286, Mob. 9437036346, 7978120939, 8895621891



“ ନିର୍ବାଚନ କମିଶନ (ଇସି) କେନ୍ଦ୍ର ସରକାର ସପକ୍ଷରେ କାମ କରୁଛନ୍ତି। ଇସିଙ୍କ ନିଷ୍ପତ୍ତିଗୁଡ଼ିକ ଅତ୍ୟନ୍ତ ବିବାଦୀୟ ଓ ଏକତରଫା।

-ଏନ୍.ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

■ ୫୯ ଆସନରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ

# ଗାନ୍ଧୀ, ଗଡ୍‌ସେରେ ପ୍ରଚାର ଶେଷ

**ନୂଆଦିଲ୍ଲୀ,୧୭।୫(ପି.ଟି.)**



■ପ୍ରଜ୍ଞାଙ୍କ ମନ୍ତବ୍ୟରୁ ବିବାଦର ସୂତ୍ରପାତ
■କଂଗ୍ରେସ ଘେରିଲା, ଭାଜପା କୋଣଠେସା
■ପ୍ରଜ୍ଞାଙ୍କୁ କ୍ଷମା ଦିଆଯିବ ନାହିଁ: ମୋଦି
■ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ: ଶାହ

ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନକୁ ଆଉ ମାତ୍ର ଦୁଇଦିନ ବାକି । ପଶ୍ଚିମବଙ୍ଗରେ ହିଂସା ଯୋଗୁ ୯ ଆସନରେ ଗୁରୁବାର ରାତି ୧୦ଟାରେ ଓ ଅବଶିଷ୍ଟ ୭ ରାଜ୍ୟର ୫୦ ଆସନରେ ଶୁକ୍ରବାର ସନ୍ଧ୍ୟାରେ ସବୁ ଦଳ ପକ୍ଷରୁ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରଚାର ଶେଷରେ ମହାତ୍ମା ଗାନ୍ଧୀ ଓ ତାଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ନେଇ ଜାତୀୟ ରଜନୀତି ସରଗରମ ହୋଇଛି। ଭୋପାଳର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମଙ୍କୁ ଦେଶଭକ୍ତ ଭାବେ ଅଭିହିତ କରିବା ପରେ ଗୈରିକ ଦଳକୁ ଘେରିଛି କଂଗ୍ରେସ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନିନ୍ଦାକରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ମୁହାଁମୁହିଁ ହୋଇଥିବାବେଳେ ପ୍ରଚାର ସ୍ରୋତରେ ହଜିଯାଇଛି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

୮ ରାଜ୍ୟର ୫୯ ଆସନରେ ରବିବାର ଭୋଟଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ହେଲା ବିହାର (୮), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୮), ପଞ୍ଜାବ (୧୩), ପଶ୍ଚିମବଙ୍ଗ (୯), ଚଣ୍ଡିଗଡ଼ (୧) ଓ ହିମାଚଳ ପ୍ରଦେଶର ୪ । ଏଥିପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥର ସାଧାରଣ ନିର୍ବାଚନରେ ପ୍ରଚାର ପୁଲୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣରୁ ଆରମ୍ଭ ହୋଇ ଗାନ୍ଧିଜୀ ଏବଂ ଗଡ୍‌ସେରେ ଶେଷ ହୋଇଛି। ଏହା ମଧ୍ୟରେ ସାଧାରଣ ଜନତାଙ୍କ ସହ ଜଡ଼ିତ ବହୁ ସମ୍ବେଦନଶୀଳ ପ୍ରସଙ୍ଗ ସାମ୍ନାକୁ ଆସିପାରିନାହିଁ। ମଧ୍ୟପ୍ରଦେଶର ଭୋପାଳ ଲୋକ ସଭା ଆସନରେ କଂଗ୍ରେସର ଦିଗ୍‌ବିଜୟ ସିଂ ଏବଂ ଭାଜପାରୁ ପ୍ରାର୍ଥୀ ହୋଇଥିବା ପ୍ରଜ୍ଞା ସିଂ ଠାକୁରଙ୍କ ମଧ୍ୟରେ ହିନ୍ଦୁତ୍ୱକୁ ନେଇ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ଏହି ଆସନରେ ଷଷ୍ଠ ପର୍ଯ୍ୟାୟରେ ନିର୍ବାଚନ ଶେଷ ହୋଇଥିଲେ ହେଁ ପ୍ରଜ୍ଞାଙ୍କ ଏକ ମନ୍ତବ୍ୟରୁ ବିବାଦର ଝଡ଼ ସୃଷ୍ଟି ହୋଇଛି। ନାଥୁରାମ ଦେଶଭକ୍ତ ଥିଲେ, ଅଛନ୍ତି ଓ ରହିବେ ବୋଲି ପ୍ରଜ୍ଞା ଗୁରୁବାର ଖବରଦାତାମାନଙ୍କୁ କହିଥିଲେ। ଅବଶ୍ୟ ବିବାଦ ଉଠିବା ପରେ ସେ ଏଥିପାଇଁ କ୍ଷମାମାଗିଥିଲେ। ହେଲେ ସେ ଛାଡ଼ିଥିବା ଏହି ଅଫେରନ୍ତା ତୀର କଂଗ୍ରେସ ପାଇଁ ବ୍ରହ୍ମାସ୍ତ୍ର ଭଳି ସୁଯୋଗ ଆଣିଦେଇଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇ ଭାଜପାକୁ କୋଣଠେସା କରିବାକୁ କଂଗ୍ରେସ ଉଦ୍ୟମ କରିଛି। କଂଗ୍ରେସ ନେତା କପିଲ ସିବଲ୍ ଓ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଦ୍ୱାରା ଗଡ୍‌ସେ ଅନୁପ୍ରାଣିତ ଥିଲେ ବୋଲି ସମାଲୋଚନା କରିଛନ୍ତି। ଇତିମଧ୍ୟରେ କର୍ନାଟକର ଭାଜପା ଏମ୍‌ପି ନିଲୀନ କୁମାର କଟୀଲ ଗଡ୍‌ସେଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସହ ତୁଳନା କରିଛନ୍ତି। ଗଡ୍‌ସେ ଜଣକୁ ହତ୍ୟା କରିଥିବାବେଳେ ରାଜୀବ ୧୭,୦୦୦ ଜଣଙ୍କୁ ହତ୍ୟା କରିଛନ୍ତି। ଉଭୟଙ୍କ ମଧ୍ୟରୁ କିଏ ଅଧିକ କ୍ରୂର ଓ ନିଷ୍ଠୁର ବୋଲି ସେ ପ୍ରଶ୍ନ କରିଛନ୍ତି। ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା କେନ୍ଦ୍ରମନ୍ତ୍ରୀ ଅନନ୍ତ ହେଗ୍‌ଡେ ମଧ୍ୟ ଗଡ୍‌ସେଙ୍କୁ ଦେଶଭକ୍ତ ଭାବେ ଅଭିହିତ କରି ନିଆଁରେ ଘିଅ ଢାଳିଛନ୍ତି। ଏସବୁର ଜବାବ ଦେବାକୁ ଯାଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ରାହୁଲ କହିଛନ୍ତି, ଭାଜପା–ଆର୍‌ଏସ୍‌ଏସ୍ ‘ଗଡ୍ (ଭଗବାନ) ପ୍ରେମୀ’ ନୁହନ୍ତି, ବରଂ ‘ଗଡ୍‌ସେ ପ୍ରେମୀ’। ପ୍ରଜ୍ଞାଙ୍କ ମନ୍ତବ୍ୟରୁ ଏହା ପ୍ରମାଣିତ ହୋଇଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି।

ସେପଟେ ଚାରିଆଡୁ ସମାଲୋଚିତ ହେବା ପରେ ଭାଜପା ମୁଖ୍ୟ ଶାହ କହିଛନ୍ତି, ଗଡ୍‌ସେ ମନ୍ତବ୍ୟ ଦଳର ବିଚାରଧାରା ନୁହେଁ। ତାଙ୍କୁ ଦେଶଭକ୍ତ ବୋଲି ଅଭିହିତ କରିଥିବା ନେତାଙ୍କ ବିରୋଧରେ ୧୦ ଦିନ ମଧ୍ୟରେ ରିପୋର୍ଟ ଆସିବ। ଏହା ପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶାହ ଟୁଇଟ୍ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ଏକ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗାନ୍ଧିଜୀଙ୍କୁ ଅପମାନିତ କରି ତାଙ୍କ ହତ୍ୟାକାରୀ ଗଡ୍‌ସେଙ୍କୁ ଦେଶଭକ୍ତ କହିଥିବା ପ୍ରଜ୍ଞାଙ୍କୁ କ୍ଷମା କରାଯିବନାହିଁ। ଏଭଳି ମନ୍ତବ୍ୟ ସମାଜ ପାଇଁ କ୍ଷତିକାରକ। ସେ ଏଥିଲାଗି କ୍ଷମା ମାଗିଛନ୍ତି, କିନ୍ତୁ ତାଙ୍କୁ ମୁଁ ସମ୍ପୂର୍ଣ୍ଣ କ୍ଷମା ଦେବା ପାଇଁ ଅସମର୍ଥ।



ସପ୍ତମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ଦିନରେ ପଞ୍ଜାବର ଗୁରୁଦାସପୁର ଲୋକ ସଭା ଭାଜପା ପ୍ରାର୍ଥୀ ସନି ଦେଓଲ ରୋଡ୍ ଶୋ କରୁଛନ୍ତି।

■ ସାରଦା ଚିଟ୍‌ଫଣ୍ଡ ମାମଲା

## ରାଜୀବଙ୍କ ମୁଣ୍ଡରେ ଖଣ୍ଡା

**ନୂଆଦିଲ୍ଲୀ,୧୭।୫**



■ଗିରଫ ନ କରିବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ ହଟାଗଲା
■ଆଇନଗତ ସହାୟତା ଲାଗି ୭ ଦିନ ଦିଆଗଲା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ କୁହାଯାଉଥିବା କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସାରଦା ଚିଟ୍‌ଫଣ୍ଡ ମାମଲାରେ ଫସିଥିବା ରାଜୀବଙ୍କୁ ଫେବୃୟାରୀ ୫ରେ ସୁରକ୍ଷା ଦେବା ସହ ଗିରଫ ନ କରିବା ଲାଗି ଦିଆଯାଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ଶୁକ୍ରବାର ହଟାଇ ଦେଇଛନ୍ତି। ଏଥିସହ ରାଜୀବଙ୍କୁ ଆଇନଗତ ସହାୟତା ଲାଗି ୭ ଦିନ ଦେଇଛନ୍ତି। ଏହି ସମୟ ମଧ୍ୟରେ ସେ ଆଗୁଆ ଜାମିନ୍ ଲାଗି ଆବେଦନ କରିପାରିବେ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଚାରବିମର୍ଶ କରିପାରିବେ ବୋଲି କୁହାଯାଉଛି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସାରଦା ଚିଟ୍‌ଫଣ୍ଡ ମାମଲାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ମାର୍ଚ୍ଚ ୩୦ରେ ଖଣ୍ଡପୀଠ ସିବିଆଇକୁ ତଥ୍ୟ ପ୍ରମାଣ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ପକ୍ଷରୁ ରାଜୀବଙ୍କ ଗିରଫଦାରି ଉପରେ ଲଗାଯାଇଥିବା କଟକଣା ହଟାଇ ଦେବା ଲାଗି କୋର୍ଟରେ ଆବେଦନ କରାଯାଇଥିଲା। ଶୁକ୍ରବାର ସର୍ବୋଚ୍ଚ ଅଦାଲତ ଉକ୍ତ କଟକଣାକୁ ହଟାଇ ଦେଇଛନ୍ତି। ୭ ଦିନ ପରେ ସିବିଆଇ ସାରଦା ଚିଟ୍‌ଫଣ୍ଡ ମାମଲାରେ ତଥ୍ୟ ପ୍ରମାଣ ନଷ୍ଟକରିବା ଅଭିଯୋଗରେ ରାଜୀବ କୁମାରଙ୍କ ସମ୍ପୃକ୍ତି ନେଇ ତାଙ୍କୁ ଜେରା କରିପାରିବ। ଇତିମଧ୍ୟରେ ରାଜୀବ ଆଇନଗତ ସୁରକ୍ଷା ଓ ପଦକ୍ଷେପ ନେଇପାରିବେ ବୋଲି କୋର୍ଟ କହିଛନ୍ତି।

ଏହି ବିରାଟ ଷଡ଼ଯନ୍ତ୍ର ପଛର ରହସ୍ୟ ଉନ୍ମୋଚନ ଲାଗି ରାଜୀବ କୁମାର ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଜେରା କରାଯିବାର ଆବଶ୍ୟକତା ରହିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ଓ ସିବିଆଇ କହିଛନ୍ତି। ସାରଦା ଗ୍ରୁପ ନିର୍ଦ୍ଦେଶକଙ୍କ ସହ ବହୁ ରାଜନେତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରାଯାଇଛି। ତେବେ ରାଜୀବ କୁମାରଙ୍କ ଓକିଲ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଶିଲଂରେ ତାଙ୍କୁ ଜେରା କରିଥିବାବେଳେ କିଛି ତଥ୍ୟ ପାଇ ନ ଥିଲେ।

## ‘ଗାନ୍ଧିଜୀ ପାକିସ୍ତାନର ଜନକ’

**ଭୋପାଳ,୧୭।୫**



ଭାଜପା ମିଡିଆ ସେଲ୍ ମୁଖ୍ୟ ନିଲମ୍ବିତ

ମହାତ୍ମା ଗାନ୍ଧୀଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ମଧ୍ୟପ୍ରଦେଶର ଭାଜପା ମିଡିଆ ସେଲ୍ ମୁଖ୍ୟ ଅନିଲ ସୌମିତ୍ରଙ୍କୁ ଶୁକ୍ରବାର ଦଳ ନିଲମ୍ବନ କରିଛି। ଅନିଲ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ବାପୁଙ୍କ ଆଶୀର୍ବାଦରୁ ପାକିସ୍ତାନର ଜନ୍ମ ହୋଇଥିଲା। ତେଣୁ ମହାତ୍ମା ଗାନ୍ଧୀ ଭାରତର ନୁହେଁ, ବରଂ ପାକିସ୍ତାନର ଜନକ। କେବଳ ଏତିକି ନୁହେଁ, ଅନିଲ ଆଉ ଗୋଟିଏ ପୋଷ୍ଟ କରି ନିଜ ମନ୍ତବ୍ୟକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଉଦ୍ୟମ କରିଥିଲେ। ସେଥିରେ ସେ ଲେଖିଥିଲେ, କୌଣସି ବିଦ୍ୱାନ ତାଙ୍କୁ ଭୁଲ ପ୍ରମାଣିତ କରିପାରିବେ ନାହିଁ। ଏହାକୁ ନେଇ ଭାଜପା ପକ୍ଷରୁ ତାଙ୍କ ପ୍ରାଥମିକ ସଦସ୍ୟତା ରଦ୍ଦ କରାଯାଇଛି। ଏହାସହ ବିବାଦୀୟ ପୋଷ୍ଟକୁ ନେଇ ତାଙ୍କୁ ୭ ଦିନ ମଧ୍ୟରେ ଜବାବ ମାଗିଛି ଦଳ।

■ ପ୍ରଜ୍ଞାଙ୍କ ‘ଦେଶଭକ୍ତ’ ମନ୍ତବ୍ୟ

## ଇସିଙ୍କୁ ରିପୋର୍ଟ ଦେଲେ ଏମ୍‌ପି ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୋପାଳ,୧୭।୫:** ଭୋପାଳର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ ବୋଲି ଅଭିହିତ କରିବା ନେଇ ମଧ୍ୟପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ରିପୋର୍ଟ ଦେଇଛନ୍ତି। ରିପୋର୍ଟରେ କ’ଣ ଅଛି ଇସିଙ୍କ ନିଷ୍ପତ୍ତି ପରେ ସାର୍ବଜନୀନ କରାଯିବ ବୋଲି ସିଇଓ ଭି.ଏଲ୍. କାନ୍ତରାଓ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଜିଲା ନିର୍ବାଚନ ଅଧିକାରୀ ପ୍ରଜ୍ଞାଙ୍କ ମନ୍ତବ୍ୟକୁ ନେଇ ସିଇଓଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ।





ଜମ୍ମୁ ନିକଟସ୍ଥ ନଗ୍ରୋଟାର ଏକ କ୍ୟାମ୍ପରେ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ବନ୍ଧୁକ ଚଳାଇବା ତାଲିମ ଦିଆଯାଉଛି।

## ୨ ଭାରତୀୟ ପର୍ବତାରୋହୀ ମୃତ, ଜଣେ ନିଖୋଜ

**କାଠମାଣ୍ଡୁ,୧୭।୫**

ନେପାଳରେ ଭାରତର ୨ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଜଣେ ଯବାନ ଅଛନ୍ତି। ସେହିଭଳି ଅନ୍ୟ ଜଣେ ପର୍ବତାରୋହୀ ନେପାଳରେ ନିଖୋଜ ହୋଇଯାଇଥିବା ଅଭିଯାନ ସଂଯୋଜକ ଶୁକ୍ରବାର କହିଛନ୍ତି। ପ୍ରକାଶଥାଉ କି, ହିମାଳୟରେ ୨ ଜଣ ପର୍ବତାରୋହୀ ପ୍ରାଣ ହରାଇବା ପରେ ଏଭଳି ଘଟଣା ଘଟିଛି। ମୃତ୍ୟୁବରଣ କରିଥିବା ପର୍ବତାରୋହୀମାନେ ହେଲେ ସେନା କର୍ମୀ ରବି ଥାକ୍କର(୨୮), ନାରାୟଣ ସିଂ। କୋଲକାତାର ଦୀପଙ୍କର ଘୋଷ(୫୨) କେଉଁଆଡ଼େ ନିଖୋଜ ହୋଇଛନ୍ତି। ସର୍ଚ୍ଚ ଟିମ୍ ଖୋଜାଖୋଜି କରି ଶେଷରେ ବିଫଳ ହୋଇଛି।

## ପାକ୍‌ରେ ୫୦୦ ଏଚ୍‌ଆଇଭି ସଂକ୍ରମିତ

**ରାତୋଦରୋ,୧୭।୫**

ଦକ୍ଷିଣ ପାକିସ୍ତାନର ଅବହେଳିତ ଜିଲା ଲାର୍‌କାନାର ବିଭିନ୍ନ ଗାଁରେ ପାଖାପାଖି ୫ଶହ ଲୋକ ଏଚ୍‌ଆଇଭିର ଶିକାର ହୋଇଥିବା ଜଣାପଡ଼ିଛି। ଜନୈକ ଡାକ୍ତରଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ତେବେ ଡାକ୍ତର ଜଣକ ଏକ ସଂକ୍ରମିତ ସିରିଞ୍ଜ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏବେ ପିଲାଠାରୁ ବୟସ୍କ ପ୍ରାୟ ସମସ୍ତେ ଭୟଙ୍କର ଏଚ୍‌ଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା କୁହାଯାଉଛି। ଲୋକମାନେ ରକ୍ତ ପରୀକ୍ଷା ଜାରି ରଖିଥିବା ବେଳେ ଅଭିଭାବକମାନେ ରିପୋର୍ଟକୁ ଅପେକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ଏଚ୍‌ଆଇଭିରେ ପ୍ରାୟ ୫ଶହ ଲୋକ ଆକ୍ରାନ୍ତ ହୋଇ ସାରିଲେଣି।

ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଏହି ଘଟଣା ପାଇଁ ସ୍ଥାନୀୟ ଚିକିତ୍ସକ ମୁଜାଫର ଘନଘାରୋଙ୍କୁ ଗିରଫ କରାଯାଇଛି। ତେବେ ଉକ୍ତ ଡାକ୍ତର ଜାଣିଶୁଣି ଅନ୍ୟ ଲୋକଙ୍କୁ ସଂକ୍ରମିତ କରିଥିଲେ କି ନା ପୋଲିସ ଏହାର ତଦନ୍ତ କରୁଛି। ଲାର୍‌କାନା ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ନିଜ ଜିଲା।



## ଗାଈକୁ ବଞ୍ଚାଇବାକୁ ଯାଇ ଭାଗବତଙ୍କ କାର ଦୁର୍ଘଟଣାଗ୍ରସ୍ତ

**ନାଗପୁର,୧୭।୫**

ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସୁରକ୍ଷାରେ ଯାଉଥିବା ଗାଡ଼ି ମଧ୍ୟରୁ ଗୋଟିଏ ଏସ୍‌ୟୁଭି ଏକ ଗାଈକୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସିଆଇଏସ୍‌ଏଫ୍ ଯବାନ ଆହତ ହୋଇଥିବାବେଳେ ଭାଗୱତ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲା ଅନ୍ତର୍ଗତ ୱାରୋରା ରୋଡ୍ ମଝିରେ ଗାଈଟି ଛିଡ଼ା ହୋଇଥିବାବେଳେ ତାକୁ ବଞ୍ଚାଇବା ଲାଗି ଡ୍ରାଇଭର୍ ସଡନ୍ ବ୍ରେକ୍ ମାରିଥିଲେ। ଫଳରେ ଏସ୍‌ୟୁଭିର ଟାୟାର୍ ଫାଟିଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ତେବେ ଗାଈଟି ଅକ୍ଷତ ରହିଥିଲା। ସେତେବେଳେ ଜେଡ୍ ପ୍ଲସ୍ ସୁରକ୍ଷାରେ ଥିବା ଭାଗୱତ୍ ଚନ୍ଦ୍ରପୁରରୁ ନାଗପୁର ଯାଉଥିଲେ।

[ଇତିହାସର ଆଇନାରେ]

### ମେ ୧୮ର ପ୍ରମୁଖ ଘଟଣା

୨୦୦୬ ମେ ୧୮ରେ ଲୋକତନ୍ତ୍ର ଆନ୍ଦୋଳନ ପରେ ନେପାଳରେ ଏକ ବିଲ୍ ପାସ୍ କରାଯାଇ ରାଜତନ୍ତ୍ର କ୍ଷମତା ହ୍ରାସ କରାଗଲା ଏବଂ ଦେଶକୁ ଧର୍ମନିରପେକ୍ଷ ରାଷ୍ଟ୍ର ଘୋଷଣା କରାଗଲା। ୭ଟି ଦଳକୁ ନେଇ ଏକ ମେଣ୍ଟ ସରକାର ଗଠନ କରାଗଲା ଏବଂ ନୂତନ ସରକାରଙ୍କ ନେତୃତ୍ୱ ନେଲେ ଗିରିଜା ପ୍ରସାଦ କୋଇରାଲା।

୨୦୦୯ ମେ ୧୮ରେ ଶ୍ରୀଲଙ୍କା ସେନା ଆକ୍ରମଣରେ ଏଲ୍‌ଟିଟିଇ ପରାଜିତ ହେବା ଫଳରେ ଦୁଇପକ୍ଷ ମଧ୍ୟରେ ଦୀର୍ଘ ୨୬ବର୍ଷ ଲଢ଼େଇର ପରିସମାପ୍ତି ଘଟିଲା। ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ ବା ସଂକ୍ଷେପରେ ଏଲ୍‌ଟିଟିଇ ହେଉଛି ଏକ ତାମିଲ ଉଗ୍ରପନ୍ଥୀ ଗୋଷ୍ଠୀ। ତାମିଲ ଇଲମ୍ ନାମରେ ଏକ ପୃଥକ୍ ରାଷ୍ଟ୍ର ଗଠନ କରିବା ଏହାର ଉଦ୍ଦେଶ୍ୟ ଥିଲେ ହେଁ ଶ୍ରୀଲଙ୍କା ସରକାର ଏହି ଉଦ୍ୟମକୁ ବିଫଳ କରିଆସିଛନ୍ତି।


### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ଣରେ ବର୍ଷା ହେବା ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୪ | ୨୫.୪ |
| ଚାନ୍ଦବାଲି | ୩୯.୪ | ୨୭.୮ |
| କଟକ | ୩୭.୦ | ୨୫.୦ |
| ପାରାଦ୍ୱୀପ | ୩୨.୫ | ୨୮.୫ |
| ଭୁବନେଶ୍ୱର | ୩୭.୪ | ୨୭.୨ |
| ଗୋପାଳପୁର | ୩୨.୩ | ୨୬.୯ |
| ପୁରୀ | ୩୪.୪ | ୨୭.୭ |
| ଅନୁଗୋଳ | ୪୧.୭ | ୨୦.୬ |
| ବାରିପଦା | --- | ୨୭.୨ |
| ଝାରସୁଗୁଡ଼ା | ୪୩.୨ | ୨୪.୨ |
| କେନ୍ଦୁଝର | ୩୮.୧ | ୨୩.୪ |
| ସମ୍ବଲପୁର | ୪୩.୩ | ୨୬.୬ |
| ସୁନ୍ଦରଗଡ଼ | ୪୧.୫ | ୨୩.୦ |
| ହୀରାକୁଦ | ୪୨.୪ | ୨୬.୩ |
| ତାଳଚେର | ୪୦.୦ | ୨୬.୭ |
| ଭବାନୀପାଟଣା | ୪୨.୦ | ୨୮.୦ |
| ବଲାଙ୍ଗୀର | ୪୪.୬ | ୨୫.୬ |
| କୋରାପୁଟ | ୨୯.୬ | ୨୧.୬ |
| ଫୁଲବାଣୀ | --- | ୨୩.୫ |
| ଟିଟିଲାଗଡ଼ | ୪୫.୫ | ୨୬.୫ |
| ମାଲକାନଗିରି | ୪୦.୦ | ୨୩.୨ |
| ସୋନପୁର | ୪୪.୦ | ୨୪.୨ |
| ଦାରିଙ୍ଗିବାଡ଼ି | ୩୬.୨ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ସାମାଜିକ ପ୍ରାସଙ୍ଗିକତା ଥିବା ଫିଲ୍ମ ପସନ୍ଦ କରେ

**ମୁମ୍ବାଇ:** ସାମାଜିକ ପ୍ରାସଙ୍ଗିକତା ଥିବା ଫିଲ୍ମରେ ଅଭିନୟ କରିବାକୁ ସବୁବେଳେ ପସନ୍ଦ କରନ୍ତି ବୋଲି ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ ପ୍ରକାଶ କରିଛନ୍ତି। ରିଲିଜ ହୋଇଥିବା ତାଙ୍କର କେତେକ ଫିଲ୍ମ ହେଉଛି ‘ଉଡ୍‌ତା ପଞ୍ଜାବ’, ‘କି ଆଣ୍ଡ୍ କା’, ‘ବୀରେ ଦି ୱେଡିଂ’। ତାଙ୍କର ପରବର୍ତ୍ତୀ ଦୁଇଟି ଫିଲ୍ମ ହେଉଛି ‘ଗୁଡ୍ ନ୍ୟୁଜ୍’ ଏବଂ ‘ଅଂଗ୍ରେଜି ମିଡିୟମ୍’। ଏହିସବୁ ଫିଲ୍ମ ବିଭିନ୍ନ ସାମାଜିକ ସମସ୍ୟା ସହ ଜଡିତ। ଯେଉଁସବୁ ଫିଲ୍ମରେ ସାମାଜିକ କାହାଣୀ ଥାଏ ଏବଂ ତାହା ଜନସାଧାରଣଙ୍କ ହୃଦୟକୁ ସ୍ପର୍ଶ କରେ ସେଭଳି ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାନ୍ତି କରୀନା। ଅଭିନୟ ସ୍ୱଳ୍ପ ସମୟର ହୋଇଥାଉ ନା କାହିଁକି ପ୍ରସଙ୍ଗଭିତ୍ତିକ କାହାଣୀରେ ଜଡିତ ରହିବାକୁ ତାଙ୍କୁ ଭଲ ଲାଗେ ବୋଲି ସେ କହିଛନ୍ତି।

ତାଙ୍କର ପରବର୍ତ୍ତୀ ଫିଲ୍ମ ‘ଗୁଡ୍ ନ୍ୟୁଜ୍’ରେ ଅକ୍ଷୟ କୁମାର, ଦିଲ୍‌ଜିତ୍ ଦୋସାଞ୍ଜ ଏବଂ କିୟାରା ଆଡଭାନୀ ଅଛନ୍ତି। ଏହା ଡିସେମ୍ବର ୨୭ରେ ରିଲିଜ ହେବାର ଅଛି। ତେବେ ଏହା ବ୍ୟବସାୟିକ ଦୃଷ୍ଟିରୁ ଭଲ ଆୟ କରିବ ବୋଲି କରୀନା ଆଶାବାଦୀ। ଏଥିରେ ଅକ୍ଷୟ କୁମାର ଅଛନ୍ତି। ଭଲ କାହାଣୀକୁ ନେଇ ଫିଲ୍ମ ହେଉଛି। ନିର୍ମାଣ ଦୃଷ୍ଟିରୁ ମଧ୍ୟ ଏହା ଉନ୍ନତମାନର। ‘ଅଂଗ୍ରେଜି ମିଡିୟମ୍’ ପାଇଁ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ କରନ୍ ଜୋହରଙ୍କ ‘ତଖତ୍’ ଫେବୃୟାରୀରେ ରିଲିଜ ହେବ।



କରୀନା କପୁର ଖାନ୍



> ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
> -ସନ୍ଥ କବୀର ଦାସ







# ନନ୍ଦନକାନନର ଘଡ଼ିଆଳ କୁମ୍ଭୀର ଯିବ ଭିତରକନିକା

**ବାରଙ୍ଗ,୧୭।୫(ଡି.ଏନ୍.ଏ.)**



- ଜୁଲାଇରୁ ଛାଡ଼ିବା ପ୍ରକ୍ରିୟା ଆରମ୍ଭ
- ପରୀକ୍ଷାମୂଳକ ଭାବେ ପ୍ରଥମେ ୫ଟି ଛଡ଼ାଯିବ
- କୁମ୍ଭୀର ଦେହରେ ଲାଗିବ ଟ୍ରାନ୍ସମିଟର

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଘଡିଆଳ କୁମ୍ଭୀର ଭିତରକନିକାକୁ ଯିବ। ନନ୍ଦନକାନନରେ ଘଡିଆଳ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ଫଳରେ ଏମାନଙ୍କ ବାସସ୍ଥାନ, ଖାଦ୍ୟ ଓ ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଡିଆଳ କୁମ୍ଭୀରଙ୍କ ସୁରକ୍ଷା ଓ ସଂଖ୍ୟା ବୃଦ୍ଧିକୁ ଆଖିଆଗରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ଭିତରକନିକାର ଗଣ୍ଡଦେଶରେ ଛାଡିବାର ଯୋଜନା କରିଛନ୍ତି। ଏଥିପାଇଁ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ନିର୍ଦ୍ଦେଶରେ ନନ୍ଦନକାନନର ବାୟୋଲୋଜିଷ୍ଟ ରାଜେଶ ମହାପାତ୍ର ଶୁକ୍ରବାର ଭିତରକନିକା ଯାଇଛନ୍ତି। ସେଠାକାର କର୍ମଚାରୀମାନଙ୍କ ସହାୟତାରେ ଗଣ୍ଡ ସହ ମହାନଦୀର ଅବବାହିକାର ବିଭିନ୍ନ ସ୍ଥାନ ଦେଖିବା ପରେ ଘଡିଆଳ କୁମ୍ଭୀର ଛଡା ଅଭିଯାନ ଆରମ୍ଭ ହେବ ବୋଲି ଜଣାପଡିଛି।

ପ୍ରକାଶ ଯେ, ଦିନଥିଲା ନନ୍ଦନକାନନରେ ଘଡିଆଳ କୁମ୍ଭୀରମାନଙ୍କ ସଂଖ୍ୟା କମିବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ରାଜନଗରରୁ କୁମ୍ଭୀରବସାରୁ ଅଣ୍ଡା ସଂଗ୍ରହକରି ଗତବର୍ଷ ଜୁଲାଇରେ ନନ୍ଦନକାନନକୁ ଆଣିବା ସହ କୃତ୍ରିମପ୍ରଜନନ କାର୍ଯ୍ୟ ଆରମ୍ଭ କରିଥିଲେ। ଯାହା ଏବେ ସଫଳ ହୋଇ ଘଡିଆଳ କୁମ୍ଭୀର ସଂଖ୍ୟା ବୃଦ୍ଧିପାଇ ୭୪ରେ ପହଞ୍ଚିଥିବାର ଜନୁ ବିଭାଗ ରେଞ୍ଜ ଅଫିସର ଅଶୋକ ଦାସ କହିଛନ୍ତି। ଏହି କୁମ୍ଭୀରମାନଙ୍କ ରକ୍ଷଣାବେକ୍ଷଣ ସାଙ୍ଗକୁ ପର୍ଯ୍ୟାପ୍ତ ପରିମାଣର ଜାଗାର ଆବଶ୍ୟକତା ରହିଛି। ତେବେ ସେମାନଙ୍କ ସୁରକ୍ଷା ସହ ଭବିଷ୍ୟତର ବଂଶବୃଦ୍ଧିକୁ ନଜରରେ ରଖି ୧୯୮୬ମସିହା ଭଳି ଚଳିତବର୍ଷ ସାତକୋଶିଆ ଗଣ୍ଡ ଓ ମହାନଦୀର ଅବବାହିକାରେ ଘଡିଆଳ କୁମ୍ଭୀର ଛାଡିବାର ଯୋଜନା ନିଷ୍ପତ୍ତି ନିଆଯାଇଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଦାସ କହିଛନ୍ତି। ୨୪ ଅକ୍ଟୋବର ୧୯୮୬ରେ ୩୫ଟି ଓ ୭ ଜାନୁୟାରୀ, ୨୭ ଅକ୍ଟୋବର ଏବଂ ୧୪ ଡିସେମ୍ବର ୧୯୮୭ରେ ୩୭ଟି, ୬୫ଟି ଓ ୩ଟି ସାତକୋଶିଆ ଗଣ୍ଡରେ, ୬ ନଭେମ୍ବର ୧୯୮୯ରେ ୬୨ଟି ମହାନଦୀର ଆଠମଲ୍ଲିକଠାରେ, ୩୧ଜୁଲାଇ ୧୯୯୩ରେ ୭୨ଟି ସାତକୋଶିଆ ଗଣ୍ଡରେ, ୨୬ମାର୍ଚ୍ଚ ୧୯୯୫ରେ ୫୦ଟି ଟିକରପଡା, ୧୭ଏପ୍ରିଲ ୧୯୯୫ରେ ୫୦ଟି ସାତକୋଶିଆ ଗଣ୍ଡରେ, ୪ଡିସେମ୍ବର ୧୯୯୮ରେ ୬୫ଟି ଟିକରପଡା, ୫ନଭେମ୍ବର ୨୦୦୧ରେ ୧୦ଟି ସାତକୋଶିଆ ଗଣ୍ଡରେ ସମୁଦାୟ ୪୪୮ଟି ଘଡିଆଳ କୁମ୍ଭୀର ସାତକୋଶିଆ, ଟିକରପଡା ଓ ମହାନଦୀର ଅବବାହିକାରେ ୧୦ଟି ପର୍ଯ୍ୟାୟରେ ଛଡାଯାଇଛି। ଆସନ୍ତା ଜୁଲାଇରୁ ନନ୍ଦନକାନନ ଦ୍ୱିତୀୟଥର ପାଇଁ ଘଡିଆଳକୁମ୍ଭୀର ଛାଡିବା ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ୪ବର୍ଷର ସମୟସୀମା ରଖାଯାଇଛି। ୨ବର୍ଷିଆ ଏହି ଯୋଜନାର ପ୍ରଥମବର୍ଷରେ ୪ଟି ପର୍ଯ୍ୟାୟରେ ୩୫ଟି ଘଡିଆଳକୁମ୍ଭୀରକୁ ଛଡାଯିବ। ପ୍ରଥମେ ଜୁଲାଇ ମାସରେ ୫ଟି କୁମ୍ଭୀରକୁ ପରୀକ୍ଷାମୂଳକ ଭାବେ ଭିତରକନିକାର ଗଣ୍ଡଦେଶରେ ଛଡାଯିବ। ଏଥିପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ୨ଟି ଟିମ୍ କରିଛନ୍ତି। ଏହି ଦୁଇଟି ଟିମ ଛଡାଯାଇଥିବା କୁମ୍ଭୀରମାନଙ୍କ ଉପରେ ନଜର ରଖିବେ। ଏଥିପାଇଁ ୨୬ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜସ୍ଥାନର ଚମ୍ବଲପୁରରୁ ଏକ ଟିମ ନନ୍ଦନକାନନ ଆସିବାର କଥାବାର୍ତ୍ତା ସରିଛି। ସେମାନେ ଏଠାକୁ ଆସି ପ୍ରାଥମିକ ପର୍ଯ୍ୟାୟର ଛଡାଯିବାକୁ ଥିବା ୫ଟି କୁମ୍ଭୀର ଦେହରେ ଟ୍ରାନ୍ସମିଟର ଲଗାଇବେ। ପ୍ରତି ଟ୍ରାନ୍ସମିଟରର ଦାମ ୨ଲକ୍ଷ ଟଙ୍କା ରହିଥିବାବେଳେ ଏହାଦ୍ୱାରା କମ୍ପ୍ୟୁଟର ପାଖରେ ବସି କୁମ୍ଭୀରର ଗତିବିଧି ପରଖିବେ। ଏହି ଟ୍ରାନ୍ସମିଟର ଶକ୍ତି ୨ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିବ ଓ ଏହାପରେ ଏହା କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ଏହି ସମୟ ଭିତରେ ଛଡାଯାଇଥିବା କୁମ୍ଭୀରଟିର ବୟସ ବୃଦ୍ଧି ସାଙ୍ଗକୁ ନିଜର ବାସସ୍ଥଳୀକୁ ପରଖି ନେଇଥିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଏହି ପରୀକ୍ଷଣ ପରେ ଆବଶ୍ୟକତାକୁ ଦେଖି ଦରକାର ମୁତାବକ ଅନ୍ୟ କିଛି ପରିବର୍ତ୍ତନ କରାଯାଇପାରିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ■ କାର୍ଯ୍ୟସ୍ଥଳରେ ବିଦ୍ୟୁତ୍ ଠିକା ମିସ୍ତ୍ରି ଜଳିଯିବା ଘଟଣା

# ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**


**ଲାଇନମ୍ୟାନଙ୍କ ଅବହେଳାରୁ ଘଟିଥିଲା ଦୁର୍ଘଟଣା**

କାର୍ଯ୍ୟସ୍ଥଳରେ ୧୧ କେଭି ସଂସ୍ପର୍ଶରେ ଆସି ବୁଧବାର ଅପରାହ୍ନରେ ଜଳିଯାଇଥିଲେ ଠିକା ମିସ୍ତ୍ରି ମୟୂରଭଞ୍ଜ ଜିଲା ଭିଜିଡିହି ଗ୍ରାମର ବାଗଇ ମୁର୍ମୁ ଓରଫ ମଟକା (୨୨)। ସେସୁ ଭୁବନେଶ୍ୱର ସିଟି ଡିଭିଜନ-୧ ଅଧୀନ ସତ୍ୟନଗର ବିଦ୍ୟୁତ୍ କାର୍ଯ୍ୟାଳୟ ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ୍ କଲୋନୀ ନିକଟରେ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଲାଇନମ୍ୟାନଙ୍କ ଭୁଲ୍ ପାଇଁ ରାଜଧାନୀବାସୀଙ୍କ ପାଇଁ ରିୟଲ ହିରୋ ପାଲଟିଥିବା ମଟକାଙ୍କର ମୃତ୍ୟୁ ଘଟିଥିଲା। ଏପରିକି ଘଟଣା ପରେ ମୃତ ମଟକା ଓ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଗୁରୁବାର ପରିସ୍ଥିତି ଏପରି ହୋଇଥିଲା ନ୍ୟାୟ ଓ କ୍ଷତିପୂରଣ ଆଶା ନେଇ ଯାଇଥିବାବେଳେ ପୋଲିସ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରୁ ମୃତଦେହ ସହ ତାଙ୍କ ବାପା ବାଗାଡଙ୍କୁ ଉଠାଇ ନେଇଥିଲା। ଏହାର ପ୍ରତିବାଦରେ ରାତିରେ ମୃତକଙ୍କ ପରିବାର, ସମ୍ପର୍କୀୟ, ମଟକାଙ୍କ ସହ କାର୍ଯ୍ୟ କରୁଥିବା ମିସ୍ତ୍ରି ଓ ଶ୍ରମିକଙ୍କ ସମେତ ବିଦ୍ୟୁତ୍ ଠିକାଦାର ସଂଘ କର୍ମକର୍ତ୍ତା ରାଜଭବନ ଛକ ନିକଟରେ ରାସ୍ତାରୋକୋ କରିଥିଲେ। କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଶେଷରେ ଆନ୍ଦୋଳନରୁ ସେମାନେ ଉଠିଥିଲେ। ଶୁକ୍ରବାର ମୃତ ମଟକାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ସେସୁ ତରଫରୁ ୫ ଲକ୍ଷ ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମିଳିବ।

ସୂଚନା ମୁତାବକ, ମଟକା ଜଣେ ବିଦ୍ୟୁତ୍ ମିସ୍ତ୍ରି। ଠିକା ସଂସ୍ଥା ଆଖଣ୍ଡଳମଣୀ ଇଲେକ୍ଟ୍ରିକାଲ କନ୍ଷ୍ଟ୍ରକ୍ସନ ଅଧୀନରେ ସେ କାର୍ଯ୍ୟ କରୁଥିଲେ। ଠିକାଦାର ତାଙ୍କ ସହ ୩୦ଜଣ ଶ୍ରମିକଙ୍କୁ ଭୁବନେଶ୍ୱରରେ ବିଦ୍ୟୁତ୍ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟରେ ଲଗାଇଥିଲେ। ବୁଧବାର ମଟକା ଓ ଅନ୍ୟ ୧୪ଜଣ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ କଲୋନୀ ନିକଟରେ କାର୍ଯ୍ୟ କରୁଥିଲେ। ଅପରାହ୍ନ ସାଢ଼େ ୫ଟାରେ ସେମାନେ ସତ୍ୟନଗର ବିଦ୍ୟୁତ୍ କାର୍ଯ୍ୟାଳୟର ଲାଇନମ୍ୟାନ୍ ଅକ୍ରୁର ବେହେରାଙ୍କ ତତ୍ତ୍ୱାବଧାନରେ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟରେ ଲାଗିଥିଲେ। ୧୧ କେଭିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଲାଇନମ୍ୟାନ୍ ଅକ୍ରୁର କହିବା ସହ ମଟକାଙ୍କୁ ତାର ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ମଟକା ଖୁଣ୍ଟକୁ ଚଢ଼ି ତାରକୁ ଧରିବାକ୍ଷଣି ଜଳିଯାଇ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ଅଣଭାଜପା ମେଣ୍ଟରେ ଟିଆର୍ଏସ୍‌କୁ ସ୍ୱାଗତ: ଚନ୍ଦ୍ରାବାବୁ

**ନୂଆଦିଲ୍ଲୀ,୧୭।୫**



- ୟେଚୁରୀ ଓ କେଜ୍‌ରିୱାଲ୍‌ଙ୍କୁ ଭେଟିଲେ
- ଆଜି ରାହୁଲ୍ ଓ ମାୟାବତୀଙ୍କ ସହ ଆଲୋଚନା

ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ସରିଲା। କେନ୍ଦ୍ରରେ କିଏ ସରକାର ଗଠନ କରିବ ତାନେଇ ଏବେଠାରୁ କସରତ୍ ଆରମ୍ଭ ହୋଇଗଲାଣି। ଅଣ ଭାଜପା ଦଳଗୁଡ଼ିକୁ ଏକାଠି କରିବା ଲାଗି ଜୋର୍‌ଦାର୍ ପ୍ରୟାସ ଆରମ୍ଭ କରିଛନ୍ତି ଟିଡିପି ନେତା ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ। ମେ ୨୩ରେ ବିରୋଧୀ ମହାମେଣ୍ଟର ବୈଠକ ଥିବାବେଳେ କେବଳ ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି(ଟିଆର୍ଏସ୍) ନୁହେଁଭାଜପାକୁବିରୋଧ କରୁଥିବା ସବୁ ରାଜନୈତିକ ଦଳକୁ ଏଥିଲାଗି ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି।

ଚନ୍ଦ୍ରାବାବୁ ସିପିଆଇଏମ ସାଧାରଣ ସମ୍ପାଦକ ସୀତାରାମ୍ ୟେଚୁରୀ ଓ ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କୁ ଶୁକ୍ରବାର ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀରେ ଓ ବିଏସ୍‌ପି ମୁଖ୍ୟ ମାୟାବତୀଙ୍କୁ ଲକ୍ଷ୍ନୌରେ ସେ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

# ଆଜି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୧୭।୫(ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ରାଜ୍ୟର ୨୦ ସହରରେ ଶନିବାର ଅନୁଷ୍ଠିତ ହେବ। ୫୩ କେନ୍ଦ୍ରରେ ଦୁଇଟି ସିଟିଂରେ ଅଫ୍‌ଲାଇନ୍ ପରୀକ୍ଷା ହେବ। ଏଥିଲାଗି ୨୯ହଜାର ୯ଶହ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ବି.ଫାର୍ମ ଏବଂ ସକାଳ ୯ଟାରୁ ପୂର୍ବାହ୍ନ ୧୦ଟା ଯାଏ ଆଇଏମ୍‌ବିଏ, ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଫାର୍ମ ଓ ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଟେକ୍ ପରୀକ୍ଷା ହେବ। ସେହିପରି ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ୪ଟା ଯାଏ ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ଲାଗି ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଟେକ୍ ପରୀକ୍ଷା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ମେ ୧୨ରେ ଅଫ୍‌ଲାଇନ୍ ଓ ୧୩ରେ ଅନ୍‌ଲାଇନ୍ ଓଜେଇଇ ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ପରୀକ୍ଷା ଘୁଞ୍ଚାଯାଇଥିଲା। ତେବେ ଇଣ୍ଟରନେଟ୍ ସଂଯୋଗ ଠିକ୍ ହେବା ପରେ କେବେ ଅନ୍‌ଲାଇନ୍ ପରୀକ୍ଷା ହେବ, ତାହା ପରେ ସୂଚନା ଦିଆଯିବ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଶନିବାର ହେବାକୁ ଥିବା ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପୁରୁଣା ଆଡ୍‌ମିଟ୍ କାର୍ଡ ବୈଧ ରହିବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

**ପୁରୀ ଅଫିସ,୧୭।୫:** ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ସବୁ ଅବତାର ଆବିର୍ଭୂତ ହୋଇ ଯୁଗେ ଯୁଗେ ବିବିଧ ଲୀଳାମାନ ବିସ୍ତାର କରି ପୁନଶ୍ଚ ତାଙ୍କରିଠାରେ ଲୀନ ହୋଇଥାନ୍ତି ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି। ସେହି ସ୍ମୃତିରେ ପ୍ରତିବର୍ଷ ଶୁକ୍ଳ ଚତୁର୍ଦ୍ଦଶୀରେ ବଡ଼ଦେଉଳରେ ଶ୍ରୀନୃସିଂହଙ୍କ ଜନ୍ମ ପାଳିତ ହେଉଛି। ଶୁକ୍ରବାର ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀରେ ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଯାତ ଭୋଗ ସରିବା ପରେ ଠାକୁର ଚନ୍ଦନକୁ ଯାଇଥିଲେ। ଏହାପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢିଥିଲା। ଚନ୍ଦନରୁ ଠାକୁର ଫେରିବା ପରେ ହୋମ ପାଳିଆପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଓ ଦୋଳମଣ୍ଡପ ସାହି ଦେଇ ଚକ୍ରନାରାୟରଣ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଚକ୍ରନାରାୟଣଙ୍କୁ ଲାଗିକରି ଫେରିଥିଲେ। ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢିଥିଲା। ପରେ ତିନିବାଡ଼ରେ ଠାକୁରଙ୍କ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ସର୍ବାଙ୍ଗ ବଢିବା ପରେ ଠାକୁର ନୂଆ ଲୁଗା ଲାଗିହୋଇ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ପାଣି ପଡ଼ି ସନ୍ଧ୍ୟା ଧୂପ ନୀତି ବଢିବା ପରେ ମହାଜନ ସେବକ ମୁକ୍ତିମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇଥିଲେ। ନୃସିଂହ ମନ୍ଦିର ଭିତରେ ପତି ମହାପାତ୍ର ଏବଂ ମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପଣ୍ଡା ମହାସ୍ନାନ ପୂଜା କରିଥିଲେ। ଏହାପରେ ଉଭୟଙ୍କ ପାଖରେ ଶୀତଳ ଭୋଗ ପଞ୍ଚ ଉପଚାରରେ ପୂଜା ବଢି ବନ୍ଦାପନା ହୋଇଥିଲା। ମହାଜନେ ନୃସିଂହଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ସେଠାରେ ଭୋଗ ବନ୍ଦାପନା ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ। ନୃସିଂହ ବିଜେ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଲଟ ଲାଗିହୋଇ ଅନ୍ୟାନ୍ୟ ନୀତି ବଢିଥିଲା।








ମୂର୍ଖ ସର୍ବଦା ନିଜ ଘରେ ହିଁ ପୂଜା ପାଏ। ଗାଁର ମୁଖିଆ ଗାଁରେ। କିନ୍ତୁ ଯିଏ ବିଦ୍ୱାନ/ ବୁଦ୍ଧିମାନ ସେ ସବୁଠାରେ ପୂଜା ପାଇଥାଏ।

- ଚାଣକ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ: ................................

ଜନ୍ମ ତାରିଖ: ................................



ସୋମାଲିନି
ପରିବାରବର୍ଗ



କାଭ୍ୟାଂଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରଥମ ପୃଷ୍ଠାରୁ...

## ନବୀନ ପ୍ରଧାନମନ୍ତ୍ରୀ...

ରାଜ୍ୟ ତଥା ରାଜନୀତିରେ ହଟଚମଟ ସୃଷ୍ଟିକରିବା ଭଳି ଏକ ଖବର ଶୁକ୍ରବାର ପ୍ରକାଶ ପାଇଛି। ତାହାପୁଣି ବିଜେଡିରୁ ଆସିଛି। ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ। ରାଜ୍ୟ ତଥା ଦେଶର ବହୁ ଜନସାଧାରଣ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି। ନବୀନବାବୁ ପ୍ରଧାନମନ୍ତ୍ରୀ ହେଲେ ଓଡିଶା ପାଇଁ ଏହା ସୌଭାଗ୍ୟର କଥା। ଅତୀତରେ ବିଜୁବାବୁ ପ୍ରଧାନମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ଉଠିଥିଲା। ମାତ୍ର କଂଗ୍ରେସ ସମର୍ଥନରେ ପ୍ରଧାନମନ୍ତ୍ରୀ ହେବା ଅନୁଚିତ। କାରଣ ଅଧିକାଂଶ ସମୟରେ କଂଗ୍ରେସ ଅନ୍ୟକୁ ପ୍ରଧାନମନ୍ତ୍ରୀ କରି ପଛରୁ ଗୋଡ ଟାଣିବାର ନଜିର ରହିଛି। ବିଜେଡି ଆଉ ପୂର୍ବଭଳି ସମଦୂରତ୍ୱ ନୀତି ଆପଣାଇବ ନାହିଁ। ଯେଉଁ ଜାତୀୟ ଦଳ ଓଡିଶାର ସ୍ୱାର୍ଥ କଥା କହିବ, ରାଜ୍ୟକୁ ସାହାଯ୍ୟ କରିବ ତାକୁ ବିଜେଡି ସମର୍ଥନ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫନୀ ପ୍ରଭାବିତ ଅଞ୍ଚଳର ପୁନରୁଦ୍ଧାର ପାଇଁ ୧ହଜାର କୋଟି ଟଙ୍କା ଦେଇଥିବାରୁ ତାଙ୍କୁ ଧନ୍ୟବାଦ। ପରେ ଆହୁରି ୧୩ହଜାର କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସୂର୍ଯ୍ୟ ପାତ୍ର କହିଛନ୍ତି।

ଅନ୍ୟପଟେ ଦେଶର ପ୍ରଧାନମନ୍ତ୍ରୀ କିଏ ହେବ ସେକଥା ନିର୍ବାଚନ ଫଳାଫଳ ଏବଂ ବିଭିନ୍ନ ଦଳର ଗ୍ରହଣୀୟତା ଉପରେ ନିର୍ଭର କରିଥାଏ। ଏସବୁକୁ ଲକ୍ଷ୍ୟ କଲେ ଗୋଟିଏ କଥା ଗତ ୫ ବର୍ଷରେ ଦେଖିବାକୁ ମିଳିଛି, ଜାତୀୟ ଅପେକ୍ଷା ରାଜ୍ୟ ରାଜନୀତିକୁ ମୁଖ୍ୟମନ୍ତ୍ରୀ ସଦାସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଜାତୀୟ ରାଜନୀତିକୁ ନେଇ ସେମିତି କୌଣସି ମହତ୍ତ୍ୱାକାଂକ୍ଷା ନ ଥିବା ପୂର୍ବରୁ ମୁଖ୍ୟମନ୍ତ୍ରୀ କହିସାରିଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟ ପାତ୍ରଙ୍କ ଭଳି ଜଣେ ଅଭିଜ୍ଞ ଓ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ କଥା ବାହାରକୁ ଚାଲିଯିବା ଏବଂ ବିଜେଡି ସମଦୂରତ୍ୱ ନୀତି ରକ୍ଷା ନ କରି କୌଣସି ଏକ ଜାତୀୟ ଦଳ ସପକ୍ଷରେ ଯିବାର ଇଙ୍ଗିତ ଦେବା ପ୍ରସଙ୍ଗ ସମସ୍ତଙ୍କୁ ଚକିତ କରିଛି। ୨୦୧୪ ସାଧାରଣ ନିର୍ବାଚନ ପରେ ଲୋକ ସଭାରେ ଉଠିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ଏମ୍‌ପିମାନେ ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷରେ ଏନ୍‌ଡିଏକୁ ସୁହାଇଲା ଭଳି ଆଭିମୁଖ୍ୟ ଗ୍ରହଣ କରିବାରୁ ସାମ୍ପ୍ରତିକ ରାଜନୈତିକ ଚିତ୍ରପଟରେ ଭିନ୍ନ ସମୀକରଣର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଅନ୍ୟପଟେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ତାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ବିଜେଡି ସରକାରର ତୁରନ୍ତ ସମର୍ଥନ ମିଳିଥିବାର ନଜିର ରହିଛି। ସେହିପରି ମୋଦିଙ୍କ ବିରୋଧରେ ଦେଶରେ ମେଳି ବାନ୍ଧିଥିବା ବିରୋଧୀ ମେଣ୍ଟ ପକ୍ଷରୁ ନବୀନଙ୍କୁ ଏକାଧିକବାର ନିମନ୍ତ୍ରଣ କରାଯିବା ସତ୍ତ୍ୱେ ସେ ସେଥିରୁ ଦୂରେଇ ରହି ଆସିଛନ୍ତି। ଏଭଳି ସମୟରେ ସୂର୍ଯ୍ୟ ପାତ୍ର ମୋଦିଙ୍କୁ ପ୍ରଶଂସା ଏବଂ କଂଗ୍ରେସ ସମର୍ଥନକୁ ନିନ୍ଦା କରିବା କଥା କହିବା ଏନ୍‌ଡିଏ ପ୍ରତି ବିଜେଡିର ଦୁର୍ବଳତା ଥିବା ଚର୍ଚ୍ଚାକୁ ବଢାଇଦେଇଛି। ନିର୍ବାଚନ ପରେ କେତେକ ରାଜ୍ୟର ଆଞ୍ଚଳିକ ଦଳ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଚାଲିଥିବା ଚର୍ଚ୍ଚା ସମୟରେ ନବୀନ ପ୍ରଧାନମନ୍ତ୍ରୀ ହେଲେ ଭଲ ହେବ ବୋଲି ଉଠିଥିବା ଆଲୋଚନା କିଛି ଭିନ୍ନ ସଙ୍କେତ ଦେଉଛି। କଂଗ୍ରେସର ବରିଷ୍ଠ ନେତା ଶରତ ରାଉତଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ନରେନ୍ଦ୍ର ମୋଦି ମଧ୍ୟ ମୁଖ୍ୟମନ୍ତ୍ରୀରୁ ଯାଇ ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଯଦି ନବୀନବାବୁ ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ମୋଦିଙ୍କଠାରୁ ଭଲ କାମ କରିବେ। ସୂର୍ଯ୍ୟ ପାତ୍ର ଯାହା କହିଛନ୍ତି ସେଥିରେ କିଛି ବିସ୍ମିତ ହେବାର ନାହିଁ। କେବଳ ମୋଦିଙ୍କ ସମୟରେ ଦେଶର ଦୁର୍ଭାଗ୍ୟ ଯାହା ଅଛି ତାହା ଆହୁରି ବଢିଯିବ। କଂଗ୍ରେସ କେବେ ହେଲେ ବିଜେଡିକୁ ସମର୍ଥନ ମାଗିନି ଏବେ ମଧ୍ୟ ମାଗୁନାହିଁ। ଆଗକୁ ମଧ୍ୟ ବିଜେଡିର ସମର୍ଥନ କେବେହେଲେ କଂଗ୍ରେସ ମାଗାଯିବ ନାହିଁ। ବିଜେଡି ନେତା ନିଜ ମନଗଢା କଥା କହୁଛନ୍ତି, ଯାହାର କିଛି ମାନେ ନାହିଁ ବୋଲି ଶରତ କହିଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ସ୍ୱପ୍ନ ଦେଖିବା ଓ ଚିନ୍ତା କରିବାକୁ କାହାରିକୁ ମନାନାହିଁ। କେହି ବି ପ୍ରଧାନମନ୍ତ୍ରୀ ହୋଇପାରିବ। ହେଲେ ଏଥର ସଂଖ୍ୟାଗରିଷ୍ଠତା ନେଇ ଏନ୍‌ଡିଏ ସରକାର କରିବାକୁ ଯାଉଛି। ଏହାର ସୁଫଳ ଭାଜପାର ସହଯୋଗୀ ଦଳଗୁଡିକୁ ମଧ୍ୟ ମିଳିବ। ହେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଶର ଉନ୍ନତି କଥା ଚିନ୍ତାକରି ଅକ୍ଳାନ୍ତ ପରିଶ୍ରମ କରିବା ଲୋକ କେହିନାହାନ୍ତି। ଏଥର ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେବେ। ତେବେ କେଉଁ ଆଞ୍ଚଳିକ ଦଳ କୁଆଡେ ଢଳିବ, ବିଜେଡି କାହାକୁ ସମର୍ଥନ କରିବ ସେ କଥା ନିର୍ବାଚନ ଫଳାଫଳ ଆସିବା ପରେ ଜଣାପଡିବ ବୋଲି ବସନ୍ତ କହିଛନ୍ତି।

## କ୍ଷମତାକୁ ଫେରିବାର ...

କାରଣଗୁଡ଼ିକୁ ନେଇ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ। କିନ୍ତୁ ୨୦୧୪ରେ ପ୍ରଥମଥର ଲାଗି ଲୋକେ ଅନ୍ୟ ଏକ ଦଳ ସପକ୍ଷରେ ସମ୍ପୂର୍ଣ୍ଣ ଜନାଦେଶ ଦେଇଥିଲେ। ୨୦୧୯ରେ ସେମାନେ ଆଉଥରେ ଦ୍ୱିତୀୟ ସୁଯୋଗ ଦେବାକୁ ଯାଉଛନ୍ତି ବୋଲି ମୋଦି ପ୍ରକାଶ କରିଥିଲେ। ଏହାସହ ସେ ନିର୍ବାଚନରେ ନିଜ ଅନୁଭୂତିକୁ ଅତ୍ୟନ୍ତ ସନ୍ତୋଷଜନକ ବୋଲି ଅଭିହିତ କରି ଭୋଟରଙ୍କୁ ଧନ୍ୟବାଦ ଦେଇଛନ୍ତି। ସଚ୍ଚୋଟତାର ଯାତ୍ରାକୁ ବଜାୟ ରଖିବା ପାଇଁ ଜନସାଧାରଣଙ୍କ ସମର୍ଥନ ଭିକ୍ଷା କରି ମୋଦି କହିଛନ୍ତି, ୨୦୧୪ ମେ ୧୭ କ୍ଷମତା ଭୋକିଲାଙ୍କ ଲାଗି ବିପର୍ଯ୍ୟୟ ଆଣିଦେଇଥିଲା। ୨୦୧୪ ସାଧାରଣ ନିର୍ବାଚନ ପରି ଏଥର ମଧ୍ୟ ଦେଶବାସୀ ତାଙ୍କ ଉପରେ ଆଶୀର୍ବାଦ ଅଜାଡ଼ି ଦେବେ। ନୂଆ ସରକାର ଯଥାଶୀଘ୍ର ଯଥାସମ୍ଭବ କାର୍ଯ୍ୟ ଆରମ୍ଭ କରିବ। ପୂର୍ବରୁ ନିର୍ବାଚନ ବେଳେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)କୁ ଦେଶବାହାରେ ଆୟୋଜନ କରାଯାଉଥିଲା। ହେଲେ ଏବେ ରମଜାନ, ଆଇପିଏଲ୍, ଇଷ୍ଟର, ହନୁମାନ ଜୟନ୍ତୀ, ରାମନବମୀ, ନବରାତ୍ରି ଓ ପିଲାଙ୍କ ପରୀକ୍ଷା ସହ ନିର୍ବାଚନ କରାଯାଉଛି ବୋଲି ମୋଦି କହିଛନ୍ତି।

ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ଦିନଠୁ ଦିନେ ହେଲେ କୌଣସି ଖବରଦାତା ସମ୍ମିଳନୀକୁ ସାମ୍ନା କରିନାହାନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ଦଳଗୁଡ଼ିକର ନେତାମାନେ ସମାଲୋଚନା କରିଆସୁଥିବାବେଳେ ଭୋଟଗଣତିର ସପ୍ତାହେ ପୂର୍ବରୁ ତାଙ୍କୁ ଏହି ଭୂମିକାରେ ଦେଖିବାକୁ ମିଳିଛି। ହେଲେ ଖବରଦାତାଙ୍କ ଗୋଟିଏ ହେଲେ ପ୍ରଶ୍ନର ଉତ୍ତର ଦେଇନାହାନ୍ତି ମୋଦି। ସେ ନିଜକୁ ଭାଜପାର ଜଣେ 'ଶୃଙ୍ଖଳିତ ସୈନ୍ୟ' ଭାବେ ଅଭିହିତ କରି ପ୍ରଶ୍ନଗୁଡ଼ିକୁ ଏଡାଇ ଦେଇ ଦଳ ମୁଖ୍ୟ ଶାହଙ୍କ ଉପରେ ଉତ୍ତର ଛାଡ଼ିଦେଇଥିଲେ। ଶାହ କହିଥିଲେ, ଭାଜପା ୩୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବ, ଯାହାକି ସରକାର ଗଠନ ପାଇଁ ପର୍ଯ୍ୟାପ୍ତ। ଏହା ଦେଶର ପ୍ରଧାନମନ୍ତ୍ରୀ ବାଛିବାର ନିର୍ବାଚନ। ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ। ଏହା ପୂର୍ବରୁ ମୋଦି ମଧ୍ୟପ୍ରଦେଶର ଏକ ନିର୍ବାଚନୀ ସଭାରେ ମଧ୍ୟ ୩୦୦ରୁ ଅଧିକ ଆସନ ଜିତି ସରକାର ଗଢ଼ିବା ନେଇ ଦୃଢ଼ୋକ୍ତି ବାଢ଼ିଥିଲେ। କଶ୍ମୀରରୁ କନ୍ୟାକୁମାରୀ ଓ କଚ୍ଛରୁ କାମରୂପ ଯାଏ ସାରା ଦେଶ କହୁଛି ଏଥର ୩୦୦ ପାର, ପୁଣିଥରେ ମୋଦି ସରକାର। ଅନ୍ୟପକ୍ଷରେ ମୋଦିଙ୍କୁ କଂଗ୍ରେସ ମୁଖ୍ୟ ରାହୁଲ ତାଚ୍ଛଲ୍ୟ କରିଛନ୍ତି। ଅଭିନନ୍ଦନ ମୋଦିଜୀ, ଉତ୍କୃଷ୍ଟ ଖବରଦାତା ସମ୍ମିଳନୀ। ଯୁଦ୍ଧର ଅଧା ଦେଖାଇଲେ। ପରବର୍ତ୍ତୀ ସମୟରେ ଆପଣଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଦେବାକୁ ଶାହ ଅନୁମତି ଦେଇପାରନ୍ତି ବୋଲି ରାହୁଲ ଟୁଇଟ୍ କରିଛନ୍ତି।

## ଅଂଶୁଘାତରେ ୬ ମୃତ ...

ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ନବରଙ୍ଗପୁର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ଦମ୍ପତିଙ୍କ ଗଳା..

ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଜାରି ରଖିଛି। ଏଥିନେଇ ମାମଲା (ନଂ.୧୯/୧୯) ରୁଜୁ ହୋଇଥିବା ଥାନାଅଧିକାରୀ ସଞ୍ଜୟ ପ୍ରଧାନ କହିଛନ୍ତି।

## ୬ ବର୍ଷରେ ୧୮ ହଜାର ...

ବିଭୀଷିକାକୁ ବର୍ଷେ ପୂରଣ ହୋଇ ନ ଥିବା ବେଳେ ଅଦିନିଆ ସାମୁଦ୍ରିକ ଝଡ଼ ଫନୀ ମେ ୩ ତାରିଖରେ ରାଜ୍ୟର ୧୪ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି। ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ଛାରଖାର କରିଦେଇଛି। ଏହି ବାତ୍ୟାରେ ରାଜ୍ୟର ୧୨ ହଜାର କୋଟି ଟଙ୍କା କ୍ଷୟକ୍ଷତି ହୋଇଛି। ୬୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ୍, ପାନୀୟ ଜଳ, ଘରଦ୍ୱାର ଓ ସବୁଜ ବଳୟ ଧ୍ୱଂସ ହୋଇଯାଇଛି। କେନ୍ଦ୍ର ସରକାର ମଧ୍ୟ ଏକଥା ମାନିଛନ୍ତି ଯେ, ପ୍ରାକୃତିକ ବିପତ୍ତି ଯୋଗୁ ୨୦୧୮-୧୯ରେ ଦେଶର ସବୁଠାରୁ ଅଧିକ ଶସ୍ୟହାନି ଓଡ଼ିଶାରେ ହୋଇଛି। ୨୦୧୯ ମେ ସୁଦ୍ଧା ଓଡିଶାର ୫.୪ ଲକ୍ଷ ହେକ୍ଟର ଶସ୍ୟ ଉଜୁଡି ଯାଇଛି। ୨୦୧୩-୧୪ ପରେ ଗତ ୫ ବର୍ଷ ମଧ୍ୟରେ ଏହି କ୍ଷତି ହେଉଛି ଦେଶର ସର୍ବ ବୃହତ୍। ୨୦୧୮-୧୯ ମେ ମାସ ସୁଦ୍ଧା ୧,୯୫୦ କୋଟି ଟଙ୍କାର କ୍ଷତି ହୋଇଛି। ଏହି ସମୟରେ ପ୍ରାକୃତିକ ବିପତ୍ତି ଯୋଗୁ ରାଜ୍ୟର ଚାଷୀମାନେ ହେକ୍ଟର ପିଛା ୩୬ ହଜାର ୬୦୦ ଟଙ୍କାର କ୍ଷତି ସହିଛନ୍ତି। ବାତ୍ୟା ଦୁର୍ଦ୍ଦଶାରୁ ମୁକ୍ତି ମିଳି ନ ଥିବା ବେଳେ ରାଜ୍ୟ ପୁଣି ଏକ ପ୍ରାକୃତିକ ବିପତ୍ତି ମରୁଡିକୁ ସମ୍ମୁଖୀନ ହେବାକୁ ଯାଉଛି। ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଶାନୁରୂପ ବର୍ଷିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଯଦି ରାଜ୍ୟରେ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହୁଏ ତେବେ ଧାନ ଚାଷ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବା ଏକ ପ୍ରକାର ନିଶ୍ଚିତ। ଭୂତଳ ଜଳସ୍ତର ଦ୍ରୁତିଗତିରେ ହ୍ରାସ ପାଉଥିବାରୁ ଚଳିତ ବର୍ଷ ଦେଶର ଅଧିକାଂଶ ଭାଗରେ ମରୁଡି ଦେଖାଦେବା ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କଲେଣି। ରାଜ୍ୟରେ ଏପରି ଧାରା ଜାରି ରହିଲେ ଆଗାମୀ ଦିନରେ ରାଜ୍ୟ ରାଜକୋଷ ଉପରେ ପ୍ରବଳ ଚାପ ପଡିବା ସହ ଆର୍ଥିକ ଅଭିବୃଦ୍ଧି ହାର ତଳକୁ ଖସିଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

## ନିର୍ଦ୍ଦେଶକ ଗିରଫ ...

ଠକେଇର ଶିକାର ଏଜେଣ୍ଟ ଓ ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ବଲାଙ୍ଗୀର ଟିକ୍ରାପଡା ତେରାପନ୍ଥ ଭବନ ନିକଟ ଏକ କୋଠାରେ ଅଫିସ ଖୋଲିଥିବା ପିଆଇସିଏଲ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଓ ବରଗଡ ଜିଲାରେ କାର୍ଯ୍ୟ କରୁଥିବା ଜଣାପଡିଛି। ମାତ୍ର ୬ ବର୍ଷରେ ଜମା ଅର୍ଥ ଦୁଇଗୁଣା ହେବ କହି ସଂସ୍ଥା ଏହି ୫ଟି ଜିଲାର ସହସ୍ରାଧିକ ଗ୍ରାହକଙ୍କ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ମେକ୍ସିକୋ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦.୧୫ ବିଲିୟନ ଡଲାର ରହିଛି।

**– ବାଣିଜ୍ୟ ମନ୍ତ୍ରଣାଳୟ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନିଜ ବ୍ୟବହାରରେ ସଂଯମତା ଅଭାବରୁ ଅପ୍ରିୟ ସତ୍ୟ ଭାଷଣଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ତଥାପି ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଏକାଧିକ ଚିନ୍ତା ଓ ଚେତନା ମଧ୍ୟରେ ମାନସିକ ସ୍ଥିରତା ଆଦୌ ରହିବ ନାହିଁ। ଅଫିସ୍ କାମରେ ବ୍ୟସ୍ତ ଥିବା ସମୟରେ ହଠାତ୍ ଜଣେ ଅପରିଚିତାଙ୍କ ସହ ଦେଖା ହେବ ଏବଂ ସେହି ଭଦ୍ର ମହିଳାଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ବ୍ୟବହାରରେ ଅନ୍ୟମାନଙ୍କ ନିକଟତର ହୋଇପାରିବେ।

**ମିଥୁନ** ଅଭାବ ଅସୁବିଧା ନ ଥିଲେ ମଧ୍ୟ ଟଙ୍କା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନୂତନ ସ୍ଥାନ ପରିଦର୍ଶନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ।

**କର୍କଟ** ସାମୟିକ ପ୍ରତିବନ୍ଧକ ଆପଣଙ୍କ ଅର୍ଥ, ଦ୍ରବ୍ୟ ଲାଭରେ ଅନ୍ତରାୟ ସୃଷ୍ଟି କରିପାରିବ ନାହିଁ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଦିନ ଦୁଇଟା ପରେ ପାଇଯିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଗଣତନ୍ତ୍ରର ପ୍ରତୀକ ଶନି ଚତୁର୍ଥ ଗୃହ ମଣ୍ଡନ କରି ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତମାନର ଫଳ ପ୍ରଦାନ କରିବେ।

**ସିଂହ** କର୍ମକ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିବ। ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରିପାରନ୍ତି। ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭିଭୂତ କରିପାରେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।

**କନ୍ୟା** ବନ୍ଧୁମାନଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇ ପାରନ୍ତି। ସ୍ୱାର୍ଥ ହାନି ଆଶଙ୍କାରେ ଭଲ ସମ୍ପର୍କ ଥିବା ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କଲେ ଦ୍ୱନ୍ଦ୍ୱରେ ପଡ଼ିବାକୁ ହେବ।

**ତୁଳା** ଆଜିର କାମଗୁଡ଼ିକ ସହଜରେ ସମ୍ପନ୍ନ ନ ହୋଇ ବିଶୃଙ୍ଖଳିତ ରହିବ। ନିଷ୍ପତ୍ତି ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ହଠାତ୍ ବନ୍ଧୁଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହୋଇପାରେ। ଅନୁରାଧା ନକ୍ଷତ୍ର ବିଗତ ଦିନଗୁଡ଼ିକର କଥାକୁ ନେଇ ଦୁଃଖରେ ରହିବାକୁ ବାଧ୍ୟ ହେବେ। ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିପାରେ।

**ଧନୁ** ପରିବାରରେ ଅଶାନ୍ତି, ନିଜ ଲୋକଙ୍କ ଅନାସ୍ଥାଭାବ ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** କାର୍ଯ୍ୟବ୍ୟସ୍ତତା ବୃଦ୍ଧି ହେତୁ ଜମା ଫୁରସତ୍ ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ସହ ମତପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ପରି ଖୁସି ହୋଇପାରିବେ ନାହିଁ। ଅସୁସ୍ଥତା ଅନୁଭବ କରିପାରନ୍ତି। ପରିବାରରୁ ସ୍ନେହ ଓ ସହାନୁଭୂତି ନ ପାଇ ଭାବପ୍ରବଣ ହୋଇପାରନ୍ତି।

**କୁମ୍ଭ** ପାରିବାରିକ ଜୀବନକୁ କେତେକାଂଶରେ ପ୍ରଭାବିତ କରି ରଖିବ। ଯାନବାହନ, ଲୋକ ସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମୂଲ୍ୟବାନ ଅଳଙ୍କାର ଓ ବସନ ଭୂଷଣ କ୍ରୟ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବେ କିନ୍ତୁ ଆନୁଷ୍ଠାନିକ ଭାବେ କାମରେ ଖର୍ଚ୍ଚ ବଢ଼ିଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

ଆଜି ବୈଶାଖ ମାସର ଚନ୍ଦନ ପୂର୍ଣ୍ଣମୀ ଶନିବାର, ବୈଶାଖ ବ୍ରତ ସମାପନ, ମେ ୧୮ ତାରିଖ, ସଂଗ୍ରହାଳୟ ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ପୂର୍ଣ୍ଣମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୧୩ମି. ଗତେ ଘ୧।୨୦ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ଗତେ ଘ୮।୨୬ମି. ମଧ୍ୟରେ ମାହେନ୍ଦ୍ରବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

**SALE**

**Tata ACE-2 Nos. (Full body covered) For sale. Make: 2016-17, Please contact: Dilip Kumar, Mob: 9437032752.** D-12501

**HIRE**

JCB, Hitachi, Hyundai, Roller ଭଡ଼ା ନେବା ପାଇଁ ଯୋଗାଯୋଗ କରନ୍ତୁ। 8249328176. D-12515

real estate

**SALE**

ପିତାପଲ୍ଲୀ- କଟକ Bypass 100ft. ରାସ୍ତାକୁ ଲାଗି କଣ୍ଟାବାଡ ଠାରେ ବାସଉପଯୋଗୀ ଆଦିବାସୀ plot ମିଳୁଅଛି। ଯୋଗାଯୋଗ: 8093636334. D-66460

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

Stitiban Gharabari Plot 2675sqft with 3100sqft two storyed building for sale at Tankapani road, Bhubaneswar. Genuine buyers can Contact: 9437016461. D-66456

2BHK Simplex 15,00,000/- finishing Hanspal (Bank finance available)- 7790027610, 8093465134. D-66455

Prime land at Cuttack under CMC ward no.56 for sale, suitable for hospitals, go-down, apartment etc. Total area is 0.8 acres/20 guntha or 0.323 hectares on main road. Mouza - Subhadrapur. Please send your offer at email: primeland-cuttack@yahoo.com For queries contact- Mobile: 7381046301. D-12516

Book 2BHK/ 3BHK flat at GGP colony Rasulgarh, near Palasuni canal road. 9439716901. (Broker not allowed). D-66525

ଭୁବନେଶ୍ୱର-ପିତାପଲ୍ଲୀ NH-16 ନିକଟରେ (Tata Motors ସାମ୍ନାରେ) ଆବାସିକ plot ମିଳୁଅଛି। ଯୋଗାଯୋଗ: 8093636334. D-66461

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12549

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

Purchase 1200 sqft. land BJEM-(2) monthly installment 10,000/- simplex Tankapani road Sai Temple 20,50,000/-, Badagada canal road. Plots available, 7735738102. D-12533

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12548

Bank and ORERA approved under-construction apartment project at Patia 3BHK 67lacs, 2BHK 56lacs, at Tamando 3BHK 37lacs, 2BHK 28lacs. 9438749776, 9337951595. D-12546

construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12550

to-let

300 sqft. Shop for Medicine, Etc., A/43, near Reliance fresh, Ruchika Market, Baramunda, Bhubaneswar: 8763246739. D-58085

1 Lac sqft. area for godown stockyard per sqft Rs.5 NH-16 near Khurdha Collector Office, 7735899789, 8847897226. D-12481

**AFFIDAVIT**

ଆମ୍ଭେ ରମେଶ ସାହୁ, ବୟସ- ୪୩, ପିତା- ମନ୍ଦର ସାହୁ, ସା- ଗୋପୀନାଥପୁର, ପୋ- ଅଣଖିଆ, ଥାନା- ବିରିଡ଼ି, ଜି- ଜଗତ୍‌ସିଂହପୁର, ଘୋଷଣା କରୁଅଛି କି ମୋର ଖତିୟାନା ନଂ.୩୨୯ରେ ମୋର ନାମ ସହ ସାଂଙ୍କା ସାମଲ ରହିଛି। କିନ୍ତୁ ଆଧାର କାର୍ଡ, ଡ୍ରାଉଭିଂ ଲାଇସେନ୍ସ ଏବଂ ପାନ କାର୍ଡରେ ସାଂଙ୍କା ସାହୁ ରହିଛି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଜଗତ୍‌ସିଂହପୁରଙ୍କ ସମ୍ମୁଖରେ ତା ୧୬।୦୫।୨୦୧୯ ରେ ସତ୍ୟପାଠ ଦ୍ୱାରା ଘୋଷଣା କରୁଅଛି କି ରମେଶ ସାମଲ ଓ ରମେଶ ସାହୁ ଜଣେ ବ୍ୟକ୍ତି ଅଟନ୍ତି। ଧ-୧୨୫୩୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ସୋମାଲିନି ପ୍ରିୟଦର୍ଶନୀ**
**ରଗଡି ସାହି, ଢେଙ୍କାନାଳ**
ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ**
ଜେଜେମା, ଆଈ, ଅଜା, ମାଈଁ, ମାମୁଁ, ମାଉସୀ, ମଉସା, ପିଇସୀ, ପିଇସା, ବଡ଼ ମା, ବଡ଼ ବାପା, ଖୁଡ଼ୀ, ଦାଦା, ଦିଦି, ଭାଇ, ମା, ବାପା ଓ ବନ୍ଧୁ ପରିବାର। ଧ-୬୨୦୯୮

**10th Birthday Wish**




**Shwetika Simran**
**Bhuban, Dhenkanal**
May God always bless you and keep you happy, healthy and prosperous.
**With best wishes from: Papa, Mama, Bada Papa, Bada Mama, Bhai, Didi, Piusa, Nana, Aja, Aee, Mamu, Mousee and others.** D-12551

**ଜନ୍ମଦିନ ଶୁଭେଚ୍ଛା**



**କାଭ୍ୟାଂଷ ମିଶ୍ର**
**ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର**
ପ୍ରଥମ ଜନ୍ମବାର୍ଷିକୀ ଉପଲକ୍ଷେ ତୋତେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ ଆଶୀର୍ବାଦ। ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏହାହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ସୁରେନ୍ଦ୍ର ମିଶ୍ର (ଜେଜେ), ଭାରତୀ ମିଶ୍ର (ଜେଜେ ମାଆ), ପ୍ରଦୀପ୍ତ, ପ୍ରଜ୍ଞା, ପ୍ରବୋଧ, ବିଜୟନୀ, ଆଶିଷ, ପ୍ରିୟାଂଶି, ଅଜା, ଆଈ, ମାମୁଁ, ମାଉସୀ, ସାନ ଜେଜେ, ସାନ ଜେଜେ ମାଆ, ବଡ଼ ଜେଜେ ମାଆ, ବନ୍ଧୁ ଓ ପରିବାରବର୍ଗ। ଧ-୧୨୫୪୪

Now Matrimonial ads. only on Wednesday & Sunday
Book 1 Get 1 FREE



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

# ଆଜି କ'ଣ କେଉଁଠି

**ବିଜେପୁର**

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ଗାନ୍ଧୀପଡା, ଅପରାହ୍ନ ୫ଟା।
- ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ, ମାରୁତି ଛକ, ଅପରାହ୍ନ ୪ଟା।

**ବୌଦ୍ଧ**

- ବୁଦ୍ଧ ଉତ୍ସବ ଉଦ୍‌ଯାପିତ, ହରଭଙ୍ଗା ପରଗଳପୁର ବୁଦ୍ଧ ମୂର୍ତ୍ତି ପ୍ରାଙ୍ଗଣ, ସନ୍ଧ୍ୟା ୭ଟା।
- ବୁଦ୍ଧ ଜୟନ୍ତୀ ପାଳନ, ଟାଉନହଲ, ସନ୍ଧ୍ୟା ୭ଟା

**ରେଢାଖୋଲ**

- ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ, ସ୍ଥାନ ରେଢାଖୋଲ କଦମ୍ବ ପଡ଼ିଆସ୍ଥିତ ଭୀମ ଭୋଇ କଳାମଣ୍ଡପ, ସନ୍ଧ୍ୟା, ୬ଟା।

**ସମ୍ବଲପୁର**

- ବିଶ୍ୱ ନର୍ସିଂ ଦିବସ ସପ୍ତାହ, ସ୍ଥାନ: ବୁର୍ଲା ନର୍ସିଂ କଲେଜ, ସନ୍ଧ୍ୟା ୫ଟା।
- ସନ୍ଥ କବି ଭୀମ ଭୋଇ ଜୟନ୍ତୀ, ସ୍ଥାନ: ଭୀମ ଭୋଇ ସାହିତ୍ୟ ସଂସଦ, ସନ୍ଧ୍ୟା ସାଢ଼େ ୬ଟା।
- ଶୀତଳଷଷ୍ଠୀ ପ୍ରସ୍ତୁତିବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା।

**ସୁବର୍ଣ୍ଣପୁର**

- ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳନ, ଖଲିଆପାଲି ପୀଠ, ପୂର୍ବାହ୍ନ ୧୦ଟା ।

**ବଲାଙ୍ଗୀର**

- ଗଣ୍ଡାବଜା ପକ୍ଷରୁ ସନ୍ଥ ଭୀମଭୋଇ ଜୟନ୍ତୀ ସମାରୋହ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୧ଟା।
- ଆମ୍ବ ନିଲାମ କାର୍ଯ୍ୟକ୍ରମ, ସାମାଦିକ ଭବନ, ସନ୍ଧ୍ୟା ୭ଟା।

## ଫନୀ ପୁନରୁଦ୍ଧାର ପାଇଁ ସହାୟତା

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଇଡ୍‌କୋ ଦେଲା ୧୦ କୋଟି

- ଶୁକ୍ରବାର ପ୍ରାୟ ୧୨ କୋଟି ୨୧ ଲକ୍ଷ ଟଙ୍କା ସଂଗୃହୀତ
- ପିପିଏଲ୍ ୧ କୋଟି ୨୫ ଲକ୍ଷ

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**

ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁତ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତଙ୍କୁ ରିଲିଫ ବଣ୍ଟନ ଏବଂ ଧ୍ୱଂସପ୍ରାୟ ଭିତ୍ତିଭୂମିର ପୁନରୁତ୍ଥାନ କାର୍ଯ୍ୟ ଜାରି ରହିଛି। ବାତ୍ୟା ପ୍ରଭାବିତ ଦୁର୍ଗତଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ସୁଅ ଛୁଟୁଛି। ସେହି କ୍ରମରେ ଶୁକ୍ରବାର ଇଡ୍‌କୋ ପକ୍ଷରୁ ୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଶିଳ୍ପ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଓ ଇଡ୍‌କୋ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି।

ସେହିପରି ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍(ପିପିଏଲ୍) ୧ କୋଟି ୨୫ ଲକ୍ଷ, ୟୁଏଇସ୍ଥିତ ଓଡ଼ିଶା ସମାଜ ୩ ଲକ୍ଷ, ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର୍ସ ଆସୋସିଏଶନ ୬୧ ହଜାର, ଏମ୍ ଡି ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିଃ ୩୦ ଲକ୍ଷ, କଲିକତା ଜଗନ୍ନାଥ ସେବାସମିତି ୬୦,୦୦୦ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। କଟକ ପୋଷ୍ଟାଲ ଆକାଉଣ୍ଟ୍‌ସ ଅଫିସ ରିକ୍ରିଏଶନ କ୍ଲବ ୨୫ ହଜାର, କେସି ପ୍ରଧାନ ୧ ଲକ୍ଷ, ଓଡ଼ିଶା ଅର୍ଥସେବା ସଂଘ ୩ ଲକ୍ଷ, ମଦୁରାଇସ୍ଥିତ ମୀନାକ୍ଷୀ ମିଶନ ହସ୍‌ପିଟାଲ ନିର୍ଦ୍ଦେଶକ ଡ. ନରେନ୍ଦ୍ର ନାଥ ଜେନା ୫୦ ହଜାର, ଭୁବନେଶ୍ୱରର ପର୍ଶୁରାମ ମିତ୍ର ମଣ୍ଡଳ ୧ ଲକ୍ଷ, ରଶ୍ମି ମେଟାଲିକ୍ସ ଲିଃ ୫୦ ଲକ୍ଷ, ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ୧ ଲକ୍ଷ ଟଙ୍କା ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ରୋଡିୟନ୍ ସଲ୍ୟୁଶନ ପ୍ରାଇଭେଟ ଲିଃ ୧ ଲକ୍ଷ ଟଙ୍କା, ଏକେଏମ୍ ଆଗ୍ରୋ ପ୍ରୋସେସିଂ ୨ ଲକ୍ଷ, ଅଲ୍ ଇଣ୍ଡିଆ ୱେଭର୍ସ ୱେଲ୍‌ଫେୟାର ଆଣ୍ଡ ଚାରିଟେବଲ ଟ୍ରଷ୍ଟ, ହିଞ୍ଜିଳି ପକ୍ଷରୁ ୨୩,୨୧୭ ଟଙ୍କା, ଭୁବନେଶ୍ୱର ଟ୍ରକ୍ ମାଲିକ ସଂଘ ୧,୧୧,୧୧୧ ଟଙ୍କା, ମାତୃଦତ୍ତ ବାରିକ ୧୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହିପରି କେବଳ ଶୁକ୍ରବାର ୧୯ ସଂସ୍ଥା ଏବଂ କେତେକ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୧୨ କୋଟି ୨୦ ଲକ୍ଷ ୫୦ ହଜାର ୩୨୮ ଟଙ୍କା ରିଲିଫ ପାଣ୍ଠିକୁ ମିଳିଛି।

# ଚଢ଼ାଉରେ ୧୮୦୦ ଲିଟର ପୋଚ ନଷ୍ଟ

**ଭୁବନ,୧୭।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ଭୁବନ ଅଞ୍ଚଳରେ ଚଢ଼ାଉ କରାଯାଇ ୧୮୦୦ ଲିଟର ମହୁଲ ପୋଚ ସହ ସମସ୍ତ ମଦ ରନ୍ଧା ସରଞ୍ଜାମ ନଷ୍ଟ କରାଯାଇଛି। ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍ସ ଓ ଅବକାରୀ ବିଭାଗ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ, କାମାକ୍ଷାନଗର ଓ ଭୁବନ ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଭୁବନ ଥାନା ମହୁଲପାଳ, ମନ୍ଦାର ଓ ଅରିଲୋ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ସମ୍ବଲପୁର ଅବକାରୀ ସ୍କ୍ୱାଡ୍ ଗୁପ୍ତେଶ୍ୱର ପ୍ରଧାନ, ଅବକାରୀ ଇନ୍ସପେକ୍ଟର ସମୀର ମହାନ୍ତି ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।




## ପର୍ଯ୍ୟଟନ ମନ୍ତ୍ରୀ, ସଂସ୍କୃତି ବିଭାଗ କମିଶନରଙ୍କ ରଘୁରାଜପୁର ଗାଁ ପରିଦର୍ଶନ

# କ୍ଷୟକ୍ଷତି ଅନୁଧ୍ୟାନ କଲେ, ସମସ୍ୟା ବୁଝିଲେ

- ମୁକ୍ତାକାଶ ରଙ୍ଗମଞ୍ଚ, କ୍ରାଫ୍ଟ ସେଣ୍ଟର ସ୍ଥିତି ଦେଖିଲେ
- ଗାଁର ପୁନରୁଦ୍ଧାର ପାଇଁ ସହଯୋଗ ପ୍ରତିଶ୍ରୁତି ଦେଲେ

**ପୁରୀ ଅଫିସ,୧୭।୫**

ବାତ୍ୟାରେ ଛାରଖାର ହୋଇଯାଇଛି ଐତିହ୍ୟ ଗାଁ ରଘୁରାଜପୁର। ବହୁ ଶିଳ୍ପୀଙ୍କ ପଟ୍ଟଚିତ୍ର ବର୍ଷା ପବନରେ ନଷ୍ଟ ହୋଇଯାଇଥିବାବେଳେ ଅନ୍ୟାନ୍ୟ ହସ୍ତକଳା ବି କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର ଭାଙ୍ଗିଯିବା ସହ ବିଭିନ୍ନ ଗୋଟିପୁଅ ଅନୁଷ୍ଠାନ ପ୍ରଭାବିତ ହୋଇଛି। ଖାଁ ଖାଁ ଲାଗୁଛି ଏହି ଗାଁ। ଶୁକ୍ରବାର ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ରଘୁରାଜପୁର ଗ୍ରାମ ପରିଦର୍ଶନ କରିଛନ୍ତି। ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରିବା ସହିତ ଗାଁ ଲୋକଙ୍କ ସହ କଥା ହୋଇଛନ୍ତି। କିପରି ରଘୁରାଜପୁର ପୂର୍ବାବସ୍ଥାକୁ ଫେରିବ ସେ ଦିଗରେ ସରକାର ପଦକ୍ଷେପ ନେବା ଲାଗି ମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବଙ୍କୁ ଗ୍ରାମବାସୀ ଗୁହାରି କରିଛନ୍ତି। କ୍ଷୟକ୍ଷତି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେବା ସହ ଆବଶ୍ୟକ ସହଯୋଗ କରାଯିବ ବୋଲି କହିଛନ୍ତି।

ମଧ୍ୟାହ୍ନରେ ମନ୍ତ୍ରୀ ପଣ୍ଡା ଏବଂ ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ ଗାଁରେ ପହଞ୍ଚିବା ପରେ ରଘୁରାଜପୁର ଗ୍ରାମବାସୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଉଭୟେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଗାଁ ଲୋକଙ୍କ ସହ କଥା ହୋଇଥିଲେ। ଗାଁ ସଭାପତି ବିଶ୍ୱନାଥ ସ୍ୱାଇଁ କହିଥିଲେ, ବାତ୍ୟାରେ ବହୁ ଘର ଭାଙ୍ଗିଯାଇଛି। ଅନେକ ଶିଳ୍ପୀଙ୍କ ପଟ୍ଟଚିତ୍ର ସମେତ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ନଷ୍ଟ ହୋଇଯାଇଛି। ଠିକ୍ ଭାବେ କ୍ଷୟକ୍ଷତିର ଆକଳନ କରି ଗାଁକୁ ପୁନର୍ଗଠନ ଦିଗରେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ଗାଁର ଅନେକ ଶିଳ୍ପୀ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ମୋଟ ୪୯ ଜଣ ଶିଳ୍ପୀଙ୍କୁ କଳାକାର ଭତ୍ତା ଦିଆଯାଉଥିବାବେଳେ ଆହୁରି ଅନେକ ଶିଳ୍ପୀ ଏଥିରୁ ବାଦ୍ ପଡ଼ିଛନ୍ତି। ତେଣୁ ଏ ଦିଗରେ ସହୃଦୟତାର ସହ ବିଚାର କରିବା ଲାଗି ଗ୍ରାମବାସୀ ଅନୁରୋଧ କରିଥିଲେ। ମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବ ପ୍ରାୟ ଅଧଘଣ୍ଟା ଧରି ଗାଁ ଲୋକଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହାପରେ ମୁକ୍ତାକାଶ ରଙ୍ଗମଞ୍ଚ ଏବଂ କ୍ରାଫ୍ଟ ସେଣ୍ଟର ବୁଲି କ୍ଷୟକ୍ଷତି ଦେଖିଥିଲେ। ରଘୁରାଜପୁର ଗ୍ରାମରେ ଯାହାସବୁ କ୍ଷୟକ୍ଷତି ହୋଇଛି ସେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ଲାଗି ମନ୍ତ୍ରୀ ପଣ୍ଡା ଗ୍ରାମବାସୀଙ୍କୁ କହିଥିଲେ। ଗାଁର ପୁନରୁଦ୍ଧାର ନିମନ୍ତେ ତାଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରିବ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ମନ୍ତ୍ରୀ ପଣ୍ଡା କହିଥିଲେ, ଐତିହ୍ୟ ଗାଁ ଭାବେ ରଘୁରାଜପୁରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଗାମର ଶିଳ୍ପକଳା ବେଶ୍ ପ୍ରସିଦ୍ଧ। ଏଠାକୁ ପ୍ରତ୍ୟହ ପର୍ଯ୍ୟଟକମାନେ ଆସିଥାନ୍ତି। ପୁରୀ ପର୍ଯ୍ୟଟନରେ ରଘୁରାଜପୁରର ସ୍ୱତନ୍ତ୍ରତା ରହିଛି। ଯେତେ ପର୍ଯ୍ୟଟକ ଆସିବେ ପର୍ଯ୍ୟଟନ ଶିଳ୍ପ ସେତେ ସୁଦୃଢ଼ ହୋଇପାରିବ ଏବଂ ଶିଳ୍ପୀମାନଙ୍କ ସମ୍ମାନ ମଧ୍ୟ ବୃଦ୍ଧି ପାଇବ। କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ରଘୁରାଜପୁର ଗାଁର ଶିଳ୍ପୀଙ୍କ କଥା ବିଚାରକୁ ନିଆଯିବ। ବାତ୍ୟାରେ ଶିଳ୍ପୀମାନଙ୍କ ଯାହା କ୍ଷୟକ୍ଷତି ହୋଇଛି ସେ ନେଇ ପର୍ଯ୍ୟଟନ ବିଭାଗ ସହଯୋଗ କରିବ। ସେହିପରି ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ କହିଥିଲେ, ରଘୁରାଜପୁର ହେଉଛି ପର୍ଯ୍ୟଟନ, ଐତିହ୍ୟ ଏବଂ ସଂସ୍କୃତିର ଗ୍ରାମ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି, ଯାହା ଆମ ପାଇଁ ଗୌରବର କଥା। ବାତ୍ୟାରେ ଏଠାରେ ଅନେକ କ୍ଷୟକ୍ଷତି ହୋଇଛି। ଏହାର ପୁନରୁଦ୍ଧାର ଦିଗରେ ସରକାର ନିଶ୍ଚିତ ବିଚାର କରିବେ ବୋଲି ସେ ପ୍ରକାଶ କରିଥିଲେ। ମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବଙ୍କ ଏହି ପରିଦର୍ଶନ ସମୟରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପର୍ଯ୍ୟଟନ ମନ୍ତ୍ରୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ପ୍ରମୁଖ ଶାସନ ସଚିବ ରଘୁରାଜପୁର ଗ୍ରାମ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି।




# ୬ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୧୭।୫**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଡାକ୍ତରଖାନାର ୬ ମହଲାରୁ ଡେଇଁ ଜଣେ ରୋଗୀ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ଚିକିତ୍ସାଳୟ ପରିସରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ମୃତକ ହେଲେ ଗଁଦିଆ ଥାନା ଦେଓଗାଁ ପଞ୍ଚାୟତ ମହୁଲଖୋଲି ଗ୍ରାମର ଟୁନା ବେହେରା(୨୨)। ମେଡିକାଲରେ ଗତ ୫ ମାସ ମଧ୍ୟରେ ଏହା ଦ୍ୱିତୀୟ ଘଟଣା ବୋଲି ଜଣାପଡିଛି ।

ଘଟଣାରୁ ପ୍ରକାଶ, ମହୁଲଖୋଲି ଗ୍ରାମର ଗାଡି ଚାଳକ ଟୁନା ଗୁରୁବାର ଅଂଶୁଘାତରେ ଆକ୍ରାନ୍ତ ହେବାରୁ ତାଙ୍କୁ ପରିବାର ଲୋକେ ଦେଓଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସୁସ୍ଥ ହୋଇ ଘରକୁ ଫେରିବା ପରେ ସନ୍ଧ୍ୟାରେ ପୁଣି ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ୪ର୍ଥ ମହଲାରେ ଥିବା ପୁରୁଷ ମେଡିଶିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିଲେ। ଶୁକ୍ରବାର ସକାଳେ ହଠାତ୍ ସେ ୱାର୍ଡରୁ ବାହାରି ଆସୁଥିବା ବେଳେ ପରିବାର ଲୋକେ ତାଙ୍କୁ ଅଟକାଇଥିଲେ। ହେଲେ ସେ କାହା କଥା ନ ଶୁଣି ମୋ ପଛରେ କେହି ଆସନାହିଁ ବୋଲି କହି ଚିକିତ୍ସାଳୟର ୬ଷ୍ଠ ମହଲାକୁ ଚାଲିଯାଇଥିଲେ। ସେଠାରେ ବାମ ହାତକୁ ବ୍ଲେଡରେ କାଟି ଦେଇଥିଲେ। ପରେ ରୋଗୀଙ୍କୁ ଷ୍ଟ୍ରେଚରରେ ନେବା ପାଇଁ ଉଦ୍ଦିଷ୍ଟ ର୍ୟାମ୍ପ ନିକଟ କାଚ ଝରକା ଦେଇ ଟୁନା ତଳକୁ ଡେଇଁ ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର, ସହକାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ମେଡିକାଲ) ଏସ୍. କେ. ଭୋଳ, ଟାଉନଥାନା ଅଧିକାରୀ ଅଭିନବ ଡାଲୁଆ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଟୁନା ହାତ କାଟିଥିବା ସ୍ଥାନରୁ ବ୍ଲେଡ ଜବତ ହୋଇଛି। ଏଥିସହ ତାଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ପଚରାଉଚରା କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିରଞ୍ଜନ ମିଶ୍ର କୁହନ୍ତି, ଟୁନା ବେହେରା ଅଂଶୁଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଭଲ ମଧ ହୋଇଯାଇଥିଲେ।

**ପୂର୍ବ ତଟ ରେଳପଥ**

**ରେଲୱେ ରିକ୍ରୁଟମେଣ୍ଟ ସେଲ୍**

ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017

**ନଥିପତ୍ର ତନଖି ନିମନ୍ତେ ସାଙ୍କେତିକ ସୂଚନା**

**କେନ୍ଦ୍ରୀକୃତ ନିଯୁକ୍ତି ସୂଚନା ସଂ.CEN-02/2018**

କେନ୍ଦ୍ରୀକୃତ ନିଯୁକ୍ତି ସୂଚନା ସଂ.CEN-02/2018, ତା.10.02.2018ରିଖ ସମ୍ପର୍କରେ, ନଥିପତ୍ର ତନଖି (DV) ନିମନ୍ତେ ଚୟନ ହୋଇଥିବା (Short-Listed) ପ୍ରାର୍ଥୀମାନଙ୍କ ତାଲିକା ରେଲୱେ ରିକ୍ରୁଟମେଣ୍ଟ ସେଲ୍ ୱେବ୍‌ସାଇଟ୍ **rrcbbs.org.in** ରେ ପ୍ରକାଶିତ କରାଯାଇଅଛି। ରେଲୱେ ରିକ୍ରୁଟମେଣ୍ଟ ସେଲ୍(RCC), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ଠାରୁ ତା.**22.04.2019**ରିଖ ଠାରୁ ତା.**20.05.2019**ରିଖ ପର୍ଯ୍ୟନ୍ତ ନଥିପତ୍ର ତନଖି ପ୍ରକ୍ରିୟା(DV) ପରିଚାଳନା କରାଯାଉଛି।

ଏ କ୍ଷେତ୍ରରେ ଜଣାପଡ଼ିଛି ଯେ, କେତେକ ପ୍ରାର୍ଥୀ ନଥିପତ୍ର ତନଖି ପ୍ରକ୍ରିୟାରେ ଅନୁପସ୍ଥିତ ରହିଛନ୍ତି।

ତେଣୁ ନଥିପତ୍ର ତନଖି ନିମନ୍ତେ ପୂର୍ବରୁ ଅନୁପସ୍ଥିତ ଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ଅନ୍ୟ ଏକ ସୁଯୋଗ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯାହାକି ତା.**23.05.2019**ରିଖରେ ଆୟୋଜିତ ହେବାକୁ ବିନିର୍ଦ୍ଧାରିତ ଅଟେ। "ମଲ୍ଟି ଡିସିପ୍ଲିନାରୀ ଜୋନଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (MDZTI), ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ପିନ୍-751023" ଠାରେ ତା.**23.05.2019**ରିଖରେ ଆୟୋଜିତ ହେବାକୁ ଥିବା ନଥିପତ୍ର ତନଖି ପ୍ରକ୍ରିୟାରେ ଯୋଗଦେବା ପାଇଁ ପୂର୍ବରୁ ଅନୁପସ୍ଥିତ ଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି, ଏ କ୍ଷେତ୍ରରେ ବିଫଳ ହେଲେ ସେମାନଙ୍କ ପ୍ରାର୍ଥୀତ୍ୱକୁ ବାତିଲ୍ କରିଦିଆଯିବ।

PR-90/K/19-20 ଅଧକ୍ଷ, ରେଲୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର



# କ୍ଷମତା ଲଢ଼େଇ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମତଦାନର କେଇ ସପ୍ତାହ ପରେ ଏବଂ ରାଜ୍ୟରେ ସରକାର ପରିବର୍ତ୍ତନର ବ୍ୟାପକ ସମ୍ଭାବନା ଦେଖାଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ଏଲ୍.ଭି. ସୁବ୍ରମଣ୍ୟମ୍‌ଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ଭୋଟ ଗଣତି ହୋଇ ମେ ୨୩ରେ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ପ୍ରଶାସନ କାହା ନିୟନ୍ତ୍ରଣରେ ରହିବ, ତାହାକୁ ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଟଣାଓଟରା ଲାଗିଛି। ନାଇଡୁ ଓ ତାଙ୍କ ମନ୍ତ୍ରୀମାନେ ଯୁକ୍ତି କରୁଛନ୍ତି ଯେ, ପ୍ରତ୍ୟେକ ପ୍ରସଙ୍ଗରେ ନିଷ୍ପତ୍ତି ନେବା ଲାଗି ସରକାରଙ୍କର ପୂର୍ଣ୍ଣ କ୍ଷମତା ରହିଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆହୂତ ଅନେକ ସମୀକ୍ଷା ବୈଠକରେ ତାଙ୍କର କେତେକ ନିଷ୍ପତ୍ତି ଉପରେ ମୁଖ୍ୟ ଶାସନ ସଚିବ ଆପତ୍ତି ଉଠାଉଛନ୍ତି। ଏହି ବିବାଦ ଯୋଗୁ ଆଇଏଏସ୍ ଓ ଆଇପିଏସ୍ ଲବି ଦୁଇଭାଗରେ ବିଭକ୍ତ ହୋଇ ଯାଇଛନ୍ତି। ଫଳରେ ପ୍ରଶାସନିକ କାର୍ଯ୍ୟକଳାପରେ ଅନିଶ୍ଚୟତା ଦେଖାଦେଇଛି। ପ୍ରାପ୍ତ ସୂଚନା ଅନୁସାରେ ୧୯୮୩ ବ୍ୟାଚ୍ ଆଇଏଏସ୍ ଅଫିସର ସୁବ୍ରମଣ୍ୟମ୍‌ଙ୍କୁ ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସେ ବର୍ତ୍ତମାନ ରାଜ୍ୟ ପ୍ରଶାସନର ପ୍ରତି କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କ ସହ ତାଙ୍କର ବିବାଦ ସୃଷ୍ଟି ହୋଇଛି। କାରଣ ଚନ୍ଦ୍ରାବାବୁ ପ୍ରଶାସନକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି। ଏହି ପରିସ୍ଥିତି ବିଷୟରେ ଆଲୋଚନା କରିବା ପାଇଁ ସୁବ୍ରମଣ୍ୟମ୍‌ଙ୍କ ଦ୍ୱାରା ଆହୂତ ଆଇଏଏସ୍ ଅଫିସରମାନଙ୍କ ବୈଠକକୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାପ ପକାଇ ବନ୍ଦ କରିଦିଆଯାଉଛି। ଯାହା ଜଣାପଡୁଛି ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ହିଁ ଏହି ସମସ୍ୟାର ସମାଧାନ ହୋଇପାରିବ।

### ଅପାରଗ ବାବୁ ହଟିବେ

ସରକାରରେ ଥିବା ଅପାରଗ ବାବୁମାନଙ୍କୁ ହଟାଇବା ପାଇଁ ମୋଦି ସରକାର କାର୍ଯ୍ୟ କରିଆସୁଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୧୫ରୁ ୨୦୧୮ ଚାରିବର୍ଷ ମଧ୍ୟରେ କେନ୍ଦ୍ର ସରକାର ୧,୧୦୦ ଆଇଏଏସ୍ ଅଫିସରଙ୍କ ସର୍ଭିସ୍ ରେକର୍ଡର ସମୀକ୍ଷା କରିଛନ୍ତି। ଏହି ଅଫିସରମାନେ ୨୫ ବର୍ଷର ଚାକିରି କାଳ ପୂର୍ଣ୍ଣ କରିଛନ୍ତି କିମ୍ବା ୫୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ପ୍ରଶାସନରୁ ଅଣପ୍ରଦର୍ଶନକାରୀ ବା ଅପାରଗ ବାବୁମାନଙ୍କୁ ହଟାଇବା। ନିୟମାନୁଯାୟୀ କେନ୍ଦ୍ର ସରକାର ରାଜ୍ୟ ସରକାର ସହ ପରାମର୍ଶ କରି ଏପରି ଅପାରଗ ବାବୁଙ୍କୁ ଜନସ୍ୱାର୍ଥରେ ତିନିମାସର ଲିଖିତ ନୋଟିସ୍ ଦେଇ ବା ତିନିମାସର ଦରମା ଓ ଭତ୍ତା ଦେଇ ଅବସର ନେବା ପାଇଁ କହିପାରିବେ। ପ୍ରାପ୍ତ ସୂଚନା ଅନୁସାରେ ସମୀକ୍ଷା କରାଯାଇଥିବା ୧,୧୪୩ ଜଣ ଅଫିସରଙ୍କ ମଧ୍ୟରୁ ଛତିଶଗଡ଼ କ୍ୟାଡରର ଦୁଇଜଣ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଓ କେନ୍ଦ୍ରଶାସିତ ଅଞ୍ଚଳ ବା ଆଗ୍‌ମଟ କ୍ୟାଡରର ଜଣେ ଏବଂ ବିହାରର ଜଣେ- ଏହିପରି ଚାରିଜଣ ଅଫିସରଙ୍କୁ ଜନସ୍ୱାର୍ଥରେ ଅବଧି ପୂର୍ବରୁ ଅବସର ନେବା ପାଇଁ କୁହାଯାଇଛି। ତେବେ କେନ୍ଦ୍ର ପକ୍ଷରୁ ସ୍ମାରକପତ୍ର ଦିଆଯିବା ସତ୍ତ୍ୱେ ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର, କର୍ନାଟକ, କେରଳ, ତେଲେଙ୍ଗାନା, ତ୍ରିପୁରା ଓ ଉତ୍ତରାଖଣ୍ଡରେ ବାବୁମାନଙ୍କ ସର୍ଭିସ୍ ରେକର୍ଡର ଏପରି ସମୀକ୍ଷା କରାଯାଇ ନାହିଁ। କେନ୍ଦ୍ର ଉକ୍ତ ରାଜ୍ୟଗୁଡ଼ିକୁ ତୁରନ୍ତ ସମୀକ୍ଷା କରିବା ପାଇଁ ଚାପ ପକାଇପାରନ୍ତି।

### ବରିଷ୍ଠଙ୍କୁ ବାବୁଙ୍କ ବିରୋଧ

ଜଣେ ରାଜ୍ୟ ପ୍ରଶାସନିକ ଅଫିସର ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କ ବିରୋଧରେ ଯିବା କ୍ୱଚିତ୍ ଦେଖିବାକୁ ମିଳେ। କିନ୍ତୁ ଜଣେ କର୍ନାଟକ ପ୍ରଶାସନିକ ଅଫିସର (କେଏଏସ୍) ରାଜ୍ୟର ମୁଖ୍ୟ ଶାସନ ସଚିବ ତଥା ଆଉ ନଅଜଣ ଆଇଏଏସ୍ ଅଫିସରଙ୍କ ବିରୋଧରେ ରାଜ୍ୟ ମାନବାଧିକାର କମିଶନ ଆଗରେ ଅଭିଯୋଗ ଦାଏର କରିଛନ୍ତି। ରାଜ୍ୟରେ ଏପରି ଘଟଣା ପ୍ରଥମ ଥର ପାଇଁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ କାର୍ମିକ ଓ ପ୍ରଶାସନିକ ସଂସ୍କାର ବିଭାଗର ଅଫିସର କେ. ମାଥାଇ ଏକ ଜମି ଦୁର୍ନୀତି ଧରାପକାଇବା ଯୋଗୁ ଉକ୍ତ ବରିଷ୍ଠ ଅଫିସରମାନେ ତାଙ୍କ ବିରୋଧରେ ନିରବଚ୍ଛିନ୍ନ ମାନବାଧିକାର ଉଲ୍ଲଂଘନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ୧୦ ବର୍ଷରେ ତାଙ୍କୁ ୨୭ ଥର ବଦଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ମାନବାଧିକାର କମିଶନଙ୍କୁ ଦେଇଥିବା ଅଭିଯୋଗପତ୍ରରେ ମାଥାଇ ମୁଖ୍ୟ ଶାସନ ସଚିବ ଟି.ଏମ୍. ବିଜୟ ଭାସ୍କର ଓ ଅନ୍ୟ ନଅଜଣ ଆଇଏଏସ୍ ଅଫିସର ତାଙ୍କର ମାନବାଧିକାର ଉଲ୍ଲଂଘନ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ତା'ଛଡ଼ା ତାଙ୍କ ପରି ଅନେକ କେଏଏସ୍ ଅଫିସରଙ୍କୁ ବରିଷ୍ଠ ଅଫିସର ଓ ରାଜନେତାମାନେ ହଇରାଣ ହରକତ କରୁଥିବା ସେ ଦର୍ଶାଇଛନ୍ତି।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | 5 | | | | | | 3 | | B | | | |
| | | 5 | 2 | 3 | 4 | | | | | | | D | | |
| D | | 3 | 0 | | 8 | 6 | 4 | 1 | | | E | | | |
| | | | | 6 | D | E | | | 8 | | 0 | | 9 | |
| | | | | C | 1 | D | 8 | | 7 | | | | B | |
| | | | | | | 4 | 2 | | D | | 1 | B | | |
| 9 | | | | | | | | | C | | | 2 | E | |
| 7 | 3 | 8 | | | | | | | | 4 | 9 | | | |
| 2 | 5 | E | C | | A | | | 3 | | | | | | |
| | | A | | | 6 | 7 | D | | | | 3 | | | |
| | E | | 6 | | | A | | 4 | | | | | | |
| | | | A | | 0 | | 5 | | | 7 | | | | D |
| | 9 | | 4 | 5 | | | | | | | 2 | 8 | C | 6 |
| | | 6 | | | 3 | | 7 | 0 | | | | | 1 | 2 |
| 1 | B | | | 2 | C | | | D | | | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 2 | E | A | 9 | 1 | D | B | 8 | 3 | 4 | 6 | 0 | 7 | C |
| B | 9 | C | D | 8 | 2 | 3 | 5 | 7 | 0 | 1 | E | 4 | 6 | A |
| 1 | D | 4 | 7 | 6 | 0 | E | C | A | 2 | B | 9 | 3 | 5 | 8 |
| 0 | 3 | A | C | E | 4 | 1 | 6 | 2 | 5 | 7 | 8 | D | B | 9 |
| 7 | 8 | 6 | B | 5 | 3 | 9 | 0 | 4 | D | C | A | 2 | 1 | E |
| C | 1 | 8 | 5 | D | A | 0 | 4 | 6 | B | 3 | 7 | E | 9 | 2 |
| 3 | 5 | 2 | 0 | B | 9 | 8 | A | E | 1 | 6 | 4 | C | D | 7 |
| A | 0 | D | 4 | 7 | 6 | 5 | 3 | 9 | C | E | 2 | 1 | 8 | B |
| 6 | 7 | B | E | 2 | 8 | C | 1 | D | A | 9 | 0 | 5 | 4 | 3 |
| E | 4 | 9 | 3 | 1 | C | 7 | 2 | B | 8 | 5 | D | 6 | A | 0 |
| 4 | E | 7 | 1 | A | D | B | 8 | C | 6 | 2 | 3 | 9 | 0 | 5 |
| D | B | 1 | 2 | 0 | 5 | 4 | 7 | 3 | 9 | A | C | 8 | E | 6 |
| 2 | 6 | 5 | 8 | 3 | E | A | 9 | 0 | 7 | D | 1 | B | C | 4 |
| 9 | A | 0 | 6 | C | B | 2 | E | 1 | 4 | 8 | 5 | 7 | 3 | D |
| 8 | C | 3 | 9 | 4 | 7 | 6 | D | 5 | E | 0 | B | A | 2 | 1 |

ଗତକାଲିର ଉତ୍ତର

# ସାହିତ୍ୟର ସତ୍ୟପାଠ



ମାୟାଧର ନାୟକ

ରୁଷିଆର ମହାନ୍ କଥାକାର ଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ 'ମଦର୍'। ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା', ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଲବକୁ ଦୀର୍ଘଜୀବୀ କରିବା ପାଇଁ ପ୍ରେରଣାଦାୟକ ପ୍ରଚାରପତ୍ରସବୁ। ପୁଅ ସାମିଲ୍ ହୋଇଥିବା ଦୂରାନ୍ତରର ବିପ୍ଲବୀ ସଙ୍ଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷପତ୍ର ତଳେ ମାଆଟି ଛପାଇ ରଖୁଥିଲା, ସେସବୁ ଗୁପ୍ତପ୍ରଚାରପତ୍ର। ଗୋଇନ୍ଦା ପୋଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକଦଳର ଚର-ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଲବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନାମା ମାଆ ମାର୍ଫତ୍‌ରେ ପହଞ୍ଚାଉଥିଲା ଠିକଣା ଜାଗାରେ।

ନିଜ ନୁଖୁରା ମୁଣ୍ଡ ଉପରର ପସରା ଭିତରେ ଲୁଚାଇ ରଖିଥିବା ସେ ଅଗ୍ନିଗର୍ଭ ପ୍ରଚାରପତ୍ରକୁ କ'ଣ ମାଆ ପଢୁଥିଲା କେବେ? ଏ ପ୍ରଶ୍ନ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ। 'ଲେଖାଲେଖି କାହା ପାଇଁ' ପ୍ରଶ୍ନର ଉତ୍ତର ଖୋଜିଲାବେଳେ ଆମ ସମସ୍ତଙ୍କୁ, ବିଶେଷକରି ମୋର ସମକାଳର ଲେଖିକାଲେଖକମାନଙ୍କୁ ମୁଁ ଗର୍କୀଙ୍କର ସେଇ 'ମଦର୍'ର ମୁହଁକୁ ଏତେ ବର୍ଷର ବ୍ୟବଧାନ ପରେ ଆଉ ଥରେ ଫେରି ଚାହିଁବାକୁ ଅନୁରୋଧ କରୁଛି।

ମାଆମାନେ ଆଜି ବି ପସରା ମୁଣ୍ଡେଇ ଚାଲିଛନ୍ତି। ହେଲେ ମାଆର ସନ୍ତାନମାନେ ଏବେ କେଉଁଠି? ଦୀର୍ଘଜୀବୀ ବିପ୍ଲବ କ'ଣ ଅମର ହୋଇସାରିଛି ଇତିମଧ୍ୟରେ? ଆଗାମୀ ଇତିହାସ ପାଇଁ ଆମର ଅଙ୍ଗୀକାରର ଦିନସବୁ କ'ଣ ସରିଯାଇଛି? ବିପ୍ଲବର କାର୍ଯ୍ୟନିର୍ଘଣ୍ଟ କ'ଣ ତା'ର ଶେଷ ଲକ୍ଷ୍ୟରେ ପହଞ୍ଚିଯାଇଛି?

ଆମ ସାହିତ୍ୟ କ୍ଲାସ୍‌ର ଛୁଟିଘଣ୍ଟା ବାଜିବାର ଶବ୍ଦ ସବୁଠି ଶୁଭୁଛି। ମାତ୍ର ଟିକିଏ କାନ ଡେରିଲେ ଶୁଣିପାରିବେ ଯେ ଗୋଟିଏ ଚାପା କାନ୍ଦଣାର ସ୍ୱର ଏ ଛୁଟିଘଣ୍ଟାର ଶବ୍ଦକୁ କାଟି ଦୂରରୁ ଆହୁରି ଦୂରକୁ ଚାଲିଯାଉଛି। ହଜିଯାଉଛି ହରଦମ୍ ହସଖୁସିର ହୋହଲ୍ଲା ଆରପଟର ଅସରନ୍ତି ହାହାକାର ଭିତରେ। କାନ୍ଦୁଛି କିଏ? ହସୁଛି କିଏ? ମାଆ କାନ୍ଦୁଛି ତ ହସୁଛି ସନ୍ତାନ। ଇଏ ଦୁଇଟି ପକ୍ଷ। କେଉଁ ପକ୍ଷ ପାଇଁ ଲେଖିବେ? କାହା ପାଇଁ ଲେଖାଲେଖି?

ମୋ ବିଚାରରେ, କାନ୍ଦୁଥିବା ମାଆମାନଙ୍କ ଓଠରେ ଧାରେ ହସ ଆଉ ହସୁଥିବା ସନ୍ତାନମାନଙ୍କ ହୃଦୟରେ ଟୋପାଏ ଦିଟୋପା ଲୁହକୁ ଆଦରିପାରୁଥିବା କାନ୍ଦ ଯଦି ହୋଇପାରନ୍ତା ଲେଖାଲେଖିର ଲକ୍ଷ୍ୟ, ତା'ହେଲେ 'କାହାପାଇଁ'ର ଉତ୍ତରଖାତା ପୂରା କରିବା କାହାରି ପାଇଁ ମୁଣ୍ଡବ୍ୟଥାର କାରଣ ହୁଅନ୍ତା ନାହିଁ।

ଏବେ ତ ହସ କ୍ଲବ୍‌ର ଯୁଗ। ହସ ପାଇଁ ଆସର। ହସ ପାଇଁ ହରେକ୍ ଯୋଜନା ଚାରିଆଡ଼େ। ବୈଜ୍ଞାନିକ କହୁଛି- ହସ। ଡାକ୍ତର କହୁଛି- ହସ। ବନ୍ଧୁ କହୁଛି- ହସ। ହସିଲେ ହୃତ୍‌ପିଣ୍ଡ ତାଜା ରହିବ। ରକ୍ତଚାପ ରହିବ ଠିକ୍‌ଠାକ୍। ମୁହଁର ମାଂସପେଶୀ ହାସଲ କରିବ ଠିକ୍ ଚାଳନା। ସହରକୁ ନୂଆ ଯୋଗୀ ଆସି ପ୍ରଚାର କରୁଛନ୍ତି, ହସ ବି ଗୋଟିଏ ପ୍ରକାର ଯୋଗ। ଏତେ ନିଃଶ୍ୱାସପ୍ରଶ୍ୱାସ ରୁନ୍ଧି ବା ନାସିକାରନ୍ଧ୍ରରେ ପବନକୁ ଫାଶ ପକାଇ ଯୋଗପ୍ରାଣାୟମ କରିବା ଅପେକ୍ଷା ବରଂ ଦଶମିନିଟ୍ ହସ। ରାଜଧାନୀର ଜନସମାବେଶରେ ସଭାପତିତ୍ୱ କରି ପୁରୁଖା ନେତା ବି ନୂଆ ଲେଖିକାଲେଖକଙ୍କୁ ପରାମର୍ଶ ଦେଉଛନ୍ତି- ହାସ୍ୟରସ ସୃଷ୍ଟି କର। ହାସ୍ୟ ହିଁ ଲାସ୍ୟ। ହାସ୍ୟ ହିଁ ଭାଷ୍ୟ। ହାସ୍ୟ ହିଁ ରହସ୍ୟ। ଯଦି ହାକିମ ଆଉ ପିଅନ ପରସ୍ପରକୁ ଦୁଇମିନିଟ୍ ଚାହିଁ ପ୍ରତିଦିନ ହସିବେ, ତା'ହେଲେ ଅଫିସ୍‌ରେ ତାଲାବନ୍ଦର ଦିନ ଆସିବ ନାହିଁ କି ହରତାଳର ଦିପ୍ରହର ଦିଶିବ ନାହିଁ। ପିଅନର ଛୁଟି ଦରଖାସ୍ତ ଆଉ ହାକିମର ଛଟା ଦସ୍ତଖତ ମଝିରେ ଛୁଞ୍ଚିମୁନର ଦୂରତା ବି ରହିବନାହିଁ। ଆମର ଆଉ ଫକୀରମୋହନ, ପ୍ରେମଚାନ୍ଦ, ଶରତଚନ୍ଦ୍ର, ନଜରୁଲ, ସଚ୍ଚି ରାଉତରା ଦରକାର ନାହିଁ- ଦରକାର ନିର୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର। ହସିବାକୁ ଇଚ୍ଛା ହୁଏ ଖୁବ୍। ହେଲେ ହସିପାରେନା ମୋଟେ। ବସିବସି ଭାବେ ଗୋଟିଏ କାନ୍ଦୁରା ମଣିଷର କଥା, ଯିଏ ନିଜେ ବି ନିଜର ପଚାଶ ପୂରୁପୂରୁ ଦିନେ ସାରା ଓଡ଼ିଆ ଜାତିକୁ କନ୍ଦାଇ କନ୍ଦାଇ ଚାଲିଗଲା ଚୁପ୍‌ଚାପ୍। କୌଣସି ବ୍ୟକ୍ତିଗତ ମାଲିକାନାର ମୋହ ନ ଥିଲା ତା'ର। ମଣିଷଗଢ଼ା କାରଖାନା ଗଢ଼ିଥିଲା ସତ୍ୟବାଦୀରେ, ନ ଥିଲା କିନ୍ତୁ ଶିଳ୍ପପତି। ସର୍ବସ୍ୱାନ୍ତ ମଣିଷର ସାଥୀ ସେ, ଦୀନଦୁର୍ଗତର ବନ୍ଧୁ। କାରାରେ ଥାଇ ଲେଖିଥିଲା କବିତା, ବନ୍ୟାଧାରାରେ ନାଆ ବାହି ବାଣ୍ଟିଥିଲା ସାହାଭରସାହୀନ ସର୍ବସ୍ୱାନ୍ତମାନଙ୍କୁ ଚୁଡ଼ାଚାଉଳ, ସାରା ଓଡ଼ିଆଜାତିର ଆତ୍ମା, ହୃଦୟ, ବିବେକକୁ ମଣିଷ ହେବାର ମନ୍ତ୍ରପାଠରେ କରାଇଥିଲା ଆନ୍ଦୋଳିତ। 'ଲେଖାଲେଖି କାହା ପାଇଁ' ପ୍ରଶ୍ନ ଯଦି ଉତ୍କଳମଣିଙ୍କୁ ପଚରାଯାଇଥାନ୍ତା, ଉତ୍ତରଟା ତାଙ୍କୁ ଦେବାକୁ ପଡ଼ି ନ ଥାନ୍ତା କଦାପି। ତାଙ୍କ ତରଫରୁ ଉତ୍ତର ଦେଇଥାନ୍ତେ ଓଡ଼ିଶାର ବନ୍ୟାବାତ୍ୟାପୀଡ଼ିତଠୁ ଆରମ୍ଭକରି ମୂଳ ଲାଗୁଥିବା ମାଟିର ମଣିଷ, ଚିଟାକାଦୁଅମାଟିର ଚାଷୀ, ଜେନାପୁରବାସୀ ପର୍ଯ୍ୟନ୍ତ କେତେ କିଏ।

ଲେଖାଲେଖି କାହାପାଇଁ? ସମକାଳର ଓଡ଼ିଆ ଲେଖିକାଲେଖକଙ୍କ କଣ୍ଠସ୍ୱରରେ କେତେକ'ଣ ଉତ୍ତର ଶୁଣାଯାଇପାରେ ମଞ୍ଚରେ, ମିଳନୀରେ, ନାନା ଶେଷ ରବିବାସରୀୟ ସାକ୍ଷାତ୍‌କାରରେ। ମାତ୍ର ସେସବୁ ଉତ୍ତର କେତେ ଅଂଶରେ ଅସଲ ସ୍ୱର? ସାହିତ୍ୟ ଏବେ ଯେଉଁଠି ମନର କଥା ଆଉ ମୁହଁର କଥା ମଧ୍ୟରେ ତାଳମେଳ ନ ରଖି କେବଳ ମାଳମାଳ ମଖମଲୀ ମୁଖାର କଥା ପାଲଟିଯାଇଛି, ସେଠି ପ୍ରଶ୍ନର ଓକାଲତ୍‌ନାମା ରଦ୍ଦ ଏବଂ ଉତ୍ତରଗୁଡ଼ାକ କାଠଗଡ଼ା ଡେଇଁ ଫେରାର୍ ଆସାମୀ! ଛାତିରେ ହାତ ଦେଇ ଆଜି କେତେଜଣ କହିବେ- ଆମେ ଲେଖୁଛୁ ଟୁକୁରାଟୁକୁରା ଭଙ୍ଗାସ୍ୱପ୍ନର ମାଆମାନଙ୍କ ପାଇଁ? ମାଆବାପଙ୍କ ରାଣ ପକାଇ କେତେଜଣ ଲେଖିକା ବି କହିବେ- ଆମେ ଲେଖୁଛୁ ଅମର୍ଯ୍ୟାଦାରେ ଭୂଲୁଣ୍ଠିତା ସେଇ ଭାଷାହୀନା ନ୍ୟାୟପ୍ରତୀକ୍ଷିତା ମହିଳାମାନଙ୍କ ପାଇଁ?

ଦେଶର ନାରୀ ପାଇଁ ସାହିତ୍ୟରେ ଯଦି ସମ୍ମାନଜନକ ନାରା ନ ଶୁଭେ, ସେସବୁ ସାହିତ୍ୟ ନାଁରେ ଲେଖାଲେଖି ତେବେ କାହାପାଇଁ ଆଉ କେତେଦିନ? ଆମର ସାହିତ୍ୟ ଏବେ ନୂଆ ନିଆରା ତରିକାର ପରିଭାଷାରେ ନାମିତ। ଆମେ ଆଉ ସାହିତ୍ୟ ନ କହି ସବୁଠି କହିଲୁଣି- ଲେଖାଲେଖି। ଦୁଇଟାଯାକ ଏକା କଥା ନୁହେଁ ବୋଲି ମୋର ବିନମ୍ର ମତ।

ଲେଖାଲେଖି କଥାଟା ସାହିତ୍ୟର ସଚ୍ଚା ନାମାନ୍ତର ନୁହେଁ। ଏଥିରେ ସାହିତ୍ୟଗତ ଦାୟିତ୍ୱ ଯେତେ ନାହିଁ, ସେତେ ଅଛି ବ୍ୟକ୍ତିଗତ ସ୍ପୃହାର ଶାବ୍ଦିକ ସମରାଭ୍ୟାସ ମାତ୍ର। ଯୁଦ୍ଧ ନାହିଁ, ଶିବିର ନାହିଁ, ସାମ୍ମୁଖ୍ୟ ନାହିଁ, ଆହ୍ୱାନ ନାହିଁ- ଅଥଚ ଅଙ୍ଗୀକାରହୀନ ଏକ ଅଭ୍ୟାସର ଅଙ୍ଗଚାଳନା- ଆକାଶକୁ ଅସ୍ତ୍ର ଉତ୍ତୋଳନ ଅଥବା ଶୂନ୍ୟତାକୁ ବଦ୍ଧମୁଷ୍ଟି ପ୍ରଦର୍ଶନ ମାତ୍ର। ସାହିତ୍ୟବୋଧ ଅପେକ୍ଷା ଏ ଧାରାରେ ଏବେ ଅନୁପ୍ରବେଶ କରିଛି ଅରୁଚିକର ଅନେକପ୍ରକାର ଆଭିମୁଖ୍ୟ- ଆଜିକାଲି ଯେମିତି ଅତି ନିର୍ଲଜ୍ଜ ଓ ନିନ୍ଦନୀୟ ଭାବରେ ଚାଲିଛି ମଞ୍ଚଦଖଲ, ପୁରସ୍କାର ହାସଲ, ପ୍ରଶଂସାପତ୍ର/ମାନପତ୍ର ଆଦାୟର ନୟାନ୍ତ ନକଲ। ଏଇଭଳି ସ୍ଥୂଳ, ନ୍ୟସ୍ତସ୍ୱାର୍ଥ, ଇତର ପର୍ଯ୍ୟାୟକୁ ଆସି ସାହିତ୍ୟ ଯଦି ନିଜ ପାଇଁ ଏ ନୂତନ ନାମକରଣ ଏହି 'ଲେଖାଲେଖି' ରୂପକ ବଜାରବୁଲା ବେଶପଟା ମଡ଼ାଇ କ୍ରମେ ଦେଖାଦେଖି, ଟେକାଟେକି ଆଦତ୍ ଆଦରିବସେ ଏବଂ ଭିତର ଫମ୍ପା ଥାଇ କେବଳ ବାହାରଟା ଚମ୍ପାରଙ୍ଗ ବୋଲି ବିକୃତିପୂର୍ଣ୍ଣ କୃତିପ୍ରକାଶର ପ୍ରକ୍ରିୟା ବଜାୟ ରଖେ, ତା'ହେଲେ ସେଠି ମୁଁ ବିଦାୟନେବା ପୂର୍ବରୁ କେବଳ ଏତିକି ନମ୍ର ମତ ରଖିଯିବି ଯେ- ଏ ଲେଖାଲେଖି ଯେପରି କେବେ ବି ନ ହେଉ କାହାପାଇଁ! ଏପରି ଲେଖିକାଲେଖକ ଆମ ସାହିତ୍ୟରୁଚିର ପରିପନ୍ଥୀ- ତେଣୁ ଯଥାଶୀଘ୍ର ପରିତ୍ୟଜ୍ୟ- ଅନ୍ତତଃ ଆମ ସାଂସ୍କୃତିକ ମୂଲ୍ୟବୋଧର ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିକୋଣରୁ।

ଯାଜପୁରରୋଡ଼, ଯାଜପୁର,
ମୋ-୯୮୬୧୦୩୪୧୬୩

# ନିଜର ଦୀପ ନିଜେ ହୁଅ

ପ୍ରବାସିନୀ ମହାକୁଡ଼

କୌଣସି ଲୋକ ଯଦି କୌଣସି ନଦୀକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅତିକ୍ରମ କରିସାରିଥାଏ ଏବଂ ପୁଣିଥରେ ସେଇ ନଦୀକୁ ପାରିହେବାକୁ ଚାହେଁ, ତେବେ ସେ ନଦୀର ପାଣି ସେମିତି ହୋଇ ନ ଥାଏ କି ସେଇ ସ୍ଥାନର ପାଣି ସେମିତି ହୋଇ ରହି ନ ଥାଏ-ସମୟର ଧାରାକୁ ଲକ୍ଷ୍ୟ କରି କନ୍‌ଫୁସିୟସ ଏକଥା କହିଥିଲେ। ବିଭିନ୍ନ ସମୟରେ ଅନେକ ମହାପୁରୁଷ ସମୟର ଧାରାକୁ ଅତିକ୍ରମ କରିଯାଇଛନ୍ତି କିନ୍ତୁ ସେମାନେ ପୁରୁଣା ଧାରାକୁ ଫେରି ଆସିବାକୁ ଚାହିଁନାହାନ୍ତି, କାରଣ ସେମାନେ ଜୀବନର ଏଇ ସତ୍ୟକୁ ଜାଣିଥିଲେ।

ବେଦର ଜ୍ଞାନ ବୃତ୍ତକୁ ଯେଉଁ ବ୍ୟକ୍ତି ବ୍ୟାସ ପରି କାଟି ଚାଲିଥାଏ ସେଇ ହିଁ ବେଦବ୍ୟାସ। ବେଦବ୍ୟାସ ଏକ ପଦବୀ। ବେଦବ୍ୟାସ ପ୍ରତିଯୁଗରେ ଜନ୍ମ ହୋଇଛନ୍ତି, ଠିକ୍ ସେହିପରି ବୁଦ୍ଧ ବି ପ୍ରତି ଯୁଗରେ ଜନ୍ମ ହୋଇଛନ୍ତି ଏବଂ ହେବେ। ବୁଦ୍ଧଦେବ ଦେହାବସାନ ପୂର୍ବରୁ ଆଜିକୁ ଅଢେଇ ହଜାର ବର୍ଷ ତଳେ ନିଜର ଶିଷ୍ୟମାନଙ୍କୁ କହିଥିଲେ ଯେ, ସିଏ କଲ୍ୟାଣ ମିତ୍ର ରୂପରେ ପୃଥିବୀକୁ ଆସିବେ। ସେତେବେଳେ ଲୋକେ ତାଙ୍କୁ ମୈତ୍ରେୟ ବୋଲି ଜାଣିବେ। ବେଳେବେଳେ ମନେହୁଏ ଯେ ଏ ପୃଥିବୀ ବୁଦ୍ଧ ଚେତନାରୁ ରିକ୍ତ ହୋଇଯାଉଛି ଅଥଚ ବିରୋଧାଭାସ ଏୟା ଯେ ଅହଂକାର, ଲୋଭ, ମୋହ, ମାୟାର ଅନ୍ଧକାରରେ ଆମେ ଅସହାୟ ଥିଲାବେଳେ ବୁଦ୍ଧ ଚେତନା ଆମକୁ ଉଦ୍‌ବୁଦ୍ଧ କରେ। ମୈତ୍ରେୟ କହିବାର ଅର୍ଥ ମିତ୍ର ରୂପରେ ଅବତରଣ କରିବେ। ସେଇ ଦୃଷ୍ଟିରୁ ଦେଖିଲେ ଯିଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ- ଏମାନେ ସମସ୍ତେ ବୁଦ୍ଧ। ବୁଦ୍ଧତ୍ୱ ଚେତନା କୌଣସି ଏକ କାଳର, ଯୁଗର ବା ସମୟର ନୁହେଁ। ଏହା ଏକ ଚିରନ୍ତନ ପ୍ରବାହ। ଦେଖିବାକୁ ଗଲେ ବୁଦ୍ଧର ବ୍ୟାପକ ଅର୍ଥ ହେଉଛି ଜାଗ୍ରତ ବ୍ୟକ୍ତି ଯା' ଭିତରେ ପରମ ଚୈତନ୍ୟର ଜାଗ୍ରତ ହୋଇଥାଏ।

ଗୌତମ ବୁଦ୍ଧ କହିଥିଲେ, ତାଙ୍କ ପୂର୍ବରୁ ୨୮ ଜଣ ବୁଦ୍ଧ ହୋଇସାରିଛନ୍ତି ଓ ତାଙ୍କ ପରେ ବି ବହୁତ ବୁଦ୍ଧ ଏ ପୃଥିବୀକୁ ଆସିବେ। ପ୍ରତିଟି ମଣିଷର ବୁଦ୍ଧ ହେବାର ଅଧିକାର ଅଛି କିନ୍ତୁ ସିଏ ହୋଇପାରେନା କାରଣ ତା' ପାଖରେ ସମ୍ୟକ୍ ସ୍ମୃତି ବା ରାଇଟ୍ ରିମେମ୍ବରିଂର ଅଭାବ। ମଣିଷ ଲୋଭ, ମୋହ, ମାୟାରେ ବୁଡି ରହିଛି, ଏହା ହେଉଛି ମଣିଷର ଅଜ୍ଞାନତା। ନିଜ ଭିତରର ଆଲୋକକୁ ସିଏ ଦେଖିପାରେନା। ତେଣୁ ଭ୍ରମରେ ପଡି ଅନ୍ଧକାରରେ ଚଳପ୍ରଚଳ ହେଉଥାଏ। ଆତ୍ମାର ଆଲୋକ ପରମାତ୍ମାଙ୍କୁ ଦେଖିବାରେ ସମର୍ଥ ହୁଏନା। ଥରେ ଯଦି ମଣିଷର ଜ୍ଞାନଚକ୍ଷୁ ଖୋଲିଯାଏ



ବୁଦ୍ଧ ଜୟନ୍ତୀ ଉପଲକ୍ଷେ

ଏବଂ ସିଏ ନିଜ ଭିତରର ଚୈତ୍ୟସତ୍ତାକୁ ଅନୁଭବ କରିପାରେ ସିଏ ହିଁ ଧନ୍ୟ। ଭଗବାନ ବୁଦ୍ଧଙ୍କ ଭାଷାରେ 'ଅପ୍ପୋ ଦୀପୋ ଭବ'- ନିଜର ଦୀପ ନିଜେ ହୁଅ। ଜୀବନ ଦର୍ଶନର କଥା ନୁହେଁ। ଜୀବନକୁ ଜାଣିବା ପାଇଁ ମଣିଷକୁ କେତେବର୍ଷ ଲାଗିଯାଏ? ବର୍ଷ, ମାସ, ଦିନ, ଦଣ୍ଡ, ଲିତା-ବିଲିତାର କଥା ଏଠି କୁହାଯାଉନି। ସାଧାରଣ ମଣିଷଟିଏ ଜନ୍ମ ନିଏ, ଖାଏ ପିଏ। ନିଜର ସାଂସାରିକ ଦାୟିତ୍ୱ ତୁଲାଏ। ତା' ପରେ ଦିନେ ବୁଢା ହୋଇ ମରିଯାଏ।

ଏଇ ପ୍ରସଙ୍ଗରେ ମନେପଡେ ଭଗବାନ ବୁଦ୍ଧଦେବଙ୍କ ସହ ଘଟିଥିବା ଗୋଟିଏ ଘଟଣା। ଥରେ ଜଣେ ବୃଦ୍ଧ ଭିକ୍ଷୁ ବୁଦ୍ଧଙ୍କ ପାଖକୁ ଆସିଲେ। ବୁଦ୍ଧ ପଚାରିଲେ, ତୁମ ବୟସ କେତେ? ବୃଦ୍ଧ ଭିକ୍ଷୁର ଉତ୍ତର ଥିଲା ଚାରି ବର୍ଷ। ବୁଦ୍ଧ ଭାବିଲେ ସିଏ ବୋଧେ ଠିକ୍ ଶୁଣିପାରିଲେନି। ତେଣୁ ପୁଣିଥରେ ପଚାରିଲେ, 'କେତେ କହିଲ?' ଉତ୍ତର- 'ଚାରି ବର୍ଷ'। ବୁଦ୍ଧ କହିଲେ- ''ଆଶ୍ଚର୍ଯ୍ୟ କଥା। ତୁମକୁ ଦେଖିଲେ ମନେହେଉଛି ଅତି କମ୍‌ରେ ସତୁରି କି ଅଶୀ ବର୍ଷର ହୋଇଥିବ।'' ବୃଦ୍ଧ ଭିକ୍ଷୁ କହିଲେ, 'ଚାରିବର୍ଷ ପୂର୍ବର ଜୀବନ ଜୀବନ ନ ଥିଲା। ତେଣୁ ମୁଁ ତାକୁ ଗଣିନି। ଏଇ ଚାରିବର୍ଷ ଧରି ମୁଁ ଜୀବନର ଅର୍ଥକୁ ଖୋଜିପାଇଛି। ତେଣୁ ମୁଁ ଚାରିବର୍ଷର। ତା' ଆଗରୁ ବାହାରେ ତ ମୃତ୍ୟୁ ଥିଲା, ଭିତରେ ହିଁ ଜୀବନ ଥିଲା। ମୁଁ ଚାରିବର୍ଷ ଆଗରୁ ହିଁ ଶାନ୍ତି କ'ଣ ଅନୁଭବ କଲି। କିନ୍ତୁ ଭିତରେ କ'ଣ ଅଛି, ଯାହାକୁ ଆମେ ଆତ୍ମା ବୋଲି କହୁ। ଜୀବନ ଭିତରେ କେତେ ଧାରା, କେତେ ଚେତନା ଅଛି। ଏ ଚର୍ମ ଦେହରେ ବାହ୍ୟରୂପରେ ମଣିଷର କେତେ ପଥ ରହିଥାଏ। ଯଦିଓ ଜାଣିଛ ଯେ ଦେହ ମରଣଶୀଳ। ଏ ଶରୀର କଷ୍ଟ ପାଏ ଆତ୍ମଜ୍ଞାନ ଅଭାବରୁ। ଭୌତିକ ସୁଖ ପଛରେ ପଡିଥିବାରୁ। ତେବେ ଜୀବନର ଅର୍ଥ କ'ଣ? ଜୀବନର ଅର୍ଥ ଖୋଜିବାକୁ ଯାଇ ରାଜମହଲର ଭୋଗବିଳାସ ତ୍ୟାଗ କରି ରାଜପୁତ୍ର ଗୌତମ କାହିଁକି ଜୀବନର ସନ୍ଧାନରେ ବୁଦ୍ଧତ୍ୱ ପ୍ରାପ୍ତି ପାଇଁ ଗୃହତ୍ୟାଗୀ ହୋଇଥିଲେ। ଜରା, ବ୍ୟାଧି ଓ ମୃତ୍ୟୁକୁ ଦେଖି ନଶ୍ୱର ଦେହର ଅସାରତା ପ୍ରତି ତାଙ୍କର ମୋହଭଙ୍ଗ ଘଟିଥିଲା। ଘୋର ସାଧନା ପରେ ହିଁ ସିଏ ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ। ବୁଦ୍ଧ ସବୁକାଳେ ପ୍ରାସଙ୍ଗିକ, କାରଣ ମଣିଷ ପ୍ରବୁଦ୍ଧ ଚେତନାରେ ସବୁବେଳେ ବୌଦ୍ଧିକତା ଚଳପ୍ରଚଳ ହେଉଥାଏ। ଆମର କାର୍ଯ୍ୟକଳାପରେ ଏମିତି କିଛି ଫୁଟିଉଠୁ ଯାହା ଆମକୁ ଅନ୍ୟଠୁ ଭିନ୍ନ କରି ଗଢିତୋଳିବ।

ଏକବିଂଶ ଶତାବ୍ଦୀରେ ମଣିଷର ଜ୍ଞାନ, ବୁଦ୍ଧିର ସୀମା କହିବାକୁ ଗଲେ ଚରମ ଅବସ୍ଥାରେ ପହଞ୍ଚିସାରିଛି। ସାଂସାରିକ ସୁଖ ପାଇଁ ମଣିଷର ସବୁକିଛି ଅଛି କିନ୍ତୁ ମଣିଷ ଶାନ୍ତି, ଆନନ୍ଦ, ଅନ୍ୟକୁ ସହ୍ୟ କରିବାର ମନୋବୃତ୍ତି, ଦୟା, କ୍ଷମା, କରୁଣାଠୁ କ୍ରମଶଃ ଦୂରେଇଯାଉଛି, ଯେଉଁସବୁ ଗୁଣ ବୁଦ୍ଧଙ୍କର ପ୍ରିୟ ଥିଲା। ଜଗତର କଲ୍ୟାଣ ପାଇଁ ଆମ ଭିତରର ବୁଦ୍ଧତ୍ୱର ଜାଗରଣ ହେଉ। ଆମ ଭିତରେ ମାନବୀୟ ଗୁଣସବୁ ବିକଶିତ ହେଉ- ''ବୁଦ୍ଧଂ ଶରଣଂ ଗଚ୍ଛାମି, ସଙ୍ଘଂ ଶରଣଂ ଗଚ୍ଛାମି, ଧମ୍ମଂ ଶରଣଂ ଗଚ୍ଛାମି।''

-ଷ୍ଟେଶନ ବଜାର, ଢେଙ୍କାନାଳ

## ଏଇ ଭାରତରେ

ଏପରି ସମୟ ଆସେ ଯେତେବେଳେ କୌଣସି ଘଟଣା ପାଇଁ ଜଣେ ବ୍ୟକ୍ତି ଚର୍ଚ୍ଚାର ପରିସରକୁ ଆସନ୍ତି। ଯାହା ସେ ନିଜେ ମଧ୍ୟ ପୂର୍ବରୁ କଳ୍ପନା କରି ନ ଥାନ୍ତି। ବର୍ତ୍ତମାନ ଦେଶବ୍ୟାପୀ ଚର୍ଚ୍ଚାର ପରିସରକୁ ଆସିଥିବା ଏପରି ଜଣେ ମହିଳା ହେଉଛନ୍ତି ରିନା ଦ୍ୱିବେଦୀ। ଚଳିତବର୍ଷ ଲୋକ ସଭା ନିର୍ବାଚନ ଅବସରରେ ଷଷ୍ଠ ପର୍ଯ୍ୟାୟ ମତଦାନ ପାଇଁ ଉତ୍ତରପ୍ରଦେଶ ଲକ୍ଷ୍ନୌର ଏହି ମହିଳା ପୋଲିଂ ଅଧିକାରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେ ଖୁବ୍ ଚର୍ଚ୍ଚିତ ହୋଇପଡିଛନ୍ତି। ସେ ହଳଦିଆ ଶାଢ଼ି ପରିଧାନ କରି ନିର୍ବାଚନ ଅଧିକାରୀ ଭାବେ ଯେତେବେଳେ ଇଭିଏମ୍ ଧରି ପୋଲିଂ ବୁଥ୍‌କୁ ଯାଉଥିଲେ ସେତେବେଳେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତାଙ୍କ ଷ୍ଟାଇଲକୁ ନେଇ ସେ ଏବେ ବେଶ୍ ଚର୍ଚ୍ଚାରେ। ନିକଟରେ ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ବିବାଦୀୟ ରିୟଲିଟି ଶୋ' 'ବିଗ୍‌ବସ୍'ରେ ଅଂଶ ଗ୍ରହଣ କରିବାକୁ ଚାହାନ୍ତି। ଏଥିପାଇଁ ତାଙ୍କ ପରିବାର ପକ୍ଷରୁ ତାଙ୍କୁ ଅନୁମତି ମିଳିଯିବ ବୋଲି ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି। ତାଙ୍କୁ ଏହି ସୁଯୋଗ ମିଳିଲେ, ସେ ଖୁସି ହେବେ ବୋଲି ପ୍ରକାଶ କରିଛନ୍ତି।

### ଚିରନ୍ତନୀ

ବନ କୋଳେ ଶୁଭେ ହିଂସ୍ର ପଶୁର ନାଦ
ଛୁଟଇ ସାହସ, ଥକିଯାଏ ତା'ର ପାଦ
ପାହାଡ଼ ସେ ପାଖୁଁ କେତେ ସୁକୋମଳ ଗୀର
କାନେ ଆସେ ଅବା ନ ପାରେ ହୋଇ ସେ ଥିର।
(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୯୪

- ଇଣ୍ଡିଆନ ଏୟାର ଲାଇନ୍ସର ଇଞ୍ଜିନିୟରମାନେ ଅଚାନକ ଧର୍ମଘଟ କରିବା ଫଳରେ ସାରା ଦେଶରେ ବିମାନ ଚଳାଚଳ ବିପର୍ଯ୍ୟସ୍ତ।
- ଚଳିତବର୍ଷ ଦିଲ୍ଲୀ ବଜେଟରେ ପ୍ରାୟ ୧୭୦ କୋଟି ଟଙ୍କାର ବ୍ୟାପକ ବିକ୍ରିକର ରିହାତି ଦିଆଯିବା ପ୍ରସ୍ତାବକୁ କେନ୍ଦ୍ର ସରକାରର ଅନୁମୋଦନ।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ମହାଶୟ,

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମାନକ ଅନୁସାରେ ପ୍ରତି ୧୦,୦୦୦ ଲୋକରେ ୫୦ ଶଯ୍ୟା ଓ ୨୫ ଡାକ୍ତର ରହିବା କଥା। ମାତ୍ର ଆମ ଦେଶରେ ୯ ଶଯ୍ୟା ଓ ୭ ଡାକ୍ତର ଅଛନ୍ତି। ସୋଭିଏଟ ରୁଷ୍‌ରେ ୯୭ ଶଯ୍ୟା ଓ ୪୩ ଡାକ୍ତର, ଚାଇନାରେ ୪୨ ଶଯ୍ୟା ଓ ୧୫ ଡାକ୍ତର, ବ୍ରାଜିଲରେ ୨୪ ଶଯ୍ୟା ଓ ୧୯ ଡାକ୍ତର, ଦକ୍ଷିଣ ଆଫ୍ରିକାରେ ୨୮ ଶଯ୍ୟା ଓ ୮ ଡାକ୍ତର। ସେହିପରି ଜାତୀୟ ଆୟର ୫ ପ୍ରତିଶତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚ ହେବା କଥା। ମାତ୍ର ଆମେରିକାରେ ୮.୧ ପ୍ରତିଶତ, କ୍ୟୁବାରେ ୮.୨, ନେପାଳରେ ୨.୬ ଓ ଶ୍ରୀଲଙ୍କାରେ ୧.୪ ପ୍ରତିଶତ ଖର୍ଚ୍ଚ ହେଉଥିବା ବେଳେ ଭାରତରେ ୧.୩ ପ୍ରତିଶତ ଖର୍ଚ୍ଚ ହେଉଛି। ଜଣେ ଭାରତୀୟ ନିଜ ସ୍ୱାସ୍ଥ୍ୟ ବାବଦ ମୋଟ ଖର୍ଚ୍ଚର ୮୩% ଖର୍ଚ୍ଚ କରୁଥିବା ବେଳେ ସରକାର ମାତ୍ର ୧୨ ପ୍ରତିଶତ ବହନ କରିଥାନ୍ତି। ଏଣୁ ଭାରତର ସ୍ୱାସ୍ଥ୍ୟସେବା କେତେ ବିପର୍ଯ୍ୟସ୍ତ ଏହି ପରିସଂଖ୍ୟାନରୁ ଜଣାପଡ଼େ।


ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ପୌରନିଗମର ଖାମଖିଆଲି ମନୋଭାବ

ଯଦିଓ ଆମେ ଭୁବନେଶ୍ୱର ସ୍ମାର୍ଟ ସିଟିରେ ରହିବାକୁ ନେଇ ଗର୍ବ କରୁ, ଏଠାରେ ସାଧାରଣ ଜୀବନ ଯେ କେତେ ଦୁଃଖପୂର୍ଣ୍ଣ, ତାହା କେହି କଳ୍ପନା କରିପାରିବେ ନାହିଁ। ଏଇ ସହରରେ ଗାଈ ଓ ଷଣ୍ଢଙ୍କ ପ୍ରାଦୁର୍ଭାବ ଯୋଗୁ ସାଧାରଣ ଜୀବନ ଦୁର୍ବିଷହ ହୋଇପଡିଛି। ସେମାନେ ସହରର ଜନଗହଳି ରାସ୍ତାରେ ନିର୍ଭୟରେ ଚଳପ୍ରଚଳ ହୁଅନ୍ତି ଏବଂ ଦୁଇଚକିଆ, ଚାରିଚକିଆ ଯାନ ଚାଳକ ତଥା ପଥଚାରୀମାନଙ୍କ ଦୁଃଖର କାରଣ ହୁଅନ୍ତି। ଏଇ କିଛିଦିନ ତଳେ ମୁଁ ରସୁଲଗଡ଼ କେନାଲ ରାସ୍ତାରେ ଏକ ବିବାହ ଉତ୍ସବରେ ଯୋଗଦାନ ପାଇଁ ଯାଉଥିଲା ବେଳେ ଗୋଟିଏ ଷଣ୍ଢ ଆକ୍ରମଣର ଶିକାର ହୋଇ ମୋର ହାତଗୋଡ଼ ଭାଙ୍ଗିଯାଇ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡିଥିଲା। ଯେଉଁ 'କାଞ୍ଜିଆହୁଦା' ନିର୍ମାଣ ହୋଇଛି, ସେଠାରେ ଗୋରୁମାନଙ୍କୁ ପୌରନିଗମ କାହିଁକି ରଖୁନାହିଁ?

ସୁଲୋଚନା ପଣ୍ଡା, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀରମୋହନ

## ସଂକ୍ଷେପରେ

### ଘର କବାଟ ଭାଙ୍ଗି ଲୁଟିନେଲେ ୨୦ଭରି ସୁନା, ୨ ଲକ୍ଷ ଟଙ୍କା

**ବଲାଙ୍ଗୀର ଅଫିସ, ୧୭।୫:** ଘରେ ତାଲା ମାରି ଦୁଇଦିନ ଅନ୍ୟତ୍ର ଯିବା ବଲାଙ୍ଗୀର ସହରର ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି । ତାଙ୍କ ଘରେ ଚୋରମାନେ କଳାକନା ବୁଲାଇ ୨୦ଭରି ସୁନା ଅଳଙ୍କାର, ୨ଲକ୍ଷ ଟଙ୍କା ଓ ବିଭିନ୍ନ ସୌଖୀନ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି । ପ୍ୟାଲେସ ଲାଇନ୍‌ଠାରେ ରହୁଥିବା ସୁଧାଂଶୁ ବାବୁ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଗତ ୧୫ ତାରିଖ ଦିନ ଏକ ବ୍ରତଘରକୁ ଯିବା ପାଇଁ ଘରୁ ବାହାରିଥିଲେ । ଶୁକ୍ରବାର ସକାଳେ ଆସି ଦେଖିଲାବେଳକୁ ତାଙ୍କ ଘରର ବାହାରପଟ କବାଟ ଭାଙ୍ଗି ଖୋଲାଯାଇଥିଲା । ଭିତରକୁ ପଶିବା ପରେ ଭିତର ଆଲମିରା ଭାଙ୍ଗି ପ୍ରାୟ ୨ଭରି ଓଜନର ସୁନାଗହଣା, ୨ ଲକ୍ଷ ନଗଦ ଟଙ୍କା ଓ ବହୁମୂଲ୍ୟ ସାମଗ୍ରୀ ଚୋରି କରିନେଇଥିବା ଟାଉନ୍ ଥାନାରେ ବାବୁ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଆଇଆଇସି ତୋଫାନ ବାଗ ସୂଚନା ଦେଇଛନ୍ତି ।

# ପୋଲିସ ଚଢାଉ: କୋଇଲା ଜବତ

## ଝାରସୁଗୁଡ଼ା ଜିଲାରେ ବଢୁଛି କୋଇଲା ଚୋରା କାରବାର

**କୋଲାବିରା, ୧୭।୫ (ଡି.ଏନ.ଏ)** କୋଲାବିରା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଖୋଲାଖୋଲି ଭାବେ ବହୁଳ ଭାବରେ ବେଆଇନ ଚୋରା କୋଇଲା କାରବାର ଚାଲିଛି। ଖାସକରି ବିଭିନ୍ନ ଢାବାଗୁଡିକ ଜରିଆରେ ଏପରି କାରବାର ଚାଲିଛି। କୋଇଲା ବୋଝେଇ ଟ୍ରକ୍ ଗୁଡିକଠାରୁ ଢାବା ମାଲିକ କମ ମୂଲ୍ୟରେ ଚୋରା କୋଇଲା କିଣି ଗଚ୍ଛିତ ରଖୁଛନ୍ତି। ପରେ ସ୍ଥାନୀୟ ଲୋକଙ୍କୁ ଅଧିକ ଦରରେ ବିକ୍ରିକରି ମାଲେମାଲ ହେଉଛନ୍ତି। କୋଇଲା ଚୋରା କାରବାର ଏତେ ମାତ୍ରାରେ ବଢି ଗଲାଣି ଯେ, ଏହାର ସୁଯୋଗ ନେଇ ଇଟାଭାଟିଗୁଡିକରେ ବ୍ୟବହାର କରାଯାଉଥିବା କୋଇଲା ଶସ୍ତା ଦରରେ ମିଳିଯାଉଛି। ଏହି ଇଟା ଭାଟିଗୁଡିକରେ ଚୋରା ପଥର କୋଇଲା ବ୍ୟବହାର କରାଯାଉଛି।



ପୋଲିସ ଜବତ କରିଥିବା କୋଇଲା ।

ଏହାକୁ ନେଇ ଅଭିଯୋଗମାନ ହେଉଛି। ଏହି କ୍ରମରେ ମାଲିଡିହିଠାରେ ଜୟନାରାୟନ ସାହୁଙ୍କ ନିକଟରେ ଏବଂ ପତ୍ରାପାଲି ଛକ ନିକଟସ୍ଥ ଜିତୁ ଢାବା ଠାରେ ଗଚ୍ଛିତ କୋଇଲାକୁ ପୋଲିସ ଜବତ୍ କରିଛି। ତେବେ ଏସଂକ୍ରାନ୍ତରେ କାହାରିକୁ ଗିରଫ କରାଯାଇନାହିଁ। ବେଆଇନ ଭାବରେ ଗଚ୍ଛିତ ରଖାଯାଇଥିବା ପାଖାପାଖି ୧୦ ମେଟ୍ରିକ ଟନ ପଥର କୋଇଲାକୁ ପୋଲିସ ଜବତ୍ କରିଛି। ଅଞ୍ଚଳରେ ଛୋଟବଡ ବହୁ ସଂଖ୍ୟକ ଇଟାଭାଟି ଛତୁ ଫୁଟିଲା ପରି ଗଢିଉଠିଥିବା ବେଳେ ଏଥିରେ ବ୍ୟବହୃତ ହେଉଥିବା ଚୋରା ପଥର କୋଇଲା ଯୋଗୁ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ହେବା ସହ ଅଞ୍ଚଳରେ ପରିବେଷ ଗୁରୁତର କ୍ଷତିଗ୍ରସ୍ତ ହେବା ସହ ପ୍ରଦୁଷଣର ମାତ୍ରା ବୃଦ୍ଧି ପାଉଛି। ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ ସତ୍ୱେ ଏଗୁଡିକୁ ବନ୍ଦ କରାଯାଉ ନ ଥିବାରୁ ଦିନକୁ ଦିନ ଅଧିକରୁ ଅଧିକ ଇଟାଭାଟି ଗଢି ଉଠୁଛି। ତାଛଡା ଇଟାଭାଟି ଗୁଡିକୁ ନିୟନ୍ତ୍ରଣ କରିବାକୁ ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ବଳିଷ୍ଠ ପଦକ୍ଷେପ ଗ୍ରହଣକରାଯାଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଉଛି।

## ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୧୭।୫ (ବ୍ୟୁରୋ)** ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅପରାହ୍ନ ୫ଟା ୪୫ମିନିଟ୍‌ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ପଞ୍ଚଦଶ ବିଧାନସଭାକୁ ଭଙ୍ଗ କରିବା ଲାଗି ରାଜ୍ୟପାଳଙ୍କୁ ସୁପାରିସ କରାଯିବାର କାର୍ଯ୍ୟକ୍ରମ ରହିଛି। ନୂଆ ସରକାର ଗଠନ ପୂର୍ବରୁ ବିଧାନସଭା ଭଙ୍ଗ କରିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଫନୀ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇପାରେ ବୋଲି ମଧ ଶୁଣିବାକୁ ମିଳିଛି।

ମାରୱାଡି ଧର୍ମଶାଳାରୁ କାଠପଟା ଜବତ ଘଟଣା

## ୯ଦିନ ବିତିଲା, ହେଉନି କାର୍ଯ୍ୟାନୁଷ୍ଠାନ

ମାମଲାର ରଫାଦଫା ଉଦ୍ୟମ

**ଦେବଗଡ, ୧୭।୫ (ସ୍ୱ.ପ୍ର.)** ବନ ବିଭାଗ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ବନକର୍ମଚାରୀମାନେ ଗତ ୯ତାରିଖରେ ସହରର ତଳଭିଡିରିଆ ସାହିସ୍ଥିତ ଉଗ୍ରେସନ ଭବନ ତଥା ମାରୱାଡି ଧର୍ମଶାଳାରେ ଚଢାଉ କରି ମୂଲ୍ୟବାନ କାଠପଟା ଜବତ କରିଥିଲେ । ହେଲେ ଘଟଣାର ୯ଦିନ ବିତିଯାଇଥିଲେ ସୁଧା ବନବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏପରି କି ଉକ୍ତ ମାମଲାକୁ ରଫା ଦଫା କରିଦେବାକୁ ଉଦ୍ୟମ ସହ ଟଙ୍କା କାରବାର ହେଉଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି । ଏ ନେଇ ଡିଏଫଓ ଷଡଙ୍ଗୀଙ୍କୁ ପଚାରିବାରୁ ରେଞ୍ଜର କୁଶ ଚରଣ ସିଂ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ । ଏନେଇ ରେଞ୍ଜର କୁଶ ଚରଣ ସିଂ ପଚାରିବାରୁ ମାମଲାର ତଦନ୍ତ ଚାଲିଥିବା କହିଥିଲେ ।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

## ଖାଉଟି ଅଦାଲତରେ ସାଣ୍ଡିଲ୍ୟ କଲେଜ ଦଣ୍ଡିତ

**ସମ୍ବଲପୁର, ୧୭।୫ (ବ୍ୟୁରୋ)** ବହୁଚର୍ଚ୍ଚିତ ସାଣ୍ଡିଲ୍ୟ କଲେଜ ଛାତ୍ରୀ ଆତ୍ମହତ୍ୟା ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଜିଲା ଖାଉଟି ବିବାଦ ଓ ସମାଧାନ ଫୋରମର ସଭାପତି ଏ.ପି. ମୁଣ୍ଡ, ସଦସ୍ୟ ଏସ୍. ତ୍ରିପାଠୀ, କେ.ଡି. ଦାଶ ମାମଲାର ବିଚାର କରି ସାଣ୍ଡିଲ୍ୟ କଲେଜ କର୍ତ୍ତୃପକ୍ଷଙ୍କୁ ଦଣ୍ଡିତ କରିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କୁ ୩୦ ଦିନ ମଧ୍ୟରେ ୧୯ ଲକ୍ଷ ୯୫ ହଜାର ଟଙ୍କା ମୃତ ଛାତ୍ରୀଙ୍କ ପରିବାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଖିଲାପୀ କଲେ କ୍ଷତିପୂରଣ ରାଶି ଉପରେ ୧୨ ପ୍ରତିଶତ ସୁଧ ଦେବାକୁ ପଡିବ ବୋଲି ରାୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୧୧-୧୨ରେ ମାନେଶ୍ୱର ବ୍ଲକ କୁକୁଡାପାଲି ପଞ୍ଚାୟତ ସେସୁଆଁତଳ ଗ୍ରାମର ଜଣେ ନାବାଳିକା ଛାତ୍ରୀ ସାଣ୍ଡିଲ୍ୟ କଲେଜ ହଷ୍ଟେଲରେ ରହି ପଢୁଥିଲେ । ହେଲେ ଛାତ୍ରୀ ଜଣକ କୌଣସି କାରଣରୁ ମାତ୍ରାଧିକ ଔଷଧ ଖାଇ ଗୁରୁତର ହୋଇପଡିଥିଲେ । ହେଲେ ତାଙ୍କୁ କଲେଜ କର୍ତ୍ତୃପକ୍ଷ ମେଡିକାଲରେ ଭର୍ତ୍ତି କରି ନ ଥିଲେ। ଖବର ପାଇ ଛାତ୍ରୀଙ୍କ ବାପା ହଷ୍ଟେଲରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ ଘଟିଥିଲା । ହେଲେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ ।

# ବାସୁଦେବ ସୁଢଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଦେବଗଡ, ୧୭।୫ (ସ୍ୱ.ପ୍ର.)** ଓଡ଼ିଶା ସାହିତ୍ୟ ଏକାଡେମୀ ଅନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ ସାହିତ୍ୟ ସଂସଦ ସହଯୋଗରେ ଓଡ଼ିଶାର ବିକ୍ରମାଦିତ୍ୟ ଭାବେ ପରିଚିତ ପ୍ରଖ୍ୟାତ ସାରସ୍ୱତ ସାଧକ ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ୧୬୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ରାଜବାଟୀ ସମ୍ମୁଖସ୍ଥ ରାଜା ସାର୍ ସୁଢଳଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସ୍ଥାନୀୟ ଟାଉନହଲଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜଗନ୍ନାଥ



ଜୟନ୍ତୀ ଉତ୍ସବ ମହାସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ସାହିତ୍ୟ ସଂସଦ ସହଯୋଗରେ ଏକ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡ. ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶିକା ତମଶାରାଣୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲୀପ କୁମାର ଗୁରୁ, ମୁଖ୍ୟବକ୍ତା ଭାବେ ଦେବଗଡ଼ ଯୁକ୍ତ ୩ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ତନ୍ମୟୀ ମହାନ୍ତି, ମାର୍କଣ୍ଡେଶ୍ୱର ଶତପଥୀ ଯୋଗଦେଇ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ବାସୁଦେବଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଜୟନ୍ତୀ ରଥ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଭା ପ୍ରାରମ୍ଭରେ ସ୍ଥାନୀୟ ସୁର ସଙ୍ଗମ୍ ସଂଗୀତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ରାମଚନ୍ଦ୍ର ମହାପାତ୍ର, ଭାନୁ ଶଙ୍କର ନନ୍ଦ, ଭାରତ ଭୂଷଣ ନନ୍ଦ, ସୁମିତ୍ରା ପୁରୋହିତ, ନିରଞ୍ଜନ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜଗନ୍ନାଥ ସାହିତ୍ୟ ସଂସଦ ସମ୍ପାଦକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣେଶ୍ୱର ବାବାଙ୍କ ନବନିର୍ମିତ ବିଗ୍ରହ ସ୍ଥାପନ

**ଉଲୁଣ୍ଡା ୧୭।୫ (ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ସ୍ଥିତ ସର୍ବପୁରାତନ ଶୈବପୀଠ ଗଣେଶ୍ୱର ବାବାଙ୍କ ପୀଠସ୍ଥଳୀରେ ନୂତନ ନାଗମୂର୍ତ୍ତି ପ୍ରତିଷ୍ଠା ଓ ସ୍ଥାପନା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ବୁଧବାରଠାରୁ ୩ ଦିନ ଧରି ହୋଇଥିବା ଏହି ଆଧାତ୍ମିକ ପରିବେଶରେ କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ଅଷ୍ଟପ୍ରହର ନାମଯଜ୍ଞ, ବିଶ୍ୱଶାନ୍ତି ହୋମ, ଶିବ ସହସ୍ର ନାମ ପଠନ, ମୂର୍ତ୍ତି ପ୍ରତିଷ୍ଠା, ପ୍ରାଣସଞ୍ଚାର ଏବଂ ସ୍ଥାପନ ଉତ୍ସବ ଆୟୋଜନ କରାଯାଇଥିଲା। ଯାତ୍ରା ପରିଚାଳନା ପରିଷଦ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଶ୍ରୀ ଗଣେଶ୍ୱର ବାବାଙ୍କ ଚରଣାଶ୍ରିତ ୨୨ ଖଣ୍ଡ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ମୁଖ୍ୟପୂଜକ ଅର୍ଜୁନ ଗୁରୁଙ୍କ ନେତୃତ୍ୱରେ ବିଘ୍ନରାଜ ମିଶ୍ର, ରାଜକିଶୋର ପୁରୋହିତ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## ଲୁଣା ନଦୀରେ ବୁଡି ନାବାଳିକାଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୧୭।୫ (ସ୍ୱ.ପ୍ର)** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଭୋଇପଡା ବାଇପାଟଣା ଗ୍ରାମର ରଞ୍ଜନ ରାଉତଙ୍କ ଝିଅ ଅର୍ଚ୍ଚିତା(୯) ଶୁକ୍ରବାର ଲୁଣାନଦୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି । ସକାଳ ପ୍ରାୟ ସାଢେ ୯ଟା ବେଳେ ଅର୍ଚ୍ଚିତା ଘର ପଛ ପଟରେ ଖେଳୁଥିଲେ । ଅସାବଧାନତାବଶତଃ ସେ ବାଡି ପଛପଟ ଦେଇ ପ୍ରବାହିତ ଲୁଣା ନଦୀ ଭିତରକୁ ଖସି ପଡିଥିଲେ । ସେତେବେଳେ ନଦୀରେ ଜୁଆର ଥିଲା । ଅର୍ଚ୍ଚିତା ପହଁରା ଜାଣି ନ ଥିବାରୁ ପାଣିରେ ବୁଡି ଯାଇଥିଲେ । ପରିବାର ଲୋକେ ଝିଅକୁ ନ ପାଇ ଏଣେ ତେଣେ ଖୋଜାଖୋଜି କରିଥିଲେ । ଶେଷରେ ଗ୍ରାମର କେତେଜଣ ଯୁବକ ବାଡି ପାଖ ନଦୀ କଡେ କଡେ ଖୋଜି ଝିଅଟିକୁ ଠାବ କରିଥିଲେ । ମାତ୍ର ସେତେବେଳକୁ ଅର୍ଚ୍ଚିତା ପାଣି ପିଇ ଚେତାଶୂନ୍ୟ ଅବସ୍ଥାରେ ପଡି ରହିଥିଲେ । ପରିବାର ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି ।

## ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା

**ଆସିକା, ୧୭।୫ (ଡି.ଏନ୍.ଏ.)** ଗଞ୍ଜାମ ଜିଲା ଆସିକା ଥାନା ସିଦ୍ଧନଇ ପଞ୍ଚାୟତ ବଣବାଲି ଗ୍ରାମରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ସେହି ଗ୍ରାମର ଗଗନ ନାଇକ(୨୪)। ଗଗନ ନିଜ ଗ୍ରାମଠାରୁ ଅଧାକିଲୋମିଟର ଦୂରରେ ଥିବା ଝରଣା ନାଳକୁ ମାଛ ଧରିବାକୁ ଯାଇଥିବାବେଳେ ତାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ଜଣକ ତାଙ୍କୁ ଠେଙ୍ଗାରେ ପିଟି ନାଳ ପାଣିକୁ ପୋପାଡି ଦେଇଥିଲେ। ପରିବାର ଲୋକେ ଖବର ପାଇ ନାଳରୁ ତାଙ୍କୁ ଉଦ୍ଧାର କଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆସିକା ପୋଲିସ ବଣବାଲି ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ଆଣିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ଗଗନର ଜଣେ ସମ୍ପର୍କୀୟ ଭାଇଙ୍କୁ ପୋଲିସ ଅଟକ ରଖିଛି। ପାରିବାରିକ କାରଣକୁ ନେଇ ରହିଥିବା ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

ସ୍ୱାସ୍ଥ୍ୟ ବିଭାଗର ସୂଚନା

# ପୁରୀ ଜିଲାରେ ହଇଜା ହୋଇନି

**ଭୁବନେଶ୍ୱର, ୧୭।୫ (ବ୍ୟୁରୋ)** ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାର କୌଣସି ଅଞ୍ଚଳରେ ହଇଜା ଦେଖାଦେଇ ନାହିଁ। ଯେଉଁ କେତେଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସାଳୟ ଆସୁଛନ୍ତି, ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ବାସିଖାଦ୍ୟ ଓ ଭୋଜି ଖାଇ ଏଭଳି ଅସୁସ୍ଥ ହୋଇପଡୁଛନ୍ତି । କିନ୍ତୁ ଗୋଟିଏ ହେଲେ ନମୁନା ପରୀକ୍ଷାରେ ହଇଜା ମିଳି ନ ଥିବା ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ, ପୁରୀ ଜିଲାର ବିଭିନ୍ନ ଚିକିତ୍ସାଳୟକୁ ଗତ କିଛିଦିନ ଧରି ସାମାନ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ଆସିବାରେ ଲାଗିଛନ୍ତି । ଏମାନଙ୍କୁ ତୁରନ୍ତ ଚିକିତ୍ସା ସହିତ ବିପଦ ଆଶଙ୍କାରେ ସମସ୍ତ ରୋଗୀଙ୍କ ମଳ ନମୁନା ପରୀକ୍ଷା କରାଯାଉଛି । ବର୍ତ୍ତମାନ ସୁଦ୍ଧା କୌଣସି ନମୁନାରେ ହଇଜା ମିଳିନାହିଁ। ଇତିମଧ୍ୟରେ ଜିଲାର ସତ୍ୟବାଦୀ, ବ୍ରହ୍ମଗିରି, କୃଷ୍ଣପ୍ରସାଦ ଆଦି ବ୍ଲକରୁ କେତେକ ଝାଡ଼ାବାନ୍ତି ସଂକ୍ରାନ୍ତ ଅଭିଯୋଗ ଆସିଥିବା ବେଳେ ସେହି ସବୁ ସ୍ଥାନକୁ ତୁରନ୍ତ ଡାକ୍ତରୀ ଦଳ ପଠାଯାଇ ନମୁନା ସଂଗ୍ରହ କରାଯାଇଥିଲା। କୌଣସି ନମୁନାରୁ ହଇଜା ନ ଥିବା ଜଣାପଡ଼ିଥିବା ବେଳେ ସମସ୍ତେ ସାମାନ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ପରେ ଚିକିତ୍ସିତ ହୋଇ ଫେରିଛନ୍ତି। ତେବେ ବାତ୍ୟା ହୋଇ ନ ଥିବା ସୋନପୁର ଜିଲା ନାୟକେନପାଲିର ଜାନୁମୁରା ଗ୍ରାମରେ ହଠାତ୍ ଝାଡ଼ାବାନ୍ତିରେ ୧୬ଜଣ ଆକ୍ରାନ୍ତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଅନୁଧ୍ୟାନରୁ ଜଣାଯାଇଛି, ସମସ୍ତ ଆକ୍ରାନ୍ତ ବ୍ୟକ୍ତି ବାସିମିଠା ଖାଇ ଖାଦ୍ୟ ବିଷକ୍ରିୟାର ଶିକାର ହୋଇଛନ୍ତି। ଇତିମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ସମ୍ପୃକ୍ତ ଅଞ୍ଚଳକୁ ଯାଇ ଖାଦ୍ୟ ନମୁନା ସହିତ ରୋଗୀଙ୍କ ମଳ ଓ ପାନୀୟ ଜଳ ନମୁନା ସଂଗ୍ରହ କରିଛନ୍ତି। ବାତ୍ୟାଞ୍ଚଳରେ ଯେଭଳି କୌଣସି ସ୍ଥାନରେ ମହାମାରୀ ନ ବ୍ୟାପେ, ସେଥିପାଇଁ ବିଭାଗ ସତର୍କତା ଅବଲମ୍ବନ କରି ସେହି ଅଞ୍ଚଳକୁ ଡାକ୍ତର, ପାରାମେଡିକ୍ ଏବଂ ଭ୍ରାମ୍ୟମାଣ ଚିକିତ୍ସକ ଦଳ ମୁତୟନ କରିଛି । ସେଠାକୁ ପର୍ଯ୍ୟାପ୍ତ ଔଷଧ ସହିତ ଜଳ ବିଶୋଧନ ପାଇଁ ଆବଶ୍ୟକ ହାଲୋଜିନ୍ ଓ କ୍ଲୋରିନ୍ ବଟିକା ଯୋଗାଇ ଦିଆଯାଇଛି। ବର୍ତ୍ତମାନ ବାତ୍ୟାଞ୍ଚଳରେ ରୋଗ ସର୍ବେକ୍ଷଣ କରୁଥିବା କେନ୍ଦ୍ର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବିଶେଷଜ୍ଞ ଦଳ ସଂକ୍ରମଣ ସଂକ୍ରାନ୍ତରେ କୌଣସି ଆଗୁଆ ସତର୍କ ସୂଚନା ଦେଇନାହାନ୍ତି। ତେବେ ସ୍ଥିତିକୁ ଦେଖି କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପରିମଳ ଉପରେ ସଜାଗ ଦୃଷ୍ଟି ରଖାଯାଇଛି । ପୁରୀ ଜିଲାର କୌଣସି କିଶୋରୀ ଓ ମହିଳା ଯେଭଳି ସଂକ୍ରମଣର ଶିକାର ନ ହୁଅନ୍ତି, ସେଥିଲାଗି ଆସନ୍ତା ଦୁଇମାସ ପାଇଁ ମାଗଣାରେ ୨୪ଲକ୍ଷ ସାନିଟାରୀ ନାପ୍‌କିନ୍ ବଣ୍ଟନ ବ୍ୟବସ୍ଥା ହୋଇଥିବା ବେଳେ ନିମାପଡ଼ା, ଗୋପ, ଅସ୍ତରଙ୍ଗ, କଣାସ, କାକଟପୁର ଓ ସତ୍ୟବାଦୀ ବ୍ଲକରେ ଏହାର ବଣ୍ଟନ ଆରମ୍ଭ ହୋଇଯାଇଛି।

SIDAC

**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**

ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୩୦
ଫୋନ୍ : ୦୬୭୪-୨୩୫୦୩୧୮, ଫ୍ୟାକ୍ସ : ୦୬୭୪-୨୩୫୧୩୮୯

**ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ୧ ବର୍ଷିଆ ପାଠ୍ୟକ୍ରମରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି ।**

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ମାଷ୍ଟର ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲା ସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତ ଶିଳ୍ପର ନାମ ଏବଂ ସ୍ଥାନ ସଂଖ୍ୟା | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର : ସ୍ଥାନ – ଆଙ୍କୁଲା (ଆଠଗଡ ବ୍ଲକ) ଏବଂ କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ପଥର ଖୋଦେଇ : ସ୍ଥାନ – କୋଣାର୍କ, ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ମୌଳିକ ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଅଧିନସ୍ଥ ତାଲିମ କେନ୍ଦ୍ରରୁ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ । |
| ବୟସ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୫ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୬ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ |
| ଚୟନ ପାଇଁ ପରିକ୍ଷା ତାରିଖ | ତା. ୨୭.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୮.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୯.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୪.୦୬.୨୦୧୯ ରିଖ ଦିବା ୧୧ ଘଟିକା (କେନ୍ଦୁଲି) ତା.୨୫.୦୬.୨୦୧୯ ରିଖ ଦିବା ୧୧ ଘଟିକା (କୋଣାର୍କ) ତା.୨୬.୦୬.୨୦୧୯ ରିଖ ଦିବା ୧୧ ଘଟିକା (ଆଙ୍କୁଲା) |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟ ସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର ଠାରେ ଏବଂ ଜିଲ୍ଲା ସ୍ତରୀୟ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସମ୍ପୃକ୍ତ ତାଲିମ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ । ଏହି ପରୀକ୍ଷାରେ ଯୋଗଦେବା ନିମିତ୍ତ କୌଣସି ଗସ୍ତଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ । | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା ଓ ଆବେଦନ ପ୍ରଣାଳୀ | ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି । ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ମାସିକ ବୃତ୍ତି ଟ.୨୦୦୦.୦୦ ଟଙ୍କା, ରାଜ୍ୟ ସ୍ତରୀୟ ତାଲିମ ନିମନ୍ତେ ଏବଂ ଟ.୧୦୦୦.୦୦ ଟଙ୍କା ଜିଲ୍ଲା ସ୍ତରୀୟ ତାଲିମ ନିମନ୍ତେ) ଦିଆଯିବାର ବ୍ୟବସ୍ଥା ଅଛି । ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର କିମ୍ବା ସାଧା କାଗଜରେ ନିଜର ଠିକଣା (ଫୋନ ନମ୍ବର ସହିତ), ବୟସ, ଏକ ପାସ୍‌ପୋର୍ଟ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ ତାଲିମ ନିମନ୍ତେ ଆଗ୍ରହୀ ହସ୍ତଶିଳ୍ପର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହିତ ସାଧାକାଗଜରେ **୧୭.୦୬.୨୦୧୯** ତାରିଖ ସୁଦ୍ଧା **ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦**ରେ ଦାଖଲ କରିବାକୁ ଅନୁରୋଧ । | | | |

ବି.ଦ୍ର.: (କ) ବର୍ତ୍ତମାନ ଅଧ୍ୟୟନରତ ଥିବା ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷା ଛାତ୍ର / ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଆବେଦନ କରିପାରିବେ । ସେମାନଙ୍କର ପରୀକ୍ଷା ଫଳ ବାହାରି ସାରିବାପରେ ସେମାନଙ୍କୁ ନୂତନ ଶିକ୍ଷା ବର୍ଷରେ ନାମ ଲେଖାଇବାର ସୁଯୋଗ ଦିଆଯାଇପାରେ ।

(ଖ) ଏହି ପାଠ୍ୟକ୍ରମ ଗୁଡିକ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାଶିଳ୍ପ କେନ୍ଦ୍ର / ଆଞ୍ଚଳିକ ଶିଳ୍ପକେନ୍ଦ୍ର କିମ୍ବା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୩୦ରେ ଉପଲବ୍ଧ ତଥା **www.sidacodisha.org.in** ୱେବ୍‌ସାଇଟ୍‌ରୁ **download** କରାଯାଇ ପାରିବ ।

ସ୍ୱା/- ସଭ୍ୟ ସଚିବ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ
ଅଳ୍ପ ହେଲେ ମଧ୍ୟ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଏସ୍‌ଓଏସ୍ ଭିଲେଜ ପକ୍ଷରୁ ରିଲିଫ ସହାୟତା

ରାଉରକେଲା ଅଫିସ, ୧୭।୫-ବାତ୍ୟା ଫନି ଦ୍ୱାରା ଭୁବନେଶ୍ୱର ବ୍ଲକ ଚନ୍ଦକା ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାକାର କୁଜିମହଲ, ମହିମାନଗର, ଦଲୁଆ, ନୋଧରା, ଶାଳବାରି ଓ ଗିରିଙ୍ଗାପୁଟ ଆଦି ଗ୍ରାମବାସୀଙ୍କ ଜୀବନ ଜୀବିକା ଉଜୁଡି ଯାଇଛି। ଏହି ଜନବସତି ଅଞ୍ଚଳରେ ଏସଓଏସ ଶିଶୁ ଗ୍ରାମ ଭାରତ ପକ୍ଷରୁ ରିଲିଫ ସାମଗ୍ରୀ ପହଞ୍ଚା ଯାଇଛି। ସୁଖିଲା ଖାଦ୍ୟ ପୁଡିଆ ସହ ସାନିଟାରୀ କିଟ, ପିଲାଙ୍କ ପାଇଁ ପଠନ ସାମଗ୍ରୀ ସହିତ ୫ଶହ ପରିବାର ପାଇଁ ପଲିଥିନ ଯୋଗାଇ ଦିଆଯାଇଛି। କୁଜିମହଲ ଗ୍ରାମରୁ ଚନ୍ଦକା ଆରଆଇ ଦୁଃଖୀଶ୍ୟାମ ସ୍ୱାଇଁ ଏହି ରିଲିଫ ବଣ୍ଟନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦକା ସରପଞ୍ଚ ରାଜଶ୍ରୀ ସାମନ୍ତରାୟ, କଣ୍ଟାବାଡି ସରପଞ୍ଚ ଭାବଗ୍ରାହୀ ସାହୁ, ମଳିପଡା ସରପଞ୍ଚ ତିଲୋତମା ପ୍ରଧାନ, ମେଣ୍ଢାଶାଳ ସରପଞ୍ଚ ମମତା ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ଅଞ୍ଚଳରେ ରିଲିଫ ବଣ୍ଟନ ପ୍ରତି ଦୃଷ୍ଟି ରଖିଥିଲେ। ଏଥିରେ ବିଶାଖାପାଟଣା, ସିଲଙ୍ଗ, ବେଗୁସରାଇ, ଦିଲ୍ଲୀ, ରାଉରକେଲା ଓ ଭୁବନେଶ୍ୱର ସ୍ୱେଚ୍ଛାସେବୀ ହରପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ରିଲିଫ ବଣ୍ଟନ କରିଥିଲେ।

### ଟ୍ରେନରୁ ଖସି ସରକାରୀ ଆଇଟିଆଇ ଛାତ୍ର ମୃତ

# ଅନୁଷ୍ଠାନରେ ଉତ୍ତେଜନା, ୨୫ଲକ୍ଷ କ୍ଷତିପୂରଣ ଦାବି



ଛାତ୍ର ମୃତ୍ୟୁ ଘଟଣା ନେଇ ରାଉରକେଲା ସରକାରୀ ଆଇଟିଆଇ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି।

**ରାଉରକେଲା ଅଫିସ, ୧୭।୫**

ଟ୍ରେନରୁ ଖସି ଛାତ୍ର ମୃତ୍ୟୁ ଘଟଣାରେ ଶୁକ୍ରବାର ରାଉରକେଲା ସରକାରୀ ଆଇଟିଆଇ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଅନୁଷ୍ଠାନର ଛାତ୍ରୀଛାତ୍ର ଆଇଟିଆଇ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ମୃତ ଛାତ୍ର ଭାସ୍କର ସାହୁଙ୍କ ପରିବାରରୁ ଜଣଙ୍କୁ ଚାକିରି ସହ ୨୫ ଲକ୍ଷ କ୍ଷତିପୂରଣ ଦାବି କରିଥିଲେ। ଏନେଇ ଆଇଟିଆଇ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ସହ ସରକାର ୫ଲକ୍ଷ କ୍ଷତିପୂରଣ ପ୍ରଦାନ କରିଥିବା ଘୋଷଣା କରିଥିଲେ। କେବଳ ଏତିକି ନୁହେଁ, ମୃତ ଛାତ୍ରଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବାକୁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଫନି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ରାଉରକେଲା ସରକାରୀ ଆଇଟିଆଇର ୩୭ ଜଣ ଛାତ୍ରଙ୍କୁ ପଠା ଯାଇଥିଲା। ଏମାନଙ୍କ ମଧ୍ୟରେ ଥିଲେ ଭାସ୍କର ସାହୁ ନାମକ ଜଣେ ଛାତ୍ର। ଗତ ବୁଧବାର ଇଣ୍ଟରସିଟିରେ ଏମାନେ ଭୁବନେଶ୍ୱରରୁ ରାଉରକେଲା ଫେରୁଥିଲେ। ଏହି ଅବସରରେ ରାଜଗାଙ୍ଗପୁର କାଂଶବାହାଲ ମଝି ମନ୍ଦିରାଡ୍ୟାମ ପାଖାପାଖି ଅଞ୍ଚଳରେ ଭାସ୍କର ଟ୍ରେନରୁ ତଳକୁ ଖସି ଗୁରୁତର ହୋଇଥିଲେ। ଏନେଇ ଅନ୍ୟ ସାଥି ସୂଚନା ପାଇବା ପରେ ଟ୍ରେନ ଅଟକାଇ ଭାସ୍କରଙ୍କୁ ଖୋଜାଖୋଜି କରିଥିଲେ। ଗୁରୁତର ଅବସ୍ଥାରେ ପଡିଥିବା ଭାସ୍କରଙ୍କୁ ସେଠୁ ଠାବ କରାଯିବା ପରେ ସରକାରୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ ସମ୍ପୃକ୍ତ ଛାତ୍ର ଗୋଷ୍ଠୀ। ବିଭିନ୍ନ ଆଳରେ ଆମ୍ବୁଲାନ୍ସ ଆସିବାକୁ ମନା କରି ଦେଇଥିଲା। ଫଳରେ ଘଟଣାସ୍ଥଳରେ ପଡି ଭାସ୍କର ମୃତ୍ୟୁବରଣ କରିଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏତିକି ନୁହେଁ, ଘଟଣା ସ୍ଥଳକୁ ସରକାରୀ ଆଇଟିଆଇ କର୍ତ୍ତୃପକ୍ଷ ନ ଆସିବା, ଖବର ପାଇବା ସତ୍ତ୍ୱେ ଅନୁଷ୍ଠାନ ଖୋଲା ରଖିବା ଆଦି ଘଟଣା ନେଇ ଛାତ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଭାସ୍କରଙ୍କ ପରିବାରକୁ ସରକାର ୫ଲକ୍ଷ କ୍ଷତିପୂରଣ ପ୍ରଦାନ ଘୋଷଣା କରିବା ସହ ଜଣଙ୍କୁ ଚାକିରି ଦେବାକୁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ ପରେ ଉତ୍ତେଜନା ପ୍ରଶମିତ ହୋଇଛି। ଭାସ୍କରଙ୍କୁ ଶ୍ରଦ୍ଧାଞ୍ଜଳି ସହ ଶୁକ୍ରବାର ଆଇଟିଆଇ ବନ୍ଦ ରହିଥିଲା। ଭାସ୍କର ଖୋର୍ଦ୍ଧା ଅଞ୍ଚଳର ମୂଳବାସିନ୍ଦା ବୋଲି ଜଣାପଡିଛି।



ଶକ୍ତି କ୍ଲବ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ଫନି ବାତ୍ୟା ବିପନ୍ନଙ୍କ ପାଇଁ ସହାୟତା ରାଶି ୬୧ ହଜାର

**ରାଉରକେଲା ଅଫିସ, ୧୭।୫**

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶକ୍ତି କ୍ଲବ ପକ୍ଷରୁ ଫନି ବାତ୍ୟା ବିପନ୍ନଙ୍କୁ ସହାୟତା ପାଇଁ ୬୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ କ୍ଲବର କର୍ମକର୍ତ୍ତା ତଥା ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଏହି ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏଥିରେ ସଭାପତି କୈଳାସ ପ୍ରଧାନ, ସାଧାରଣ ସମ୍ପାଦକ ଅକ୍ଷୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ଦ୍ଦେଶ ଉଲ୍ଲଂଘନ: ଖରାରେ ଚାଲିଛି ନିର୍ମାଣ କାମ

**ରାଉରକେଲା ଅଫିସ, ୧୭।୫**





ସରକାରୀ ନିର୍ଦ୍ଦେଶ ଉଲ୍ଲଂଘନ କରି ଟାଣ ଖରାରେ ଚାଲିଛି ନିର୍ମାଣ କାମ।

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଛି। ଶିଳ୍ପ ସହର ଷ୍ଟିଲ ସିଟିରେ ବି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ତାପମାତ୍ର ୪୪ ଡିଗ୍ରୀ ଛୁଇଁଥିବା ବେଳେ ବାଟ ଚାଲିବା କଷ୍ଟକର ହେଲାଣି। ଏମିତି ଅବସ୍ଥାରେ ଖଟିଖିଆ, ଦିନ ମଜୁରିଆଙ୍କ ଅବସ୍ଥା ବେହାଲ ହୋଇ ପଡିଛି। ପ୍ରବଳ ତାପମାତ୍ରାକୁ ଆଖି ଆଗରେ ରଖି ସରକାର ତଥା ଜିଲା ଶ୍ରମ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଦିନ ୧୧ରୁ ଅପରାହ୍ନ ସାଢେ ୩ଟା ଯାଏ ଖରାରେ କେହି ଶ୍ରମିକ କାମ ନ କରିବାକୁ ପରାମର୍ଶ ଦିଆଯାଇଛି। ଏନେଇ ସବୁ ଠିକା ସଂସ୍ଥା କର୍ତ୍ତୃପକ୍ଷ ମଧ୍ୟ ସଚେତନ ଅଛନ୍ତି। ତଥାପି ଧୂଧୂ ଖରାରେ ଖଟୁଛନ୍ତି ଶ୍ରମିମ। ଜାରି ରହୁଛି ନିର୍ମାଣ କାର୍ଯ୍ୟ। ନା ରାଜ୍ୟ ସରକାର ନା କେନ୍ଦ୍ର ସରକାରଙ୍କ ସଂସ୍ଥା କେହି ହେଲେ ଏ ଦିଗରେ ନିୟମ ପାଳିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। କେଉଁଠି ପ୍ରବଳ ଖରାରେ ପିଚୁ ରାସ୍ତା ତିଆରି ଚାଲିଛି ତ ଅନ୍ୟ କେଉଁଠି ବିଜୁଳି ଖୁଣ୍ଟରେ ଚଢି ଶ୍ରମିକ ମରାମତି କାମରେ ଲାଗିଛନ୍ତି। ଏହାକୁ ବିଭାଗୀୟ ଅଧିକାରୀ ଆଖିରେ ଦେଖିବା ସତ୍ତ୍ୱେ ବି ପାଟି ଖୋଲୁ ନାହାଁନ୍ତି। ଠିକାଦାର ନିଜ ଫାଇଦା ପାଇଁ ଶ୍ରମିକଙ୍କୁ ଖରାରେ ଖଟାଉଛନ୍ତି। ଗରମ ତାତିରେ ଦେହ ସିଝି ଯାଉଥିବା ବେଳେ ବିଚାରା ଶ୍ରମିକ କାମ ହରାଇବା ଭୟରେ ପାଟି ଖୋଲୁନାହାନ୍ତି। ଉହକ ତାତିରେ ଘରଘର ବୁଲି ଗ୍ୟାସ ସିଲିଣ୍ଡର ବାଣ୍ଟୁଛନ୍ତି ଡେଲିଭରି ବୟ। ପ୍ରତିବାଦ କଲେ କେହି ଶୁଣିବାକୁ ନାରାଜ। ଅଂଶୁଘାତ ଜନିତ ପରିସ୍ଥିତି ମୁକାବିଲା ନେଇ ସରକାର ଅଣ୍ଟା ଭିଡିଥିବାବେଳେ ଖୋଲାଖୋଲି ନିର୍ଦ୍ଦେଶର ଉଲ୍ଲଂଘନ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ଏପରି ଅବସ୍ଥାରେ ଗ୍ୟାସ ବିତରଣ କରୁଥିବା କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଗ୍ୟାସ ଡେଲିଭରି ବୟ ଓ ମେକାନିକ ଆସୋସିଏଶନ ପକ୍ଷରୁ ଜିଲା ସହକାରୀ ଶ୍ରମ କମିଶନର ପି.କେ ବଳିଆରସିଂଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖରାରେ ଗ୍ୟାସ ବିତରଣକୁ ନିସିଦ୍ଧ କରିବାକୁ ଦାବି କରିଛନ୍ତି ସଙ୍ଗଠନ କର୍ମକର୍ତ୍ତା। ଏମାନଙ୍କୁ ୧୧ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ବିରତି ଦେବାକୁ ଦାବି କରାଯାଇଛି। ସଙ୍ଗଠନ ସାଧାରଣ ସମ୍ପାଦକ ରମେଶ ବଳ ସରକାରୀ ନିର୍ଦ୍ଦେଶ ଅନୁସାରେ କାମ ହେଉ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ଗାଙ୍ଗପୁର ମଜଦୂର ମଞ୍ଚ ନେତା ଗୋପାଳ ଦାସ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଚଳିତବର୍ଷ ଯେଉଁଭଳି ଟାଣ ଖରା ହେଉଛି, ସେଥିରେ ଖୋଲା ଆକାଶ ତଳେ କାମ କରାଇବା ଏକ ଅମାନବୀୟ ପଦକ୍ଷେପ ବୋଲି ସେ କହିଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ନିହାତି ଆବଶ୍ୟକ ବୋଲି କହିଛନ୍ତି। ଠିକା ଶ୍ରମିକ ନେତା ରମେଶ ସାହୁ ପ୍ରଚଣ୍ଡ ଖରାରେ କାମ କରୁଥିବା ଶ୍ରମିକଙ୍କୁ ଏଥିରୁ କିପରି ନିବୃତ୍ତ କରାଯାଇ ପାରିବ ସେନେଇ ପ୍ରତ୍ୟକ ଦୃଷ୍ଟି ଦେବା ଆବଶ୍ୟକ। ଯେଉଁ ଠିକାଦାର ଏହାକୁ ଅବମାନନା କରୁଛନ୍ତି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ରଙ୍କୁ ପଚାରାଯିବାରୁ ସେ କହିଥିଲେ କୌଣସି ସ୍ଥାନରେ କେହି ଯଦି ନିୟମ ଉଲ୍ଲଂଘନ କରି ଏଭଳି କାର୍ଯ୍ୟ କରାଉଥାନ୍ତି ତେବେ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ନିଆଯିବ।


## ମନେ ପଡନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତ ଶରତ ଚନ୍ଦ୍ର ଜେନା**
ପ୍ଲଟ ନଂ. ଏନ୍ ୫/୨୨୫, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୪
ତିରୋଧାନ: ୩୦।୦୪।୨୦୧୮
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ସେପାରିକି ଚାଲିଗଲ। ବିଶ୍ୱାସ ହେଉନି ତୁମେ ଆମ ଗହଣରେ ନାହଁ ବୋଲି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ (ରେଖା), ପୁତ୍ର– ଜିନୁ, ବୁନା, ପୁତ୍ରବଧୂ– ଲିଲି, ମାମା, ନାତୁଣୀ– ସୋନୁ, ଖୁସି ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ–୬୧୦୫୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ରମାରାଣୀ ସାହୁ**
ଆବିର୍ଭାବ: ୧୯୬୧
ତିରୋଧାନ: ୦୮।୦୫।୨୦୧୯
(ବୈଶାଖ ଶୁକ୍ଳପକ୍ଷ ଚତୁର୍ଥୀ)
ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱାସ କରିହେଉ ନାହିଁ, ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ବୁଡ଼ାଇ ଇହଲୀଳା ସମ୍ବରଣ କଲେ। ଆପଣ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ସମସ୍ତଙ୍କ ସୁଖ ଦୁଃଖରେ ଭାଗୀ ହେବା ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ। ଆପଣଙ୍କ ଚଞ୍ଚଳ କଥାବାର୍ତ୍ତା, ଅନ୍ୟଙ୍କ ଦୁଃଖରେ ନିଜେ କାନ୍ଦି ପକାଇବା ଆପଣଙ୍କ ଅନନ୍ୟ ଗୁଣ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ନିଜ ପଦାରବିନ୍ଦରେ ସ୍ଥାନ ଦିଅନ୍ତୁ ଏତିକି କାମନା। ଆପଣଙ୍କ ଗୁଣମୁଗ୍ଧ ଏବଂ ଶୋକାକୁଳ ରାଧାରମଣପଡ଼ା ବାସୀ।
ଧ–୧୨୫୪୫

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଇଂ. ରଜନୀକାନ୍ତ ମହାପାତ୍ର**
ପ୍ଲଟ ନଂ.୫, ଶକ୍ତିନଗର, କଟକ
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)
ଦୀର୍ଘ ୧୦ବର୍ଷ ବିତିଗଲାଣି ତଥାପି ଆମମାନଙ୍କର ଆଖିର ଲୁହ ଓ ହୃଦୟର କୋହ ସରିନାହିଁ କି ସରିବ ନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ ପାଇଁ ଚିରସ୍ମରଣୀୟ ହେଉ ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ ପାଖରେ। ତୁମର ଅମର ଆତ୍ମା ଶାନ୍ତିପାଉ।
ଶୋକସନ୍ତପ୍ତ
ପତ୍ନୀ, କନ୍ୟା, ଜାମାତା, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ–୧୨୫୪୭

# CLASSIFIED DISPLAY

## MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**ALL EDITION - B/W (Everyday)**
*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**ଲୋନ! ଲୋନ! ଲୋନ**
**BFC FINANCE**
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD**
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି। ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
**MAHALAXMI FINANCE PVT. LTD.**
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

**B.C. FINANCE**
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

**Dhanlaxmi Financial Services**
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

ASTROLOGY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

**SMS JOB**
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

**GOLD CASH**
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354




EDUCATION


**ADMISSION GUIDANCE**
Last Chance for **MD, MS & MDS** aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are **MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB** etc.
**SAIRAM EDUCATION HUB**
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

**TARIFF**

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |
| *GST 5% Extra | | |


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଦଉଡି ଦେଇ ଆତ୍ମହତ୍ୟା

**ହେମଗିର, ୧୭।୫ (ଡି.ଏନ.ଏ):** ହେମଗିରଠାରେ ଜଣେ ଯୁବକ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ହେମଗିରର ହରିଜନ ପଡାଠାରେ ନିଜ ଇନ୍ଦିରାଆବାସ ଘରେ ମାୟାରାମ ବାଗ (୪୫) ଓ ତାଙ୍କ ପରିବାର ରହୁଥିଲେ। କୌଣସି କାରଣରୁ ଗତ ଗୁରୁବାର ରାତ୍ରିରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଝଗଡା ହୋଇଥିଲା । ଏଥିରେ ମାୟାଧର ସହି ନ ପାରି ରାତ୍ରି ପ୍ରାୟ ୧୧ଟା ପାଖାପାଖି ଏକ ପ୍ଲାଷ୍ଟିକ ଦଉଡି ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ । ସକାଳେ ଘର ଲୋକେ ଦେଖି ଥାନାରେ ଖବର ଦେଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯) ରୁଜୁ ହୋଇଛି। ମୃତଦେହକୁ ପୋଲିସ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

### ବାଇକରୁ ପଡି ଗୁରୁତର

**ହେମଗିର, ୧୭।୫ (ଡି.ଏନ.ଏ):** ଗୋପାଳପୁର ମୁଖ୍ୟ ରାସ୍ତାରେ ଜଣେ ବାଇକରୁ ପଡି ଗୁରୁତର ହୋଇଛନ୍ତି। ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ଏମସିଏଲର କଣ୍ଟା ଘରରେ କାମ କରୁଥିବା ଅକୁର ମହାରଣା (୪୦) ଗୋପାଳପୁର ପଟକୁ ଏକ ବାଇକ ଯୋଗେ ଯାଉଥିଲେ। ବାଟରେ ସିଆରମାଲଠାରେ ଭାରସାମ୍ୟ ହରାଇ ବାଇକରୁ ପଡି ଚେତାଶୂନ୍ୟ ହୋଇପଡିଥିଲେ । ଲୋକେ ଆମ୍ବୁଲାନ୍ସକୁ ଡାକି ହେମଗିର ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ସେ ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଯାଇଛି । ତାଙ୍କର ଅଧିକ ପରିଚୟ ମିଳିପାରିନାହିଁ ।

■ ସୁନ୍ଦରଗଡ ଜିଲା

# ୧୨୧୩ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ସୁନ୍ଦରଗଡ,୧୭।୫ (ଡି.ଏନ୍.ଏ)**



ସୁନ୍ଦରଗଡ଼ର ଏକ ଅଙ୍ଗନୱାଡି କେନ୍ଦ୍ର।

ସୁନ୍ଦରଗଡ ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ପରିଚାଳିତ ୩୮୦୯ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୫୯୬ କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ୧୨୧୩ କେନ୍ଦ୍ରରେ ଏପର୍ଯ୍ୟନ୍ତ ନିଜସ୍ୱ ଗୃହ ହୋଇପାରିନାହିଁ। ୧୨୧୩ ନିଜସ୍ୱ ଗୃହ ନ ଥିବା ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୯୭ କେନ୍ଦ୍ର ସ୍କୁଲ ବିଲଡିଂ ମଧ୍ୟରେ ଚାଲୁଥିବା ବେଳେ ୨୫୫ଟି କେନ୍ଦ୍ର କମ୍ୟୁନିଟୀ ସେଣ୍ଟରରେ ୪୩୧ଟି ଭଡାଗୃହରେ ଚାଲୁଛି। ୨୩୨ ଅଙ୍ଗନୱାଡି କର୍ମୀଙ୍କ ଘରେ ଓ ୯୮ଟି ଅନ୍ୟାନ୍ୟ ସ୍ଥାନରେ ଚାଲୁଅଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୫୫୧ଟି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ସେହିପରି ଷ୍ଟେଟପ୍ଲାନରେ ରାଉରକେଲା ସହରାଞ୍ଚଳରେ ୭୯ଟି କେନ୍ଦ୍ରର ନୂତନ ଗୃହ ନିର୍ମାଣ ସକାଶେ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଜମିବିବାଦ ଯୋଗୁ ଗୃହ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଏଥିସହିତ ବେଦାନ୍ତ କମ୍ପାନୀ ପକ୍ଷରୁ ୨୫ଟି ଅଙ୍ଗନୱାଡି କେନ୍ଦ୍ର ସକାଶେ ଅନୁଦାନ ମିଳିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏତଦ୍ବ୍ୟତୀତ ଏମ୍‌ଜିଏନ୍‌ଆର୍‌ଇଜିଏସ ରେ ୫୫୩ଟି ଗୃହ ନିର୍ମାଣ ସକାଶେ ମଞ୍ଜୁର ହୋଇଛି। ଏଥି ମଧ୍ୟରୁ ୩୫୩ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୫୮ କେନ୍ଦ୍ର ନିର୍ମାଣଧୀନ ରହିଛି। ଜିଲାରେ ୨୧ଟି ଆଇସିଡିଏସ୍ ପ୍ରୋଜେକ୍ଟ (ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ) ମଧ୍ୟରୁ ୨୧ ଅନୁମୋଦିତ ସିଡିପିଓ ପଦବୀ ମଧ୍ୟରୁ ନୂଆଁଗାଁ ବ୍ଲକ ସିଡିପିଓ ପଦବୀ ଖାଲିପଡିଛି । ୧୪୮ଟି ସେକ୍ଟର ସୁପରଭାଇଜର ପଦବୀ ମଧ୍ୟରୁ ୧୨୯ଜଣ ସୁପରଭାଇଜର ଥିବା ବେଳେ ୧୯ଟି ପଦବୀ ଖାଲି ପଡିଛି । ଜିଲାରେ ମୋଟ ୩୮୦୯ଟି ଅନୁମୋଦିତ ଅଙ୍ଗନୱାଡି ପଦବୀ ମଧ୍ୟରୁ ୨୧ଗୋଟି ପଦବୀ ଖାଲି ପଡିଛି। ସେହିପରି ୭୯୯ ଜଣ ମିନି ଅଙ୍ଗନୱାଡି କର୍ମୀ ରହିଛନ୍ତି। ଜିଲାରେ ୬ମାସରୁ ୩ବର୍ଷ ବୟସ ପର୍ଯ୍ୟନ୍ତ ୬୪୩୮୫ଜଣ ଶିଶୁ ଥିବା ବେଳେ ୩ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ୬୭୦ଜଣ ଶିଶୁ ରହିଛନ୍ତି। ମୋଟ ୬୪୫୪୫ ଜଣ ଶିଶୁ ଓ ମାଆ ମାନଙ୍କୁ ସରକାରୀ ଧାର୍ଯ୍ୟ ମୁତାବକ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ।

## ଟ୍ରାକ୍ଟର ଧକ୍କାରେ ବାଇକ ଆରୋହୀ ମୃତ

**ହେମଗିର, ୧୭।୫ (ଡି.ଏନ.ଏ)**

**ଜଣେ ବାଳକ ଗୁରୁତର**

ଶୁକ୍ରବାର ସକାଳେ ବିଲେଇମୁଣ୍ଡା ଓ ମୁଣ୍ଡେର କ୍ଷେତ ମଝିରେ ଏକ ଟ୍ରାକ୍ଟର ବାଇକକୁ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନ ଅନୁଯାୟୀ, ମୁଣ୍ଡେର କ୍ଷେତ ଗ୍ରାମର ଠାକୁର ଖମାରୀଙ୍କ ପୁତ୍ର ରମେଶ (୧୮) ନିଜ ଭାଇ ଅଙ୍କେ ଖମାରୀ (୧୨)ଙ୍କୁ ଟ୍ୟୁସନ୍ କରାଇବା ପାଇଁ ନିକଟସ୍ଥ ଚକ୍ରା ଗ୍ରାମକୁ ସକାଳ ପ୍ରାୟ ୭ଟାରେ ଏକ ବାଇକ ନଂ. ଓଡି ୨୩ ଡି- ୪୫୧୩ରେ ଯାଉଥିଲେ। ସେହି ସମୟରେ ଏକ ନାଳି ଇଟା ବୋଝେଇ ଟ୍ରାକ୍ଟର ମଧ ଭୋଗରାକଛାରୁ ଇଟା ନେଇ ଲୁଆବାହାଲକୁ ଯାଉଥିଲା। ଟ୍ରାକ୍ଟର ବିଲେଇମୁଣ୍ଡାର ନୂଆଁମୁଣ୍ଡାଠାରେ ବାଇକକୁ ଓଭରଟେକ୍ କରିବା ବେଳେ ବାଇକ୍‌ରେ ଘସି ହୋଇଥିଲା। ଫଳରେ ବାଇକ ଆରୋହୀ ଭାରସାମ୍ୟ ହରାଇ ଟ୍ରାକ୍ଟର ତଳେ ପଡିଯିବାରୁ ମୁଣ୍ଡ ଉପରେ ଟ୍ରାକ୍ଟର ଚକ ଚଢ଼ି ଯାଇଥିଲା। ବାଇକ ଆରୋହୀ ରମେଶଙ୍କ ଭାଇ ଅଙ୍କେଶ ଅନ୍ୟ ପଟକୁ ଛିଟିକି ପଡି ଗୁରୁତର ହୋଇ ପଡିଥିଲେ। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଅଙ୍କେଶକୁ ତୁରନ୍ତ ହେମଗିର ଡାକ୍ତରଖାନାକୁ ଅଣା ଯାଇଥିଲା। ଖବରପାଇ ହେମଗିର ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ବଲିଙ୍ଗା ଫାଣ୍ଡି ଅଧିକାରୀ ନାଏକ ବାବୁ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲେ । ତଥାପି ଗ୍ରାମବାସୀ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତା ମଝିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ପରେ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ମାମଲା (ନଂ. ୬୨/୧୯) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ହେମନ୍ତ ଦେହୁରୀ ଫେରାର୍ ହୋଇଯାଇଛନ୍ତି ।

## ବେଆଇନ ମଦ କାରବାର : ୨ ଗିରଫ

**ବେଦବ୍ୟାସ, ୧୭।୫ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ବିରକେରା ଛକରେ ଶୁକ୍ରବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବେଆଇନ ମଦ କାରବାର ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୨ ଅଭିଯୁକ୍ତଙ୍କ ନାମ ହେଲା ମହାତୋ ଟିଗା ଓ ସମିର ଅଖତାର ଓରଫ୍ ପପୁ ମିଆଁ। ମୋଟ ବିଦେଶୀ ମଦ ସାଢ଼େ ୩୬ ଲିଟର ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଶୁକ୍ରବାର ଥାନା ଅଧିକାରୀ ସନ୍ତୋଷ କୁମାର ଜେନା, ବିକାଶ କଲେତ ଓ ଦୁର୍ଗାଚନ୍ଦ୍ର ଜେନା ବିଶେଷ ସୂତ୍ରରୁ ଖବର ପାଇ ଏସଆଇ ବିକାଶ କଲେତଙ୍କ ନେତୃତ୍ୱରେ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି।

■ ଡାଲମିଆ ଭାରତ ଗ୍ରୁପ ପକ୍ଷରୁ ବାତ୍ୟା ଅଞ୍ଚଳରେ ରିଲିଫ ପ୍ରଦାନ

# ପ୍ରତିଦିନ ହଜାରେ ଲୋକଙ୍କୁ ରନ୍ଧାଖାଦ୍ୟ

**ରାଜଗାଙ୍ଗପୁର, ୧୭।୫ (ଡି.ଏନ.ଏ)**



ଡାଲମିଆ ଭାରତ ଗ୍ରୁପର କର୍ମଚାରୀ।

ଓଡିଶାରେ ଗୋଷ୍ଠୀ ଉନ୍ନୟନ ପାଇଁ ଥିବା ନିଜ ପ୍ରତିଶ୍ରୁତି ବଦ୍ଧତାକୁ ଦୋହରାଇବା ପାଇଁ ଡାଲମିଆ ଭାରତ ଗ୍ରୁପ, ଓଡିଶା ରାଜ୍ୟ ସରକାର ଏବଂ ଜିଲା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଫନି କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନଃ ସ୍ଥାପନ ଯୋଜନାରେ ଅଂଶଗ୍ରହଣ କରିଛି । ବାତ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ସୁସ୍ଥ ଖାଦ୍ୟ ଯୋଗାଇ ଦେବା ପାଇଁ ପୁରୀଠାରେଏକ ରନ୍ଧନ ଶାଳା ପ୍ରସ୍ତୁତ କରି ଗତ ୧୦ ତାରିଖଠାରୁ ଏଠାରେ ସୁଷମ ରନ୍ଧାଖାଦ୍ୟ ପୁରୀ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ଓଡିଶା ସିମେଣ୍ଟ କାରଖାନାର ଇଡି ସୁନୀଲ କୁମାର ଗୁପ୍ତା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କମ୍ପାନୀର କପିଳାସ କାରଖାନାର ଏକ ଦଳ ପୁରୀଠାରେ ଅବସ୍ଥାପିତ ହୋଇ ସେଠାରେ ଖାଦ୍ୟ ରନ୍ଧନ କରି ପ୍ରତିଦିନ ୧ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଯୋଗାଇ ଦେଉଥିବା ଜଣାପଡିଛି। ଏହି ଅବସରରେ ଡାଲମିଆ ଭାରତ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପୁନିତ ଡାଲମିଆ ଓଡିଶା ସରକାରଙ୍କ ରିଲିଫ ଓ ପୁନଃ ସ୍ଥାପନା କାର୍ଯ୍ୟକୁ ପ୍ରଶଂସା କରିବା ସାଙ୍ଗକୁ ଆମେ ଫନି ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ଥଇଥାନ ପାଇଁ ଯଥା ସମ୍ଭବ ପ୍ରୟାସ ଜାରି ରଖିବୁ ବୋଲି କହିଥିଲେ । ଗତ ୬ଦଶନ୍ଧି ଧରି ଡାଲମିଆ ଗ୍ରୁପ ଓଡିଶାରେ ପୁଞ୍ଜିନିବେଶ କରି ଆସୁଥିବା ବେଳେ ଓଡିଶା ରାଜ୍ୟର ବିକାଶରେ ସହାୟକ ହେଉଥିବା କମ୍ପାନୀମାନଙ୍କ ମଧ୍ୟରେ ଏହି କମ୍ପାନୀ ଅନ୍ୟତମ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଲୋକଙ୍କ ଥଇଥାନ ପର୍ଯ୍ୟନ୍ତ ତ୍ୱରାନ୍ୱିତ କରାଯିବ ବୋଲି ରାଜଗାଙ୍ଗପୁର ସିମେଣ୍ଟ କାରଖାନାର ଇଡି ସୁନୀଲ କୁମାର ଗୁପ୍ତା ପ୍ରକାଶ କରିଛନ୍ତି।

## ଫଟୋରେ ଖବର



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ସୁନ୍ଦରଗଡ଼ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ଜଣେ ପଥଚାରୀ ଶୁକ୍ରବାର ଆଖୁ ରସ ପିଇ ତୃଷାନିବାରଣ କରୁଛନ୍ତି।

# ଆର୍‌ଏସ୍‌ପି ସିଇଓଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ରମେନ୍ଦ୍ର କୁମାର

**ରାଉରକେଲା ଅଫିସ, ୧୭।୫**



ଆରଏସ୍‌ପି ସଞ୍ଚାର ବିଭାଗ ମୁଖ୍ୟ ରମେନ୍ଦ୍ର କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ତଥା ଆରଏସ୍‌ପି ସଞ୍ଚାର ବିଭାଗ ମୁଖ୍ୟ ରମେନ୍ଦ୍ର କୁମାର। ଗତ ୧୭ ଏପ୍ରିଲରୁ ୨୭ ପର୍ଯ୍ୟନ୍ତ ସାରଜାହାଁ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଶିଶୁ ପଠନ ମହୋତ୍ସବରେ ଭାରତର ପ୍ରତିନିଧି କରିଥିଲେ ରମେନ୍ଦ୍ର କୁମାର। ଏହି ଅବସରରେ ରମେନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇ କୁମାରଙ୍କ ଉପଲବ୍ଧିକୁ ପ୍ରଶଂସା କରିବା ସହ ତାଙ୍କ ସାରସ୍ୱତ ଜୀବନର ସଫଳତା କାମନା କରିଥିଲେ। ପ୍ରତିଷ୍ଠାନ ଓ କର୍ମଚାରୀଙ୍କ ମଧ୍ୟରେ ଭାବଗତ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ଚଟ୍ଟରାଜ କହିଥିଲେ, କମ୍ପାନୀ ସର୍ବଦା ପ୍ରତ୍ୟେକ ସଦସ୍ୟଙ୍କ ସଫଳତା ନେଇ ଗର୍ବ ଅନୁଭବ କରିଥାଏ। ସିଇଓଙ୍କ ଆଲୋଚନା କକ୍ଷର ଶୁକ୍ରବାର ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କାର୍ମିକ ଓ ପ୍ରଶାସନ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗ ଇଡି ଡି.କେ ମହାପାତ୍ର ଏବଂ ଅର୍ଥ ବିଭାଗ ଜି.ଏମ ଇନଚାର୍ଜ ଏମ.କେ.ଏଲ ଚାନ୍ଦ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ରମେନ୍ଦ୍ର ନିଜ ସଂକ୍ଷିପ୍ତ ଉତ୍ତରରେ କହିଥିଲେ ଆରଏସପି ସାମୁଦାୟିକଙ୍କ ପ୍ରେରଣାଦାୟକ ପଦକ୍ଷେପ କର୍ମଚାରୀଙ୍କ ସୃଜନଶୀଳ ପ୍ରତିଭାକୁ ପରିପୁଷ୍ଟ କରିବ। ଏଠାରେ ସୂଚନାଯୋଗ୍ୟ ଯେ, ସାରଜାହାଁ ଠାରେ ଆୟୋଜିତ ଶିଶୁ ମହୋତ୍ସବରେ ୧୮ଟି ଦେଶ ଭାଗ ନେଇଥିଲେ। ଏଥିରେ ୩୩ ଲେଖକ ଯୋଗ ଦେଇଥିଲେ। ଏଥିରେ ରମେନ୍ଦ୍ର କୁମାର ଦୁଇ ପର୍ଯ୍ୟାୟ ଆଲୋଚନାରେ ଭାଗ ନେଇ ଶିଶୁ ସାହିତ୍ୟ ରଚନାର କଳା କୌଶଳ ଓ କିଶୋର ସାହିତ୍ୟ ସୃଷ୍ଟି ସମ୍ପର୍କରେ ଉଲେଖନୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ଉଚ୍ଚ ପ୍ରଶଂସିତ ହୋଇଥିଲା। ପ୍ରାୟ ୩୬ଟି ପୁସ୍ତକ ରଚନା କରିଥିବା ରମେନ୍ଦ୍ର ଜଣେ ବିଶିଷ୍ଟ ପ୍ରେରଣାଦାୟୀ ବକ୍ତା ଓ କଥାକାର ଭାବେ ପରିଚିତ। ତାଙ୍କ ଲିଖିତ ୧୫ଟି ପୁସ୍ତକ ୨୯ଟି ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ସାରିଛି। ବିଦେଶର ବିଭିନ୍ନ ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ମଧ୍ୟ ତାଙ୍କ ଲେଖା ପ୍ରକାଶ ପାଇଥିବା କୁହାଯାଇଛି।

## ଅଡାଘାଟ ରୁଙ୍ଗ୍‌ଟା ଖଣି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

**ଟେନ୍ସା, ୧୭।୫ (ଡି.ଏନ.ଏ)**

କୋଇଡା ଖଣି ଅଞ୍ଚଳର ଅଡାଘାଟଠାରେ ଥିବା ରୁଙ୍ଗଟା ସନ୍ସ ପକ୍ଷରୁ ୧୫ ଦିନ ଧରି ବିଭିନ୍ନ ପ୍ରକାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାଡଖଣ୍ଡସ୍ଥିତ ଚାଇଁବସା ଖଣି ସୁରକ୍ଷା ନିର୍ଦ୍ଦେଶକ୍ରମେ ଖଣିର ବିଭିନ୍ନ ଅଞ୍ଚଳ, ଖଣି ପରିସର, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପାରିପାର୍ଶିକ ଅଞ୍ଚଳ ଆଦିକୁ ସଫାସୁତୁରା କରାଯାଇଥିଲା। ସେହିପରି ଖଣି କାର୍ଯ୍ୟରତ କର୍ମଚାରୀ, ଜନସାଧାରଣଙ୍କୁ ସ୍ୱଚ୍ଛତା ଉପରେ ସଚେତନତା କରାଇବା ସହ ଶପଥ ପାଠ କରାଯାଇଥିଲା। ଅଡାଘାଟର ଖଣିର ପରିଚାଳକ ଅନୀଲ ଚୌଧୁରୀ ଅଧକ୍ଷତା କରିଥିଲେ। ଖଣି ପକ୍ଷରୁ ସିଏସଆରର ଅଞ୍ଜନ ଲେଙ୍କା, ପ୍ରଶାସନ ଅଧିକାରୀ ସମୀର ରଞ୍ଜନ ଦାସ, ବ୍ରହ୍ମଦତ୍ତ ତ୍ରିପାଠୀ, ରଞ୍ଜିତ କୁମାର, ବିଡି ସାହୁ, ଡିଏସ ଦିନାକର, ଗୋବର୍ଦ୍ଧନ ସାହୁ, ଅମେଶ୍ୱର ପାଇକରାୟ, ଆରଏସ ମହାନ୍ତ, ପିଆର ପଟ୍ଟନାୟକ ସମେତ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।



ଅବସରପ୍ରାପ୍ତ ସେଲ କର୍ମଚାରୀ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଅବସରପ୍ରାପ୍ତ ସେଲ କର୍ମଚାରୀ ବୈଠକ

**ରାଉରକେଲା ଅଫିସ, ୧୭।୫**

ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ କର୍ମଚାରୀ ସଂଘ ପକ୍ଷରୁ ଏହାର ୨୩ତମ ବୈଠକ ସ୍ଥାନୀୟ କଳିଙ୍ଗ କ୍ଲବ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଭାପତି ଦିଲ୍ଲୀପ ନାୟକ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଫନି ବାତ୍ୟାଜନିତ ମୃତକଙ୍କ ନିମନ୍ତେ ନିବର ପ୍ରାର୍ଥନା କରାଯାଇଥିଲା। ଆଗାମୀ ଜୁଲାଇ ୭ରେ ସଙ୍ଗଠନର ବାର୍ଷିକୋତ୍ସବ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏନେଇ ହରି ମୁଦାଲିଙ୍କ ତତ୍ତ୍ୱାବଧାନରେ ଗୌରାଙ୍ଗ ଦାସ, ପ୍ରମୋଦ ବେହେରା ଓ ଚାନ୍ଦମଣୀ ନାୟକଙ୍କୁ ନେଇ ଏକ ୪ଜଣିଆ କମିଟି ଗଠନ କରାଯାଇଥିଲା। ଆସନ୍ତା ୨୩ରେ ସାଧାରଣ ନିର୍ବାଚନ ଫଳ ପ୍ରକାଶନ ପରେ ଫର୍ଟିଲାଇଜର ଟାଉନଶିପର ବିଭିନ୍ନ ସମସ୍ୟା ଯଥା, ରାସ୍ତା, ବିଦ୍ୟୁତ, ଆଲୋକୀକରଣ, ଡ୍ରେନେଜ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ମୌଳିକ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ଏଥିରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ହରି ମୁଦାଲି କର୍ମଚାରୀ ପେନସନ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଡାକ୍ତର ରାହାସବିହାରୀ ମହାପାତ୍ର, ସୁଧାକର ମଲ୍ଲିକ, କନ୍ଧ ପଣ୍ଡା, ଉଦିତ ଅମାତ, ଲୋକନାଥ ଦାସ, ପ୍ରଫୁଲ୍ଲ ସାହୁ, ମୁରଲୀ ଗୌଡ, ବିଜୟ ଜେନା, କାର୍ତ୍ତିକ ଜେନା, ଗଣେଷ ବେହେରା, ଅକ୍ଷୟ ବେହୁରିଆ, ହାରାଧନ ସିଂ, ପ୍ରକାଶ ସାମନ୍ତରାୟ, ମଧୁସୂଦନ ମୁଦୁଲି, ବୃନ୍ଦାବନ ବେହୁରିଆ, ଆରବି ଧଳ, ଏସକେ ଶର୍ମା, ନାରାୟଣ ନାୟକ ଓ ପିକେ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଚାନ୍ଦମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଟିମନା ଗାଁ ଚନ୍ଦନଯାତ୍ରା

# ୪୮ ବର୍ଷ ହେଲା ବଜାୟ ରହିଛି ସଂସ୍କୃତି, ପରମ୍ପରା

**ବଡଗାଁ, ୧୭।୫ (ଡି.ଏନ.ଏ)**



ଯାତ୍ରା ଅବସରରେ ନାମ ସଂକୀର୍ତ୍ତନ ।

ମହକୁଲ ବା ମହାକୁଡ଼ ଜାତିକୁ ଗୋପାଳଙ୍କ ବଂଶଧର ବୋଲି କୁହାଯାଏ । ହିନ୍ଦୁ ଓଡିଆ ଏହି ଜାତି ଧର୍ମ, ସଂସ୍କୃତି, ପରମ୍ପରା ପ୍ରତି ବେଶ ସଚେତନ । କିର୍ତ୍ତନ, ଭାଗବତ, ଯାତ୍ରା, ପର୍ବ, ପାର୍ବଣକୁ ରୀତିନୀତି ଅନୁସାରେ କେଉଁ ଆବାହନମାନ କାଳରୁ ପାରମ୍ପାରିକ ଭାବେ ମହାକୁଳ ସମାଜ ପାଳନ କରିଆସୁଛନ୍ତି। ଏଥି ମଧ୍ୟରୁ ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ଟିମନା ଗ୍ରାମର ଚନ୍ଦନ ଯାତ୍ରା ସଂସ୍କୃତି, ପରମ୍ପରାର ଐତିହ ବହନ କରିଆସିଛି । ଆଜକୁ ପ୍ରାୟ ୪୮ ବର୍ଷ ପୂର୍ବେ ପାହାଡ, ବଣ ଜଙ୍ଗଲ ଘେରା ପ୍ରାକୃତିକ ବିଭବ ଭରା ବେଶ ମନୋରମ ପରିବେଶ ମଧ୍ୟରେ ଥିବା ଟିମନା ଗ୍ରାମ ଐତିହାସିକ ସ୍ମୃତିକୁ ଉଜାଗର କରେ। ରାଜା ଅମଳରେ ଗାଙ୍ଗପୁର ରାଜାଙ୍କ ଉଆସ ଥିଲା । ଶିକାର କରିବାକୁ ଓ କର ସଂଗ୍ରହ ବେଳେ ରାଜା ଏଠାକୁ ଆସୁଥିଲେ । ଶତାଧିକ ବର୍ଷ ପୂର୍ବେ ଏଠାରେ ବସତି ଆରମ୍ଭ କରିଥିବା ସ୍ୱର୍ଗତ ଭୁବନ ମହାକୁଡ, ସ୍ୱର୍ଗତ ହରି ମହାକୁଡ, ହରୀଙ୍କ ପୁଅ ମଦନଙ୍କ ଉଦ୍ୟମ, ସ୍ୱର୍ଗତ ରାଏଧର ନାଏକ, ସ୍ୱର୍ଗତ ଅବଧୂତ ପ୍ରଧାନ, ସ୍ୱର୍ଗତ ପୀତାମ୍ବର ପ୍ରଧାନ, ରବି ପ୍ରଧାନ ସେ ସମୟରେ ଗ୍ରାମବାସୀଙ୍କୁ ଏକତ୍ରିତ କରି ବୈଶାଖ ପୂର୍ଣ୍ଣିମା ଚନ୍ଦନ ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ମନୋରଞ୍ଜନର ମାଧମ ନ ଥିବାରୁ ପୂର୍ବଜମାନେ ଧର୍ମୀୟ କାର୍ଯ୍ୟ ମାଧମରେ ମନୋରଞ୍ଜନ ବା ବିନୋଦନ ପାଇଁ ବୀଜ ବୁଣିଥିଲେ ତାହା ଏବେ ବିଶାଳ ଦ୍ରୁମରେ ପରିଣତ ହୋଇଛି। ଗ୍ରାମବାସୀଙ୍କ ମଧ୍ୟରେ ସଦଭାବନା ଓ ଭାଇଚାରା ରହି ଆସୁଥିବାରୁ ୪୮ ବର୍ଷରେ ଯାତ୍ରା ପାଦ ଦେଇଛି । ପୂର୍ବପେକ୍ଷା ଏହାର ନ୍ୱତନତ୍ୱ ଯୋଗୁ ଆଖପାଖ ଅଞ୍ଚଳରେ ଟିମନା ଚନ୍ଦନ ଯାତ୍ରା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି । କିଛି ବର୍ଷ ହେଲା ଯାତ୍ରାରେ ଝାଡଖଣ୍ଡ, ଛତିଶଗଡ ରାଜ୍ୟର ପଡୋଶୀ ଗ୍ରାମର ଲୋକେ ଯାତ୍ରା ଦେଖିବାକୁ ଆସୁଛନ୍ତି । ଏହି ଯାତ୍ରା ପୂର୍ବଜମାନେ ଆରମ୍ଭ କଲାପରେ ପରବର୍ତ୍ତି ପିଢ଼ି ଏହାକୁ ଅନୁକରଣ କରିବା ସହ ଗ୍ରାମରେ ସଂପ୍ରଦା, ସଂକୀର୍ତ୍ତନ ଓ ଯାତ୍ରା ଦଳ ଗଠନ କରିଛନ୍ତି। ଆଧୁନିକତାର ବହୁଳତା ମଧ୍ୟରେ ଗ୍ରାମବାସୀ ପୂର୍ବେ ପରମ୍ପରା, ସାଂସ୍କୃତିକ ସ୍ୱତନ୍ତ୍ରତାକୁ ବଜାୟ ରଖିବାରେ ହେଳା କରିନାହାନ୍ତି । ଏଥର ଯାତ୍ରା କମିଟି ସଭାପତି ସୁରତରାମ ନାଏକ, ସମ୍ପାଦକ ଯୁଗେଶ୍ୱର ପ୍ରଧାନ, କୋଷାଧକ୍ଷ ମଧୁସୂଦନ ବାରିକଙ୍କ ନେତୃତ୍ୱରେ ହର ବିଶ୍ୱାଳ, ରୋହିତ ବିଶ୍ୱାଳ, ଲମ୍ବୋଦର ଖମାରୀ, ସୂର୍ଯ୍ୟମଣୀ ବାରିକ, କିଶୋର ବାରିକ, ପ୍ରଦୀପ ପ୍ରଧାନ, ଚନ୍ଦ୍ରମଣି ବାରିକ, ଉଦୟ ପ୍ରଧାନ, କିଶୋର ବାରିକ, ଠାକୁର ଖମାରୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲା ବେଳେ ଗ୍ରାମର ଯୁବତୀ ଯୁବକମାନେ ସହଯୋଗ କରୁଛନ୍ତି । ଚନ୍ଦନ ଯାତ୍ରାର ପ୍ରତିଷ୍ଠାତା ସଭାପତି ମଦନ ବାରିକଙ୍କୁ ଯାତ୍ରା ଉପରେ ପଚାରିବାରେ ୪୮ ବର୍ଷ ହେଲା ଯାତ୍ରା ହୋଇପାରିଥିବାରୁ ଖୁସି ବୋଲି କହିବା ସହିତ ଗ୍ରାମବାସୀଙ୍କ ସହଯୋଗ ଯୋଗୁଁ ହୋଇପାରିଥିବା କହିଛନ୍ତି । ଶନିବାର ରାତି ୯ଟାରେ ଯାତ୍ରା ଆରମ୍ଭ ହେବ ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ଅଭିଯୋଗ: ୨ ଗିରଫ

**ଜମନକିରା,୧୭।୫ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ଜମନକିରା ଥାନା ଦଶଘରିଆ ପଡ଼ାର ପାର୍ବତୀ ମୁଣ୍ଡା (୫୫)ଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଜମନକିରା ଥାନା ପୋଲିସ କଟଙ୍ଗପାଣି ପଞ୍ଚାୟତ ଜଟିଆଖୋଲଡିହିର ଅଜିତ ମୁଣ୍ଡା(୨୫) ଏବଂ ଶ୍ୱେତକେତୁ ପ୍ରଧାନ (୩୫)ଙ୍କୁ ଗିରଫ କରିଛି। ଏନେଇ ଜମନକିରା ଥାନାରେ ଏକ ମାଲା(ନଂ .୫୧/୧୮) ରୁଜୁ ହୋଇଛି। ପୋଲିସର ସୂଚନା ମୁତାବକ, କିଛି ଦିନ ତଳେ ଜମନକିରା ଦଶଘରିଆପଡ଼ାର ପାର୍ବତୀ ଭଉଣୀ ଘର କଟଙ୍ଗପାଣି ପଞ୍ଚାୟତ ଜଟିଆଖୋଲଡିହିକୁ ଯାଇଥିଲେ। ୧୩ ତାରିଖରେ ପାର୍ବତୀ ନିକଟସ୍ଥ ଏକ ପୋଖରୀକୁ ଗେଣ୍ଡା ସଂଗ୍ରହ ପାଇଁ ଯାଇଥିଲେ। ସେ ଅପରାହ୍ନ ସାଢ଼େ ୧ଟାରେ ଘରକୁ ଫେରୁଥିବା ବେଳେ ଗାଁର ଅଜିତ ଓ ଶ୍ୱେତ ତାଙ୍କୁ ଅଟକାଇ କାହିଁକି ପୋଖରୀରୁ ଗେଣ୍ଡା ସଂଗ୍ରହ କରିଥିବା ପ୍ରଶ୍ନ କରିଥିଲେ। ଏପରି କି ପାର୍ବତୀଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ପରିବାର ଲୋକେ ଜମନକିରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ପରେ ଅଜିତ ଏବଂ ଶ୍ୱେତକେତୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ମାମଲାର ତଦନ୍ତ ଅଧିକାରିଣୀ ରଶ୍ମୀବାଳା ସେଠୀ ପ୍ରକାଶ କରିଛନ୍ତି।

### ଭୋଟ ଗଣତି ତାଲିମ ଦ୍ୱିତିୟ ଦିନରେ

**ସମ୍ବଲପୁର,୧୭।୬ (ବ୍ୟୁରୋ)-** ସମ୍ବଲପୁର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ମେ ୨୩ରେ ହେବାକୁ ଥିବା ଭୋଟ ଗଣତି ପାଇଁ ଗୁରୁବାର ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି । ଏଥିରେ ଜିଲାପାଳ ଶୁଭମ୍ ସକସେନା ଅଧକ୍ଷତା କରିଥିଲେ । ରାଜ୍ୟସ୍ତରୀୟ ଟ୍ରେନର ଉପସ୍ଥିତ ରହି ଅଧିକାରୀମାନଙ୍କୁ ତାଲିମ ଦେବାସହ ଭୋଟ ଗଣତି, ନୂତନ ଭାବେ ସାମିଲ ହୋଇଥିବା ଭିଭିପିଏଟିରେ ଗଣତି, ପୋଷ୍ଟାଲ ଭୋଟର ଗଣତି ଉପରେ ଆଲୋଚନା କରିଥିଲେ। ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ,ଏଡିଏମ୍ ଅଜୟ କୁମାର ଜେନା, ମହାନଗର କମିଶନର ତ୍ରିଲୋଚନ ମାଝିଙ୍କ ସମେତ ଜିଲାର ବିଡିଓ ଏବଂ ତହସିଲଦାର ଉପସ୍ଥିତ ରହିଥିଲେ।

# ଝଡ଼ବାତ୍ୟା: ବ୍ୟାପକ କ୍ଷୟକ୍ଷତି

**ରେଢ଼ାଖୋଲ,୧୭।୫ (ଡି.ଏନ.ଏ.)**



ଗୁରୁବାର ରାତିରେ ଝଡ଼ବ୍ୟାତ୍ୟା ଘଟି କୁକୁଡାବାହାଲି ପଞ୍ଚାୟତ ସମ୍ମୁଖରେ ଥିବା ଏକ ଟ୍ରାକ୍ଟର ସହ ଏକ ପାଣି ଟାଙ୍କି ଉପରେ ଏକ ଗଛ ପଡ଼ି ରହିଛି।

- ପ୍ରଶାସନିକ ଅଧିକାରୀଙ୍କ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ
- ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ
- ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି

ରେଢାଖୋଲ ଅଞ୍ଚଳରେ ଗୁରୁବାର ରାତିରେ ଝଡ ବ୍ୟାତ୍ୟ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ସାଢେ ୯ଟାରେ ଜୋରରେ ପବନ ବହିବା ସହ ଘଡଘଡି ସହ ବର୍ଷା ହୋଇଥିଲା। ଫଳରେ ସହରରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅନ୍ୟପକ୍ଷେ ରେଢାଖୋଲ ବ୍ଲକର କୁକୁଡାବାହାଲି, ବଡବାହାଲ ଓ କଦଳିଗଡ଼ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଏପରି କି କୁକୁଡାବାହାଳି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାକ୍ଟର ସହ ଏକ ପାଣି ଟାଙ୍କର ରହିଥିଲା। ହେଲେ ଜୋରରେ ପବନ ଯୋଗୁ ଏକ ଗଛ ଉପୁଡି ପଡିବାରୁ ଟ୍ରାକ୍ଟରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିବାରୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ବଡବାହାଳ ପଞ୍ଚାୟତ ଅଧୀନ ଲଇଣ୍ଡାମାଳ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଏକ ଗଛ ପଡିବାରୁ ସ୍କୁଲ କୋଠରି ଭାଙ୍ଗି ଯାଇଛି। କୁକୁଡାବାହାଳି ପଞ୍ଚାୟତର ଝିକିଦାଦର, କାକଣପଡ଼ା, କର୍ଡାପାଳ, କସିବାହାଳ, ସାନ ନୂଆପଡ଼ା, କୁକୁଡାବାହାଳି, ବଡବାହାଳ ପଞ୍ଚାୟତର ଲଇଣ୍ଡାମାଳ, କଦଳିଗଡ ପଞ୍ଚାୟତର ଘୁଙ୍ଗିନାଳି ଆଦି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଝଡବାତ୍ୟାରେ ଚାଳଛପର ଘର ଉଡି ଯାଇଥିବା ବେଳେ ବହୁ ପରିବାର ଗଛ ତଳେ ଆଶ୍ରୟ ନେଇଛନ୍ତି। ଏପରି କି ବନ ବିଭାଗର ଏକ ପ୍ଲାଣ୍ଟେଶନ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଏଡିଏମ୍ ଅଜୟ ଜେନା, ଉପଜିଲାପାଳ ବିଶିକେସନ ଦେହୁରୀ, ତହସିଲଦାର ରୁବି ବେହେରା, ଡିଏଫଓ ସଂଗ୍ରାମ ବେହେରା, ବିଡିଓ ପରିକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ଜିପିଇଓ ପଞ୍ଚାନନ ବେହେରା, ରେଢାଖୋଲ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ, ବଡବାହାଳ ରେଞ୍ଜ ଅଧିକାରୀ ଦିଲୀପ ଧଳ, କଦଳିଗଡ ରାଜସ୍ୱ ନିରୀକ୍ଷକଙ୍କ ସହ ପ୍ରଶାସନିକ ଅଧିକାରୀ ଶୁକ୍ରବାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ଲୁଟେରାଙ୍କ ଚରାଭୂଇଁ ଗଡ଼ପୋଷ ଅଞ୍ଚଳ

# ବନ୍ଧୁକମୁନରେ ବ୍ୟାଙ୍କ କର୍ମଚାରୀଙ୍କ ଟଙ୍କା ଲୁଟ୍

**ବାମରା,୧୭।୫ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ଗଡ଼ପୋଷ ଅଞ୍ଚଳରେ ଦିନକୁ ଦିନ ଲୁଟ ଘଟଣା ବୃଦ୍ଧି ପାଉଥିବା ବେଳେ ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି । ଘଟଣା ଅନୁସାରେ ଚଳିତ ବର୍ଷ ଜାନୁୟାରୀ ୭ ଓ ୮ ତାରିଖରେ ୨ଟି ପୃଥକ ଅର୍ଥ ଲଗାଣକାରୀ ସଂସ୍ଥାରୁ ମୋଟ ୧ଲକ୍ଷ ୧୮ ହଜାର ଟଙ୍କା ଲୁଟ ହୋଇଥିଲା। ଗୁରୁବାର ଦିନ ଦ୍ୱିପହରରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୪୧ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, ରାଜଗାଙ୍ଗପୁରର ବନ୍ଧନ ବ୍ୟାଙ୍କ ପକ୍ଷରୁ ଗଡପୋଷ ଅଞ୍ଚଳର ମହିଳାମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। ଗୁରୁବାର ବ୍ୟାଙ୍କ କର୍ମଚାରୀ ସନ୍ଦୀପ ସୌମିଗ୍ରାହୀ ଟଙ୍କା ସଂଗ୍ରହ କରି ରାଜଗାଙ୍ଗପୁରକୁ ଫେରୁଥିଲେ। ହେଲେ ଗଡପୋଷ ଫାଣ୍ଡି ଅଧୀନ ଲୁହରେନବେର୍ନି-ଜୁରାଜାମ ରାସ୍ତାରେ ଏକ ବାଇକ୍‌ରେ ୩ଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ପରେ ଯୁବକମାନେ ବନ୍ଧୁକ, ଛୁରି ଦେଖାଇ ୪୧ ହଜାର ୩୦୫ ଟଙ୍କା ସହ ମୋବାଇଲ, ପିଓଏସ୍ ମେଶିନ ସହ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ସନ୍ଦୀପ ଗଡପୋଷ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗଡପୋଷ ଅଞ୍ଚଳରେ ଦିନକୁ ଦିନ ଡକାୟତି ଘଟଣା ବୃଦ୍ଧି ପାଇଥିବା ବେଳେ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା ଲୁଟେରାଙ୍କ ଟାର୍ଗେଟ ହେଉଛନ୍ତି । ଏନେଇ ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣାଙ୍କୁ ପଚାରିବାରୁ ଖୁବ ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମିଲର୍ସଙ୍କୁ ସୁରକ୍ଷା: ଧାନକିଣା ପୂର୍ବରୁ ହୋଇନି ଗୋଦାମ ଯାଞ୍ଚ

**ସମ୍ବଲପୁର,୧୭।୫ (ବ୍ୟୁରୋ)**

ଖରିଫ ଋତୁରେ ଧାନ ସଂଗ୍ରହରେ ଦୁର୍ନୀତି ହେଉଥିବା ସନ୍ଦେହ କରି ଚାଷୀ ସଂଗଠନ ମାର୍କେଟୟାଡ ଖୋଲିବା ପୂର୍ବରୁ ମିଲ୍‌ଗୁଡିକୁ ଯାଞ୍ଚ କରିବାକୁ ଏପ୍ରିଲ ୩ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ ସାଧାରଣ ବୈଠକରେ ଦାବି କରାଯାଇଥିଲା। ଏପରି କି କେତେ ପରିମାଣ ଧାନ କେଉଁ ମିଲରେ ମହଜୁଦ ଅଛି ତାହା ସର୍ବସାଧାରଣ ପ୍ରକାଶ କରିବାକୁ କୁହାଯାଇଥିଲା। ଯୋଗାଣ ବିଭାଗ ସହ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏବଂ ଚାଷୀ ସଂଗଠନ ସଦସ୍ୟ ସାମିଲ ହୋଇ ଯାଞ୍ଚ କାର୍ଯ୍ୟ କରିବାକୁ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ଦାବି କରିଥିଲେ । ଏହାକୁ ବୈଠକରେ ସର୍ବ ସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ଏପରି କି ଯାଞ୍ଚ କାର୍ଯ୍ୟ କରିବାକୁ ଜିଲାପାଳ ଶୁଭମ୍ ସକସେନା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଧାନ କିଣା ପୂର୍ବରୁ ପ୍ରଶାସନ ପକ୍ଷରୁ କୌଣସି ମିଲ୍ ଉପରେ ଚଢାଉ କରି ଯାଞ୍ଚ କରାଯାଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ମିଲର୍ସଙ୍କୁ ସୁରକ୍ଷା ଦେଇ ଅଧିକାରୀମାନେ ଚୁପ ହୋଇ ବସିପଡିଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ମଧ ମିଲ୍ ଉପରେ ଚଢାଉ କରି ଯାଞ୍ଚ କାର୍ଯ୍ୟ କରାଗଲେ ଧାନର ଅଭାବୀ ବିକ୍ରିକୁ ରୋକାଯାଇପାରିବ ବୋଲି ଚାଷୀମାନେ ଦାବି କରିଛନ୍ତି। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଏକ ବୈଠକରେ ଚାଷୀମାନେ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ । ମିଲର୍ସଙ୍କ ଉପରେ ହୋଇଥିବା ଚଢାଉର ରିପୋର୍ଟ ସର୍ବସାଧାରଣରେ ଉପସ୍ଥାପନ କରିବାକୁ ଦାବି କରିଥିଲେ। ହେଲେ ଏଥିରେ କୌଣସି ସୁଫଳ ମିଳି ନ ଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତିର ନକଲ ଚାଷୀମାନଙ୍କୁ ଦିଆଯିବାକୁ ସ୍ଥିର ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହା ପ୍ରଦାନ କରାଯାଇ ନ ଥିବା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ପ୍ରଧାନ କହିଛନ୍ତି । ଏ ସମ୍ପର୍କରେ ଜିଲାପାଳ ସକସେନାଙ୍କୁ ପଚାରିବାରୁ ଧାନ ମାର୍କେଟ ଖୋଲିବା ପୂର୍ବରୁ ମିଲର୍ସଙ୍କ ଗଚ୍ଛିତ ଧାନ ଉପରେ ଏକ ରିପୋର୍ଟ ଯୋଗାଣ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଯଦି ଏଥିରେ କୌଣସି ଦୁର୍ନୀତି ହୋଇଥାଏ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ନାବାଳକଙ୍କୁ ଅପହରଣ ଉଦ୍ୟମ

**ଦେବଗଡ,୧୭।୫ (ସ୍ୱ.ପ୍ର.)**

ଦେବଗଡ଼ ଥାନା ଅଧୀନ ବାରକୋଟ ବ୍ଲକର ଦନ୍ତାରୀବାହାଳ ଗ୍ରାମରେ ଗୁରୁବାର ରାତ୍ରିରେ ଜଣେ ୧୦ବର୍ଷର ନାବାଳକଙ୍କୁ ଅପହରଣ ଉଦ୍ୟମ ହୋଇଥିବା ଦେବଗଡ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାତିରେ ଅଞ୍ଚଳରେ ଜୋର ପବନ ବହିଥିଲା। ଗ୍ରାମର ଜଣେ ନାବାଳକ ନିକଟସ୍ଥ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ନାବାଳକ ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଏନେଇ ନାବାଳକଙ୍କ ମା' ଦେବଗଡ଼ ଥାନାରେ ଏକ ଅଭିଯୋଗ କରିଥିଲେ। ଖବର ପାଇ ଦେବଗଡ଼ସ୍ଥିତ ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତା ଗାଁକୁ ଯାଇ ଘଟଣାର ତଦନ୍ତ କରି ଫେରିଥିଲେ। ହେଲେ ନାବାଳକ ଜଣକ ଘରକୁ ଫେରି ଆସିଥିବା ଜଣାପଡିଛି। ହେଲେ ସେ କିପରି ଅବସ୍ଥାରେ ଘରକୁ ଫେରିଲେ ତାହା ଜଣାପଡି ନାହିଁ।

### ମଦ ଜବତ, ଜଣେ ଗିରଫ

**ବାମରା,୧୭।୫ (ସ୍ୱ.ପ୍ର.)**

ବେଆଇନ ମଦ କାରବାର ଅଭିଯୋଗରେ ବାମରା ପୋଲିସ ଫଟାଟାଙ୍ଗର ଗ୍ରାମରେ ବିମ୍ବାଧର ଟପ୍ପୋ(୩୦)ଙ୍କୁ ଗିରଫ କରିଛି। ପୋଲିସ ତାଙ୍କଠାରୁ ବିଭିନ୍ନ କମ୍ପାନୀର ବିଦେଶୀ ମଦ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ବିମ୍ବାଧରଙ୍କୁ କୋର୍ଟ ଚାଲାଣ କରିଛି।

# ବିଏସ୍‌ପିର ସମୀକ୍ଷା ବୈଠକ

**ସମ୍ବଲପୁର,୧୭।୫ (ବ୍ୟୁରୋ)**





ଶୁକ୍ରବାର ସମ୍ବଲପୁରରେ ବିଏସପି ସମୀକ୍ଷା ବୈଠକରେ ଜିଲା ସଭାପତି ନିହାଲ ସିଂ ସୂଚନା ଦେଉଛନ୍ତି (ଉପର)। ଶୁକ୍ରବାର ସମ୍ବଲପୁରରେ ବିଏସପି ସମୀକ୍ଷା ବୈଠକରେ ଯୋଗଦେଇଥିବା ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ପ୍ରତିନିଧିମାନେ ।

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସମ୍ବଲପୁର ଜୋନସ୍ତରୀୟ ସମୀକ୍ଷା ବୈଠକ ଶୁକ୍ରବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ବିଏସ୍‌ପି ଜିଲା ସଭାପତି ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ରାଜ୍ୟ ସଭାପତି ଟଙ୍କଧର ବାଗ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ଲୁହୁରା ମୁଖ୍ୟ ସମୀକ୍ଷକ ଭାବେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ଦେବୀ ଚରଣ ଭାଟି, ବରଗଡ଼ର ରାଜୁ ନନ୍ଦ, ସମ୍ବଲପୁରର ଏମ୍‌ଡି ଫାରୁକ, ଦିଲୀପ କୁମାର ସିଂ, ସୁନ୍ଦରଗଡ଼ର ରାଜନ ତନ୍ତି, ନୂଆପଡ଼ାର କୁନ୍ତି ସାହୁ, ବରଗଡ଼ ଜିଲା ସଭାପତି ନାରାୟଣ ବେଶ୍ରା, ଝାରସୁଗୁଡ଼ା ଜିଲା ସଭାପତି ଲକ୍ଷ୍ମଣ ଉର୍ମା, ଅନୁଗୋଳର ପ୍ରଦ୍ୟୋନ୍ନ କୁମାର ନାୟକ, କଳାହାଣ୍ଡି ଜିଲା ସଭାପତି ଦାମୋଦର ଛତ୍ରିଆ, ସବିତା ମହନ୍ତ, ନାରାୟଣ ସୁନା, କୈଳାସ ଲୁହା, ବିଜୟ କୁମାର ମହାନନ୍ଦ, ମହମ୍ମଦ ମୁସ୍ତକିମ୍, କନ୍ଦର୍ପ ପାତ୍ର, ଦ୍ରୁଣ କୁମ୍ଭାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲାସ୍ତରୀୟ ବିଶ୍ୱ ରକ୍ତଚାପ ଦିବସ

**ଦେବଗଡ଼,୧୭।୫ (ସ୍ୱ.ପ୍ର.)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ. ମନୋଜ କୁମାର ଉପାଧ୍ୟାୟ, ଡ. ସୁଶାନ୍ତ ଓଝା, ଡ଼. ଗଙ୍ଗାଧର ପ୍ରଧାନ, ଡ଼.ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ଉଚ୍ଚରକ୍ତଚାପ ରୋଗ ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ସେହିପରି ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ପ୍ରଶିକ୍ଷାର୍ଥୀଙ୍କ ମଧରେ ଓଡ଼ିଆ ଓ ଇଂଲିଶ ରଚନା, ସ୍ଲୋଗାନ, ଜଣାଅଜଣା, ତର୍କ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରମେଶ୍ୱର ନାୟକ, ମହେନ୍ଦ୍ର ମିଶ୍ର, ସୁକାନ୍ତ କୁମାର ଶୁକ୍ଳା, ସୌଦାମିନୀ ଦତ୍ତ, ସମରେନ୍ଦ୍ର ମିଶ୍ର, ଅନିତା ସାହୁ, ପରେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ଥାଳ ଉଠିଲା

**ସମ୍ବଲପୁର,୧୭।୫ (ବ୍ୟୁରୋ)**



ସମ୍ବଲପୁର ମହାନଗର ନିଗମ ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ଥାଳଉଠା ପର୍ବ।

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଓ ଶିବ ବିବାହ ପାଇଁ ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ଥାଳ ଉଠା ପର୍ବ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ପଣ୍ଡିତ ସୁଶାନ୍ତ ସାହୁ ମନ୍ତ୍ର ଉଚ୍ଚାରଣ କରି ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ । କନ୍ୟା ପିତା ମାତା ଭାବେ ବୀରେନ୍ଦ୍ର ଧର ତାଙ୍କ ସ୍ତ୍ରୀ ବୀଣାପାଣି ଏବଂ ବରପିତା ମାତା ନିମାଇଁ ନନ୍ଦ ତାଙ୍କ ସ୍ତ୍ରୀ ସଂଯୁକ୍ତା ସଂକଳ୍ପ ନେଇଥିଲେ । ପରେ କନ୍ୟା ଓ ବରପିତା ମାତା ଶୋଭାଯାତ୍ରାରେ ବାହାରି ଛକ ପରିକ୍ରମା କରିଥିଲେ। ଯାତ୍ରା କମିଟି ସଭାପତି ତନ୍ମୟ ଧରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଜୁନ ୫ ତାରିଖ ପତ୍ର ପେଣ୍ଡି, ୬ ତାରିଖ ଦେବ ନିମନ୍ତ୍ରଣ, ୭ ବିବାହ ଓ ୮ ତାରିଖରେ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି ।

### ସରକାରୀ ନିୟମକୁ ବେଖାତିର

# ଭଡ଼ାରେ ଚାଲିଛି କେଶାଇବାହାଲ ପିଇଓ କ୍ୱାର୍ଟର୍ସ

**ବାମରା,୧୭।୫ (ସ୍ୱ.ପ୍ର.)**




କେଶାଇବାହାଲର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ କ୍ୱାର୍ଟସଁ।

ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ସେହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ହେଡକ୍ୱାର୍ଟସରେ ରହି ସରକାରୀ କାର୍ଯ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି। ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ପାଇଁ ମୋଟ ୭ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଏକ କ୍ୱାର୍ଟସ ନିର୍ମାଣ କରାଯାଇଛି । ହେଲେ କାର୍ଯ୍ୟରତ ପିଇଓ କ୍ୱାର୍ଟସରେ ନ ରହି ଏହାକୁ ଭଡ଼ାରେ ଲାଗାଇଥିବା ଅଭିଯୋଗ ହୋଇଛି। ଏପର କି ଅଧିକାରୀ ଜଣକ ୬୦ରୁ ୭୦ କି.ମି. ଦୂରରୁ ପ୍ରତିଦିନ ଯିବାଆସିବା କରୁଥିବା ଜଣାପଡିଛି। ଏପରି କି ୨ମାସ ହେଲା ଉକ୍ତ କ୍ୱାର୍ଟର୍ସକୁ ଏକ ମୋବାଇଲ କମ୍ପାନୀକୁ ଭଡାରେ ଦିଆଯାଇଥିବା ସୂଚନା ମିଳିଛି। ଏନେଇ ଗ୍ରାମବାସୀ ବାମରା ବିଡିଓଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତ ଇଓ ନୟନ କୁମାର ପଟେଲଙ୍କୁ ପଚାରିବାରୁ, ଘଟଣାକୁ ସ୍ୱୀକାର କରିବା ସହ ସେ ଘରୁ ଯିବାଆସିବା କରୁଥିବା କହିଥିଲେ । ଏନେଇ ବାମରା ବିଡିଓ ସୁଶୀଲ କୁମାର କୁଜୁରଙ୍କୁ ପଚାରିବାରୁ, ଘଟଣା ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରାଗଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଫଟୋରେ ଖବର






ଶୁକ୍ରବାର ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଭୋଟ ଗଣତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗଣତି ସୁପରଭାଇଜର, ଆସିଷ୍ଟାଣ୍ଟ ଓ ମାଇକ୍ରୋ ପର୍ଯ୍ୟବେକ୍ଷକମାନେ (ବାମ)। ଶୁକ୍ରବାର ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଭୋଟ ଗଣତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ସୂଚନା ଦେଉଛନ୍ତି ।

# ସେଲ୍ଫି କର୍ନର



ପ୍ରକାଶ



ପ୍ରହ୍ଲାଦ



ଆଦିତ୍ୟ



ପ୍ରଦୀପ



ଶ୍ୟାମଳ



ଟିକୁନ



ଶିବୁ



ବେଣୁମାଧବ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଖବରକାଗଜ ବିକ୍ରି ସହିତ ନୃତ୍ୟ ନିଶା

**ଦିନକର କାହାଣୀ**

୧୯୯୮ରେ ମାଟ୍ରିକ ପାସ କଲି । ଅନ୍ୟକିଛି କରିବା ପାଇଁ ଚିନ୍ତା କରିବା ପୂର୍ବରୁ ଖବରକାଗଜ ବିକ୍ରିକୁ ଆପଣେଇ ନେଇଥିଲି । ଏହି କାମକୁ ମୁଁ କେବେ ଛୋଟ ଭାବି ନାହିଁ । ବରଂ ଏହା ମୋ ଜୀବନକୁ ଶୃଙ୍ଖଳିତ କରିଛି। ବିଭିନ୍ନ ବର୍ଗର ଲୋକଙ୍କ ଭଲପାଇବା ମୋତେ ମିଳିଛି । ମାସ ଶେଷରେ ଖବରକାଗଜ ଦେୟ ସଂଗ୍ରହ କରିବାକୁ ଗ୍ରାହକଙ୍କ ଘରକୁ ଯାଏ। ଏହି ସମୟରେ ସେମାନେ ପାଖକୁ ଆସି ପ୍ରଥମେ କେନ୍ତା ଅଛ ବାବୁ ବୋଲି ସମ୍ବୋଧନ କରନ୍ତି । ଗ୍ରାହକଙ୍କ ଏହି ନିବିଡ ସମ୍ପର୍କ ମୋତେ ଭଲ ଲାଗେ ବୋଲି କୁହନ୍ତି ଶରତ କୁମାର ନାୟକ ।

ଭୋରୁ ମନ୍ଦିରର ଘଣ୍ଟି ଶବ୍ଦ ଓ କୁକୁଡା ଡାକରେ ଶରତଙ୍କ ଦୈନନ୍ଦିନ କାମ ଆରମ୍ଭ ହୋଇଥାଏ । ସାଢ଼େ ୪ଟାରେ ଶଯ୍ୟାତ୍ୟାଗ କରିବା ପରେ ନିତ୍ୟକର୍ମ ସାରି ସମ୍ବଲପୁର ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିଥାନ୍ତି ସେ । ଭୋର ୫ଟାରେ ଏଜେଣ୍ଟମାନଙ୍କଠାରୁ ବିଭିନ୍ନ ଖବରକାଗଜ ସଂଗ୍ରହ କରିବା ପରେ ତାଙ୍କ ସାଇକେଲ ଆଗକୁ ଗଡ଼େ । ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ସେ ଗୋଲବଜାର ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କୋଚିଂ ସେଣ୍ଟର, ସ୍କୁଲ ସମେତ ବିଭିନ୍ନ ଲୋକଙ୍କ ଘରେ ଖବରକାଗଜ ବାଣ୍ଟି ୮ଟାରେ ପୁଣି ସରକାରୀ ବସଷ୍ଟାଣ୍ଡକୁ ଫେରି ଆସିଥାନ୍ତି। ସେଠାରେ ଅନ୍ୟ ହକର ଭାଇମାନଙ୍କ ସହ ଖବରକାଗଜରେ ବାହାରିଥିବା ଫଟୋ ଓ ନ୍ୟୁଜ ଉପରେ ଆଲୋଚନା କରନ୍ତି । ୯ଟାରେ ଘରେ ପହଞ୍ଚି ନିତ୍ୟକର୍ମ ସାରିଥାନ୍ତି । ସାଢ଼େ ୯ଟାରେ ପ୍ରାୟ ପ୍ରତିଦିନ ବାଲିବନ୍ଧାସ୍ଥିତ ସୋମନାଥ ବାବାଙ୍କୁ ଦର୍ଶନ କରନ୍ତି ସେ। ପରେ ସହରର ବିଭିନ୍ନ ଅଞ୍ଚଳ ବୁଲି ଖବରକାଗଜ ପାଉଣା ସଂଗ୍ରହ କରନ୍ତି । ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତାଙ୍କୁ ପରିବାର ସଦସ୍ୟଙ୍କ ସହିତ ରହିବାର ସୁଯୋଗ ମିଳେ । ଏହି ସମୟରେ ସାମାଜିକ କାର୍ଯ୍ୟରେ ଯୋଗଦେଇଥାନ୍ତି ।



ଖବରକାଗଜ ବିତରକ ଶରତ କୁମାର ନାୟକ

ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୬ଟା ପର୍ଯ୍ୟନ୍ତ ସମ୍ବଲପୁରୀ ନୃତ୍ୟ ଅଭ୍ୟାସ କରିଥାନ୍ତି ବୋଲି ଶରତ କହନ୍ତି। ପିଲାଟି ଦିନରୁ ନୃତ୍ୟ ଓ ଗୀତ ପ୍ରତି ତାଙ୍କର ରୁଚି ଥିଲା । ୧୯୯୮ରେ ପ୍ରଫୁଲ୍ଲ ବେହେରାଙ୍କଠାରୁ ଗୀତ ଶିଖିଥିଲେ । ପରେ ନୃତ୍ୟଗୁରୁ ରଞ୍ଜନ କୁମାର ସାହୁଙ୍କଠାରୁ ସମ୍ବଲପୁରୀ ନୃତ୍ୟ ଶିକ୍ଷା ଗ୍ରହଣ କରିଥିଲେ । ଗୁଆହାଟୀର କଳାକ୍ଷେତ୍ରରେ ପ୍ରଥମ ଥର ପାଇଁ ଢ଼ାପ ନୃତ୍ୟ କରିଥିଲେ । ସେଦିନଠାରୁ ଦେଶର ବିଭିନ୍ନ ଅଞ୍ଚଳରେ ନୃତ୍ୟ ପରିବେଷଣ କରି ଆସୁଛି ବୋଲି ଶରତ କୁହନ୍ତି । ତାଙ୍କ ଭାଷାରେ ଦୂରଦର୍ଶନରେ ପ୍ରସାରିତ ବୀର ସୁରେନ୍ଦ୍ର ସାଏ, ନୂଆଁଖାଇ, ପରମ୍ପରା ନୃତ୍ୟନାଟିକା ଓ ପଶ୍ଚିମ ଓଡ଼ିଶାର ବାଦ୍ୟଯନ୍ତ୍ରରେ ନୃତ୍ୟ କରିଛି । ଏହା ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । କିନ୍ତୁ ଖବର କାଗଜ ବିତରଣ କରି ପରିବାର ପ୍ରତିପୋଷଣ କରିବାରେ ସହାୟକ ହୋଇଛି । ଘରେ ବାପା,ମାଆ, ବଡ଼ଭାଇ, ଭାଉଜଙ୍କ ସମେତ ୯ଜଣ ସଭ୍ୟଙ୍କ ଲାଗି କିଛି କରିପାରୁଛି ବୋଲି ସେ କୁହନ୍ତି।

ରାତିରେ ଶୋଇବା ପୂର୍ବରୁ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିରକରନ୍ତି ବୋଲି ଶରତ କୁହନ୍ତି । ପ୍ରଥମେ ସେ ୨୦୦ ଖବରକାଗଜ ନେଇ କାମ ଆରମ୍ଭ କରିଥିଲେ । ସଂପ୍ରତି ତାହା ୬ଶହରେ ପହଞ୍ଚିଛି। ସୋସିଆଲ ମିଡିଆ, ଇଣ୍ଟରନେଟ୍, ହ୍ୱାଟ୍ସଆପ୍ ଯୋଗୁ ଖବରକାଗଜ ଯେତେ ବୃଦ୍ଧିହେବାକଥା ହେଉନାହିଁ, ତେଣୁ ବ୍ୟବସାୟରେ ଆଶାତୀତ ଲାଭ ହେଉନାହିଁ । ଗ୍ରାହକଙ୍କ ଭଲପାଇବା ଯୋଗୁ ଖବରକାଗଜ ବିତରଣ କରୁଛି ବୋଲି ସେ ଖୁସିରେ କୁହନ୍ତି ।

**ରିପୋର୍ଟ: ବି. ଶଙ୍କର**

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଦାଉ ସାଧୁଛେ କିଡ୍‌ନୀ ରୋଗ୍

# ମୁରଡୁ ସଂଗେ ଯୁଝୁଛନ୍ ଆଦିବାସୀ ଦମ୍ପତି

**ସିନାପାଲି, ୧୭।୫ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଯୋଜନା ଉପରେ ଯୋଜନା ତିଆର କରୁଛନ୍। ହେଲେ ଅନେକ ଜାଗାରେ ଗରିବ୍ ଦୁଖି ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଇ ଦୁଖେ କଷ୍ଟେ ଜୀବନ୍ ବିତଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଲିଟିଗୁଡ଼ା ପଁଚେତ୍ ମକଡ଼ଦମ ପଡ଼ାରେ।

ସୂଚନା ଅନ୍‌ସାରେ ମକଡ଼ଦମପଡ଼ାଟା ଗୁଟେ ଆଦିବାସୀ ଗାଁ। ଗାଁର ଚାରହିକୁତି ପାହାଡ଼ ଜଂଗଲ ଘେରି ରହିଥିଲାବେଲେ ମଝିଥି ଗାଁଟା ରହିଛେ। ଇ ଗାଁରେ ରହୁଛନ୍ ବୁଢୁଧ୍ ଆଦିବାସୀ ଦମ୍ପତି ପକ୍ଷୀରାମ ମାଝୀ(୭୫) ଆର ତାକର ମାଏକିନା ହୀରାମନି ମାଝି(୭୨)। ଦୁଇ ଝିଁକୁ ବିହାବୁରା କଲା ଉତାରୁ ବୁଢ଼ାବୁଢ଼ି ଘରେ ଏକଲା ରହୁଛନ୍। ଠିକ୍‌ସେ ଚାଲବୁଲ ନାଇଁ କରିପାରବାର, ଅଁଟା ତଲକେ ଲହଁସି ଯାଉଛେ, ଆଁଖିକେ ଠିକ୍‌ସେ ନାଇଁ ଦିଶବାର। ଏନ୍ତାଥି ଦୁଇ ବୁଢ଼ାବୁଢ଼ି କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ବୁଢୁଧ୍ ଦମ୍ପତି ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରନୁ ମୂଳ କରି ଖଡ଼ିଆଳ, ଧର୍ମଗଡ଼, ଭବାନୀପାଟଣା, ବୁର୍ଲା, ଓ୍ୱାଲଟିୟର ଯାଇ ଚିକିତ୍ସା କରେଇଛନ୍। ହେଲେ ରୋଗ୍ କମ୍‌ବାର ନାଁ ନାଇଁ ଧରବାର। ଜମିବାଡ଼ି ଗହନା ପକେଇ ଚିକିତ୍ସା କରାଲେ। ହେଲେ ଏହେଦେ ଟଁକା ପଏସା ଅଭାବୁ ଦୁଇଝନ ନିରାଶ ହେଇ ଘରେ ପଡ଼ିରହିଛନ୍। ହୀରାମନି ବଡ଼ ଝିଁ ଘରେ ଆଶ୍‌ରେ ନେଇଥିଲାବେଲେ ପକ୍ଷୀରାମ ଘରେ ଏକଲା ପଡ଼ିରହିଛନ୍। ଏନ୍ତାଥି ପଡ଼ିଶା ଲୋକ୍ ଖାଏବାକେ ଦେଲେ ମୁଠେ ଖାଉଛନ୍ ନାଇଁହେଲେ ଭୁଖେ ପଡ଼ି ରହୁଥିବାର ପକ୍ଷୀରାମ କହିଛନ୍। ସେନ୍ତା ରାଶନ କାର୍ଡରେ ଚାଉଲ ମିଲୁଛେ, ହେଲେ ସେଟା ଦୁଇ ବୁଢ଼ାବୁଢ଼ିକୁ ନିହଁଟ ପଡୁଥିବାର ସେ କହିଛନ୍। ଇ ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚରାଲାରୁ ଆପନକରନୁ ଘଟନା ବାବ୍‌ଦେ ଜାନବାକେ ପାଇଲି। ଘଟନାର ତଦଁତ୍ କରି ଯେନ୍‌ତା ହେବା ବେବସ୍‌ତା କରାଯିବା ବଲି ସେ କହିଥିଲେ।



ବୁଢୁଧ୍ ପକ୍ଷୀରାମ ନିଜର ଉଷୋକଷା ଦେଖଉଛନ୍।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-KUR-IC-TS-59-2019

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଚୟନିତ (Nominated) କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକରେ ପାଣି ଭରିବା ଏବଂ ଅନ୍ତିମ (Terminating) ଷ୍ଟେସନଗୁଡ଼ିକ ଠାରେ କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ (Interior) ସଫେଇ, କୋଚ୍‌ଗୁଡ଼ିକୁ ବନ୍ଦ କରିବା (Locking) ଏବଂ ଶୌଚାଳୟ ସଫେଇ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 2,47,57,389.20, EMD (ଟଙ୍କାରେ) : 2,73,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.05.2019ରିଖ,

**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା.06.06.2019 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ୍

PR-88/K/19-20



**ପୂର୍ବ ତଟ ରେଳପଥ**

**ବାର୍ଷିକ ମରାମତି ଚୁକ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-05, ତା.13.05.2019ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ସଂସ୍ଥାପିତ CEL ଦ୍ୱାରା ନିର୍ମିତ ଏବଂ GGTRONICS ଦ୍ୱାରା ନିର୍ମିତ ଏକ୍ସିଲ କାଉଣ୍ଟର ସିଷ୍ଟମ୍‌ର SSDAC କାର୍ଡ, ମଦର ବୋର୍ଡ, ରିସେଟ୍ ବାକ୍ସ ଇତ୍ୟାଦିର ବାର୍ଷିକ ମରାମତି ଚୁକ୍ତି।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 33,43,253.25, EMD (ଟଙ୍କାରେ) : 66,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.06.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ସମ୍ବଲପୁର

PR-89/K/19-20



**OFFICE OF THE EXECUTIVE ENGINEER, BHUBANESWAR (R&B) DIVISION NO.IV, BHUBANESWAR**

**SHORT QUOTATION CALL NOTICE NO. 01 OF 2019-20**

**eernb4bbsr@gmail.com**

**No.01-B:-** Sealed Quotations are invited from reputed Event Management Organisation having experience in executing similar nature of work for construction of a temporary structure with water proofing materials as per specification at Rajbhawan party Lawn & supply of the articles for the Rajbhawan, Bhubaneswar for arranging "Swearing-in-Ceremony of Hon'ble chief Minister and Council of Minister" during last week of May' 2019. The details of Items, Quantities etc. are available in the office of the undersigned and office of the Asst. Exe. Engineer, (R&B) Sub-Division No.I, Bhubaneswar under (R&B) Division No.IV, Bhubaneswar.

The Quotation documents can be obtained from the office of the Executive Engineer, Bhubaneswar (R&B) Division No.IV, Bhubaneswar and Asst. Exe. Engineer, (R&B) Sub-Division No.I, Bhubaneswar under (R&B) Division No.IV, Bhubaneswar on working days from **dt.18.5.2019 up to 3.30 PM of dt.22.5.2019.**

The Quotation BID must be accompanied by security amount of Rs.40,000.00 (Rupees forty thousand) only in form of Deposit Receipt (Term Deposit Receipt) of Schedule Bank / Kissan Vikas Patra / Post Office Savings Bank Account / National Savings Certificate / Post Office Term Deposit account duly pledged in favour of Executive Engineer, Bhubaneswar (R&B) Division No.IV, Bhubaneswar. If the decided bidder failed to execute the above work in all respect and in due time, the security amount will be forfeited.

Quotation along with GST Registration Copy, PAN & Security amount of Rs.40,000.00 as mentioned above will be received from **dt.18.5.2019 up to 3.30 PM on dt.22.5.2019** in the office of the undersigned and Asst. Exe. Engineer, Bhubaneswar (R&B) Sub-Division No.I under Bhubaneswar (R&B) Division No.IV and the same will be **opened at 4.00 PM on the same day** in the office of the undersigned in the presence of the participant or their authorised representatives if any.

Authority reserved the right to cancel any or all the quotations without assigning any reasons thereof.

**N.B. :- The work is to be executed on emergent basis and to be completed and handed over for inspection by a schedule date which will be intimated to the selected agency in short notice.**

**Sd./- 13.5.2019**
**Executive Engineer**
**BBSR (R&B) Division No.IV, BBSR**

34090/11/0001/1920



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553

**TENDER NOTICE NO. SRGMS - 02/2019-20**

For and on behalf of Odisha Power Transmission Corporation Ltd., Sr. GM (S&S), OPTCL, BBSR invites sealed Tenders from reputed Manufacturers / Authorised Dealers for Supply of various types of LED light fittings (Philips/CG/Havells/PAC) to OPTCL Headqrs office duly superscribed on the cover as : **"Tender for Supply of different types LED light fittings to OPTCL Headqrs office, Bhubaneswar"**. Tender papers can be downloaded from the OPTCL website from **dt.18.05.2019** to **dt.11.06.2019**. The tender will be opened on **dt.11.06.2019** at **4:00 PM**. Interested firms may visit OPTCL's official website **www.optcl.co.in** for detail specifications.

Sd/- **Sr. General Manager (S&S)**

Please connect us: optcl.odisha optcl_odisha energyodisha



**idco** Your power to grow | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**

(A Government of Odisha Undertaking)

IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No. BBSR/Elect/E-4010/2018-19/1805 Date: 16.05.2019

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work** : Up-gradation of substation from 25KVA, 11/0.4KV to 100KVA, 11/0.4KV plinth mounted substation with erection of existing L.T. line using 9mtr long 100 × 116mm RS Joist pole for power supply to M/S Rajkishore Bidyapitha, At-Arisol, Janla, Dist: Khordha.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-04/18-19 | 23.05.2019 at 17.00 hrs. | 30.05.2019 at 17.00 hrs. |

Further details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO Website.

Sd/-
Divisional Head (Elect), IDCO, Bhubaneswar



No. 01-AA

**GOVERNMENT OF ODISHA**

**ELECTRICAL LICENSING BOARD, ODISHA,**
**OFFICE OF THE ENGINEER-IN-CHIEF (ELECTRICITY)**
**-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR HEADS OF DEPARTMENT BUILDING,**
**BHUBANESWAR-751 001.**
**Email-secyelbo@nic.in Ph.- 0674-2394572(0)**

**NOTICE**

No.ELBO/SCC(MV & HT)EXAM.2018/117/2018/439_/Dated Bhubaneswar 30.04.2019

(1) The result of SCC (MV & HT) Examination 2018 including endorsement for mining have been published vide Notification No.430 dated 29.04.2019.
All the successful candidates of SCC Examination 2018 are requested to contact the office of Superintending Engineer-cum-Secretary, ELBO for issue / endorsement of the Supervisor Certificate of Competency (SCC). They are requested to deposit required fees and documents as necessary within six (06) months from the date of Notification of result for obtaining Supervisor Certificate of Competency (SCC).

(2) The result of Workman Permit Examination 2018 have been published vide Notification No.436 dated 29.04.2019.
All the successful candidates of Workman Permit Examination 2018 are requested to contact the office of respective Superintending Engineer-cum-Electrical Inspector, where they have appeared the examination for issue / endorsement of the Workman Permit. They are requested to deposit required fees and documents as necessary within six (06) months from the date of Notification of result from obtaining Workman Permit.

(3) The result of Workman Permit (EHT) Examination 2018 have been published vide Notification No.433 dated 29.04.2019.
The successful candidates of Workman Permit (EHT) Examination 2018 is requested to contact the office of Superintending Engineer-cum-Secretary, ELBO for issue of the Workman Permit (EHT). They are requested to deposit required fees and documents as necessary within six (06) months from the date of Notification of result for obtaining Workman Permit (EHT).
During verification of documents, if any discrepancy is detected then the SCC/ Workman Permit will not be issued to the candidate though he/she has passed the examination. In no case the application of the successful candidates for issue of Supervisor Certificate of Competency / Workman Permit shall be considered after lapse of six (06) months from date of notification of result.
The result is also available in our official Website: eicelectricityodisha.nic.in for information of all concerned.

**Sd/- SUPERINTENDING ENGINEER**
**-CUM-SECRETARY, ELBO.**

04004/11/0001/1920



**ହସ୍ତଶିଳ୍ପରେ ତାଲିମ ପାଇଁ ବିଜ୍ଞାପନ**

No. 01-PP: ଚଳିତ ଆର୍ଥିକ ବର୍ଷ (୨୦୧୯-୨୦) ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରୁଥିବା ନିମ୍ନଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର/ବିଦ୍ୟାଳୟଗୁଡ଼ିକରେ ଛାତ୍ର/ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ କରିବାର ଶେଷ ତାରିଖ ୦୫।୦୬।୨୦୧୯।

| କ୍ର.ସଂ. | ହସ୍ତଶିଳ୍ପ ବିଦ୍ୟାଳୟ/ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|
| ୧. | ତରାଣ୍ଡୋ ହସ୍ତଶିଳ୍ପ ବିଦ୍ୟାଳୟ, ସା- ତରାଣ୍ଡୋ, ପୋ- ବାରୁଅ, ଜି.- କେନ୍ଦ୍ରାପଡ଼ା | କାଇଁଚ ଶିଳ୍ପ | ୨୦ | ୧ ବର୍ଷ |
| ୨. | ରାଜନଗର ହସ୍ତଶିଳ୍ପ ବିଦ୍ୟାଳୟ, ସା- ରାଜନଗର, ପୋ- ଚକଡ଼ା, ଭାୟା- ଆଠଗଡ଼, ଜି.- କଟକ | ବେତ ବାଉଁଶ | ୨୦ | ୧ ବର୍ଷ |
| ୩. | ଘାସିପୁଟ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- ଘାସିପୁଟ, ଜି.- କଟକ | ବେତ ବାଉଁଶ | ୧୨ | ୧ ବର୍ଷ |
| ୪. | ପଲ୍ଲୀ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- ପଲ୍ଲୀ, ଜି.- ଜଗତସିଂହପୁର | ବେତ ବାଉଁଶ | ୧୨ | ୧ ବର୍ଷ |
| ୫. | ସାନ୍ଦାପାଶିପାଟଣା ହସ୍ତଶିଳ୍ପ ବିଦ୍ୟାଳୟ, ସା- ସାନ୍ଦାପାଶିପାଟଣା, ପୋ.- ଗନ୍ଦିଆ, ଜି.- ଢେଙ୍କାନାଳ | ବେତ ବାଉଁଶ | ୧୨ | ୧ ବର୍ଷ |
| ୬. | କୃଷ୍ଣଚନ୍ଦ୍ରପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- କୃଷ୍ଣଚନ୍ଦ୍ରପୁର, ଜି.- ମୟୂରଭଞ୍ଜ | ସବାଇ ଘାସ | ୧୦ | ୧ ବର୍ଷ |
| ୭. | ଆଙ୍ଗିସିଙ୍ଗି ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ.- ଆଙ୍ଗିସିଙ୍ଗି, ଜି.- ନୟାଗଡ଼ | ବେତ ବାଉଁଶ | ୧୦ | ୧ ବର୍ଷ |
| ୮. | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା- ବଉଳଗାଡ଼ିଆ, ପୋ.- ଈଶ୍ୱରପୁର, ଜି.- ବାଲେଶ୍ୱର | ପଥର ଖୋଦେଇ | ୨୦ | ୧ ବର୍ଷ |
| ୯. | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା/ପୋ.- ପୁରୀ, ଜି.- ପୁରୀ | ଶଙ୍ଖ ଶାମୁକା | ୧୦ | ୧ ବର୍ଷ |
| ୧୦. | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା/ପୋ.- ଲଳିତ ଗିରି, ଜି.- କଟକ | ପଥର ଖୋଦେଇ | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ.୧୦୦୦.୦୦ ବୃତ୍ତି ପ୍ରଦାନ କରାଯିବ।

**ଆବେଦନ ନିମନ୍ତେ ଯୋଗ୍ୟତା:**

ବୟସ - ୧୪ ବର୍ଷରୁ ୪୦ବର୍ଷ (ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ବର୍ଷ କୋହଳ କରାଯିବ।

**ଶିକ୍ଷାଗତ ଯୋଗ୍ୟାତ:** ୮ମ ପାସ୍ ଓ ତଦୂର୍ଦ୍ଧ୍ୱ।

**ସ୍ଥାନ ସଂରକ୍ଷଣ ବ୍ୟବସ୍ଥା:** ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ସଂଖ୍ୟାଲଘୁ ସମ୍ପ୍ରଦାୟ/ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି।

ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ସାଦାକାଗଜରେ ନାମ, ପିତାଙ୍କ ନାମ, ଠିକଣା, ବୟସ, ଶିକ୍ଷାଗତ ଯୋଗ୍ୟତା, ଜାତି, ବର୍ଗ ଏବଂ ହସ୍ତଶିଳ୍ପ ତାଲିମ କେନ୍ଦ୍ରର ନାମ ଉଲ୍ଲେଖକରି ସମସ୍ତ ପ୍ରମାଣପତ୍ରର ନକଲ ସହ ସମ୍ପୃକ୍ତ **ଜିଲ୍ଲା ଶିଳ୍ପକେନ୍ଦ୍ର/ଆଞ୍ଚଳିକ ଶିଳ୍ପକେନ୍ଦ୍ରରେ** ଆବେଦନ କରିପାରିବେ। ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ **ସାଧାରଣ ପରିଚାଳକ, ଆଞ୍ଚଳିକ ଶିଳ୍ପକେନ୍ଦ୍ର/ଜିଲ୍ଲା ଶିଳ୍ପକେନ୍ଦ୍ର/ବ୍ଲକ୍ ଶିଳ୍ପ ବିକାଶ ଅଧିକାରୀ/ତାଲିମ କେନ୍ଦ୍ର/ବିଦ୍ୟାଳୟ ଉପଦେଷ୍ଟାଙ୍କ** ସହ ଯୋଗାଯୋଗ କରିବାକୁ ଅନୁରୋଧ।

**ନିର୍ଦ୍ଦେଶକ**
**ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

43002/11/0001/1920

# ରୁରାଲ ମ୍ୟାନେଜମେଣ୍ଟ

ଭାରତ ଭଳି ଏକ ଗ୍ରାମ ପ୍ରଧାନ ଦେଶରେ ଉଭୟ ବଜାର ଏବଂ ସରକାରଙ୍କ ନଜର ଗ୍ରାମୀଣ କ୍ଷେତ୍ର ଉପରେ ରହିଛି । ଗ୍ରାମଗୁଡ଼ିକରେ ବିଭିନ୍ନ ଯୋଜନା ମାଧମରେ ବିକାଶର ଧାରା ଜାରି ରଖିବାକୁ ସରକାର ଚାହୁଁଥିବା ବେଳେ ବଜାରରେ ନିଜର ଉତ୍ପାଦକୁ ବିକ୍ରି କରିବା ଲାଗି ଚାଷୀ ଦୈନିକ ନୂଆ ରଣନୀତି ଆପଣାଉଛି । ଏହାରି ଭିତରେ ଆଜି ମଧ ବଜାର ସହ ସିଧାସଳଖ ତାଳମେଳ ରଖି କୃଷକ ନିଜର ମାଲ୍ ବିକ୍ରି କରିପାରୁନି । ସେମାନେ କମ୍ପାନୀ ଓ ବଜାର ସହ ସମ୍ପର୍କ ରକ୍ଷା କରି ଅଧିକରୁ ଅଧିକ ମୂଲ୍ୟ ପାଇବାକୁ ରଣନୀତି ଆପଣାଇବାକୁ ବ୍ୟଗ୍ର ଥିବାବେଳେ ରୁରାଲ ମ୍ୟାନେଜମେଣ୍ଟ କରିଥିବା ଜଣେ ଅଧିକାରୀ ସେମାନଙ୍କ ପାଇଁ ମାର୍ଗଦର୍ଶକ ସାଜିଥାନ୍ତି । ସେ ହୁଅନ୍ତି ସରକାର ଓ ଚାଷୀଙ୍କ ମଧ୍ୟରେ ସମ୍ପର୍କର ସେତୁ ।



ପ୍ରତିଯୋଗିତାମୂଳକ ପରିବେଶରେ ବିକାଶ ଓ ବଜାର ଯୋଜନାକୁ ସଫଳ କରିବା ଲାଗି ଆଜି ଗ୍ରାମାଞ୍ଚଳରେ ଯୋଜନା ରୂପାୟନକାରୀଙ୍କଠାରୁ ଆରମ୍ଭ କରି ପରିଚାଳକଙ୍କ ଆବଶ୍ୟକତା ବଢ଼ିଯାଇଛି । ଚାଷୀ ଓ ଗ୍ରାମାଞ୍ଚଳର ସାମାଜିକ ପୃଷ୍ଠଭୂମି ବୁଝି କୌଣସି ଯୋଜନାକୁ ସଫଳ ଭାବେ ରୂପାୟନ କରିବା ହେଉଛି ରୁରାଲ ଡେଭଲପ୍‌ମେଣ୍ଟ ଅଧିକାରୀଙ୍କ କାର୍ଯ୍ୟ । ଗ୍ରାମୀଣ ବିକାଶ କ୍ଷେତ୍ରରେ ଦୁଗ୍ଧ କ୍ରାନ୍ତି ଓ ସବୁଜ ବିପ୍ଳବ ଏଭଳି ସଫଳ ରୂପାୟନର ପ୍ରତିଫଳନ ବୋଲି କୁହାଯାଏ ।

ଗ୍ରାମୀଣ ବିକାଶର ଏହି ଦୃଶ୍ୟ ରାତାରାତି ବଦଳିନି । ଏହା ଏକ ନିରନ୍ତର ପ୍ରକ୍ରିୟା ଦେଇ ଗତି କରିଛି । ଆଜି କୃଷିର ବାଣିଜ୍ୟିକକରଣଠାରୁ ଆରମ୍ଭ କରି ଇ-ଭିଲେଜ ପର୍ଯ୍ୟନ୍ତ କଳ୍ପନାକୁ ସାକାର କରିବା ଦିଗରେ ପଦକ୍ଷେପ ନିଆଯାଉଛି । କମୋଡିଟି ଏକ୍ସଚେଞ୍ଜ କାରଣରୁ ଆଜି ଚାଷୀ ଫସଲର ଉଚିତ୍ ମୂଲ୍ୟ ପାଇପାରୁଛି । ବିକାଶର ଏହି ଧାରାବାହିକତା ବଜାୟ ରଖିବା ଏବଂ ଏହାକୁ ଠିକ୍ ମାର୍ଗରେ ନେବା ଲାଗି ପେସାଦାର ଓ ପରିଚାଳନା ଅଧିକାରୀଙ୍କ ଆବଶ୍ୟକତା ରହିଛି । ଗ୍ରାମାଞ୍ଚଳର ଆବଶ୍ୟକ ଭିତ୍ତିଭୂମିର ବିକାଶ, ଗରିବ ଓ ଦଳିତ ଲୋକଙ୍କ ଉତ୍ଥାନ, ସ୍ୱାସ୍ଥ୍ୟ, ଶିକ୍ଷା, ଦୂରସଞ୍ଚାର, ଅର୍ଥନୀତି, ଆତ୍ମନିର୍ଭରତା ଏବଂ ମହିଳାଙ୍କ ସଶକ୍ତୀକରଣ ଦିଗରେ କାମ କରିବାର ଆବଶ୍ୟକତା ଦେଖାଦେଇଛି । ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିଚାଳନା, ସେଠାକାର ଯୋଗାଯୋଗର ବିସ୍ତାର, ସାମାଜିକ ବିକାଶ, ଭୂମି ସୁଧାର ଓ ଉଦ୍ୟମିତା କ୍ଷେତ୍ରରେ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି ।



## କୋର୍ସର ଆବଶ୍ୟକତା

ଗ୍ରାମୀଣ ବିକାଶ ଓ ଏହା ସହ ସମ୍ପର୍କିତ କାମକୁ ବୁଝିବା ଲାଗି ଏବଂ ଏଥିରେ ଦକ୍ଷତା ହାସଲ କରିବା ଉଦ୍ଦେଶ୍ୟରେ ଆଜି ସାର୍ଟିଫିକେଟ, ପିଜି ଡିପ୍ଲୋମା, ଏମ୍‌ବିଏ ଏବଂ ଏମ୍‌ଏ କୋର୍ସ କରାଯାଇପାରେ । ସାର୍ଟିଫିକେଟ କୋର୍ସରେ ସାଧାରଣତଃ ଗ୍ରାମୀଣ ବିକାଶର ସାଧାରଣ ଜ୍ଞାନ ଦିଆଯାଏ । ଏହାର ବିବିଧ ଦୃଷ୍ଟିକୋଣ ସମ୍ପର୍କରେ ଜଣାଇ ଦିଆଯାଏ ।

ସେହିପରି ପିଜି ଡିପ୍ଲୋମା କୋର୍ସରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ରୁରାଲ ଡେଭଲପମେଣ୍ଟ କ୍ଷେତ୍ରର ଯୋଜନା, କାର୍ଯ୍ୟ, ଏହାର ନିରୀକ୍ଷଣ ଏବଂ ମୂଲ୍ୟାଙ୍କନ ଦକ୍ଷତା ଜାଣିବାକୁ ପଡିଥାଏ । ରୁରାଲ ଡେଭଲପ୍‌ମେଣ୍ଟରେ ଏମ୍‌ଏ କୋର୍ସରେ ଭାରତୀୟ ଦୃଷ୍ଟିକୋଣ, ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ, ଯୋଜନା ଏବଂ ପରିଚାଳନା, ଗବେଷଣା ପଦ୍ଧତି ଏବଂ ଡିଜର୍ଟେଶନ ଆଦି ସମ୍ପର୍କରେ ପାଠ ପଢ଼ାଯାଏ । ଏମବିଏ ଭଳି କୋର୍ସରେ ମାନବ ମନୋବିଜ୍ଞାନ, ବିହେବିୟରାଲ ସାଇନ୍ସ ଏବଂ ପ୍ରାକୃତିକ ସମ୍ପତ୍ତି ସମ୍ପର୍କରେ ବୁଝାଇ ଦିଆଯାଏ । ସେମାନଙ୍କୁ ରୁରାଲ ଡେଭଲପ୍‌ମେଣ୍ଟର ସିଦ୍ଧାନ୍ତ ଅର୍ଥାତ୍ ଗ୍ରାସ୍‌ରୁଟ ଲର୍ନିଂ, ସଂସ୍କୃତି ଏବଂ କାମ କରିବା ବେଳେ ଶିଖିବା ଉପରେ ଜୋର୍ ଦିଆଯାଏ । ସେମାନେ ବିକାଶ ଯୋଜନାର ପରିଚାଳନା କଳା ଶିଖିବାକୁ ପଡେ । ସେମାନଙ୍କୁ ସ୍ଥାନ ବିଶେଷରେ ପ୍ରୋଜେକ୍ଟ କରିବାକୁ ପଡିଥାଏ ।

## ଶିକ୍ଷା ପ୍ରତିଷ୍ଠାନ

ଦେଶର ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ଓ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏଥିସହ ଜଡ଼ିତ କୋର୍ସ କରାଯାଉଛି । ସେଗୁଡ଼ିକ ମଧ୍ୟରେ ରହିଛି: ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଅହମ୍ମଦାବାଦ ଓ କୋଲକାତା ।

# ବିଦେଶରେ ଚାକିରି ଚାହୁଁଥିଲେ...

କ୍ୟାରିୟରକୁ ନେଇ ଅଧିକାଂଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନବାଚୀ ରହିଥାଏ । ଅନେକାଂଶ ଏପରି ଏକ କୋର୍ସ ବାଛିବାକୁ ଚାହାଁନ୍ତି ଯାହା ଭବିଷ୍ୟତରେ କୌଣସି କ୍ୟାରିୟର ଅସୁବିଧା ସୃଷ୍ଟି ନ କରିବ। ସେହିଭଳି ବାଛିଥିବା କ୍ୟାରିୟରରେ ଯେଭଳି ଭଲ ବେତନ ମଧ ମିଳିବ, ଏହାକୁ ଧାନରେ ରଖିବାକୁ ହୁଏ। ନ୍ୟାଶନାଲ ଆସୋସିଏଶନ ଅଫ୍ କଲେଜେସ ଆଣ୍ଡ ଏମ୍ପ୍ଲୟର୍ସ ଏବଂ ୟୁଏସ୍ ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସ ବିଭିନ୍ନ କୋର୍ସକୁ ନେଇ ଡାଟା ଜାରି କରନ୍ତି। କେଉଁ କୋର୍ସର ଟ୍ରେଣ୍ଡ କ'ଣ ରହିଛି କେତେ ବେତନ ମିଳିବ ସେ ନେଇ ତଥ୍ୟ ପ୍ରକାଶ ପାଇଥାଏ। ଚଳିତ ବର୍ଷ ଜାନୁୟାରୀରେ ଜାରି ହୋଇଥିବା ଡାଟା ମୁତାବକ ୮ କୋର୍ସ ଯାହା ବିଦେଶରେ ନିଯୁକ୍ତି ସୁଯୋଗ ଦେବ। ସେଗୁଡିକ ହେଲା...

**ମେକାନିକାଲ ଇଞ୍ଜିନିୟରିଂ:** ବିଭିନ୍ନ ଶିଳ୍ପ କ୍ଷେତ୍ର ଲାଗି ମେଶିନାରି ଏବଂ ତା'ର ପାର୍ଟସ ଡିଜାଇନ, ଉନ୍ନତୀକରଣ ଏବଂ ପରୀକ୍ଷଣ ଭଳି କ୍ଷେତ୍ର ଏହା ସହ ଜଡିତ। ସେହିଭଳି ମାନୁଫାକଚରିଂ ପ୍ରକ୍ରିୟାର ଦେଖାଶୁଣା ଏହା ସହ ସମ୍ପୃକ୍ତ। ମେକାନିକାଲ ଇଞ୍ଜିନିୟରମାନେ ଇଞ୍ଜିନିୟରିଂ ସର୍ଭିସେସ, ମେଶିନାରି ମାନୁଫାକଚରିଂ, କମ୍ପ୍ୟୁଟର ଆଣ୍ଡ ଇଲେକଟ୍ରୋନିକ୍ସ ପ୍ରଡକ୍ଟ ଡିଜାଇନ, ଇଞ୍ଜିନିୟରିଂ ଏବଂ ଲାଇଫ ସାଇନ୍ସ ଗବେଷଣା ବିକାଶ, ଏରୋସ୍ପେସ୍ ପ୍ରଡକ୍ଟ ଏବଂ ପାର୍ଟସ ଡିଜାଇନ କରିଥାନ୍ତି। ୟୁଏସ୍ ୟୁକେ, ଅଷ୍ଟ୍ରେଲିଆ ଏବଂ କାନାଡା ଭଳି ଦେଶରେ ଏଭଳି କ୍ଷେତ୍ରରେ ନିଯୁକ୍ତିର ଅଧିକ ସୁଯୋଗ ରହିଛି। ଏଥିଲାଗି ବାର୍ଷିକ ୫୫ ଲକ୍ଷ ଟଙ୍କାର ବେତନ ମିଳିଥାଏ।

**ସିଭିଲ ଇଞ୍ଜିନିୟରିଂ:** ଅଷ୍ଟ୍ରେଲିଆ, ଆମେରିକା ଏବଂ ୟୁନାଇଟେଡ ଆରବ ଏମିରେଟ୍ସ ଭଳି ଦେଶଗୁଡିକରେ ଏହି କ୍ଷେତ୍ରରେ ଉନ୍ନତ ନିଯୁକ୍ତି ସୁଯୋଗ ରହିଛି। ଏହି କ୍ଷେତ୍ରରେ ପ୍ରଫେଶନାଲଙ୍କୁ ବାର୍ଷିକ ୫୪ ଲକ୍ଷ ଟଙ୍କାର ବେତନ ମିଳିଥାଏ। ଇଞ୍ଜିନିୟରିଂ ସର୍ଭିସେସ୍, ରାଜ୍ୟ ସରକାର, ନିର୍ମାଣ କ୍ଷେତ୍ରରେ ଏମାନଙ୍କୁ କାମ କରିବାକୁ ପଡିଥାଏ।

**ବୀମା ବିଜ୍ଞାନ:** ବୀମା ଏବଂ ବିତ୍ତ କ୍ଷେତ୍ରରେ ରିସ୍କର ଅନୁମାନ ଲଗାଇବା ଲାଗି ଉନ୍ନତ ସଫ୍ଟୱେର, ବିଭିନ୍ନ କୌଶଳର ବ୍ୟବହାର, କୌଣସି ଘଟଣାକୁ ନେଇ ରିସ୍କ ସମ୍ପର୍କରେ ଅନୁମାନ କରିବା ଭଳି କ୍ଷେତ୍ର ଏହା ସହ ଜଡିତ। ବିତ୍ତ ଏବଂ ବୀମା, ପ୍ରଫେଶନାଲ, ସାଇଣ୍ଟିଫିକ ଏବଂ ଟେକ୍ନିକାଲ ସର୍ଭିସ କ୍ଷେତ୍ର ଏହାର ପରିସରଭୁକ୍ତ। ଅଷ୍ଟ୍ରେଲିଆ, ୟୁକେ, ନ୍ୟୁଜିଲାଣ୍ଡ ଏବଂ ଆମେରିକା ଭଳି ଦେଶରେ ଏହି କ୍ଷେତ୍ରରେ ବାର୍ଷିକ ୬୪ ଲକ୍ଷ ବେତନରେ ଚାକିରି ସୁଯୋଗ ରହିଛି।




**ବାୟୋ ମେଡିକାଲ ଇଞ୍ଜିନିୟରିଂ:** ଇଞ୍ଜିନିୟରିଂ ସ୍କିଲକୁ ମେଡିକାଲ କ୍ଷେତ୍ରରେ ପ୍ରୟୋଗ କରିବା ଏହାର ପରିସରଭୁକ୍ତ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ତଥା ଉପକରଣ ପ୍ରସ୍ତୁତ କରିବା,ଏହାର ଡିଜାଇନ ଏବଂ ଗବେଷଣା ମଧ ଏହା ପରିସରରେ ଆସୁଛି। ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଆୟଲାଣ୍ଡ, ୟୁକେ ଏବଂ କାନାଡା ଭଳି ଦେଶରେ ଏହି କ୍ଷେତ୍ରରେ ବାର୍ଷିକ ୫୭ ଲକ୍ଷ ପ୍ୟାକେଜରେ ନିଯୁକ୍ତି ସୁଯୋଗ ରହିଛି।

**ଫାର୍ମାସ୍ୟୁଟିକାଲ ସାଇନ୍ସ:** ନୂଆ ଔଷଧ ପ୍ରସ୍ତୁତି, ଏହାର ପରୀକ୍ଷଣ ଏବଂ ମାନୁଫାକଚରିଂ ଏହାର ପରିସରରେ ଆସୁଛି। ସେହିଭଳି ଉକ୍ତ ଔଷଧ ସମ୍ପର୍କରେ ସଚେତନତା ସୃଷ୍ଟି ମଧ ଉକ୍ତ ବର୍ଗରେ ଆସିଥାଏ। ଡ୍ରଗ ମାନୁଫାକଚରିଂ କମ୍ପାନୀ, ବାୟୋଟେକ କମ୍ପାନୀ, ଗବେଷଣା ସଂସ୍ଥା, ଏକାଡେମିକ ପ୍ରତିଷ୍ଠାନ, ସରକାରୀ ଏଜେନ୍ସି ଏବଂ ହସ୍ପିଟାଲରେ ଏହି କୋର୍ସରେ ନିଯୁକ୍ତି ସୁଯୋଗ ରହିଛି। ଆୟର୍ଲାଣ୍ଡ,ନ୍ୟୁଜିଲାଣ୍ଡ, ୟୁଏସ୍, ସ୍ୱିଡେନ, ସିଙ୍ଗାପୁର ଭଳି ଦେଶରେ ଏହି କ୍ଷେତ୍ରରେ ବାର୍ଷିକ ୫୨-୬୬ ଲକ୍ଷ ବେତନ ପ୍ୟାକେଜ ମିଳୁଛି।

**ଫାଇନାନ୍ସ:** କ୍ଲାଏଣ୍ଟକୁ ଆର୍ଥିକ ପରାମର୍ଶ ଦେବା ସହ ନିବେଶ, ସେବା ନିବୃତ୍ତ ଯୋଜନା ଭଳି କ୍ଷେତ୍ରରେ ଏମାନେ କାର୍ଯ୍ୟ କରନ୍ତି। ବ୍ୟାଙ୍କ, ସେଭିଂସ୍, ଲୋନ ଗ୍ରୁପ, ଫାଇନାନ୍ସିଆଲ ଇନଭେଷ୍ଟମେଣ୍ଟ ଫାର୍ମରେ ଏମାନେ କାର୍ଯ୍ୟ କରିବାର ସୁଯୋଗ ଲାଭ କରିଥାନ୍ତି। ଆୟର୍ଲାଣ୍ଡ, ଲକସେମବର୍ଗ, ହଙ୍ଗେରୀ, ୟୁଏସ୍, ୟୁକେ, ନ୍ୟୁଜଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରେ ବାର୍ଷିକ ୫୮ ଲକ୍ଷ ପ୍ୟାକେଜରେ ନିଯୁକ୍ତି ସୁଯୋଗ ରହିଛି।

**ସାଇବର ସିକ୍ୟୁରିଟି ଏବଂ କମ୍ପ୍ୟୁଟର ସାଇନ୍ସ:** କମ୍ପ୍ୟୁଟର ସିଷ୍ଟମ ଡିଜାଇନ, ନେଟ୍‌ୱର୍କ ସୁରକ୍ଷା, ଡାଟା ଏବଂ ସାଇବର ଆଟାକରୁ ସୁରକ୍ଷା ଭଳି କ୍ଷେତ୍ରରେ ଏହି କ୍ଷେତ୍ର ସହ ଜଡିତ। ଜର୍ମାନୀ, ୟୁଏସ୍, ୟୁକେ,ଆୟର୍ଲାଣ୍ଡ ଏବଂ ଇସ୍ରାଏଲ ଭଳି ଦେଶରେ ବାର୍ଷିକ ଉକ୍ତ କ୍ଷେତ୍ରରେ ପ୍ରାୟ ୬୦ ଲକ୍ଷ ପ୍ୟାକେଜ ମିଳିଥାଏ।

**କମ୍ପ୍ୟୁଟର ନେଟୱର୍କ ଇଞ୍ଜିନିୟରିଂ:** ୱାଇଡ ଏରିଆ ନେଟୱର୍କ, ଲୋକାଲ ଏରିଆ ନେଟ୍‌ୱର୍କ, ଡାଟା କମ୍ୟୁନିକେଶନ ନେଟ୍‌ୱର୍କ ପ୍ଲାନ, ଡିଜାଇନ ଏବଂ ପରିଚାଳନା କ୍ଷେତ୍ରରେ ଏମାନେ କାର୍ଯ୍ୟ କରନ୍ତି। ଅଷ୍ଟ୍ରେଲିଆ, ୟୁଏସ୍, ୟୁକେ ଭଳି ଦେଶରେ ବାର୍ଷିକ ୬୬ ଲକ୍ଷ ପ୍ୟାକେଜରେ ନିଯୁକ୍ତି ରହିଛି।

# କ୍ୟାରିୟର ପାଇଁ ଜରୁରୀ ସ୍କିଲ୍

ବର୍ତ୍ତମାନ ସମୟରେ ଏକ ଭଲ କ୍ୟାରିୟର ଗଢ଼ିବାକୁ ହେଲେ ସେହି ଅନୁଯାୟୀ ନିଜକୁ କୁଶଳୀ କରି ଗଢି ତୋଳିବା ଆବଶ୍ୟକ। ସ୍କିଲର ଆବଶ୍ୟକତା ସମୟ ସମୟରେ ବଦଳୁଥାଏ। ପ୍ରତି ବର୍ଷ ବ୍ୟବଧାନରେ କିଛି କିଛି ବର୍ଷ ବ୍ୟବଧାନରେ ଏଥିରେ ପରିବର୍ତ୍ତନ ଦେଖାଯାଏ। ବଜାରର ଧାରା କିଭଳି ରହିଛି ତାକୁ ବିଚାର କରିବାକୁ ହୁଏ। କେଉଁ ସ୍କିଲ ଶିଖିପାରିଲେ ଏହା ଆଗକୁ ବଢିବା ଏବଂ ଚାକିରି ପାଇ ଭଲ କ୍ୟାରିୟର ଗଢିବାରେ ସହାୟକ ହେବ ତାକୁ ବିଚାର କରିବାକୁ ହେବ।

- ଆଜିର ସମୟରେ ଅଧିକାଂଶ ବିଜନେସ ଡିଜିଟାଲ ହୋଇଛି। ସେହିଭଳି କୌଣସି ବି କ୍ଷେତ୍ରରେ ଡାଟାର ଗୁରୁତ୍ୱ ଏବେ ବଢିଛି। ଏଣୁ ଡାଟାର ପରିଚାଳନା ଶିଖିନେବା ଭଲ ହେବ। ଏଥି ଲାଗି ପ୍ରୋଗ୍ରାମିଂ ସମେତ ଅନ୍ୟ ଉପାଦେୟ କୋର୍ସ ଶିଖିନେବା ଭଲ। ଏହି ସ୍କିଲ ରହିଲେ ଚାକିରିରେ ଆଗକୁ ବଢିବା ପାଇଁ ସହାୟତା କରିବ।
- ଅଧିକାଂଶ କମ୍ପାନୀ ମେଶିନ ଲର୍ନିଂ ଦ୍ୱାରା ଡାଟାର ଫାଇଦା ଉଠାଇଥାନ୍ତି। ମେଶିନ ଲର୍ନିଂ ସ୍କିଲରେ ଡାଟା ସାଇନ୍ସ, ପାଇଥନ, ଡାଟା ମଡେଲିଂ ଏବଂ ଭାଲିଡେଶନ ଭଳି ବିଭିନ୍ନ ସ୍କିଲ ସାମିଲ ରହିଛି।
- ବ୍ୟବସାୟ କ୍ଷେତ୍ରରେ ସିଷ୍ଟମ ଆନାଲିଷ୍ଟ, ଆପ୍ଲିକେଶନ ଆନାଲିଷ୍ଟ ଏବଂ ଟେକ୍ନିକାଲ ପରାମର୍ଶଦାତାଙ୍କର ଆବଶ୍ୟକତା ପଡିଥାଏ। ଏମାନେ ବ୍ୟବସାୟ ସମ୍ପର୍କିତ ବିଭିନ୍ନ ଅସୁବିଧା ଦୂରୀକରଣ ଦିଗରେ ସହାୟତା କରିଥାନ୍ତି। ଆପ୍ଲିକେଶନର ଟେଷ୍ଟ ସହ ସମସ୍ୟା ଦୂରକରିବା ଏମାନଙ୍କ ପ୍ରମୁଖ କାର୍ଯ୍ୟ ପରିସର ଭିତରେ ଆସିଥାଏ। ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରିବାରେ ଏମାନଙ୍କର ପ୍ରମୁଖ ଭୂମିକା ରହିଥାଏ। ଏହି କାର୍ଯ୍ୟ ଆଇଟି ବିଭାଗର ଏକ ଅଂଶବିଶେଷ ହୋଇଥାଏ। ଏଥି ଲାଗି ଅପରେଟିଂ ସିଷ୍ଟମ, ଲାଙ୍ଗୁଏଜ, ଡାଟାବେସ୍, ୟୁଏନ୍‌ଆଇଏଏକ୍ସ, ଜାଭା, ଓରାକଲର ଆଦି ସ୍କିଲ ଜାଣିବା ସହ ଅଭିଜ୍ଞତା ରହିବା ଆବଶ୍ୟକ।
- ବିକ୍ରି ବଢାଇବା ଲାଗି କଷ୍ଟମର ସକ୍‌ସେସ ମ୍ୟାନେଜରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ଏମାନେ ବୁଝିପାରନ୍ତି। ଗ୍ରାହକଙ୍କ ପସନ୍ଦ କେଉଁ ସାମଗ୍ରୀ ବେଶି ବ୍ୟବହାର କରନ୍ତି ଭଳି ପ୍ରସଙ୍ଗକୁ ବିଚାର କରି ସେହି ଅନୁସାରେ ପଦକ୍ଷେପ ନେବାକୁ ପଡେ। ଏଥି ଲାଗି ସୋସିଆଲ ସ୍କିଲ, ଯୋଗାଯୋଗ ସ୍କିଲ, ପ୍ରଡକ୍ଟ ସମ୍ପର୍କିତ ଜ୍ଞାନ ରହିବା ଜରୁରୀ।

# ଗୋଟିଏ ପୃଷ୍ଠାର ରିଜ୍ୟୁମ ତିଆରି କରନ୍ତୁ

ଚାକିରି ପାଇବା ଲାଗି ଆବେଦନପତ୍ର ଦେବା ଅନିବାର୍ଯ୍ୟ। ଯାହାକୁ ଇଂଲିଶ୍‌ରେ ରିଜ୍ୟୁମ କୁହାଯାଏ। ନିଜର ଯୋଗ୍ୟତା, ଅଭିଜ୍ଞତା ଜଣାଇବା ଲାଗି ରିଜ୍ୟୁମ ତିଆରି କରାଯାଏ। ଚାକିରି ଲାଗି ଚୟନ ବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆଜିର ଅତ୍ୟାଧୁନିକ ଦୁନିଆରେ ଯେକୌଣସି ବ୍ୟକ୍ତି ଅନ୍ୟର ବାୟୋଡାଟା ପଢ଼ିବାର ସୁଯୋଗ ପାଇଥାଏ। ଏପରି ସ୍ଥଳେ ନିଜର ଯୋଗ୍ୟତା ଓ ଅଭିଜ୍ଞତା ଜଣାଇବା ଲାଗି ଗୋଟିଏ ପୃଷ୍ଠାର ରିଜ୍ୟୁମ ତିଆରି କରନ୍ତୁ। ଏହାଦ୍ୱାରା ବସ୍‌ଙ୍କ ଧ୍ୟାନ ସହଜରେ ଆକର୍ଷିତ କରିହେବ।

ତେବେ ପ୍ରଶ୍ନ ଉଠୁଛି, ଗୋଟିଏ ପୃଷ୍ଠାର ରିଜ୍ୟୁମର ଆବଶ୍ୟକତା କାହିଁକି ରହିଛି। ଏହାର କାରଣ ହେଲା ଚାକିରି କ୍ଷେତ୍ରରେ ସର୍ଟଲିଷ୍ଟ ହେବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରାର୍ଥୀଙ୍କ ରିଜ୍ୟୁମ୍ ହାୟରିଂ ପ୍ରୋସେସ୍ ଜରିଆରେ ଏକାଧିକ ମ୍ୟାନେଜରଙ୍କ ନିକଟକୁ ଇ-ମେଲ୍ ଯୋଗେ ଆଟାଚମେଣ୍ଟ ଜରିଆରେ ପଠାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତି ଇମେଲ ଆଟାଚମେଣ୍ଟର ଦ୍ୱିତୀୟ ପୃଷ୍ଠାକୁ ଯିବାକୁ ପସନ୍ଦ କରନ୍ତି ନାହିଁ। ଏହି କାରଣରୁ ରିଜ୍ୟୁମ ଗୋଟିଏ ପୃଷ୍ଠା ଭିତରେ ସୀମିତ ରଖିବା ନେଇ ଧ୍ୟାନଦେବାକୁ ହେବ। ତେବେ ଆର୍ଟିଷ୍ଟ, ଡିଜାଇନର, ଆକାଡେମିକ ଅଥବା ରିସର୍ଚ୍ଚର ହୋଇଥିଲେ ଲମ୍ବା ପୋର୍ଟଫୋଲିଓ ପଠାଇବାକୁ ପଡିଥାଏ।

ପ୍ରଥମ ଡ୍ରାଫ୍ଟରେ ଲମ୍ବା ଡକ୍ୟୁମେଣ୍ଟ ତିଆରି କରିବା ଲାଗି ଏଥିରେ ପ୍ରତ୍ୟେକ ତଥ୍ୟ ଦେବାକୁ ପଡ଼ିଥାଏ। ଏହି ସ୍ଥାନରେ ସମସ୍ତ ସ୍କିଲ୍ ଏବଂ ଅନୁଭବ ସମ୍ପର୍କରେ ଜଣାଇ ଦିଅନ୍ତୁ। ନୂଆ ନିଯୁକ୍ତିରେ ନିଜର ଅନୁଭବକୁ କିପରି କାମରେ ଲଗାଇ ହେବ ସେସମ୍ପର୍କରେ ଜଣାଇବାକୁ ଭୁଲିବେ ନାହିଁ। ଯେଉଁ ପଦବୀ ପାଇଁ ରିଜ୍ୟୁମ ଦେଉଛନ୍ତି, ସେଥିରେ କେବଳ ସେ ସମ୍ପର୍କିତ ତଥ୍ୟ ହିଁ ଦେବା ଉଚିତ୍। ଗୋଟିଏ ପୃଷ୍ଠାର ରିଜ୍ୟୁମ ତିଆରି କଲା ବେଳେ ଆପଣଙ୍କ ସମ୍ମୁଖରେ ସ୍ପେଶ୍‌ର ଚ୍ୟାଲେଞ୍ଜ ରହିବ। ଏହାକୁ ଏଭଳି ତିଆରି କରନ୍ତୁ, ଯାହାଦ୍ୱାରା ସହଜରେ ପଢ଼ାଯାଇପାରିବ।

ଚେନ୍ନାଇରେ ଚାକିରି । ହିନ୍ଦୀ କହିପାରୁଥିବେ । କେବଳ ଅଭିଜ୍ଞ ପ୍ରାର୍ଥୀ । ଚାକର । ଘର ସଫେଇବାଲା । ଅଫିସ୍ ଆସିଷ୍ଟାଣ୍ଟ । ଜୁନିୟର କୁକ୍ । ଭଲ ଦରମା । ଯୋଗାଯୋଗ:
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

LALCHAND JEWELLERS
JOB OPENING
1. SALES CONSULTANT : 5 NOS
2. SALES SUPERVISOR : 2 NOS
Minimum Qualification +3 & 2 Yrs Sales Experience. Send Resume at
indramani_r@yahoo.com
or Call: 0674-2534625, 2536666

Need Sales cum Marketing Staff for Kitchen Appliances/ month 10,000 to 15,000/-. Bhubaneswar and Cuttack. Own Two Wheeler must.
Contact No:
7008206622

WALK-IN-INTERVIEW
Application for reputed Banks in BBSR, Khordha, Nayagarh, Puri, Cuttack Dist.
Post- FOS(M), Telecallers(F).
Min Qualification: +2, Diploma, +3.
Mob: 9337153585/7377122649
Salary: 15k + incentive.
(No charges applicable)
E-mail: jena.associate2018@gmail.com

କାର ଡ୍ରାଇଭର
(Hondacity & Skoda)
ଭୁବନେଶ୍ୱର ପାଇଁ ଆବଶ୍ୟକ
Contact No: 9861095146
23, Budheswari Colony, BBSR
EICHER-1110 ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର Company ପାଇଁ
Contact No:
7682853402, 7682853404

ଆବଶ୍ୟକ
ହୋଟେଲ୍ ତାଜ୍ ପ୍ୟାଲେସ୍, ଭୁବନେଶ୍ୱରରେ ରୁମ୍ ବଏ ଏବଂ ସୁଇପର ଆବଶ୍ୟକ। ସମୟ :- ସକାଳ ୧୦.୦୦ଟା ରୁ ରାତି ୮.୦୦ଟା ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ
୯୪୩୮୧୪୩୨୦୮

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
M : 8895725158, 6370827728

WALK-IN-INTERVIEW
HTO
1. Marketing Executive (4 Persons), 2. Stewards (4 Persons-Male)3. Captain (1 Person), 4. Reception (4 Persons), 5. House Keeping (4 Persons)
*All candidates are requested keep your complete CV towards Educational Certificates, Hospitality Experience Certificate, 2 Nos. of Passport Photo. Salary best in Industry.*
Date of Interview : 20.05.2019 (Monday) from 11 AM to 5 PM
Contact : HOTEL TAZZ ODISHA, 126/A, Ashok Nagar, Bhubaneswar-751009
Mob : 9040698560, 7978982455

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

REQUIRED A leading distribution house of Bhubaneswar requires.
1. Sales Manager : Graduate with 5 to 7 years of experience in Sales & Marketing having leadership quality.
2. Sales Executive : Graduate with 2 to 3 years of experience in Sales & Marketing under a distributor.
3. Account Executive : B.Com with 2 to 3 years of experience in Accounts having knowledge of Tally. Salary : Negotiable
Interested candidates can mail their resume with fresh photograph to
E-mail : hr.rctpl@gmail.com or
Mob.: 9437329938, 9853399288 (10 A.M. to 8 P.M.)

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସର୍ଭିସେସ୍ ବୋର୍ଡ୍
ଆରବିଆଇ ଭବନ, ତୃତୀୟ ମହଲା, ମୁମ୍ବାଇ ସେନ୍ଟ୍ରାଲ ରେଲୱେ ଷ୍ଟେସନ୍ ସାମନା, ବାଇକୁଲା, ମୁମ୍ବାଇ-୪୦୦୦୦୮

ବିଜ୍ଞାପନ ସଂଖ୍ୟା. ୬/୨୦୧୮-୧୯

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| ପଦବୀ | ଖାଲିଥିବା ସ୍ଥାନ |
|---|---|
| ଡ଼ାଟା ସାଇନ୍‌ସ ଲ୍ୟାବ୍ (Data Science Lab) ରେ ନିର୍ଦ୍ଦେଶକ - ଗ୍ରେଡ୍ 'ଏଫ୍' | ୧ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ତା.୦୯ ମଇ ୨୦୧୯ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ଆର.ବି.ଆଇ. ୱେବସାଇଟ୍‌ରେ ବିଜ୍ଞାପନ ପ୍ରକାଶନର ତାରିଖ | ତା. ୦୯ ମଇ ୨୦୧୯ ରିଖ (ଗୁରୁବାର) |
| ବୋର୍ଡ଼ କାର୍ଯ୍ୟାଳୟରେ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ (ଡ଼ାକ ଦ୍ୱାରା) | ତା. ୨୪ ମଇ ୨୦୧୯ ରିଖ (ଶୁକ୍ରବାର) ଅପରାହ୍ନ ୫ ଟା ପର୍ଯ୍ୟନ୍ତ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନରେ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ପ୍ରକାଶିତ ହେବ ।

ଅସ୍ୱୀକରଣ: କୌଣସି ବିବାଦୀୟ ସ୍ଥିତିରେ ଏହି ବିଜ୍ଞାପନର ଇଂରାଜୀ ସଂସ୍କରଣ ମାନ୍ୟ ହେବ ।

REQUIRED
LADY BEAUTICIAN FOR M/S PUJA LADY PARLOUR
AT- BAPUJI NAGAR, BBSR
CONTACT- 7205846924
6371332743

DIRECT JOINING
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710, 6372928855

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- The candidate should have at least 5 years+ experience in the field of Accounts.
- Experience includes day to day accounting, preparation of all statutory reports and returns like VAT, Excise, Internal Audit, MIS, Service Tax return submission, verification of Bills.
- Proficiency in MS Excel, MS Word & Tally is a must.

SENIOR OFFICE EXECUTIVES (ADVERTISEMENT)
- Graduates with 5 years+ experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to :
recruitment@dharitri.com
Attractive salary commensurate with experience

See
CAREER
APPOINTMENT
on every

ନୋଟିସ
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ମୌସୁମୀ ଉନ୍ନତ ନ ହେଲେ ଏହା ଗ୍ରାମୀଣ ଏଫ୍ଏମ୍‌ସିଜି ବଜାର ଅଭିବୃଦ୍ଧି ଉପରେ ପ୍ରଭାବ ପକାଇବ।

–ସୁରେଶ ନାରାୟଣ, ନେସ୍‌ଲେ ଇଣ୍ଡିଆ ସିଏମ୍‌ଡି



"ଦେଶରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ ଲାଗି ଭାରତ ପ୍ରୟାସ କରିବା ଆବଶ୍ୟକ।

–ସମିକା ରବି, ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ପରିଷଦ

# ଷ୍ଟକ୍ ବଜାରକୁ ଲାଭ ଦେବ ଦୁର୍ବଳ ସରକାର

ମୁମ୍ବାଇ,୧୭–୫

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଶୁକ୍ରବାର ଷ୍ଟକ୍ ବଜାର ର୍‍ୟାଲିରୁ ବେଶ୍ ସ୍ପଷ୍ଟ ହେଉଛି। କିନ୍ତୁ ବଜାର ବିଶେଷଜ୍ଞ ଚାହୁଁଛନ୍ତି ଦୁର୍ବଳ ମେଣ୍ଟ ସରକାର କ୍ଷମତାକୁ ଆସୁ। ସେମାନଙ୍କ ଯୁକ୍ତି ହେଲା, ଭାଜପା ନେତୃତ୍ୱାଧୀନ କେନ୍ଦ୍ରରେ ଶକ୍ତିଶାଳୀ ସରକାର ଅମଳରେ ନିବେଶକଙ୍କୁ କମ୍ ଫାଇଦା ମିଳିଛି। ସେମାନଙ୍କ ମତରେ ଦୁର୍ବଳ ମେଣ୍ଟ ସରକାର ଆର୍ଥିକ କ୍ଷେତ୍ରରେ ଅତ୍ୟନ୍ତ ସତର୍କତାର ସହିତ ନିୟନ୍ତ୍ରିତ ତଥା ସନ୍ତୁଳିତ ନିଷ୍ପତ୍ତି ନେଉଥିବାରୁ ଏହା ଅର୍ଥନୀତି ପାଇଁ ଲାଭଦାୟକ ହେଉଛି। ପରିସଂଖ୍ୟାନ ମଧ୍ୟ ତାହା ସ୍ପଷ୍ଟ କରୁଛି। ମେଣ୍ଟ ସରକାର ଅମଳରେ ନିବେଶକମାନେ ଭଲ ରିଟର୍ନ ଅର୍ଥାତ୍ ଲାଭ ପାଇଥିବା ତଥ୍ୟରୁ ଜଣାପଡିଛି।

ଉଲ୍ଲେଖ କରାଯାଇପାରେ ଯେ, ୧୯୮୯ରୁ ଦେଶରେ ମେଣ୍ଟ ସରକାର ରହିଆସିଛି। ୨୦୧୪ରେ ମଧ୍ୟ ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଚାଲିଥିଲା। ତେବେ ଭାଜପା ଏକାକୀ ନିଜ ଦମ୍‌ରେ ସରକାର ଗଠନ ଲାଗି ଆସନ ପାଇବା ଯୋଗୁ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ଉପରେ ଏହାର ବେଶ୍ ପ୍ରଭାବ ରହିଥିଲା। ଫଳରେ କେନ୍ଦ୍ରରେ ନିଆଯାଇଥିବା ଏକାଧିକ ଆର୍ଥିକ ନିଷ୍ପତ୍ତି ଏନଡିଏ ସରକାରଙ୍କ କୁହାଯାଉଥିଲେ ହେଁ ବାସ୍ତବରେ ଏହା ଭାଜପାର ବୋଲି କହିବାକୁ ହେବ। ପରିସଂଖ୍ୟାନକୁ ଦେଖିଲେ ଜଣାପଡେ ଯେ, ବମ୍ବେ ଷ୍ଟକ୍ ମାର୍କେଟ(ବିଏସ୍‌ଇ)ର ସମ୍ବେଦୀ ସୂଚକାଙ୍କ(ସେନ୍‌ସେକ୍ସ) ୧୯୮୯ରୁ ୧୯୯୧ର ୨ ବର୍ଷ ଭିତରେ ଦୁଇଗୁଣ ବଢ଼ିଥିଲା। ସେହିଭଳି ୨୦୦୪ରୁ ୨୦୧୪ ମଧ୍ୟରେ ଡଃ ମନମୋହନ ସିଂହଙ୍କ ୟୁପିଏ ମେଣ୍ଟ ସରକାର ବେଳେ ମଧ୍ୟ ସେନ୍‌ସେକ୍ସ ପ୍ରାୟ ୫ ଗୁଣା ବୃଦ୍ଧି ପାଇଥିଲା। ଫାର୍ଷ୍ଟଗ୍ଲୋବ୍ ଭାଇସ ଚେୟାରମ୍ୟାନ ତଥା ଜଏଣ୍ଟ ଏମ୍‌ଡି ଶଙ୍କର ଶର୍ମା ଗତ ମାସରେ ଏକ ସାକ୍ଷାତ୍‌କାର ବେଳେ କହିଥିଲେ ଯେ, ତାଙ୍କ ମତରେ ଆର୍ଥିକ ଦୃଷ୍ଟିରୁ ଭାରତ ଲାଗି ଦୁର୍ବଳ ମେଣ୍ଟ ସରକାର ଯଥେଷ୍ଟ ଭଲ। ସେ ନିଜ ମତ ସମର୍ଥନରେ କିଛି ତଥ୍ୟ ଉପସ୍ଥାପନ କରିଥିଲେ। ତାଙ୍କର କହିବାନୁଯାୟୀ, ଭାରତର ବିକାଶ ଦୃଷ୍ଟିରୁ ଦେଖିଲେ ୧୯୯୧ରୁ ୨୦୧୪ ମଧ୍ୟରେ ଦୀର୍ଘ ୨୩ ବର୍ଷର ଅବଧି ସର୍ବଶ୍ରେଷ୍ଠ ଥିଲା। ସେ କହିଛନ୍ତି ଯେ, ଦୁର୍ବଳ ମେଣ୍ଟ ସରକାର କାରଣରୁ ଏହା ଅତି କଠୋର ନିଷ୍ପତ୍ତି ନେବା ବଦଳରେ ସନ୍ତୁଳିତ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥାଏ, ଫଳସ୍ୱରୂପ ଗଣତାନ୍ତ୍ରିକ ପରିଚାଳନା ସୁନିଶ୍ଚିତ ହୋଇଥାଏ। ଅର୍ଥନୀତି କ୍ଷେତ୍ରରେ ଅଳ୍ପ କେତେଜଣ ନିଷ୍ପତ୍ତି ନେଉଥିଲେ ଏହା ବେଳେ ବେଳେ ହିତଠାରୁ ଅହିତ ବେଶି କରିଥାଏ।

ସେହିପରି ଆସ୍‌ମୋର୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ଇଣ୍ଡିଆର ସହ ପ୍ରତିଷ୍ଠାତା ଅଶ୍ୱିନୀ ଅଗ୍ରୱାଲ କହିଛନ୍ତି ଯେ, ଦୁର୍ବଳ ମେଣ୍ଟ ସରକାର ଅର୍ଥନୀତି ପାଇଁ ପ୍ରତିକୂଳ ନୁହେଁ। ମେଣ୍ଟ ସରକାରଙ୍କ ପ୍ରଧାନମନ୍ତ୍ରୀ କିଏ ହେବ, ତାହା ଉପରେ ସରକାରଙ୍କ ସଫଳତା ଅଥବା ବିଫଳତା ନିର୍ଭର କରିବ। ଏହାଛଡ଼ା ସରକାର କିଭଳି ହେବ, ନୂଆ ଅର୍ଥମନ୍ତ୍ରୀଙ୍କ ଚୟନ ତଥା ତାଙ୍କର ଦାୟିତ୍ୱ ଗ୍ରହଣ ପର୍ଯ୍ୟନ୍ତ ଆର୍‌ବିଆଇର ଭୂମିକା, ନୂଆ ବଜେଟ ଆଦି ଏହି ସବୁ ପ୍ରସଙ୍ଗ ଉପରେ ସରକାରଙ୍କ ସଫଳତା ନିର୍ଭର କରିବ ବୋଲି ସେ କହିଛନ୍ତି। ଓଲ୍ଡବ୍ରିଜ୍ କ୍ୟାପିଟାଲ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା କେନିଥ ଅନ୍ଦ୍ରାଦେ ମଧ୍ୟ ଶର୍ମାଙ୍କ ସହ ଏକମତ ହୋଇଛନ୍ତି। ସେ କହିଛନ୍ତି ଯେ, ଅତୀତର ସାଧାରଣ ନିର୍ବାଚନ ଏବଂ ସେମାନଙ୍କ ଫଳାଫଳ ଉପରେ ଧ୍ୟାନ ଦେଲେ ଜଣାପଡେ ଯେ, ଏକାଧିକ ରାଜନୈତିକ ଦଳକୁ ନେଇ ଗଠିତ ଦୁର୍ବଳ ମେଣ୍ଟ ସରକାର ସର୍ବଶ୍ରେଷ୍ଠ ଥିଲା। ନବେ ଦଶକର ମଧ୍ୟଭାଗରେ ଦୁର୍ବଳ ମେଣ୍ଟ ସରକାର ଗଠନ ହୋଇଥିଲା ଏବଂ ସେତେବେଳେ ପେସାଦାର ଲୋକେ ସରକାର ଚଳାଉଥିଲେ। ଅନ୍ୟପକ୍ଷରେ ଅନ୍ୟ କେତେକ ବଜାର ବିଶେଷଜ୍ଞଙ୍କ ମତରେ କେନ୍ଦ୍ରରେ କାହାର ସରକାର ଗଠନ ହେଉଛି, ତାହା ବଡ଼ କଥା ନୁହେଁ। ମାର୍ସେଲ୍ସ କ୍ୟାପିଟାଲ ପ୍ରତିଷ୍ଠାତା ସୌରଭ ମୁଖାର୍ଜୀଙ୍କ ମତରେ ଦେଶର ଗତ ୪୦ରୁ ୫୦ ବର୍ଷର ଇତିହାସ ଦେଖିଲେ, ଏହା ସ୍ପଷ୍ଟ ହୁଏ ଯେ, ରାଜନୀତି ସହ ଅର୍ଥନୀତି କିମ୍ବା ଶେୟାର ବଜାରର ବିଶେଷ କିଛି ଯୋଗସୂତ୍ର ନାହିଁ। ଗତ ୫ ଦଶକର ଦେଶର ଜିଡିପି ଅଭିବୃଦ୍ଧି ଗତ ଏକ ଦଶକ ଠାରୁ ଭଲ ଥିଲା।



### ଏକ୍‌ଜିଟ୍ ପୋଲ୍ ପୂର୍ବରୁ ଷ୍ଟକ୍ ମାର୍କେଟରେ ବୃଦ୍ଧି

ସାଧାରଣ ନିର୍ବାଚନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୭ମ ପର୍ଯ୍ୟାୟ ନିର୍ବାଚନ ପରେ ବିଭିନ୍ନ ଟିଭି ଚ୍ୟାନେଲଗୁଡ଼ିକ ପକ୍ଷରୁ ରବିବାର ଏକ୍‌ଜିଟ୍ ପୋଲ୍ ପ୍ରଦର୍ଶନ କରାଯିବ। ତେବେ ଏହାପୂର୍ବରୁ ହିଁ ଶୁକ୍ରବାର ମୁମ୍ବାଇ ଷ୍ଟକ୍ ଏକ୍ସଚେଞ୍ଜରେ ଉଭୟ ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ବେଶ୍ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବିଏସ୍‌ଇ ୫୩୭.୨୯ ପଏଣ୍ଟ ବୃଦ୍ଧି ପାଇ ୩୭,୯୩୦.୭୭ ପଏଣ୍ଟ ଏବଂ ଏନ୍‌ଏସ୍‌ଇ ୧୫୦.୦୫ ପଏଣ୍ଟ ବୃଦ୍ଧି ପାଇ ୧୧,୪୦୭.୧୫ହୋଇଛି। ଚଳିତ ତ୍ରୈମାସରେ ବହୁ କମ୍ପାନୀଙ୍କ ଫଳାଫଳ ଭଲ ଥିଲା ଏବଂ କେନ୍ଦ୍ରରେ ମୋଦି ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଅନୁମାନ କରି ନିବେଶକମାନେ କିଣାକିଣିରେ ବ୍ୟସ୍ତ ରହିଥିଲେ।

## ସଂକ୍ଷେପରେ

### କର୍ମଚାରୀଙ୍କୁ ୫ କୋଟି ଶେୟାର ଦେବ ଇନ୍‌ଫୋସିସ୍

ବେଙ୍ଗାଲୁରୁ,୧୭–୫: ଦେଶର ଦ୍ୱିତୀୟ ସର୍ବବୃହତ୍ ଆଇଟି କମ୍ପାନୀ ଇନ୍‌ଫୋସିସ୍ ନିଜ କର୍ମଚାରୀଙ୍କୁ ପ୍ରୋତ୍ସାହନ ରୂପରେ ୫ କୋଟି ଶେୟାର ଦେବ। ଏହା କମ୍ପାନୀର ମୋଟ ଶେୟାର ପରିମାଣର ୧.୧୫%। ଅନ୍ୟପକ୍ଷରେ ସିଇଓ ସଲିଲ ପାରେଖଙ୍କୁ କମ୍ପାନୀ ଏମ୍ପ୍ଲୟି ଷ୍ଟକ୍ ଅପ୍‌ସନ ପ୍ଲାନ୍ ଅଧୀନରେ ୧୦ କୋଟି ଟଙ୍କାର ଶେୟାର ଦିଆଯିବ। ସେହିପରି କମ୍ପାନୀର ଚିଫ୍ ଅପରେଟିଂ ଅଫିସର ୟୁବି ପ୍ରବୀଣ ରାଓଙ୍କୁ ୪ କୋଟି ଟଙ୍କାର ଶେୟାର ମିଳିବ। କମ୍ପାନୀ ପକ୍ଷରୁ ଶୁକ୍ରବାର ଷ୍ଟକ୍ ଏକ୍ସଚେଞ୍ଜକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଏହି ଦିନ ବିଏସ୍‌ଇରେ ଇନ୍‌ଫୋସିସ୍ ୨.୪୭% ବୃଦ୍ଧି ପାଇ ୭୩୪.୨୦ ଟଙ୍କା ରହିଛି।

### ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜିଡିପିକୁ ୧.୩% ବଢ଼ାଇବ: କାନ୍ତ



ନୂଆଦିଲ୍ଲୀ,୧୭–୫: କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଦେଶର ଜିଡିପି ଅଭିବୃଦ୍ଧିରେ ସହାୟକ ହେବ। ଏହା ବାଣିଜ୍ୟିକ ସୁଯୋଗ ସୃଷ୍ଟି କରିବ। ଏହା ଜିଡିପିରେ ୯୫୭ ବିଲିୟନ ଡଲାର ଯୋଗଦାନ ଦେବ। ଫଳରେ ଏହା ଜିଡିପିରେ ବାର୍ଷିକ ୧.୩% ବୃଦ୍ଧି କରିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୨୦୩୦ ସୁଦ୍ଧା ବିଶ୍ୱର ଅର୍ଥନୀତିରେ ୧୫.୭ ଲକ୍ଷ କୋଟି ଡଲାର ଯୋଗଦାନ ଦେଇପାରିବ। ସମନ୍ୱିତ ଅଭିବୃଦ୍ଧି ସହ ସାମାଜିକ ଉନ୍ନତିରେ ଏହାର ବ୍ୟବହାର ଲାଭଦାୟକ ହେବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ସ୍ମାର୍ଟ ସିଟି, ଗମନାଗମନ ଏବଂ ସ୍ମାର୍ଟ ମୋବିଲିଟି ଭଳି ସାମାଜିକ କ୍ଷେତ୍ରଗୁଡ଼ିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରି ସୁଧାର ଅଣାଯାଇପାରିବ ବୋଲି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକୁ ପତ୍ର ଲେଖି ସେ ଜଣାଇଛନ୍ତି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୯ର ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ଏକ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କହିଥିଲେ।

### ଭାରତୀୟ ଇଞ୍ଜିନିୟରଙ୍କ ସପକ୍ଷରେ ଆମେରିକା କମ୍ପାନୀର ମାମଲା

ୱାଶିଂଟନ,୧୭–୫: ଭାରତୀୟ ଇଞ୍ଜିନିୟରଙ୍କୁ ଆମେରିକା ପ୍ରଶାସନ ଏଚ୍-୧ବି ଭିଜା ଜାରି କରି ନ ଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସିଲିକନ ଭ୍ୟାଲିର ଆଇଟି ଫାର୍ମ ଏକ୍ସଟେରା ସଲ୍ୟୁଶନ ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା ଦାଏର କରିଛି। ଭାରତୀୟ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସାଇଙ୍କୁ କମ୍ପାନୀ ବିଜ୍‌ନେସ୍ ସିଷ୍ଟମ ଆନାଲିଷ୍ଟ ଭାବେ ନିଯୁକ୍ତି ଦେଇଛି। ସାଇଙ୍କୁ ଭିଜା ନ ମିଳିବା ସରକାରଙ୍କ ଭୁଲ୍ ନିଷ୍ପତ୍ତି ବୋଲି କମ୍ପାନୀ ଦାବି କରିଛି। ଏକ୍ସଟେରା ସଲ୍ୟୁଶନ ନିଜ ଆବେଦନରେ ଦର୍ଶାଇଛି ଯେ, ଭାରତୀୟ ଇଞ୍ଜିନିୟରଙ୍କୁ ଏଚ୍-୧ବି ଭିଜା ନିୟମ ଆଧାରରେ ତାଲିକାଭୁକ୍ତ ନିଯୁକ୍ତି ନ ଥିବା ଅଭିଯୋଗ କରି ଟ୍ରମ୍ପ ପ୍ରଶାସନ ତାଙ୍କୁ ଭିଜା ଦେଇନାହିଁ। କମ୍ପାନୀ ପକ୍ଷରୁ ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟ ନର୍ଦର୍ନ କାଲିଫର୍ନିଆରେ ଆବେଦନ କରାଯାଇ ୟୁଏସ୍ ସିଟିଜେନଶିପ୍ ଆଣ୍ଡ ଇମିଗ୍ରେଶନ ସର୍ଭିସେସର ନିଷ୍ପତ୍ତିକୁ ଖାରଜ କରିବାକୁ ଅନୁରୋଧ କରାଯାଇଛି।

### ଜେଟ୍ ଏୟାରୱେଜ୍ ବୋର୍ଡ ଛାଡ଼ିଲେ ଏତିହାଦ ସଦସ୍ୟ

ନୂଆଦିଲ୍ଲୀ,୧୭–୫: ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ବୋର୍ଡ ଅଫ୍ ଡାଇରେକ୍ଟର୍ସରୁ ଏତିହାଦ୍‌ର ମନୋନୀତ ସଦସ୍ୟ ରବିନ କ୍ରାଙ୍କର ଇସ୍ତଫା ଦେଇଛନ୍ତି। ତାଙ୍କର ଇସ୍ତଫା ପରେ ଜେଟ୍ ବୋର୍ଡରେ ଏବେ କେବଳ ଅଶୋକ ଚାୱ୍‌ଲା ଏବଂ ଶରଦ ଶର୍ମା ରହିଛନ୍ତି। ପାଣ୍ଠି ଅଭାବରେ ଜେଟ୍ ଏୟାରୱେଜ୍ ଏପ୍ରିଲ ମଧ୍ୟଭାଗରୁ ଅସ୍ଥାୟୀଭାବେ ବନ୍ଦ ହୋଇଯାଇଛି। ୨୦୧୩ରେ ଏହି କମ୍ପାନୀର ୨୪% ଅଂଶଧନ କିଣିବା ପରେ ଏତିହାଦ ବୋର୍ଡରେ ଦୁଇ ଜଣ ମନୋନୀତ ସଦସ୍ୟଙ୍କୁ ନିଯୁକ୍ତ କରିଥିଲା। କ୍ରାଙ୍କରଙ୍କ ବ୍ୟତୀତ ଅନ୍ୟ ଜଣେ ଡାଇରେକ୍ଟର ଥିଲେ କେଭିନ ନାଇଟ୍। ମାର୍ଚ୍ଚ ୨୫ରେ ନାଇଟ ଓ କମ୍ପାନୀ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ନରେଶ ଗୋୟଲ, ତାଙ୍କ ପତ୍ନୀ ଅନୀତା ବୋର୍ଡରୁ ଇସ୍ତଫା ଦେଇଥିଲେ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ହ୍ୟୁଣ୍ଡାଇ ମୋଟର୍ସ ଦେଲା ୧ କୋଟି




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀର ବରିଷ୍ଠ ଉପସଭାପତି ଷ୍ଟିଫେନ ସୁଧାକର ଜେ, ଉତ୍କଳ ହ୍ୟୁଣ୍ଡାଇ ଏବଂ ଆଦିତ୍ୟ ହ୍ୟୁଣ୍ଡାଇର ବିତରକଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଥିଲେ। ହ୍ୟୁଣ୍ଡାଇ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହ ମିଳିତ ଭାବେ ପୀଡିତଙ୍କ ଲାଗି ଥଇଥାନ କାର୍ଯ୍ୟ କରୁଛି। ଏହା ଉଭୟ ଓଡିଶା ଏବଂ ପଶ୍ଚିମବଙ୍ଗରେ ୨୬ ଫ୍ଲାଟବେଡ ଟ୍ରକ, ୨୧ ଟୋଇଙ୍ଗ ଟ୍ରକ ସହାୟତାରେ କାର୍ଯ୍ୟ କରୁଛି।

### ରିଲିଫ ପାଣ୍ଠିକୁ ଆକାଶ ପ୍ରତିଷ୍ଠାନର ୫୧ ଲକ୍ଷ



ଫନୀ ପ୍ରଭାବିତଙ୍କ ସହାୟତା ଲାଗି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ୫୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଆକାଶର ଚେୟାରମ୍ୟାନ ତଥା ଏମ୍‌ଡି ଜେ.ସି. ଚୌଧୁରୀ ଏଥି ସଂକ୍ରାନ୍ତ ଚେକ୍‌କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଫନୀ ପ୍ରପିଡିତ ଲୋକଙ୍କ ଲାଗି ଦୁଃଖିତ ତଥା ମର୍ମାହତ ବୋଲି ଚୌଧୁରୀ କହିଛନ୍ତି। ଆକାଶର ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏବି ସିଂ ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ସହ ସରକାରଙ୍କ ପ୍ରସ୍ତୁତିକୁ ପ୍ରଶଂଶା କରିଥିଲେ।

### ଟିଭିଏସ୍ ମୋଟର୍ସର ଆର୍‌ଏସ୍‌ଏ ଘୋଷଣା

TVS

ଟିଭିଏସ୍ ମୋଟର୍ସ ପକ୍ଷରୁ ବାତ୍ୟା ପ୍ରଭାବିତ ଗ୍ରାହକଙ୍କ ଲାଗି ରୋଡ ସାଇଡ ଆସିଷ୍ଟାନ୍ସ ସର୍ଭିସ(ଆର୍‌ଏସ୍‌ଏ) ଘୋଷଣା କରାଯାଇଛି। ସେହିଭଳି ୨୪ ଘଣ୍ଟିଆ ହେଲ୍ପ ଲାଇନ ବ୍ୟବସ୍ଥା କରାଯାଇଛି। ବାତ୍ୟା ପ୍ରଭାବିତ ୧୦ ଜିଲାରେ ୨୫ ମୋବାଇଲ ଭ୍ୟାନ ବ୍ୟବସ୍ଥା କରାଯାଇଛି। ପ୍ରାଇମେରୀ ୱାରେଣ୍ଟି ନେଇ ଥିବା ଗ୍ରାହକଙ୍କ ଲାଗି ଏହି ସେବା ମାଗଣା ରହିଛି। ନିୟୋଜିତ ଟିମର ସହାୟତା ନେବାକୁ ଗ୍ରାହକଙ୍କୁ ନିବେଦନ କରାଯାଉଛି ବୋଲି ଟିଭିଏସ୍ ମୋଟର୍ସର ନିର୍ଦ୍ଦେଶକ ତଥା ସିଇଓ କେଏନ୍ ରାଧାକୃଷ୍ଣନ କହିଛନ୍ତି।

### ଆଲେନ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ

ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟ ପକ୍ଷରୁ ପ୍ରଭାବିତଙ୍କୁ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ରାଜ୍ୟରେ ରିଲିଫ କାର୍ଯ୍ୟ ପାଇଁ ପ୍ରତିଷ୍ଠାନ ପକ୍ଷରୁ ୧୦ ଜଣିଆ ଟିମ୍ ପଠାଯାଇଛି। ଏଥି ଲାଗି କୋଟାରୁ ଏକ ପ୍ରତିନିଧି ଦଳ ଆସିଛନ୍ତି। ଏକ ଦାୟିତ୍ୱବାନ ଶିକ୍ଷା ପ୍ରତିଷ୍ଠାନ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଛୁ ବୋଲି ଆଲେନର ଓଡ଼ିଶା ମୁଖ୍ୟ ଅନୁରାଗ ମିଶ୍ର କହିଛନ୍ତି।

# ବିଏମ୍‌ଡବ୍ଲ୍ୟୁ ଆଣିଲା ନୂଆ ଏକ୍ସ୫




ମୁମ୍ବାଇ,୧୭–୫

ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପକ୍ଷରୁ ନୂଆ ସ୍ପୋର୍ଟସ ଆକ୍ଟିଭିଟି ଭେଇକିଲ (ଏସ୍‌ଏଭି) ବିଏମ୍‌ଡବ୍ଲ୍ୟୁ ଏକ୍ସ ୫ ବଜାରକୁ ଆସିଛି। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ନୂଆ ମଡେଲଟିର ବଜାର ପ୍ରବେଶ କରାଇଥିଲେ। ଏହା କମ୍ପାନୀର ୪ର୍ଥ ପିଢିର ଯାନ ହୋଇଥିବା ବେଳେ ଏଥିରେ ଗ୍ରାହକମାନେ ଲକ୍ଜ୍ୟୁରୀ, ସ୍ପେଶ ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହା ଡିଜେଲ ଇଞ୍ଜିନ କ୍ଷମତା ସହ ଆସୁଛି। ଏହାକୁ କମ୍ପାନୀ ଘରୋଇ ବଜାରରେ ପ୍ରସ୍ତୁତ କରୁଥିବା ବେଳେ ସାରା ଦେଶରେ ଥିବା ଏହାର ଅଧିକୃତ ଡିଲରଶିପଗୁଡ଼ିକରେ ଉପଲବ୍ଧ ହେବ। ଆଗାମୀ ଦିନରେ ଏହାର ପେଟ୍ରୋଲ ଭାରିଆଣ୍ଟ ବଜାରକୁ ଆସିବ ବୋଲି କମ୍ପାନୀ ସୂଚନା ଦେଇଛି। ଏଥିରେ ଗ୍ରାହକମାନେ ଆକର୍ଷଣୀୟ ଡିଜାଇନ ସହ ଅନ୍ୟ ବୈଶିଷ୍ଟ୍ୟ ଲାଭ କରିପାରିବେ ବୋଲି ବିଏମ୍‌ଡବ୍ଲ୍ୟୁ ଗ୍ରୁପର ସଭାପତି ହାନ୍ସ କ୍ରିଷ୍ଟିଆନ ବର୍ଟେଲ୍ସ ସୂଚନା ଦେଇଛନ୍ତି। ମଡେଲଟିର ବଜାର ଦର ୭୨.୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହାର ବିଭିନ୍ନ ଭାରିଆଣ୍ଟ ମଧ୍ୟ ରହିଛି। ଯାହାର ମୂଲ୍ୟ ୮୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏକ ପ୍ରମୁଖ ସ୍ପୋର୍ଟସ କାର ଭାବେ ଏହା ପରିଗଣିତ ବୋଲି ସଚିନ କହିଛନ୍ତି।

# କୃଷ୍ଣରାଜପୁରମ ବାଙ୍ଗାଲୋରକୁ ସ୍ୱତନ୍ତ୍ର ଟ୍ରେନ ଆଜି

ଭୁବନେଶ୍ୱର,୧୭–୫

ବାତ୍ୟା ଫନୀ ଯୋଗୁ ଯାତ୍ରା ସୁବିଧାରୁ ବଞ୍ଚିତ ଥିବା ଯାତ୍ରୀଙ୍କ ଲାଗି କୃଷ୍ଣରାଜପୁରମ ବାଙ୍ଗାଲୋରକୁ ଆଉ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବା ଲାଗି ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହା ଭୁବନେଶ୍ୱରରୁ ଚଳିତ ମାସ ୧୮ (ଶନିବାର) ଦିନ ଯାତ୍ରା ଆରମ୍ଭ କରିବ। ଫନୀ ଯୋଗୁ ଅନେକ ଟ୍ରେନ ବାତିଲ ରହିବା ଫଳରେ ଟ୍ରେନ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ଭୁବନେଶ୍ୱରରୁ ରାତ୍ରି ୧୦ରୁ ବାହାରିବ। ଟ୍ରେନରେ ୧୪ ସ୍ଲିପର କ୍ଲାସ, ଦୁଇଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ, ଦୁଇ ଗାର୍ଡ କମ୍ ଲଗେଜ ଭ୍ୟାନ ରହିବ। ଏହା ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ, ବିଜୟନଗରମ, ବିଶାଖାପାଟଣା, ଦୁଭଡା ସହ ରାଜମହେନ୍ଦ୍ରୀ, ବିଜୟୱାଡା, ଗୁଡୁର, ରେଣିଗୁଣ୍ଟା, କଟପଡି, ଜୋଲାରପେଟାଇ, ବଙ୍ଗାରାପେଟ ଭଳି ଷ୍ଟେଶନରେ ଅଟକିବ। ଏହି ଟ୍ରେନଟି ବାଙ୍ଗାଲୋର କାଣ୍ଟଠାରୁ ଆଜି ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି।

# ଓବିସିର ନୂଆ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୧୭–୫



ତୌଫିକ ଆଲମ

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ (ଓବିସି)ଭୁବନେଶ୍ୱର କାର୍ଯ୍ୟାଳୟର ନୂଆ ଆଞ୍ଚଳିକ ମୁଖ୍ୟ ଭାବେ ଉପମହାପ୍ରବନ୍ଧକ ତୌଫିକ ଆଲମ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାରାଣାସୀ ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୨୦୧୦ରେ ସେ ଓବିସିରେ ମୁଖ୍ୟ ପ୍ରବନ୍ଧକ ଭାବେ ଯୋଗ ଦେଇଥିଲେ। ସେ ମହାରାଷ୍ଟ୍ର, ହରିୟାଣା, ଦିଲ୍ଲୀ ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟରେ କାର୍ଯ୍ୟ କରିଛନ୍ତି। ୨୦୧୪ରେ ସହାୟକ ପ୍ରବନ୍ଧକ ଏବଂ ୨୦୧୭ରେ ଉପପ୍ରବନ୍ଧକ ପଦବୀକୁ ସେ ପଦୋନ୍ନତି ପାଇଥିଲେ। ଟ୍ରେଜେରି, ବୈଦେଶିକ ମୁଦ୍ରା ପରିଚାଳନା ଏବଂ କର୍ପୋରେଟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ରୁଚି ରହିଛି। ଭୁବନେଶ୍ୱର ଅଞ୍ଚଳରେ ଏସ୍‌ଏମ୍‌ଇ ରିଟେଲ ଋଣ ଏବଂ କାସା ଜମା କ୍ଷେତ୍ରରେ ସେ ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ପୂର୍ବତଟ ରେଳପଥରେ ନୂତନ ଅଧିକାରୀଙ୍କ ଯୋଗଦାନ

ଭୁବନେଶ୍ୱର,୧୭–୫



ରବି ଶଙ୍କର ମିତ୍ର



ନରୋତ୍ତମ ସିଂ ଉଇକେ



ବାସୁଦେବ ପଣ୍ଡା

ଭାରତୀୟ ରେଳବାଇର ତିନିଜଣ ଉଚ୍ଚ ଅଧିକାରୀ ପୂର୍ବତଟ ରେଳପଥରେ ବିଭିନ୍ନ ବିଭାଗରେ ଯୋଗ ଦେଇଛନ୍ତି। ୧୯୮୭ ଭାରତୀୟ ରେଳ ଆକାଉଣ୍ଟ ସେବା ଅଧିକାରୀ ରବି ଶଙ୍କର ମିତ୍ର ପୂର୍ବତଟ ରେଳପଥର ପ୍ରମୁଖ ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ଲେଖା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ସେହିଭଳି ୧୯୮୫ ବ୍ୟାଚ୍ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବାର ଅଧିକାରୀ ନରୋତ୍ତମ ସିଂ ଉଇକେ ପ୍ରମୁଖ ଯନ୍ତ୍ରୀ ଏବଂ ୧୯୮୬ ବ୍ୟାଚ୍ ରେଳବାଇ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ସ ସେବା ଅଧିକାରୀ ବାସୁଦେବ ପଣ୍ଡା ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ ଭାବେ ଯୋଗଦାନ କରିଛନ୍ତି।

# କଳାଧନର ସୂଚନା ମିଳିବନି

ନୂଆଦିଲ୍ଲୀ,୧୭–୫

କେନ୍ଦ୍ର ସରକାର ସୁଇଜରଲାଣ୍ଡରୁ ପାଉଥିବା କଳାଧନ ସଂକ୍ରାନ୍ତୀୟ ସୂଚନା ଦେବାକୁ ମନା କରିଦେଇଛନ୍ତି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅଧୀନରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସରକାର ଗୋପନୀୟତାର ଦ୍ୱାହି ଦେଇଛନ୍ତି। ଭାରତ ଓ ସୁଇଜରଲାଣ୍ଡ ପ୍ରତ୍ୟେକ ମାମଲାର ସୂଚନା ଆଦାନପ୍ରଦାନ କରୁଛନ୍ତି। ତଦନୁଯାୟୀ ଯାଞ୍ଚ ହେଉଛି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ପ୍ରକ୍ରିୟା ଏବେ ଜାରି ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆର୍‌ଟିଆଇ ଜବାବରେ କୁହାଯାଇଛି ଯେ, ଗୋପନୀୟତା ନିୟମ ଅଧୀନରେ ସୁଇଜରଲାଣ୍ଡରୁ କଳାଧନ ସଂକ୍ରାନ୍ତୀୟ ସୂଚନା ଭାରତକୁ ମିଳୁଛି। ଆର୍‌ଟିଆଇରେ ସୁଇଜରଲାଣ୍ଡରୁ ମିଳୁଥିବା କଳାଧନ ସଂକ୍ରାନ୍ତୀୟ ମାମଲାର ସମସ୍ତ ସୂଚନା ମଗାଯାଇଥିଲା। ଏଥିରେ କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ନାମ ଏବଂ ସେମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜଣାଇବାକୁ ଆର୍‌ଟିଆଇରେ ପ୍ରଶ୍ନ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦୁଇ ଦେଶ କଳାଧନ ସଂକ୍ରାନ୍ତୀୟ ସୂଚନାକୁ ସ୍ୱତଃ ଆଦାନପ୍ରଦାନ କରିବାକୁ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଏଥିନେଇ ଆବଶ୍ୟକ ଆଇନଗତ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ଫଳରେ ସୁଇଜରଲାଣ୍ଡରେ ଖୋଲାଯାଇଥିବା ଭାରତୀୟ ଆକାଉଣ୍ଟ ବିଷୟରେ ଚଳିତବର୍ଷଠାରୁ ସୂଚନା ମିଳିବା ଆରମ୍ଭ ହୋଇଯିବ।

### ଗୋପନୀୟତା ଦ୍ୱାହି ଦେଲା କେନ୍ଦ୍ର



“ ଭାରତୀୟ ମହିଳା କ୍ରିକେଟ ଦଳ ସ୍ଲିପିଙ୍ଗ ଜାଏଣ୍ଟ । କେବେ ବି ବିଶ୍ୱ ଚାମ୍ପିୟନ ହୋଇପାରେ ।

–ମାଥ୍ୟୁ ମଟ୍, ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର କୋଚ୍



“ ଇଞ୍ଜୁରି ଯୋଗୁ ଇଟାଲିଆନ ଓପନ କ୍ୱାର୍ଟରଫାଇନାଲରୁ ଓହରିଯାଇଥିଲେ ମଧ୍ୟ ଫ୍ରେଞ୍ଚ ଓପନ୍‌ରେ ଖେଳିବା ସମ୍ପର୍କରେ ନିଷ୍ପତ୍ତି ନେଇ ନାହିଁ ।

–ନାଓମି ଓସାକା, ବିଶ୍ୱର ନମ୍ବର ୱାନ ମହିଳା ଟେନିସ୍ ଖେଳାଳି

## ସଂକ୍ଷେପରେ


### ଭାଷ୍ୟକାରଙ୍କ ପ୍ୟାନେଲରେ ଗାଙ୍ଗୁଲି, ମଞ୍ଜରେକର

ଲଣ୍ଡନ,୧୭।୫- ଇଂଲଣ୍ଡ ଓ ୱେଲ୍ସରେ ହେବାକୁ ଥିବା ବିଶ୍ୱକପ୍ ଲାଗି ଶୁକ୍ରବାର ଆଇସିସି ପକ୍ଷରୁ ଭାଷ୍ୟକାରଙ୍କ ତାଲିକା ପ୍ରକାଶ ପାଇଛି। ଏଥିରେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଓ ସଞ୍ଜୟ ମଞ୍ଜରେକର ସ୍ଥାନ ପାଇଛନ୍ତି। ୨୦୧୫ ବିଶ୍ୱକପ୍ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳର ଅଧିନାୟକ ମାଇକେଲ କ୍ଲାର୍କ, ଇଂଲଣ୍ଡର ନାସିର ହୁସେନ, ୱେଷ୍ଟଇଣ୍ଡିଜର ଇଆନ ବିଶୋପ, ଶ୍ରୀଲଙ୍କାର କୁମାର ସଙ୍ଗକାରା, ମାଇକେଲ ଆଥର୍ଟନ, ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକୁଲମ, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ ଓ ପାକିସ୍ତାନର ୱାସିମ ଆକ୍ରମ ମଧ୍ୟ ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ତାଲିକାରେ ଅଭିଜ୍ଞ ଭାଷ୍ୟକାର ଶନ ପୋଲକ, ମାଇକେଲ ସ୍ଲାଟର, ମାଇକେଲ ନିକୋଲାସ, ମାଇକେଲ ହୋଲ୍ଡିଂ, ଇସା ଗୁଆ, ପୋମି ଏମ୍‌ବାଙ୍ଗ୍ୱା, ହର୍ଷା ଭୋଗଲେ, ସାଇମନ ଡଲ, ଇଆନ ସ୍ମିଥ, ରମିଜ ରାଜା, ଅଲିସନ ମିଚେଲ, ଆର୍ଥର ଅଲି ଖାଁ ଓ ଇଆନ ୱାର୍ଡ ମଧ୍ୟ ରହିଛନ୍ତି। କ୍ରିକେଟ ମହାକୁମ୍ଭ ଲାଗି ସମଗ୍ର ଇଂଲଣ୍ଡ ଓ ୱେଲ୍ସ ବହୁ ଉତ୍ସାହିତ। କ୍ରିକେଟ ବିଶ୍ୱକପ୍‌ର ଏହି ସଂସ୍କରଣ ବହୁ ମଜାଦାର ହେବ। ମୁଁ ପ୍ରସାରଣ ଦାୟିତ୍ୱରେ ଥିବା ଚ୍ୟାନେଲ ଓ ଇତିହାସର ଅଂଶ ହେବା ପାଇଁ ବ୍ୟଗ୍ର ବୋଲି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସର ହୋସେନ କହିଛନ୍ତି। ସେହିଭଳି ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସଙ୍ଗକାରା ପ୍ରକାଶ କରିଛନ୍ତି, ଇଂଲଣ୍ଡରେ ଏହି ସମର ସ୍ୱତନ୍ତ୍ର ହେବାକୁ ଯାଉଛି। ସମ୍ଭବତଃ ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ସବୁଠୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ। ଆୟୋଜକ ଇଂଲଣ୍ଡ ନିକଟରେ ଭଲ ଦଳ ରହିଛି। କିନ୍ତୁ ଆଉ କିଛି ଶକ୍ତିଶାଳୀ ଦଳ ରହିଛନ୍ତି। ବହୁତ ଭଲ ପ୍ରଦର୍ଶନ ଦେଖିବାକୁ ମିଳିବ।

### ଅଷ୍ଟ୍ରେଲିଆରେ ଖେଳିବ ଭାରତୀୟ ମହିଳା ଏ’ ଦଳ

ନୂଆଦିଲ୍ଲୀ,୧୭।୫- ଭାରତୀୟ ମହିଳା ଏ’ ଦଳ ଲାଗି ସିରିଜ୍ ଆୟୋଜନ କରିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଶୁକ୍ରବାର ସ୍ପଷ୍ଟ କରିଛି। ଚଳିତ ଡିସେମ୍ବରରେ ଭାରତୀୟ ମହିଳା ଏ’ ଦଳ ଅଷ୍ଟ୍ରେଲିଆ ଗସ୍ତ କରି ୩ଟି ଲେଖାଏ ଦିନିକିଆ ଓ ଟି୨୦ ଖେଳିବ। ସମସ୍ତ ମ୍ୟାଚ୍ କୁଇନ୍ସଲାଣ୍ଡଠାରେ ଖେଳାଯିବ। ଗତ ବର୍ଷ ଅଷ୍ଟ୍ରେଲିଆ ଏ’ ସଫଳତାର ସହ ଭାରତ ଗସ୍ତ କରିବା ପରେ ସିଏ ଏହି ଘୋଷଣା କରିଛି। ଏହା ଭାରତୀୟ ମହିଳା ଏ’ ଦଳର ପ୍ରଥମ ଥର ପାଇଁ ବିଦେଶ ଗସ୍ତ। ଭାରତୀୟ ଏ’ ଦଳ ଡିସେମ୍ବର ୧୨ ତାରିଖରେ ୫୦ ଓଭର ବିଶିଷ୍ଟ ଆ ମ୍ୟାଚ୍ ସହ ବ୍ରିସବେନଠାରୁ ଅଭିଯାନ ଆରମ୍ଭ କରିବ। ଏହାପରେ ୧୪ ଓ ୧୬ ତାରିଖରେ ବଳକା ଦୁଇଟି ଦିନିକିଆ ମ୍ୟାଚ୍ ଖେଳିବ। ଏହାପରେ ଗୋଲ୍ଡ କୋଷ୍ଟଠାରେ ୧୯, ୨୧ ଓ ୨୩ ତାରିଖରେ ୩ଟି ଟି୨୦ ମ୍ୟାଚ୍ ଖେଳିବ।

### ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳି ନ ପାରନ୍ତି ଲଥାମ



ଅକ୍‌ଲାଣ୍ଡ,୧୭।୫- ଶ୍ରୀଲଙ୍କା ବିପକ୍ଷରେ ଜୁନ ୧ ତାରିଖରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡର ପ୍ରଥମ ବିଶ୍ୱକପ୍ ମ୍ୟାଚ୍‌ରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ଲଥାମଙ୍କ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଆଙ୍ଗୁଠି ଫ୍ରାକଚର ହୋଇଛି। ଉଇକେଟ କିପିଂ କରୁଥିବାବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତୁରନ୍ତ ମ୍ୟାଚ୍‌ରୁ ଓହରିବା ସହ ଖ୍ରୀଷ୍ଟଚର୍ଚ୍ଚ ଫେରିଥିଲେ। ୨୭ ବର୍ଷୀୟ ଖେଳାଳି ଏକ୍ସ-ରେ କରାଇବା ପରେ ବିଶ୍ୱକପ୍ ଦଳ ସହ ଗସ୍ତ କରିବା ଲାଗି ଫିଟ୍ ବୋଲି ଘୋଷିତ ହୋଇଛନ୍ତି। ୧୫ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ଅତିରିକ୍ତ ଉଇକେଟକିପର ଭାବେ ଟମ ବ୍ଲୁଣ୍ଡେଲ ସ୍ଥାନ ପାଇଛନ୍ତି। ଲଥାମ ପ୍ରଥମ ମ୍ୟାଚ୍ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ତାଙ୍କ ସ୍ଥାନରେ ବ୍ଲୁଣ୍ଡେଲ ଖେଳିବେ। ୧୯୮୭ ପରେ ସେ ଦେଶର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିପାରନ୍ତି। ମୁଖ୍ୟ ପର୍ଯ୍ୟାୟ ପୂର୍ବରୁ ୱାର୍ମ ଅପ୍ ମ୍ୟାଚ୍‌ରେ ବ୍ଲୁଣ୍ଡେଲ ଖେଳିବେ ବୋଲି ମୁଖ୍ୟ ଚୟନକର୍ତ୍ତା ଗବିନ ଲାର୍ସେନ କହିଛନ୍ତି।

## ଶୀର୍ଷ ସ୍ଥାନ ବଜାୟ ରଖିଲେ ଓସାକା



ସର୍ଭିସ ଶଟ୍ ଖେଳିବା ଅବସରରେ ନାଓମି ଓସାକା।

ରୋମ,୧୭।୫(ଏଏଫ୍‌ପି)

ଜାପାନର ନାଓମି ଓସାକା ଦୁଇଟି ମ୍ୟାଚ୍ ଜିତି ଇଟାଲିଆନ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ ସହ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ୬–୩, ୬–୩ ସେଟ୍‌ରେ ମିହେଲା ବୁଜର୍ନେସ୍କୁଙ୍କୁ ହରାଇ ଦେଇଛନ୍ତି। ବିଜୟ ଲାଗି ଓସାକାଙ୍କୁ ଏକ ଘଣ୍ଟା ୧୮ ମିନିଟ୍ ଲାଗିଥିଲା। ପୂର୍ବରୁ ଡୋମିନିକା ସିବୁଲକୋଭାଙ୍କୁ ୪୨ ମିନିଟ୍‌ରେ ହରାଇଥିଲେ। ୨୧ ବର୍ଷୀୟ ଜାପାନିଜଙ୍କୁ ଶୀର୍ଷ ସ୍ଥାନ ବଜାୟ ରଖିବା ପାଇଁ ଅତିକମ୍‌ରେ ଚଳିତ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ଆବଶ୍ୟକତା ଥିଲା। ରୋମାନିଆ ସିମୋନା ହାଲେପ ୨ୟ ରାଉଣ୍ଡରେ ପରାସ୍ତ ହେବାରୁ ଓସାକାଙ୍କୁ ଏହି ସୁଯୋଗ ମିଳିଥିଲା। ତେବେ ସେ ପରବର୍ତ୍ତୀ ମ୍ୟାଚ୍‌ରୁ ଓହରି ଯାଇଛନ୍ତି।

# ଡିଆର୍‌ଏସ୍ ଲାଗୁ, କଏନ ଟସ୍ ବାତିଲ ନେଇ ସହମତି

ମୁମ୍ବାଇ, ୧୭।୫(ପି.ଟି.)

ଏଠାରେ ଶୁକ୍ରବାର ଅନୁଷ୍ଠିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କନ୍‌କ୍ଲେଭ ବା ବୈଠକରେ ରାଣଜୀ ଅଧିନାୟକ ଓ କୋଚ୍‌ମାନେ ଅଂଶଗ୍ରହଣ କରିଥିଲେ। ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ଡିସିସନ ରିଭ୍ୟୁ ସିଷ୍ଟମ (ଡିଆରଏସ୍) ଲାଗୁ କରିବା ଓ କଏନ ଟସ୍‌କୁ ବାତିଲ କରିବା ନେଇ ସହମତି ପ୍ରକାଶ ପାଇଥିଲା। ଏପର୍ଯ୍ୟନ୍ତ ଡିଆରଏସ୍ ଆନ୍ତର୍ଜାତିକ କ୍ରିକେଟରେ ଲାଗୁ ହୋଇଥିଲା। ତେବେ ଗତ ରଣଜୀ ଟ୍ରଫି ସେସନରେ ଖରାପ୍ ଅମ୍ପାୟରିଂର ନମୁନା ଦେଖିବାକୁ ମିଳିଥିଲା। ଫଳରେ ରଣଜୀରେ ଡିଆରଏସ୍‌କୁ ପ୍ରଥମଥର ଲାଗୁ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି।

ଗତ ସେସନରେ ସୌରାଷ୍ଟ୍ର ଓ କର୍ନାଟକ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ଦୁର୍ବଳ ଅମ୍ପାୟାରିଂ କାରଣରୁ ବିବାଦୀୟ ହୋଇ ପଡିଥିଲା। ଚେତେଶ୍ୱର ପୂଜାରାଙ୍କ ବ୍ୟାଟ୍ସରେ ବଲ୍ ବାଜିଥିଲେ ମଧ୍ୟ ତାଙ୍କୁ ନଟ୍ ଆଉଟ ଘୋଷିତ କରାଯାଇଥିଲା। ଫଳରେ ସେ ଶତକ ହାସଲ କରି ମ୍ୟାଚ୍‌ର ମୋଡ ବଦଳାଇଥିଲେ। ତେଣୁ ଡିଆରଏସ୍ ରଣଜୀରେ ଲାଗୁ କରିବା ଅପରିହାର୍ଯ୍ୟ ହୋଇପଡିଛି ବୋଲି କୋଚ୍ ଓ ଅଧିନାୟକମାନେ ମତ ରଖିଥିଲେ।

ସେହିପରି କଏନ ଟସ୍ ପକାଇବା ବଦଳରେ ଭ୍ରମଣକାରୀ ଦଳକୁ ବ୍ୟାଟିଂ କିମ୍ବା ବୋଲିଂ କରିବାର ଅଧିକାର ପ୍ରଦାନ କରାଯିବା ଉପରେ ଓ ଦୁଲୀପ ଟ୍ରଫି ଓ ଇରାନୀ ଟ୍ରଫିର ପ୍ରାସଙ୍ଗିକତା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପୁଣି ମହିଳା କ୍ରିକେଟ ଉପରେ ଆଲୋଚନା କରିବା ପାଇଁ ଏକ ଭିନ୍ନ ବୈଠକର ଆୟୋଜନ ହେବା ନେଇ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି କହିଛନ୍ତି। ଆଗାମୀ ସେସନ ଆହୁରି ବଡ଼ ହେବ ଓ ଭଲ ହେବ। ତେଣୁ ସବୁ ବୟସବର୍ଗରେ କ୍ରିକେଟର ମାନ ଉନ୍ନତି ଲାଗି ଆମର ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ରଣଜୀ ଟ୍ରଫିର ନକ୍‌ଆଉଟ୍ ମ୍ୟାଚ୍‌ଗୁଡିକ

### ରଣଜୀ ଅଧିନାୟକ ବୈଠକ

ହୋମ– ଆୱେ ଅର୍ଥାତ୍ ଘରୋଇ ଓ ବାହାର ପରିବେଶ୍ କିମ୍ବା ନିରପେକ୍ଷ ଭେନ୍ୟୁରେ ଆୟୋଜନ ହେବା ନେଇ ଆଲୋଚନା ହୋଇଥିଲା। ଭାରତ ପାଇଁ ଖେଳିଥିବା କ୍ରିକେଟରଙ୍କ ଭଳି ଘରୋଇ କ୍ରିକେଟରେ ଅଂଶଗ୍ରହଣ କରୁଥିବା ଖେଳାଳି, କୋଚ୍, ଅଧିନାୟକ, ସପୋର୍ଟ ଷ୍ଟାଫ୍‌ଙ୍କ ଭୂମିକା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ବିସିସିଆଇ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧୁରୀ କହିଛନ୍ତି। ପୂର୍ବରୁ ୧୧୦୮ଟି ମ୍ୟାଚ ଖେଳାଯାଉଥିଲା। କିନ୍ତୁ ଗତବର୍ଷ ଏହି ସଂଖ୍ୟା ୨୦୨୪କୁ ବୃଦ୍ଧି ପାଇଛି ଓ ଏହାକୁ ଆୟୋଜନ କରିବାରେ ଆମେ ସଫଳ ହୋଇଛୁ ବୋଲି ଜେନେରାଲ ମ୍ୟାନେଜର କ୍ରିକେଟ ଅପରେଶନ ସବା କରିମ କହିଛନ୍ତି। କ୍ରିକେଟରମାନ ଉନ୍ନତି ପାଇଁ ମ୍ୟାଚ୍ ରେଫରିଙ୍କ ପ୍ରସ୍ତାବକୁ ଗୁରତ୍ୱ ଦିଆଯିବ ଉପରେ, ବ୍ୟବହାର କରାଯାଉଥିବା ବଲ୍‌ର ମାନ, ମନ୍ଥର ବୋଲିଂକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବ ସବୁ ଲାଗୁ ହେବା ପାଇଁ ଏବେ ବିସିସିଆଇ ଟେକନିକାଲ କମିଟିର ଅନୁମୋଦନ ଆବଶ୍ୟକ। ଏହାପରେ ବାର୍ଷିକ ସାଧାରଣ ପରିଷଦର ମଧ୍ୟ ସମର୍ଥନ ନିହାତି ଆବଶ୍ୟକ। ତେବେ ବର୍ତ୍ତମାନ ବୋର୍ଡର ଟେକନିକାଲ କମିଟି କିମ୍ବା ସାଧାରଣ ପରିଷଦ ନାହିଁ। ଏହା ବଳଦରେ ଆଡହକ ବଡି ବା କମିଟି ଦାୟିତ୍ୱରେ ରହିଛି।

## ଚାମ୍ପିୟନ ଦଳ ପାଇବ ୪ ନିୟୁତ ଡଲାର

ଲଣ୍ଡନ, ୧୭।୫ (ପି.ଟି.)

ଆସନ୍ତା ଆଇସିସି ପୁରୁଷ ବିଶ୍ୱକପ୍ ପାଇଁ ମୋଟ ପୁରସ୍କାର ରାଶି ୧୦ ନିୟୁତ ଆମେରିକୀୟ ଡଲାର ରଖାଯାଇଛି। ବିଜେତା ଦଳକୁ ୪ ନିୟୁତ ଆମେରିକୀୟ ଡଲାର ମିଳିବ। ଟୁର୍ନାମେଣ୍ଟ ଇତିହାସରେ ଏହା ସର୍ବାଧିକ ପୁରସ୍କାର ରାଶି। ୧୦ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଜୁଲାଇ ୧୬ରେ ଐତିହାସିକ ଲର୍ଡ୍ସଠାରେ ହେବ। ବିଜେତାକୁ ଏକ ଆକର୍ଷଣୀୟ ଟ୍ରଫି ମଧ୍ୟ ମିଳିବ। ରନର୍ସଅପ୍ ଦଳକୁ ୨ ନିୟୁତ ଡଲାର ଏବଂ ପରାଜିତ ସେମିଫାଇନାଲିଷ୍ଟ ଦଳ ଦ୍ୱୟକୁ ୮୦୦,୦୦୦ ଡଲାର ଲେଖାଏଁ ମିଳିବ। ମେ ୩୦ରୁ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ୪୬ ଦିନ ଧରି ଏହି ଟୁର୍ନାମେଣ୍ଟ ୧୧ଟି ଭେନ୍ୟୁରେ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ରାଉଣ୍ଡ–ରବିନ ଫର୍ମାଟରେ ପରସ୍ପରକୁ ଭେଟିବେ।

### ଆଇସିସି କ୍ରିକେଟ ବିଶ୍ୱକପ୍ ୨୦୧୯ ପୁରସ୍କାର

- ବିଜେତା-୪,୦୦୦,୦୦୦ ଡଲାର; ରନର୍ସଅପ୍-୨,୦୦୦,୦୦୦
- ପରାଜିତ ସେମିଫାଇନାଲିଷ୍ଟ- ପ୍ରତ୍ୟେକ ୮୦୦,୦୦୦ ଡଲାର
- ପ୍ରତିଟି ଲିଗ୍ ପର୍ଯ୍ୟାୟ ମ୍ୟାଚର ବିଜେତା (୪୫): ୪୦,୦୦୦ ଡଲାର ଲେଖାଏଁ
- ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିଥିବା ପ୍ରତିଟି ଦଳ (୬) ୧୦୦,୦୦୦ ଡଲାର ଲେଖାଏଁ

### ଆଇସିସି ବିଶ୍ୱକପ୍ ଗୀତ ରିଲିଜ୍

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ପୁରୁଷ ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଗୀତ ଶୁକ୍ରବାର ରିଲିଜ ହୋଇଛି। ଏହାର ଶୀର୍ଷକ ‘ଷ୍ଟାଣ୍ଡ ବାଏ’ ରହିଛି। ନୂତନ କଣ୍ଠଶିଳ୍ପୀ ଲୋରିନ୍ ଏଥିରେ କଣ୍ଠଦାନ କରିଥିବାବେଳେ ଇଂଲଣ୍ଡର ସୁପ୍ରସିଦ୍ଧ ଡ୍ରମ୍ ଓ ବ୍ରାସ୍ ବ୍ୟାଣ୍ଡ ରୁଡିମେଣ୍ଟାଲ ଏଥିରେ ସଂଗୀତ ସଂଯୋଜନା କରିଛି। ଚଳିତ ମାସ ୩୦ରୁ ୟୁନାଇଟେଡ କିଙ୍ଗଡମ୍‌ରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ମୋଟ ୪୮ଟି ମ୍ୟାଚ ଖେଳାଯିବ। ଜୁଲାଇ ୧୪ରେ ଏହାର ଉଦ୍‌ଯାପନ ହେବ। ‘ଷ୍ଟାଣ୍ଡ ବାଏ’ ଗୀତଟିରେ ନିଜ ନିଜ ଦଳ ପ୍ରତି କ୍ରିକେଟ ପ୍ରେମୀଙ୍କର ରହିଥିବା ଆବେଗର ପ୍ରତିଫଳନ ହୋଇଛି।

## ଡବଲ ଅଲିମ୍ପିକ ଚାମ୍ପିୟନ ଲାଉରାଙ୍କ ୨୫ ବର୍ଷ ବୟସରେ ଅବସର

ବର୍ଲିନ, ୧୭।୫ (ଏଏଫ୍‌ପି)



ସ୍ୱାସ୍ଥ୍ୟଗତ କାରଣରୁ ଜର୍ମାନୀର ଡବଲ ଅଲିମ୍ପିକ ବାଏଥଲନ ଚାମ୍ପିୟନ ଲାଉରା ଡାହଲମେର ମାତ୍ର ୨୫ ବର୍ଷ ବୟସରେ ଶୁକ୍ରବାର ତାଙ୍କ ଅବସର ଘୋଷଣା କରିଛନ୍ତି। ପ୍ରଫେସନାଲ ସ୍ପୋର୍ଟ୍ସରେ ଜଣେ ଆଥଲେଟ୍ ଶତପ୍ରତିଶତ ଫିଟ୍ ରହିବା ଦରକାର। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ମୁଁ ତାହା ଅନୁଭବ କରୁ ନାହିଁ ବୋଲି ଲାଉରା କହିଛନ୍ତି। ଲାଉରା ତାଙ୍କ କ୍ୟାରିୟରରେ ୭ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଜିତିଛନ୍ତି। ଗତ ବର୍ଷ ପ୍ୟଙ୍ଗଚାଙ୍ଗଠାରେ ଗୋଟିଏ ଅଲିମ୍ପିକ୍ସରେ ସେ ପ୍ରଥମ ମହିଳା ବାଏଥଲେଟ ଆଥଲେଟ ଭାବେ ଉଭୟ ସ୍ପ୍ରିଣ୍ଟ ଓ ପର୍ସୁଟ ଜିତିଥିଲେ। ଲାଉରା ଦୁଇ ମାସ ବିଶ୍ରାମ ନେବାପରେ ଗତ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଜାନୁୟାରୀରେ ଆଣ୍ଟୋଲ୍‌ଜଠାରେ ବିଶ୍ୱକପ୍ ଇଭେଣ୍ଟରେ ୧୨.୫ କିମି ମାସ୍ ଷ୍ଟାର୍ଟରେ ବିଜୟ ଲାଭ କରିଥିଲେ। ସୂଚନାଯୋଗ୍ୟ, ଜର୍ମାନୀର ଅନ୍ୟ ଜଣେ ବାଏଥଲେଟ ମାଗ୍‌ଡାଲେନା ନେଉନର ହେଉଛନ୍ତି ଜଣେ ଡବଲ ଅଲିମ୍ପିକ ଚାମ୍ପିୟନ। ସେ ମଧ୍ୟ ୨୦୧୨ରେ ମାତ୍ର ୨୫ ବର୍ଷ ବୟସରେ ଅବସର ନେଇଥିଲେ।

# ୧୯୯୬: ଶ୍ରୀଲଙ୍କା ଚାମ୍ପିୟନ

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣକୁ ଭାରତୀୟ ଉପମହାଦେଶର ୩ଦେଶ ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ମିଳିତ ଭାବେ ୧୯୯୬ରେ ବେଶ୍ ସଫଳତାର ସହ ଆୟୋଜନ କରିଥିଲେ। ଭାରତ ଓ ପାକିସ୍ତାନ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ଆୟୋଜନ କରିଥିଲେ। ତେବେ ଶ୍ରୀଲଙ୍କାକୁ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜନ କରିବାର ସୌଭାଗ୍ୟ ମିଳିଥିଲା। ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଶ୍ରୀଲଙ୍କା ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା।

ବିଶ୍ୱକପ୍ ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୭ ତାରିଖରେ ଶେଷ ହୋଇଥିଲା। ରାଉଣ୍ଡ ରବିନ ଓ ନକ୍‌ଆଉଟ୍ ପଦ୍ଧତିରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୨ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ଏଥିରେ ୩୭ଟି ମ୍ୟାଚ୍ ଖେଳାଯାଇଥିଲା। ଶ୍ରୀଲଙ୍କା ଓପନର ସନତ ଜୟସୁରିୟା ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଭାରତର ସଚିନ୍ ତେନ୍ଦୁଲକର ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ସେହିପରି ଭାରତୀୟ ତାରକା ସ୍ପିନର ଅନିଲ କୁମ୍ବଲେ ସର୍ବାଧିକ ୧୫ଟି ଉଇକେଟ ହାସଲ କରିଥିଲେ।

ଶ୍ରୀଲଙ୍କାରେ ସେତେବେଳେ ଚାଲିଥିବା ଏଲ୍‌ଟିଟିଇ ଆତଙ୍କବାଦୀଙ୍କ ଦ୍ୱାରା ଏକାଧିକ ବୋମା ବିସ୍ଫୋରଣ ହୋଇଥିଲା। ଯାହାଫଳରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ଶ୍ରୀଲଙ୍କା ଗସ୍ତ କରି ମ୍ୟାଚ୍ ଖେଳିବାକୁ ମନା କରିଥିଲେ। ଏକାଧିକ ବାର ଆଲୋଚନା ପରେ ଆଇସିସି ଦୁଇଟି ମ୍ୟାଚ୍ ନ ଖେଳାହେବା ଯୋଗୁ ଶ୍ରୀଲଙ୍କାକୁ ପଏଣ୍ଟ ପ୍ରଦାନ କରିଥିଲା। ଯାହାଫଳରେ ଶ୍ରୀଲଙ୍କା ବିନା ମ୍ୟାଚ୍ ଖେଳିବାର ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଭାରତର ୧୭ଟି ଭେନ୍ୟୁରେ ୧୭ଟି ମ୍ୟାଚ୍ ଖେଳାଯାଇଥିଲା। ସେହିପରି ୬ଟି ଭେନ୍ୟୁରେ ୧୬ଟି ମ୍ୟାଚ୍ ଆୟୋଜନ କରିଥିଲା। ସେହିପରି ଶ୍ରୀଲଙ୍କା ୩ ଭେନ୍ୟୁରେ ୪ଟି ମ୍ୟାଚ୍ ଆୟୋଜନ କରିଥିଲା।

ଟୁର୍ନାମେଣ୍ଟରେ ଫୁଲ୍ ମେମ୍ବର ଭାବେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଇଂଲଣ୍ଡ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ଭାରତ, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ବିଶ୍ୱକପ୍‌ରେ ସ୍ଥାନ ହାସଲ କରିଥିଲେ। ସେହିପରି ଆସୋସିଏଟ ମେମ୍ବର ଭାବେ କେନିୟା, ନେଦରଲାଣ୍ଡ୍ସ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସ୍ଥାନ ହାସଲ କରିଥିଲେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍ ଏ’ ଓ ବି’ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଶ୍ରୀଲଙ୍କା ୫ଟି ମ୍ୟାଚ୍ ଖେଳି ୫ ବିଜୟ ସହ ୧୦, ଅଷ୍ଟ୍ରେଲିଆ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬, ଭାରତ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬ ଓ ୱେଷ୍ଟଇଣ୍ଡିଜ ୫ ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଅପରପକ୍ଷରେ ଗ୍ରୁପ୍ ବି’ରେ ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍ ଖେଳି ୫ ବିଜୟ ସହ ୧୦, ପାକିସ୍ତାନ ୫ ମ୍ୟାଚ୍ ଖେଳି ୪ ବିଜୟ ଓ ୧ ପରାଜୟ ସହ ୮, ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬ ଓ ଇଂଲଣ୍ଡ ୫ ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ କ୍ୱାର୍ଟର ଫାଇନାଲକୁ ଉଠିଥିଲେ।



ଅର୍ଜୁନ ରଣତୁଙ୍ଗାଙ୍କ ହାତରେ ବିଶ୍ୱକପ୍।




ଏହାପରେ ଆରମ୍ଭ ହୋଇଥିଲା କ୍ୱାର୍ଟର ଫାଇନାଲ ତଥା ନକ୍‌ଆଉଟ ପର୍ଯ୍ୟାୟ। ଇଂଲଣ୍ଡକୁ ହରାଇ ଶ୍ରୀଲଙ୍କା, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଭାରତ, ଦକ୍ଷିଣ ଆଫ୍ରିକାକୁ ହରାଇ ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଥିଲା। କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ପ୍ରଥମେ ସେମିଫାଇନାଲରେ ଭାରତର ବିପର୍ଯ୍ୟୟ ହୋଇଥିଲା। ଏଥିରେ ଭାରତକୁ ହରାଇ ଶ୍ରୀଲଙ୍କା ଫାଇନାଲରେ ପ୍ରବେଶ କରିଥିଲା। ଟସ୍ ହାରି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୩୪.୧ ଓଭରରେ ୮ ଉଇକେଟ ହରାଇ ୧୨୦ ରନ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଦର୍ଶକମାନେ ନିରାଶ ହୋଇ ଉନ୍ମତ୍ତ କାଣ୍ଡ ଘଟାଇଥିଲେ। ପଡିଆ ଭିତରକୁ ଫଳ, ପ୍ଲାଷ୍ଟିକ ବୋତଲ ଦର୍ଶକମାନେ ଫୋପାଡି ଥିଲେ। ଖେଳାଳିମାନେ ୨୦ ମିନିଟ ପଡିଆ ବାହାରକୁ ଯାଇଥିଲେ ଓ ପୁଣି ଖେଳ ଆରମ୍ଭ ହୋଇଥିଲା। ଏହାପରେ ଦର୍ଶକମାନେ ପଡିଆକୁ ଅଧିକ ପାଣି ବୋତଲ ଫୋପାଡି ଥିଲେ ଓ ଷ୍ଟାଣ୍ଡରେ ନିଆଁ ଲଗାଇଥିଲେ। ଫଳରେ ମ୍ୟାଚ୍ ରେଫରି କ୍ଲାଇଭ ଲଏଡ ଶ୍ରୀଲଙ୍କାକୁ ବିଜୟୀ ଘୋଷିତ କରିଥିଲେ। ଆଇସିସି ଟୁର୍ନାମେଣ୍ଟ କିମ୍ବା ଟେଷ୍ଟରେ ପ୍ରଥମଥର ପାଇଁ ଏଭଳି ଅଭାବନୀୟ ଘଟଣା ପାଇଁ କୌଣସି ଦଳକୁ ବିଜୟୀ ଘୋଷିତ କରାଯାଇଥିଲା।

ସେହିପରି ମୋହାଲିରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ହରାଇ ଫାଇନାଲକୁ ଉଠିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୧୫ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥଲେ ମଧ୍ୟ ଶେଷରେ ୮ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୯.୩ ଓଭରରେ ମାତ୍ର ୨୦୨ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା ଓ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

ଫାଇନାଲରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ଅରବିନ୍ଦ ଡି ସଲଭାଙ୍କ ଅପରାଜିତ ୧୦୭ ରନର ଶତକୀୟ ପାଳି ଓ ଅସାଙ୍କ ଗୁରୁସିହ୍ନାଙ୍କ ୬୫ ଓ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଅପରାଜିତ ୪୭ ରନ ବଳରେ ୪୬.୨ ଓଭରରେ ୩ ଉଇକେଟ ହରାଇ ୨୪୫ ରନ କରି ବିଜୟ ହାସଲ କରିଥିଲା। ଡି ସିଲଭା ପ୍ଲେୟାର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଏଥିସହିତ ପ୍ରଥମଥର ପାଇଁ କୌଣସି ଆୟୋଜକ ବା ସହ ଆୟୋଜକ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଶ୍ରୀଲଙ୍କା ମଧ୍ୟ ପ୍ରଥମଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା।

“ କ୍ରିକେଟରେ ମାନସିକ ସ୍ତରକୁ କିଭଳି ରଖିବାକୁ ହୁଏ ତାହା ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ଶିଖିବାକୁ ମିଳିଥାଏ ।

–ପୃଥ୍ୱୀ ଶ', ଯୁବ କ୍ରିକେଟର



“ ଟିମ୍ ମ୍ୟାନେଜମେଣ୍ଟ ମହେନ୍ଦ୍ର ସିଂ ଧୋନୀଙ୍କୁ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିବା ଲାଗି ଅନୁମତି ଦେବା ଉଚିତ୍ ।

–ହରଭଜନ ସିଂ, ସିନିୟର ଅଫ୍‌ସ୍ପିନର



**ସଂକ୍ଷେପରେ**

## କ୍ୱାର୍ଟରଫାଇନାଲରୁ ଓହରିଲେ ଫେଡରର



ରୋମ୍, ୧୭।୫ (ଏ.ଏଫ୍.ପି.)-ଡାହାଣ ଗୋଡ଼ରେ ଆଘାତପ୍ରାପ୍ତ ଯୋଗୁ ବିଶ୍ୱର ୩ ନମ୍ବର ଖେଳାଳି ରୋଜର ଫେଡରର ଏଠାରେ ଚାଲିଥିବା ଇଟାଲିଆନ ଓପନ ଟେନିସ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲ ମ୍ୟାଚରୁ ଓହରିଯାଇଛନ୍ତି। ଏଠାରେ ୪ଥର ଫାଇନାଲିଷ୍ଟ ସେମିଫାଇନାଲରେ ପ୍ରବେଶ ପାଇଁ ୮ମ ସିଡ୍ ଗ୍ରୀକ୍ ଖେଳାଳି ଷ୍ଟିଫାନସ ତିସିତ୍‌ପାସଙ୍କୁ ଭେଟିଥାନ୍ତେ। ସୁଇଜରଲାଣ୍ଡର ଏହି ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ୨୦୧୫ପରେ ପ୍ରଥମ ଥର ଫ୍ରେଞ୍ଚ ଓପନକୁ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତିର ଅଂଶବିଶେଷ ଇଟାଲିଆନ ଓପନ ଖେଳୁଥିଲେ। ଫେଡରର କହିଛନ୍ତି, ମୁଁ ଶତପ୍ରତିଶତ ଫିଟ୍ ଅନୁଭବ କରୁ ନ ଥିବାରୁ ଦୁଃଖର ସହିତ ମ୍ୟାଚରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିଲି। ରୋମ୍ ମୋର ଅନ୍ୟତମ ପସନ୍ଦ ସହର। ଆସନ୍ତା ବର୍ଷ ମୁଁ ଏହି ଟୁର୍ନାମେଣ୍ଟ ଖେଳିବା ଲାଗି ପୁଣି ଆସିବି।

## ବିସିସିଆଇ ପଦାଧିକାରୀଙ୍କ ମାଳଦ୍ୱୀପ ଗସ୍ତ

ନୂଆଦିଲ୍ଲୀ,୧୭।୫(ପିଟି)- ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ରିକେଟ ଅପରେଶନ୍ସର ସାଧାରଣ ସମ୍ପାଦକ ସବା କରିମ ଓ ଭାରତ ଏ' ଦଳର ଫିଲ୍ଡିଂ କୋଚ୍ ଅଭୟ୍ ଶର୍ମା ଚଳିତ ମାସର ପରବର୍ତ୍ତୀ ଭାଗରେ ମାଳଦ୍ୱୀପ ଗସ୍ତ କରିବେ। ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି ଗତ ମାସରେ ଆଇପିଏଲ ଦେଖିବାକୁ ବେଙ୍ଗାଲୁରୁ ଆସିଥିଲେ। ଏଣୁ ଦୁଇ ଦେଶ ମଧ୍ୟରେ କ୍ରିକେଟ ସମ୍ପର୍କ ବୃଦ୍ଧି କରିବା ଲାଗି ବିସିସିଆଇ ଦକ୍ଷିଣ ଏସୀୟ ଦେଶକୁ ଏକ ଦଳ ପଠାଇବାକୁ ଯୋଜନା କରିଛି। କେନ୍ଦ୍ର ସରକାର ବିସିସିଆଇ ପଦାଧିକାରୀଙ୍କ ଗସ୍ତ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିଛି। ଅନ୍ୟ ଦେଶରେ କ୍ରିକେଟର ଉନ୍ନତି ଲାଗି ବିସିସିଆଇ ସହାୟତାର ହାତ ବଢ଼ାଇବା କିଛି ନୂଆ କଥା ନୁହେଁ। ପୂର୍ବରୁ ଆଫଗାନିସ୍ତାନ ଓ ନେପାଳ ଭଳି ଦେଶକୁ ସହାୟତା କରିଆସିଛି। ଆଫଗାନିସ୍ତାନ ଏବେ ଏକ ପ୍ରତିଷ୍ଠିତ କ୍ରିକେଟ ଦେଶ ହୋଇସାରିଛି। ସେମାନଙ୍କୁ ଡେରାଡୁନଠାରେ ଏକ ଘରୋଇ ଗ୍ରାଉଣ୍ଡ ମଧ୍ୟ ଦିଆଯାଇଛି। ମାଳଦ୍ୱୀପ କ୍ରିକେଟକୁ ସହାୟତା କରିବା ଲାଗି ସରକାର ପ୍ରସ୍ତାବ ଦେଇଥିଲେ। ଆମେ ଏଥିରେ ଖୁସି। ବିସିସିଆଇ ଅଫିସିଆଲ ଗସ୍ତ କରି କେଉଁଭଳି ତାଙ୍କ କ୍ରିକେଟର ଉନ୍ନତିରେ ଯୋଗଦାନ କରାଯାଇ ପାରିବ ତାହା ପରଖିବେ ବୋଲି ବିସିସିଆଇ ଅଫିସିଆଲ କହିଛନ୍ତି। ଉଲ୍ଲେଖଥାଉ କି, ଆଇପିଏଲ ମ୍ୟାଚ୍ ଅବସରରେ ଭାରତୀୟ କ୍ରିକେଟ ଆଇକନ ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀ ଦଳୀୟ ଜର୍ସି ପ୍ରଦାନ କରିଥିଲେ।

# ପରାଜୟ ସହ ଭାରତର ଅଭିଯାନ ଶେଷ

**ଅଷ୍ଟ୍ରେଲିଆ ଟୁର୍**

**ପର୍ଥ, ୧୭।୫**

ଅଷ୍ଟ୍ରେଲିଆ ଟୁର୍‌ରେ ପ୍ରାରମ୍ଭିକ ସଫଳତା ହାସଲ କରିଥିବା ଭାରତୀୟ ହକି ଦଳ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଦଳ ୨–୫ ଗୋଲରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ବିଜୟୀ ଦଳ ପକ୍ଷରୁ ଟ୍ରେଣ୍ଟ ମିଟ୍ଟନ ୧୧ ଓ ୨୪ ମିନିଟରେ ୨ଟି ଏବଂ ଫ୍ଲାଏନ୍ ଓଗିଲ୍‌ଭ ୩ୟ, ବ୍ଲାକ୍ ଗୋଭର୍ସ ୨୮ତମ ଓ ଟିମ୍ ବ୍ରାଣ୍ଡ ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ନିଳକାନ୍ତ ଶର୍ମା ୧୨ ଓ ରୂପିନ୍ଦରପାଲ ସିଂ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

ପ୍ରଥମ ମିନିଟରେ ହିଁ ଭାରତ ପାଇଁ ଅଗ୍ରଣୀ ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଇଡି ଓକେନଡେନ ଏହାକୁ କ୍ଲିୟର କରି ଦେଇଥିଲେ। ସଙ୍ଗେସଙ୍ଗେ ଅଷ୍ଟ୍ରେଲିଆ ପ୍ରତିଆକ୍ରମଣ କରିଥିଲେ ହେଁ ଭାରତୀୟ ଗୋଲକିପର କ୍ରିଷ୍ଣନ ପାଠକ ଚମତ୍କାର ସେଭ୍ କରିଥିଲେ। ମାତ୍ର ଏହାର କିଛି ସେକେଣ୍ଡ ପରେ ଅର୍ଥାତ୍ ୩ୟ ମିନିଟରେ ଓଗିଲ୍‌ଭ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ୮ମ ମିନିଟରେ ଭାରତ ପାଇଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରଥିଲେ ମନଦୀପ ସିଂ। ମାତ୍ର ନିଳକାନ୍ତ ଶର୍ମା ବଲ୍‌କୁ ଠିକ୍‌ଭାବେ ଟ୍ରାପ୍ କରିପାରି ନ ଥିଲେ। ୧୦ମ ମିନିଟରେ ଅଷ୍ଟ୍ରେଲିଆ ପାଇଥିବା ପେନାଲ୍ଟି କର୍ନରକୁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହ ପ୍ରତିହତ କରିଥିଲେ। ମାତ୍ର ଏହାର ୧ ମିନିଟ ପରେ ଗୁରିନ୍ଦର ସିଂଙ୍କ ତ୍ରୁଟିରୁ ଫାଇଦା ଉଠାଇ ଟ୍ରେଣ୍ଟ ମିଟ୍ଟନ ଗୋଲ ଦେବାସହ ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ତେବେ ଏହାପରେ ପ୍ରତିଆକ୍ରମଣ କରି ଭାରତ ସଫଳ ହୋଇଥିଲା। ୧୨ତମ ମିନିଟରେ ଗୁରସାହିବଜିତ ସିଂ ସର୍କଲ ଭିତରକୁ ଦେଇଥିବା ପାସ୍‌କୁ ନିଳକାନ୍ତ ଗୋଲରେ ପରିଣତ କରି ଭାରତ ପାଇଁ ଆଶା ସଞ୍ଚାର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ୧୯ତମ ମିନିଟରେ ମନଦୀପ ସିଂ ମାରିଥିବ ଶଟ୍ ଗୋଲପୋଷ୍ଟ ବାର୍ ଉପରେ ଚାଲି ଯାଇଥିଲା। ୨୩ତମ ମିନିଟରେ ବିବେକ ସାଗର ପ୍ରସାଦ ସର୍କଲ ଭିତରକୁ ପାସ୍ ଦେଇଥିଲେ ହେଁ ମନଦୀପ ତାକୁ ଠିକ୍‌ଭାବେ ନିୟନ୍ତ୍ରଣକୁ ଆଣିପାରି ନ ଥିଲେ। ଅନ୍ୟପକ୍ଷରେ ୨୪ତମ ମିନିଟରେ ଜୋଶୁଆ ସାଇମଣ୍ଡସ୍‌ଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ମିଟ୍ଟନ ଅଷ୍ଟ୍ରେଲିଆର ଅଗ୍ରଣୀକୁ ୩–୧ରେ ପହଞ୍ଚାଇ ଦେଇଥିଲେ। ୨୮ତମ ମିନିଟରେ ଗୁରିନ୍ଦର ସିଂ ପ୍ରତିପକ୍ଷ ଖେଳାଳିଙ୍କୁ ଟାଣି ଧରିବାରୁ ଫାଉଲ୍ ହୋଇଥିଲା ଏବଂ ଅଷ୍ଟ୍ରେଲିଆକୁ ପେନାଲ୍ଟି କର୍ନର ମିଳିଥିଲା। ବ୍ଲାକ୍ ଗୋଭର୍ସଙ୍କ ତୀବ୍ର ଶଟ୍ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍‌ମା ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆ ୪–୧ ଗୋଲରେ ଆଗୁଆ ହୋଇ ଯାଇଥିଲା।

ତୃତୀୟ କ୍ୱାର୍ଟରରେ ବଲ୍ ଅଧିକାଂଶ ସମୟ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଥିଲା। ୪୦ତମ ମିନିଟରେ ଗୋଭର୍ସ ଭାରତୀୟ ଡିଫେଣ୍ଡରଙ୍କୁ ଅତିକ୍ରମ କରିଥିଲେ ହେଁ ଟାର୍ଗେଟ୍ ମିସ୍ କରିଥିଲେ। ୪୩ତମ ମିନିଟରେ ଅର୍ମାନ କୁରେଶି ଭାରତ ପାଇଁ ଦ୍ୱିତୀୟ ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଜୋହାନ ଡୁର୍ଷ୍ଟ ଚମତ୍କାର ସେଭ୍ କରି କୁରେଶିଙ୍କୁ ନିରାଶ କରିଥିଲେ। ମାତ୍ର ଏହାର କିଛି ସେକେଣ୍ଡ ପରେ ଅର୍ଥାତ୍ ସେହି ୪୩ତମ ମିନିଟରେ ଟିମ୍ ବ୍ରାଣ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ୫–୧ ଗୋଲରେ ଅଗ୍ରଣୀ କରାଇଥିଲେ। ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିବା ଭାରତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭଲ ଖେଳିଥିଲା। ଦଳ ପକ୍ଷରୁ ଏକାଧିକ ସୁଯୋଗ ସୃଷ୍ଟି କରାଯାଇଥିଲେ ହେଁ ଅଷ୍ଟ୍ରେଲିଆ ଡିଫେଣ୍ଡରମାନେ ପ୍ରତିବନ୍ଧକ ସାଜିଥିଲେ। ୫୩ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ରୂପିନ୍ଦରପାଲ ସିଂ ଏହାକୁ ଗୋଲରେ ପରିଣତ କରିଥିଲେ। ଅବଶିଷ୍ଟ ସମୟ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା।



ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ବିଦେଶ ଲିଗ୍‌ରେ ଖେଳିପାରନ୍ତି ଇର୍ଫାନ

**ନୂଆଦିଲ୍ଲୀ,୧୭।୫**

କାରବିୟାନ ପ୍ରିମିୟର ଲିଗ୍ (ସିପିଏଲ) ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ସ୍ଥାନ ପାଇଛନ୍ତି ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ। ସିପିଏଲର ଆଗାମୀ ସଂସ୍କରଣ ଲାଗି ଚଳିତ ମାସ ୨୨ ତାରିଖରେ ଲଣ୍ଡନଠାରେ ଖେଳାଳିଙ୍କ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ତାଙ୍କୁ କୌଣସି ଫ୍ରାଞ୍ଚାଇଜ ଦଳରେ ନେଲେ ସେ ପ୍ରଥମ ପୁରୁଷ ଭାରତୀୟ ଖେଳାଳି ଭାବେ ବିଦେଶ ଲିଗ୍‌ରେ ଖେଳିବେ। ତେବେ ତାଙ୍କୁ ବିସିସିଆଇଠାରୁ ଏନ୍‌ଓସି ଦରକାର ପଡ଼ିବ। ବିଦେଶ ଲିଗ୍‌ରେ ଭାରତୀୟ ଖେଳାଳିଙ୍କ ଅଂଶଗ୍ରହଣକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସର୍ବଦା ମନା କରିଆସିଛି। ଏଣୁ ପଠାନଙ୍କୁ ଏନ୍‌ସିଓ ମିଳିବାର ଖୁବ କମ୍ ସମ୍ଭାବନା ରହିଛି। ୩୪ ବର୍ଷୀୟ ଅଲରାଉଣ୍ଡର ଗତ ଦୁଇ ବର୍ଷ ହେଲା ଆଇପିଏଲ ଖେଳୁ ନାହାନ୍ତି। ସେ ଅନ୍ତିମ ଥର ୨୦୧୭ରେ ଗୁଜରାଟ ଲାୟନ୍ସ ପାଇଁ ଖେଳିଥିଲେ। ଏହି ଭେଟେରାନ ଖେଳାଳି ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟରେ ଜମ୍ମୁ କଶ୍ମୀର ପାଇଁ ପ୍ରତିନିଧିତ୍ୱ କରିଥିଲେ । ସେ ପ୍ରଥମ ଭାରତୀୟ ଭାବେ ବିଦେଶୀ ଖେଳାଳିଙ୍କ ଡ୍ରାଫ୍ଟରେ ସ୍ଥାନ ପାଇଛନ୍ତି।

# ହକି ଗାଙ୍ଗପୁର ବିଜୟୀ



ହକି ଗାଙ୍ଗପୁର ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଜାତୀୟ ସବ୍‌ଜୁନିୟର ହକି**

**ଭୁବନେଶ୍ୱର, ୧୭।୫(କ୍ରୀଡ଼ା ପ୍ରତିନିଧି)**

ଛତିଶଗଡ଼ର ରାୟପୁରରେ ଚାଲିଥିବା ୯ମ ଜାତୀୟ ସବ୍‌ଜୁନିୟର ହକି(ଡିଭିଜନ–ଏ) ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ହକି ଗାଙ୍ଗପୁର ଓଡ଼ିଶା ୪–୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ପୁଲ୍ 'ଡି' ମ୍ୟାଚରେ ହକି ଗାଙ୍ଗପୁର ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୯ମ ମିନିଟରେ ରବି ବାରା ଗୋଲ ଦେଇ ଗାଙ୍ଗପୁରକୁ ଅଗ୍ରଣୀ କରାଇଥିବାବେଳେ ରାଜସ୍ଥାନର ସନ୍ଦୀପ ଯାଦବ ୧୩ତମ ମିନିଟରେ ଏହାକୁ ପରିଶୋଧ କରି ମ୍ୟାଚକୁ ୧–୧ ସ୍ଥିତିକୁ ନେଇ ଆସିଥିଲେ। ପରେ ଅଧିନାୟକ ରଞ୍ଜିତ ଲାକ୍ରା ୩୦ ଓ ରୋଶନଜିତ ମିଞ୍ଜ ୩୬ତମ ମିନିଟରେ ଗୋଲ ଦେଇ ଗାଙ୍ଗପୁରର ଅଗ୍ରଣୀ ବ୍ୟବଧାନକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୩–୧ରେ ପହଞ୍ଚାଇଥିଲେ। ରାଜସ୍ଥାନର ପ୍ରଦୀପ ସିଂ ନାଥାୱତ ୪୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିବାବେଳେ ହକି ଗାଙ୍ଗପୁରର ସୁମିତ ବାର୍ଲା ୪୮ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳର ସ୍ଥିତିକୁ ମଜଭୁତ କରିଥିଲେ। ଏହାପରେ ଆଉ ଗୋଲ ହୋଇ ନ ଥିଲା। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ୯–୦ ଗୋଲରେ ହକି ମଣିପୁରକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅରୁଣ ସାହାଣୀ ୬, ୨୮ ଓ ୪୧ ଏବଂ ମହମ୍ମଦ ଜାଇଦ ଖାଁ ୭, ୧୫ ଓ ୫୯ତମ ମିନିଟରେ ୩ଟି ଲେଖାଏ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଦୀପକ ମିଞ୍ଜ ୩ ଓ ୨୬ତମ ମିନିଟରେ ୨ଟି ଏବଂ ସୁରେଶ ମାହାତୋ ୩୫ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

## ବିଶ୍ୱକପ୍‌ରେ ଦଳୀୟ ସ୍କୋର ୫୦୦ ଛୁଇଁବାର ଆଶା

**ଲଣ୍ଡନ,୧୭।୫**

ଗତ ବିଶ୍ୱକପ୍ ପରଠାରୁ ଦୁଇ ଥର ଦିନିକିଆ ଦଳଗତ ସ୍କୋର ରେକର୍ଡ ଭାଙ୍ଗି ସାରଛି। ଏବେ ଇଂଲଣ୍ଡ ଦଳ ନାମରେ ସର୍ବାଧିକ ଦଳଗତ ସ୍କୋର କରିବାର ରେକର୍ଡ ରହିଛି। ଗତ ବର୍ଷ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୬ ଉଇକେଟ ହରାଇ ୪୮୧ ରନ୍ କରିଥିଲା। ପୂର୍ବରୁ ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ୩ ଉଇକେଟ ହରାଇ ୪୪୪ ରନ୍ କରିଥିଲା। ଉଭୟ ମ୍ୟାଚ୍‌ରେ ଇଂଲଣ୍ଡ ଆୟୋଜକ ଥିଲା। ଦୁଇ ମ୍ୟାଚ୍ ଯଥାକ୍ରମେ ନଟିଂହାମ ଓ ଟ୍ରେଣ୍ଟ ବ୍ରିଜରେ ଖେଳାଯାଇଥିଲା। ହାଇ ସ୍କୋରିଂ ଗ୍ରାଉଣ୍ଡ ନଟିହାମରେ ଭାରତ–ନ୍ୟୁଜିଲାଣ୍ଡ ମ୍ୟାଚ୍ ସମେତ ୫ଟି ମ୍ୟାଚ୍ ଖେଳାଯିବାର ଅଛି। ଏଣୁ ଦଳୀୟ ସ୍କୋର ୫୦୦ ଛୁଇଁବାର ସମ୍ଭାବନା ରହିଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ବିଶ୍ୱକପ୍ ଲାଗି ନୂଆ ସ୍କୋରକାର୍ଡ ଛପାଇବାକୁ ନିର୍ଦ୍ଦେଶ ଦେଇଛି। ଏହି ସ୍କୋର କାର୍ଡକୁ ପ୍ରଶଂସକ କିଣିବେ। ପୂର୍ବରୁ ବିଶ୍ୱକପ୍‌ରେ ଦଳୀୟ ସ୍କୋର ୪୦୦ ସ୍କୋର କାର୍ଡ କରାଯାଉଥିଲା। କିନ୍ତୁ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଷ୍ଟିଭ ଇଲୱର୍ଥି ସ୍କୋରକାର୍ଡ ପୁନଃ ପ୍ରସ୍ତୁତ କରାଯିବା ଦରକାର ଏକ ବୈଠକରେ ଅନୁଭବ କରିଥିଲେ। ଏଥିରେ ଇସିବି ମୁଖ୍ୟ କାର୍ଯ୍ୟକାରୀ ଟମ୍ ହାରିସନ ମଧ୍ୟ ବିଶ୍ୱାସ ଦେଖାଇଛନ୍ତି। ଆମକୁ ପୁଣି ଥରେ ସ୍କୋର କାର୍ଡ ପ୍ରିଣ୍ଟ କରିବାକୁ ପଡ଼ିବ। କାରଣ ଏହି ଟୁର୍ନାମେଣ୍ଟରେ ଦଳୀୟ ସ୍କୋର ୫୦୦ ଛୁଇଁପାରେ ବୋଲି ହାରିସନ କହିଛନ୍ତି।

# ପୂର୍ବାଞ୍ଚଳ ଶିବିରରେ ଓଡ଼ିଶାର ୪



ବିଶ୍ୱଜିତ ପାତ୍ର



ଆଶୁତୋଷ ଛୁରିଆ



ରମେଶ ମେଲକା



ଶ୍ରେଷ୍ଠ ସିଂ

**କଟକ ଅଫିସ,୧୭।୫**

୧୬ବର୍ଷରୁ କମ୍ ବାଳକ ପୂର୍ବାଞ୍ଚଳ କ୍ରିକେଟ ଶିବିରରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ବିଶ୍ୱଜିତ ପାତ୍ର, ଆଶୁତୋଷ ଛୁରିଆ, ରମେଶ ମେଲକା ଓ ଶ୍ରେଷ୍ଠ ସିଂ । ତେବେ ଶିବିର କେଉଁ ତାରିଖରେ ଓ କେଉଁ ସ୍ଥାନରେ ହେବ ତାହା ନିର୍ଦ୍ଧାରଣ କରାଯାଇ ନାହିଁ । ରାଞ୍ଚିରେ ଶୁକ୍ରବାର ଏହି ଶିବିର ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଜୁନିୟର ଚୟନକର୍ତ୍ତା କମିଟି ଅଧ୍ୟକ୍ଷ ଦୀପକ ମଙ୍ଗରାଜ ଉପସ୍ଥିତ ଥିଲେ। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଉକ୍ତ ୪ଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅଲଖାପୁର ଏଫ୍‌ସିକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

**କଟକ ଅଫିସ,୧୭।୫**

ପଞ୍ଜାବର ଲୁଧିଆନା ସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ ଦଳ ପ୍ରଥମ ବିଜୟ ହାସଲ କରିଛି । ଦଳ ହରିୟାଣାର ଅଲଖାପୁର ଏଫ୍‌ସିକୁ ୨–୧ ଗୋଲରେ ପରାସ୍ତ କରିଛି । ୮ମ ମିନିଟରେ ଶିବାନୀ ଶର୍ମା ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ । ଅଲଖାପୁର ପକ୍ଷରୁ ରବିନା ୨୮ତମ ମିନିଟରେ ଏକ ଗୋଲ ଦେବା ଫଳରେ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା । ପରେ ୩୦ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଅନ୍ୟ ଏକ ଗୋଲ ହୋଇଥିଲା । ଆଶ୍ରିତା କାଙ୍ଗାଡି ଏହି ଗୋଲ ଦେଇଥିଲେ । ଫଳରେ ରାଇଜିଂ ଦଳ ଟୁର୍ନାମେଣ୍ଟର ପ୍ରଥମ ବିଜୟ ସ୍ୱାଦ ଚାଖିଛି ।

# ୫ କ୍ଲବକୁ ୧୦ ଲକ୍ଷ ଲେଖାଏଁ ଜରିମାନା

**ନୂଆଦିଲ୍ଲୀ, ୧୭।୫ (ପି.ଟି.)**

ଗତ ମାର୍ଚ୍ଚ–ଏପ୍ରିଲରେ ଖେଳାଯାଇଥିବା ସୁପର କପ୍‌ରୁ ଓହରିଯାଇଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଶୃଙ୍ଖଳା କମିଟି ୫ଟି ଆଇ–ଲିଗ୍ କ୍ଲବକୁ ୧୦ ଲକ୍ଷ ଲେଖାଏ ଏବଂ ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଟଙ୍କା ଜରିମାନା କରିଛି। ଦଣ୍ଡିତ ହୋଇଥିବା ୫ଟି କ୍ଲବ ହେଲେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ଓ ମିନର୍ଭା ପଞ୍ଜାବ ଏଫ୍‌ସି ଏବଂ ଚର୍ଚ୍ଚିଲ ବ୍ରଦର୍ସ, ଗୋକୁଲମ୍ ଏଫ୍‌ସି, ନେରୋକା ଏଫ୍‌ସି। କମିଟି କିନ୍ତୁ ମୋହନ ବାଗାନ ବିରୋଧରେ କୌଣସି ନିଷ୍ପତ୍ତି ନ ନେଇ ମାମଲାର ବିଚାର ପାଇଁ ଆର୍ବିଟ୍ରେଶନ ନିକଟକୁ ପଠାଇ ଦେଇଛି। କାରଣ କୋଲକାତାର ଏହି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ସ୍ୱାକ୍ଷରିତ କରି ନ ଥିଲା। ସୁପର କପ୍ ହେଉଛି ଏକ ପ୍ରିମିୟର ନକ୍‌ଆଉଟ୍ କ୍ଲବ ଟୁର୍ନାମେଣ୍ଟ। ଆଇ–ଲିଗ୍ ଏବଂ ଆଇଏସ୍‌ଏଲ୍ ଟିମ୍‌ଗୁଡ଼ିକୁ ନେଇ ଏହା ଆୟୋଜିତ ହୋଇଥାଏ। ମାତ୍ର ୭ଟି କ୍ଲବ ଯଥା ମିନର୍ଭା ପଞ୍ଜାବ ଏଫ୍‌ସି, ଇଷ୍ଟବେଙ୍ଗଲ, ମୋହନ ବାଗାନ, ଚର୍ଚ୍ଚିଲ ବ୍ରଦର୍ସ, ନେରୋକା ଏଫ୍‌ସି, ଗୋକୁଲମ କେରଳ ଏଫ୍‌ସି ଏବଂ ଆଇଜଲ ଏଫ୍‌ସି ଏଥର ଓହରିଯିବା ଦ୍ୱାରା ପ୍ରତିଯୋଗିତା ଚମକ ହରାଇଥିଲା। ଆଇଜଲ ଏଫ୍‌ସି, ଚର୍ଚ୍ଚିଲ ବ୍ରଦର୍ସ, ଗୋକୁଲମ କେରଳ ଏଫ୍‌ସି, ମିନର୍ଭା ପଞ୍ଜାବ ଏଫ୍‌ସି ଏବଂ ନେରୋକା ଉପରେ କମିଟି ଯେଉଁ ୧୦ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି ଦେଶରେ ଯୁବ ଫୁଟ୍‌ବଲର ପ୍ରସାର ଏବଂ ତୃଣମୂଳ ସ୍ତରରେ ଖେଳର ବିକାଶ କ୍ଷେତ୍ରରେ ବ୍ୟୟ କରାଯିବ ବୋଲି ୬ ପୃଷ୍ଠା ସମ୍ବଳିତ ରାୟରେ କମିଟି ପ୍ରକାଶ କରିଛି। କୌଣସି କ୍ଲବ ଯଦି ଜରିମାନା ପ୍ରଦାନରେ ଅବହେଳା କରେ ତେବେ ପରବର୍ତ୍ତୀ ସଂସ୍କରଣରେ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ ହେବ। ଅନ୍ୟପକ୍ଷରେ କମିଟି ହୃଦୟଙ୍ଗମ କରିଥିଲା ଯେ, ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଇଷ୍ଟବେଙ୍ଗଲର ଇଚ୍ଛା ଥିଲା। ମାତ୍ର ଏହାର ପ୍ରାୟୋଜକ ପ୍ରତିଯୋଗିତାର ପରିସ୍ଥିତି ଦେଖି ସ୍ୱନସରଶିପ୍‌ରୁ ଓହରିଯାଇଥିଲା। ତେଣୁ ଏହି କ୍ଲବକୁ ସମ୍ପୂର୍ଣ୍ଣ ଦାୟୀ କରିହେବ ନାହିଁ। କମିଟି ତେଣୁ ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଟଙ୍କା ଜରିମାନା କରିଛି। ସୂଚନାଯୋଗ୍ୟ, ଏଆଇଏଫ୍‌ଏଫ୍ ବିରୋଧରେ ବିଦ୍ରୋହ କରିଥିବା କ୍ଲବଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ନେଇ ଫେବୃଆରୀ ୧୮ରେ ଏହାର ସଭାପତିଙ୍କ ନିକଟକୁ ଚିଠି ଲେଖିଥିଲେ।

**ODISHA STATE ROAD TRANSPORT CORPORATION, BHUBANESWAR**

**No. 5735/OSRTC, BLDG-32/18 Date: 17.05.2019**

**TENDER CALL NOTICE**

Sealed items rate tenders are invited by the undersigned from the registered and eligible contractors of State P.W.D./R&B/ RWS&S/ P.H.D. for execution of Civil Engineering works as below.

| | | | |
|---|---|---|---|
| 1. | Nature of work | : | Construction for Extension of office building in 3rd Floor at OSRTC Building, Bhubaneswar |
| 2. | Number of works | : | 03 (Three) |
| 3. | Tender Cost | : | Rs. 28,91,356/- |
| 4. | Sale of tender documents | : | 17.05.19 to 24.05.19 |
| 5. | Last date for receipt of tender paper | : | 25.05.19 |
| 6. | Opening of tender paper | : | 25.05.19 by 4.00 PM |

Further details of the tenders documents, terms and conditions etc. can be seen in the website www.osrtc.in or in the office of the Chairman- cum Managing Director, OSRTC, Bhubaneswar, Ashok Nagar, Unit-II, Bhubaneswar during office hours.

**Sd./- F.A. & Chief Accounts Officer**
**O.S.R.T.C.**

# ପ୍ରଶିକ୍ଷାର୍ଥୀଙ୍କୁ ସସ୍ମିତା, ବିଜୟଲକ୍ଷ୍ମୀଙ୍କ ଟିପ୍ସ

**ଭୁବନେଶ୍ୱର, ୧୭।୫(କ୍ରୀଡ଼ା ପ୍ରତିନିଧି)**

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଶୁକ୍ରବାର ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ସସ୍ମିତା ମଲିକ ଓ ଅନ୍ତର୍ଜାତୀୟ ଖେଳାଳି ବିଜୟଲକ୍ଷ୍ମୀ ସାହୁ ଉପସ୍ଥିତ ହୋଇ ପିଲାମାନଙ୍କୁ ଟିପ୍ସ ଦେଇଥିଲେ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସସ୍ମିତା ନିଜ ଅତୀତ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ସେ କିପରି କେନ୍ଦ୍ରାପଡ଼ାର ଏକ ଅଖ୍ୟାତ ପଲ୍ଲୀରୁ ଆସି ଅନେକ ଘାତ ପ୍ରତିଘାତ ମଧ୍ୟରେ ଆଗକୁ ବଢ଼ି ଭାରତୀୟ ଦଳର ଅଧିନାୟିକା ହୋଇ ପାରିଥିଲେ ତା'ର ଉଦାହରଣ ଦେଇଥିଲେ। ଫଳାଫଳକୁ ନ ଦେଖି ନିଷ୍ଠାର ସହ ସାଧନା ଜାରି ରଖିଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଜଣେ ପ୍ରତିଷ୍ଠିତ ଖେଳାଳି କିପରି ସମାଜରେ ସମ୍ମାନ ପାଇଥାଏ ତାହା ନିଜ ଅନୁଭୂତିରୁ ବର୍ଣ୍ଣନା କରିଥିଲେ ବିଜୟଲକ୍ଷ୍ମୀ। ନିରବଚ୍ଛିନ୍ନଭାବେ ଅଭ୍ୟାସ ଜାରି ରଖିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅମିୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆସୋସିଏଶନ ସଭାପତି ତପନ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ଦିଲୀପ ଦାସ ପ୍ରମୁଖ ସସ୍ମିତା ଓ ବିଜୟଲକ୍ଷ୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ।



ସସ୍ମିତା ମଲିକ ଓ ବିଜୟଲକ୍ଷ୍ମୀ ସାହୁ ପ୍ରଶିକ୍ଷାର୍ଥୀଙ୍କୁ ଟିପ୍ସ ଦେଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ମେ ୧୮/୨୦୧୯ Sambalpur, Saturday, May 18/ 2019

## ସଂକ୍ଷେପରେ

ବଲାଙ୍ଗୀର ଜିଲାରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ

### ହାଟକୁ ଆସି ଟଳି ପଡ଼ିଲେ ଦେବାନନ୍ଦ

**ବଲାଙ୍ଗୀର ଅଫିସ, ୧୭।୫:** ବଲାଙ୍ଗୀର ଜିଲାରେ ଶୁକ୍ରବାର ଅଂଶୁଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଲୋଇସିଂହା ଥାନା ଅନ୍ତର୍ଗତ ବଡଟିକା ଗାଁର ଦେବାନନ୍ଦ ସାହୁ (୬୩) ଶୁକ୍ରବାର ସକାଳେ ଗାଁଠାରୁ ୮ କିଲୋମିଟର ଦୂର ରୁଗୁଡିଖାଲ ସପ୍ତାହିକ ହାଟକୁ ପନିପରିବା କିଣିବା ପାଇଁ ଆସିଥିଲେ । ପୂର୍ବାହ୍ଣ ସାଢ଼େ ୧୧ଟାରେ ବଜାର ସାରିବା ପରେ ହଠାତ୍ ହାଟରେ ଅସୁସ୍ଥ ହୋଇପଡିଥିଲେ । ତାଙ୍କ ମୁଣ୍ଡ ବୁଲାଉଥିବା କହି ସେଠାରେ ଚେତାଶୂନ୍ୟ ହୋଇପଡିଥିଲେ । କେତେଜଣ ବ୍ୟକ୍ତି ଏ ସଂକ୍ରାନ୍ତରେ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଦେବାନନ୍ଦଙ୍କୁ ଏକ ଗାଡିରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଅଂଶୁଘାତ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯିବା ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଡାକ୍ତର ବଲାଙ୍ଗୀର ମେଡିକାଲ କଲେଜ ହସ୍‌ପିଟାଲକୁ ପଠାଇଥିଲେ। ଅପରାହ୍ଣରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ମୃତ ଦେବାନନ୍ଦଙ୍କ ସ୍ତ୍ରୀ, ଦୁଇପୁଅ, ଦୁଇଝିଅ ଓ ବୋହୂ ଅଛନ୍ତି । ବଲାଙ୍ଗୀର ଜିଲାରେ ପ୍ରାୟ ୧ ମାସ ଧରି ତାପମାତ୍ରା ୪୦ରୁ ୪୫ ଡିଗ୍ରୀ ରହୁଥିବାରୁ ଅଂଶୁଘାତ ଭୟ ଲାଗିରହିଛି ।

# ପୋଖରୀ ଶୁଖିଲା, ପାଣି ପାଇଁ ହାହାକାର

**ଜୁନାଗଡ,୧୭।୫(ଡି.ଏନ.ଏ.)**


ଗ୍ରାମରେ ଥିବା ଏକମାତ୍ର ପୋଖରୀ ଶୁଖି ଯାଇଛି ।

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତ କେଲିଆ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ବିଶେଷ କରି ଖରା ଦିନ ଆସିଲେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିଯାଇଥାଏ । ୩ଟି ୱାର୍ଡ ବିଶିଷ୍ଟ କେଲିଆ ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ । ଗାଁରେ ମୋଟ ୬ଟି ନଳକୂପ ରହିଛି । ସେଥିମଧ୍ୟରୁ ବର୍ତ୍ତମାନ ୩ଟି ନଳକୂପରେ ବିଶୁଦ୍ଧ ପାଣି ବାହାରୁ ଥିବାବେଳେ ଅବଶିଷ୍ଟରେ ଲୁହାଗୁଣ୍ଡ ଓ ଖାର ପାଣି ବାହାରୁଛି । ଗ୍ରାମରେ ଥିବା ଗୋନ୍ତିଆପଡା, ଭୋଲିଆନାଳପଡା ଓ ସ୍କୁଲପଡାରେ ଥିବା ନଳକୂପରେ ବିଶୁଦ୍ଧ ପାଣି ବାହାରୁଛି । ଫଳରେ ସେଠାରେ ଗ୍ରାମର ମହିଳାମାନେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ପାଣି ନେଉଛନ୍ତି । ଏପଟେ ଗାଁ ଆରମ୍ଭରେ ଥିବା ଏକମାତ୍ର ପୋଖରୀ ଖଳିଆବନ୍ଧର ପାଣି ଶୁଖିଯାଇଥିବାରୁ ଗ୍ରାମବାସୀ ୧ କି.ମି. ଦୂର ହାଲେର ଯୋର(ନାଳ)କୁ ଗାଧୋଇବାକୁ ଯାଉଛନ୍ତି । ଛୋଟ ଛୁଆ ତଥା ବୟସ୍କ ଲୋକମାନେ ଦୂରକୁ ଗାଧୋଇ ଯାଇପାରୁ ନ ଥିବାରୁ ତାଙ୍କ ସମ୍ପର୍କୀୟମାନେ ଡବା (ଜାର)ସାହାଯ୍ୟରେ ପାଣି ଧରିଆସୁଛନ୍ତି । ବିଭିନ୍ନ ସମୟରେ ଗ୍ରାମବାସୀ ପାନୀୟ ଜଳ ପାଇଁ ବିଡିଓ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ମିଳୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି । ଗତ ୪ ବର୍ଷ ତଳେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ନିକଟସ୍ଥ ତେଲ ନଦୀରୁ ପାଇପ ସାହାଯ୍ୟରେ ଜଳ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀମାନେ ଅନୁଧ୍ୟାନ କରିଥିଲେ। ସେତେବେଳେ ନଦୀ ପାଖରେ ପାଣି ଟାଙ୍କି କରାଯିବା ପାଇଁ ସ୍ଥାନ ଚିହ୍ନଟ ହୋଇଥିଲା । ହେଲେ ଅଦ୍ୟାବଧି ଏହି ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ସିଂଙ୍କୁ ପଚାରିବାରୁ କେଲିଆ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ପାଇଁ ଟେଣ୍ଡର ହୋଇସାରିଛି। ଖୁବ୍‌ଶୀଘ୍ର ଠିକାଦାର ପ୍ରକଳ୍ପ କାମ ଆରମ୍ଭ କରିବେ ବୋଲି କହିଥିଲେ।

**କେଲିଆ ଗ୍ରାମରେ ପାନୀୟ ଜଳ ସଙ୍କଟ**

- ଖରାଦିନେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢେ
- ଗାଧୋଇବା ପାଇଁ ଯିବାକୁ ପଡୁଛି ୧ କି.ମି. ଦୂର
- ୬ ନଳକୂପ ମଧ୍ୟରୁ ୩ଟିରେ ବାହାରୁଛି ଖାର ପାଣି
- ଜଳ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ ହୋଇଛି, କାମ ଆରମ୍ଭ ହୋଇନି

ଅନ୍‌ଲାଇନ୍‌ରେ ଟଙ୍କା ଟ୍ରାନ୍ସଫର ଅଭିଯୋଗ

# ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩୭ ହଜାର ଟଙ୍କା ଗାଏବ

**ବଲାଙ୍ଗୀର ଅଫିସ, ୧୭।୫**

**ଝାଡ଼ଖଣ୍ଡର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି**

ଅଭିନବ ଉପାୟରେ ଜଣେ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩୭ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷକ ଜଣକ ଏ ନେଇ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଭୁଡିଆରବାହାଲ ଗ୍ରାମର ମହୌଷଧି ପୁଟେଲ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକତା କରନ୍ତି । ବଲାଙ୍ଗୀର ଏସପି ଅଫିସ ସମ୍ମୁଖରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖାରେ ତାଙ୍କର ଆକାଉଣ୍ଟ ରହିଛି । ଏହି ଆକାଉଣ୍ଟରୁ ୩୭ ହଜାର ଟଙ୍କା ଅନ୍ୟ ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଗତ ମେ ୪ ତାରିଖ ଦିନ ଜାଣିବାକୁ ପାଇଥିଲେ । ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରଥମେ ୧୭ ହଜାର ଓ ପରେ ୨୦ ହଜାର ସମୁଦାୟ ୩୭ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ନେଇ ତାଙ୍କ ମୋବାଇଲକୁ ମେସେଜ୍ ଆସିଥିଲା । ଏଭଳି ମେସେଜ ଆସିବା ପରେ ମହୌଷଧି ଚିନ୍ତିତ ହୋଇପଡି ଦେଓଗାଁ ଏଟିଏମ୍‌କୁ ଯାଇ ତାଙ୍କର ବାଲାନ୍ସ ଚେକ୍ କରିଥିଲେ । ବାଲାନ୍ସ ଚେକ୍ କଲାପରେ ତାଙ୍କ ଆକାଉଣ୍ଟରୁ ୩୭ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାକୁ ଆସି ଏ ନେଇ ଜଣାଇଥିଲେ । ଏହାପରେ ୭ ତାରିଖ ଦିନ ବଲାଙ୍ଗୀର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ବ୍ୟାଙ୍କ ପାଶ୍‌ବୁକ୍ ଅପ୍‌ଡେଟ୍ କରାଯିବା ପରେ ଗତ ୪ ତାରିଖ ଅପରାହ୍ଣ ସାଢ଼େ ୩ଟାରେ ସାମିରେଡ୍‌ଡୀ କ୍ରିଷ୍ଣା ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୩୭ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡିଥିଲା । ସାମିରେଡ୍‌ଡୀ କ୍ରିଷ୍ଣାଙ୍କ ଯେଉଁ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଛି ତାହା ଝାଡ଼ଖଣ୍ଡର ଦୁମ୍‌କା ବ୍ରାଞ୍ଚ ବୋଲି ଉଲ୍ଲେଖ ରହିଛି । ଗତ ୭ ତାରିଖରୁ ଅଭିଯୋଗ କରିଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଯୋଗକାରୀ ଶୁକ୍ରବାର ଏସ୍‌ପି ଅଫିସକୁ ଆସି ପୁଣି ଥରେ ଅଭିଯୋଗ କରିଛନ୍ତି । ଏଦିଗରେ ତଦନ୍ତକୁ ତ୍ୱରାନ୍ୱିତ କରି କିଭଳି ୩୭ ହଜାର ଟଙ୍କା ଫେରିପାଇବେ ସେନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ତାଙ୍କ ମୋବାଇଲ ଫୋନ୍‌ରେ କୌଣସି ଅଜଣା କଲ୍ ଆସି ନ ଥିବା ଏବଂ ତାଙ୍କ ଏଟିଏମ୍ କାର୍ଡ ନିଜ ପାଖରେ ଥିବା ସତ୍ତ୍ୱେ ଆକାଉଣ୍ଟରୁ କିଭଳି ଭାବେ ଟଙ୍କା ଟ୍ରାନ୍ସଫର ହୋଇଛି ତାହା ସେ ଜାଣିପାରୁନାହାନ୍ତି ବୋଲି ମହୌଷଧି କହିଛନ୍ତି ।

# ଟ୍ରକ୍ ପଛରେ ପଟି ହେଲା ବୋଲେରୋ: ବାଳକ ମୃତ, ୩ ଗୁରୁତର

**ସୋନପୁର,୧୭।୫(ନି.ପ୍ର.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ସୋନପୁର ଜୟ ଜୱାନ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ସଡକ ଦୁର୍ଘଟଣା ଘଟିଛି । ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁଁ ବୋଲେରୋ ନଂ ଓଡି୩୧ବି-୭୧୩୧ରେ ବସିଥିବା ବରଗଡ ଜିଲା ବରପାଲି ଥାନା ଅନ୍ତର୍ଗତ ବାବୁପାଲି ଗ୍ରାମର ହିମାଂଶୁ ସିଂଙ୍ଗଲାଲଙ୍କ ପୁଅ ସ୍ୱସ୍ତିକ(୧୦)ଙ୍କ ମୃତ୍ୟୁ ହୋଇଛି। ସ୍ୱସ୍ତିକଙ୍କ ସମ୍ପର୍କୀୟ ମାଇଁ ତିଲୋତ୍ତମା ସିଂଦେଓ, ମାମୁଁ ଭୀମସେନ ସିଂଦେଓ ଓ ବୋଲେରୋ ଡ୍ରାଇଭର ତଥା ବୌଦ୍ଧ ଜିଲା ପଦ୍ମନପୁର ଗ୍ରାମର ଚିଣ୍ଟୁ ହୋତା ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସମସ୍ତଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୋନପୁର ସହର ପଟାଭାଡି ଅଞ୍ଚଳର ଭୀମସେନ ବଲାଙ୍ଗୀର ବନ୍ଧପଡା ଅଞ୍ଚଳରୁ ଏକ ବାହାଘର ଭୋଜି ଖାଇ ବୋଲେରୋରେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ବୋଲେରୋ ଓ ଟ୍ରକ୍ ନଂ ଓଡି୦୫ଏଏମ-୯୩୮୪କୁ ଜବତ କରି ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ବାଳକଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୋନପୁର ଥାନା ଏଏସଆଇ ସବ୍ୟସାଚୀ ପଧାନ ମାମଲାର ତଦନ୍ତ କରୁଛନ୍ତି।

# ସାଉଥକୋ ସହକାରୀ ଯନ୍ତ୍ରୀ ଗିରଫ

**ବ୍ରହ୍ମପୁର ଅଫିସ,୧୭।୫**

ଜଣେ ଲାଇନ ମ୍ୟାନଙ୍କ ବଦଳି ଆବେଦନପତ୍ରକୁ ଛତ୍ରପୁର ସବ୍‌ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ଖଲ୍ଲିକୋଟ ସାଉଥକୋର ଜଣେ ସହକାରୀ ଯନ୍ତ୍ରୀ ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଶୁକ୍ରବାର ସକାଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସେ ହେଲେ ବସନ୍ତ କୁମାର ପଟ୍ଟନାୟକ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୧୦/୧୯ରେ ମାମଲା ରୁଜୁ କରାଯାଇ ବସନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ବସନ୍ତଙ୍କ କାର୍ଯ୍ୟାଳୟରୁ କାଗଜପତ୍ର ଜବତ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ କେଶପୁରସ୍ଥିତ ତାଙ୍କ ଭଡ଼ାଘର, ଶ୍ୱଶୁର ଘର ଓ ଅନୁଗୋଳରେ ଥିବା ପୈତୃକ ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି ବୋଲି ଏସପି ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କହ୍ନେଇପୁରର ବିବେକାନନ୍ଦ ନାୟକ ଖଲ୍ଲିକୋଟରେ ଲାଇନମ୍ୟାନ ଭାବେ କାମ କରୁଛନ୍ତି। ପାରିବାରିକ ସମସ୍ୟା ଥିବାରୁ ସେ ଗାଁ ପାଖ କେଶପୁରକୁ ଆପୋଷ ବୁଝାମଣାରେ ବଦଳି ପାଇଁ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଆବେଦନପତ୍ର ସହକାରୀ ଯନ୍ତ୍ରୀ ପଟ୍ଟନାୟକଙ୍କୁ ଦେଇଥିଲେ। ଏହି ଆବେଦନପତ୍ରକୁ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ସେ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା।

୨୩ ନଂ. ଜାତୀୟ ରାଜପଥ ଜମି ଅଧିଗ୍ରହଣ ମାମଲା

# ପ୍ରତିପକ୍ଷଙ୍କୁ ନୋଟିସ, ହାଇକୋର୍ଟଙ୍କ ସ୍ଥିତାବସ୍ଥା ଜାରି

**କଟକ ଅଫିସ,୧୭।୫**

ବୀରମିତ୍ରପୁର-ବାରକୋଟ ସେକ୍ସନ ୨୩ ନମ୍ବର ଜାତୀୟ ରାଜପଥ ପାଇଁ ୨୦୧୫ରେ କରାଯାଇଥିବା ଜମି ଅଧିଗ୍ରହଣ ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ପ୍ରତିପକ୍ଷଙ୍କୁ କୋର୍ଟ ନୋଟିସ ଜାରି କରିଛନ୍ତି। ଆବେଦନକାରୀ ଜଗନ୍ନାଥ ଓରାମ ଓ କମଳା କୁଣ୍ଡୁଙ୍କ ତରଫରୁ ଏହି ମାମଲା ଦାଏର କରାଯାଇଥିଲା। ମାମଲାର ବିବରଣୀରୁ ପ୍ରକାଶ, ସୁନ୍ଦରଗଡ଼ ଜିଲାର ଗୋପପାଲି ଏବଂ ଲୁଙ୍ଗେଇ ମୌଜାରେ ଥିବା ଜମି ଓ ବାସଗୃହକୁ ଅଧିଗ୍ରହଣ କରିବା ପାଇଁ କେନ୍ଦ୍ର ସରକାର ୨୦୧୫ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆବେଦନକାରୀଙ୍କୁ ସେମାନଙ୍କର ନ୍ୟାଯ୍ୟ କ୍ଷତିପୂରଣ ରାଶି ନ ଦେଇ ସରକାର ଜମି ଅଧିଗ୍ରହଣ କରିବାକୁ ବିରୋଧ କରି ଆବେଦନକାରୀ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ମାମଲାର ଶୁଣାଣି କରି ହାଇକୋର୍ଟ ସୁନ୍ଦରଗଡ଼ ଜିଲାପାଳ, ଅତିରିକ୍ତ ଜିଲାପାଳ, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କୁ ନୋଟିସ ଜାରି କରିବା ସହିତ ଆବେଦନକାରୀଙ୍କ ଜମି ଉପରେ ସ୍ଥିତାବସ୍ଥା ଜାରି କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ, କୌଣସି ଗ୍ରାମସଭା କରାଯାଇନାହିଁ ଏବଂ ୨୦୧୩ ଜମି ଅଧିଗ୍ରହଣ ଆଇନ ଅନୁସାରେ ସେମାନଙ୍କର ଦାବିକୁ ସରକାର ବିଚାର କରିନାହାନ୍ତି। ଆବେଦନକାରୀଙ୍କ ତରଫରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ





## ସଂକ୍ଷେପରେ

### ଘର କବାଟ ଭାଙ୍ଗି ଲୁଟିନେଲେ ୨୦ଭରି ସୁନା, ୨ ଲକ୍ଷ ଟଙ୍କା

**ବଲାଙ୍ଗୀର ଅଫିସ, ୧୭।୫:** ଘରେ ତାଲା ମାରି ଦୁଇଦିନ ଅନ୍ୟତ୍ର ଯିବା ବଲାଙ୍ଗୀର ସହରର ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି । ତାଙ୍କ ଘରେ ଚୋରମାନେ କଳାକନା ବୁଲାଇ ୨୦ଭରି ସୁନା ଅଳଙ୍କାର, ୨ଲକ୍ଷ ଟଙ୍କା ଓ ବିଭିନ୍ନ ସୌଖୀନ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି । ପ୍ୟାଲେସ ଲାଇନ୍‌ଠାରେ ରହୁଥିବା ସୁଧାଂଶୁ ବାବୁ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଗତ ୧୫ ତାରିଖ ଦିନ ଏକ ବ୍ରତଘରକୁ ଯିବା ପାଇଁ ଘରୁ ବାହାରିଥିଲେ । ଶୁକ୍ରବାର ସକାଳେ ଆସି ଦେଖିଲାବେଳକୁ ତାଙ୍କ ଘରର ବାହାରପଟ କବାଟ ଭାଙ୍ଗି ଖୋଲାଯାଇଥିଲା । ଭିତରକୁ ପଶିବା ପରେ ଭିତର ଆଲମିରା ଭାଙ୍ଗି ପ୍ରାୟ ୨ଭରି ଓଜନର ସୁନାଗହଣା, ୨ ଲକ୍ଷ ନଗଦ ଟଙ୍କା ଓ ବହୁମୂଲ୍ୟ ସାମଗ୍ରୀ ଚୋରି କରିନେଇଥିବା ଟାଉନ୍ ଥାନାରେ ବାବୁ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଆଇଆଇସି ତୋଫାନ ବାଗ ସୂଚନା ଦେଇଛନ୍ତି ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

# ସନ୍ତୁଳିତ ଜୀବନଯାପନ ଦୂର କରିବ ଉଚ୍ଚ ରକ୍ତଚାପ

**ସୋନପୁର,୧୭।୫(ନି.ପ୍ର.)**



ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ସଚେତନତା ସଭାରେ ଅଧ୍ୟକ୍ଷତା କରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ନିୟମିତ ଶାରୀରିକ ପରିଶ୍ରମ, ଉପଯୁକ୍ତ ସୁଷମ ଖାଦ୍ୟ ଶୈଳୀ ସାଙ୍ଗକୁ ମାନସିକ ଚାପରୁ ସବୁବେଳେ ମୁକ୍ତ ରହିବାକୁ ଚେଷ୍ଟା କଲେ ଉଚ୍ଚ ରକ୍ତଚାପ ପରି ସମସ୍ୟାକୁ ଦୂରେଇ ଦିଆଯାଇପାରିବ ବୋଲି ମତପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ନିରୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ ମଣିଷ ଦେହରେ ଏହି ରୋଗର କୁପ୍ରଭାବ ସମ୍ପର୍କରେ ବ୍ୟାପକ ଆଲୋଚନା ସହ ଆଳସ୍ୟପୂର୍ଣ୍ଣ ଜୀବନ, ମେଦ ବହୁଳତା, ଆବଶ୍ୟକତାଠାରୁ ଅଧିକ ପରିମାଣ ଲୁଣର ବ୍ୟବହାର, ଚର୍ବି ଜାତୀୟ ଖାଦ୍ୟ, ଫାଷ୍ଟ ଫୁଡ ଆଦି ଖାଦ୍ୟର ବ୍ୟବହାର ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରପ୍ରାପ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ ଜିଲାରେ ଥିବା ଉଚ୍ଚ ରକ୍ତଚାପ ରୋଗୀଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ କହିବା ଅନୁସାରେ ୨୦୧୭-୧୮ ଏବଂ ୨୦୧୮-୧୯ ମସିହାରେ ବାହ୍ୟ ବିଭାଗରେ ଯଥାକ୍ରମେ ମୋଟ ୨୪୫୧୮ ଓ ୨୦୪୫୩ ଜଣ ଉଚ୍ଚ ରକ୍ତଚାପ ରୋଗୀ ଚିହ୍ନଟ ହୋଇଛନ୍ତି। ଠିକ୍ ସେହିପରି ୨୦୧୯-୨୦ ଏପ୍ରିଲ ମାସ ପର୍ଯ୍ୟନ୍ତ ମୋଟ ୨୦୫୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ୪୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ସଚେତନ ହୋଇ ନିଜ ରକ୍ତଚାପ ପରୀକ୍ଷା କରାଇନେବା ଉଚିତ ବୋଲି ସେ କହିବା ସହ ଏଥିପାଇଁ ବିଭିନ୍ନସ୍ତରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧ୍ୟକ୍ଷା କନକଲତା ବେହେରାଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ। ସଚେତନତା ସଭା ପରେ ଏକ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକ୍ରମ ପରିଚାଳିକା ମୌସୁମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ତାରିଣୀ ଚରଣ ପାତ୍ର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

### ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ମଞ୍ଚ ଗଠିତ

**ସୋନପୁର,୧୭।୫(ନି.ପ୍ର.)**

ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ମଞ୍ଚ ଗଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ପ୍ରସାଦ ରାୟଗୁରୁଙ୍କ ଆବାହକତ୍ୱରେ ସ୍ଥାନୀୟ ମହାରାଜା ହାଇସ୍କୁଲ ଶତବାର୍ଷିକ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଫେସର ରାୟଗୁରୁ ସୂଚନା ପ୍ରଦାନ କରିଥିଲେ । ମଦନ ମୋହନ ଦାନୀ, ଶିବ ପ୍ରସାଦ ମିଶ୍ର, ବ୍ୟୋମକେଶ ଦାଶ ଓ ଇନ୍ଦ୍ରମଣୀ ଦାଶ ପ୍ରମୁଖ ଜିଲାରେ ବରିଷ୍ଠ ନାଗରିକ ମଞ୍ଚ ଗଠନର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସର୍ବ ସମ୍ମତି କ୍ରମେ ମଞ୍ଚର ସଭାପତି ଭାବେ ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ଉପସଭାପତି ଇନ୍ଦ୍ରମଣି ଦାଶ, ସମ୍ପାଦକ ନାରାୟଣ ପ୍ରସାଦ ରାୟଗୁରୁ, ଯୁଗ୍ମ ସମ୍ପାଦକ ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, କୋଷାଧ୍ୟକ୍ଷ ବେଦବ୍ୟାସ ତ୍ରିପାଠୀ, କାଯର୍‌ୟକାରୀ କମିଟି ସଭ୍ୟ ଭାବେ ଉପେନ୍ଦ୍ର ପ୍ରସାଦ ବାରିକ୍, ବ୍ୟୋମକେଶ ଦାଶ, ଶିବନାରାୟଣ ମିଶ୍ର, ଡ. ସନ୍ତୋଷ କୁମାର ପାଢୀ, କୃପାସିନ୍ଧୁ ପାଣିଗ୍ରାହୀ ଓ ଶମ୍ଭୁଭୂଷଣ ପଣ୍ଡାଙ୍କୁ ମନୋନୀତ କରାଯାଇଛି ।

# ଫନୀ ସହାୟତା ରାଶି ପ୍ରଦାନ





**ଉଲୁଣ୍ଡା ୧୭।୫(ଡି.ଏନ.ଏ.)**

ପ୍ରଳୟଙ୍କାରୀ ବାତ୍ୟା ଫନୀ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଉପକୂଳ ଓଡିଶା ପାଇଁ ବିଜେଡି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଋଷି କୁମାର ପଟେଲ ସହାୟତାର ହାତ ବଢାଇଛନ୍ତି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲରେ ରହୁଥିବା ଋଷିକୁମାର ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ୫୦ ହଜାର ଟଙ୍କାର ସହାୟତା ରାଶି ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି।

# ଗଣେଶ୍ୱର ବାବାଙ୍କ ନବନିର୍ମିତ ବିଗ୍ରହ ସ୍ଥାପନ

**ଉଲୁଣ୍ଡା ୧୭।୫(ଡି.ଏନ.ଏ.)**



ଶ୍ରୀ ଗଣେଶ୍ୱର ବାବାଙ୍କ ନବନିର୍ମିତ ବିଗ୍ରହକୁ ବେଢା ପରିକ୍ରମା କରାଯାଉଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ସ୍ଥିତ ସର୍ବପୁରାତନ ଶୈବପୀଠ ଗଣେଶ୍ୱର ବାବାଙ୍କ ପୀଠସ୍ଥଳୀରେ ନୂତନ ନାଗମୂର୍ତ୍ତୀ ପ୍ରତିଷ୍ଠା ଓ ସ୍ଥାପନା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ବୁଧବାରଠାରୁ ୩ ଦିନ ଧରି ହୋଇଥିବା ଏହି ଆଧ୍ୟାତ୍ମିକ ପରିବେଶରେ କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ଅଷ୍ଟପ୍ରହର ନାମଯଜ୍ଞ, ବିଶ୍ୱଶାନ୍ତି ହୋମ, ଶିବ ସହସ୍ର ନାମ ପଠନ, ମୂର୍ତ୍ତୀ ପ୍ରତିଷ୍ଠା, ପ୍ରାଣସଞ୍ଚାର ଏବଂ ସ୍ଥାପନ ଉତ୍ସବ ଆୟୋଜନ କରାଯାଇଥିଲା। ଯାତ୍ରା ପରିଚାଳନା ପରିଷଦ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଶ୍ରୀ ଗଣେଶ୍ୱର ବାବାଙ୍କ ଚରଣାଶ୍ରିତ ୨୨ ଖଣ୍ଡ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ମୁଖ୍ୟପୂଜକ ଅର୍ଜୁନ ଗୁରୁଙ୍କ ନେତୃତ୍ୱରେ ବିଘ୍ନରାଜ ମିଶ୍ର, ରାଜକିଶୋର ପୁରୋହିତ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ପଦ୍ମନାଭ ପାଣ୍ଡିଆ ଓ ଡିଙ୍ଗର ମେହେର ସସ୍ତ୍ରୀକ କର୍ତ୍ତାଭାବରେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞରେ ଶିବପ୍ରସାଦ ପାଣ୍ଡିଆ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ପଞ୍ଚମହଲା ସମେତ ଆଖପାଖର ବହୁ କୀର୍ତ୍ତନ୍ୟମଣ୍ଡଳୀ ସାମିଲ ହୋଇଥିଲେ। ଶେଷରେ ଶ୍ରୀ ଗଣେଶ୍ୱର ବାବାଙ୍କ ନବନିର୍ମିତ ବିଗ୍ରହକୁ ବେଢା ପରିକ୍ରମା କରାଯାଇ ପୀଠରେ ଅବସ୍ଥାପିତ କରାଯାଇଥିଲା। ଗୌନ୍ତିଆ ଉରୁକ୍ରମ ପାଣ୍ଡିଆ ଓ ଲମ୍ବୋଦର ପାଣ୍ଡିଆ ଏହି ଅବସରରେ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ। ଅଶୋକ ପଣ୍ଡା, ନରେନ୍ଦ୍ର ଆଚାର୍ଯ୍ୟ, ଅଶୋକ ପୁରୋହିତ, ଶିରିଶ ପୁରୋହିତ, ନରେନ୍ଦ୍ର ପାଣ୍ଡିଆ, ପୁରୁଷୋତ୍ତମ ଭୋଇ, ସତ୍ୟ ନାରାୟଣ ପୂଜାହାରୀ ପ୍ରମୁଖ ଯାତ୍ରା ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

# କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟିର ବୈଠକ

**ସୋନପୁର,୧୭।୫(ନି.ପ୍ର.)**



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ବିଦ୍ୟାଳୟର ଅଧ୍ୟକ୍ଷ ଓ କମିଟିର ସଭ୍ୟ ବୃନ୍ଦ ।

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁରର ବିଦ୍ୟାଳୟ ପରିଚାଳନା କମିଟିର ଶିକ୍ଷାବର୍ଷ ୨୦୧୯-୨୦ର ପ୍ରଥମ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହାଇଯାଇଛି। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଜିଲାପାଳ ମଧୁସୂଦନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ନୋମିନି ଚେୟାରମ୍ୟାନ ତଥା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭ୍ୟ ମନୋଜ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ମୁକ୍ତେଶ୍ୱର ମାଝୀ, ମୌସୁମୀ ମିଶ୍ର, ସମ୍ପାଦକ ତଥା ବିଦ୍ୟାଳୟ ଅଧ୍ୟକ୍ଷ ଶମ୍ଭୁପ୍ରସାଦ କର୍ଣ୍ଣ ଓ ସନ୍ତୋଷ ମେହେର ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ସକାଶେ ମତାମତ ପ୍ରଦାନ କରିଥିଲେ। ଜିଲାପାଳ ମିଶ୍ର ଦଶମ ଶ୍ରେଣୀରେ ଉଚ୍ଚକୋଟୀର ଫଳାଫଳ ପାଇଁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ନୂତନ ଭାବେ ଖୋଲା ଯାଇଥିବାରୁ ସେଥିପାଇଁ ଆବଶ୍ୟକ କୋଠା, ଆସବାବପତ୍ର, ଲାବୋରେଟୋରୀ, ଅଧ୍ୟାପକ ନିଯୁକ୍ତି ତଥା ପରିଚାଳନା ଉପରେ ବିଶେଷ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଏକାଦଶ ଶ୍ରେଣୀ ପାଇଁ ଆଡମିଶନ ସକାଶେ ଅଧିକ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ପଣ୍ଡା ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସମସ୍ତ ପ୍ରୟାସ କରାଯିବ ବୋଲି କହିଥିଲେ ।

# କଏଦୀଙ୍କ ପରିବାରକୁ ଆଇନଗତ ସହାୟତା ଅଭିଯାନ

## ଜେଲ ଅନ୍ତେବାସୀଙ୍କୁ ଭେଟିଲେ ଆଇନସେବା ପ୍ରାଧିକରଣ ପ୍ରତିନିଧି

**ବୀରମହାରାଜପୁର, ୧୭।୫(ଡି.ଏନ୍.ଏ.)**



ବୀରମହାରାଜପୁର ଉପକାରାଗାର ପରିସରରେ କେତେଜଣ ଅନ୍ତେବାସୀଙ୍କ ସହ ସେମାନଙ୍କ ପରିବାର ସମ୍ପର୍କରେ ପଚରାଉଚରା କରାଯାଉଛି ।

ବିଭିନ୍ନ ଜେଲରେ ଆଜୀବନ ଜେଲ ଭୋଗୁଥିବ କଏଦୀ ଏବଂ ବିଚାରାଧୀନ ବନ୍ଦୀ ମାନଙ୍କର ପରିବାରକୁ ଆଇନଗତ ସହାୟତା ଯୋଗାଇଦେବା ପାଇଁ ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ପ୍ରେରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ମଧ୍ୟ ଜିଲାରେ ଥିବା ଦୁଇଟି କାରାଗାର ସୋନପୁର ଓ ବୀରମହାରାଜପୁର ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଅଭିଯାନର ଆଭିମୁଖ୍ୟକୁ ଆଗେଇନେବା ପାଇଁ ପ୍ରାଧିକରଣ ପକ୍ଷରୁ ୫ ସଦସ୍ୟ ବିଶିଷ୍ଟ ପ୍ରତିନିଧି ମଣ୍ଡଳୀ ମନୋନୀତ କରାଯାଇ ଆବଶ୍ୟକମତେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରାଧିକରଣର ସଚିବ ସ୍ମିତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉକ୍ତ ସଦସ୍ୟମାନେ ଦୁଇଦଳ ହୋଇ ବୁଧବାର ଓ ଗୁରୁବାର ଯଥାକ୍ରମେ ସୋନପୁର ଓ ବୀରମହାରାଜପୁର ଜେଲ ପରିଦର୍ଶନ କରିବାସହ ଅନ୍ତେବାସୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ।

ସୂଚନା ଅନୁସାରେ ଆଇନଜୀବୀ ପଞ୍ଚାନନ ଦନ୍ତା, ଶିକ୍ଷାବିତ୍ ତଥା ଗବେଷକ ଜ୍ୟୋତିରନ ବହିଦାର ଏବଂ ପାରା ଲିଗାଲ୍ ଭଲେଣ୍ଟିଅର ଗୀତାଞ୍ଜଳି ରଣା ଜିଲା ସଦର ମହକୁମାସ୍ଥିତ କାରାଗାରରେ ବନ୍ଦୀଥିବା ୫୧ଜଣ ଅନ୍ତେବାସୀଙ୍କୁ ଭେଟିଥିଲେ। ସେମାନଙ୍କ ପରିବାରର ବିଭିନ୍ନ ସମସ୍ୟା ସମ୍ପର୍କରେ ପରାରି ବୁଝିଥିଲେ। ସେହିଭଳି ଆଇନଜୀବୀ ସ୍ୱୟମ୍ଭୁନାଥ ଖଣ୍ଡଗିରି ଓ ସାମାଜିକ କର୍ମୀ ଶ୍ରୀବସ ମଲ୍ଲିକ ରଥପୁରସ୍ଥିତ ବୀରମହାରାଜପୁର ଉପକାରାଗାରର ୩୪ ଅନ୍ତେବାସୀଙ୍କୁ ଭେଟିଥିଲେ। ଏଠାରେ ଆଜୀବନ ବନ୍ଦୀ ଭାବେ ରହିଥିବା ୬ଜଣ କଏଦୀ ଏବଂ ୬ମାସରୁ ଉର୍ଦ୍ଧ୍ୱ ଜେଲ ଜୀବନ ବିତାଇଥିବା ୩ ବିଚାରାଧୀନ ବନ୍ଦୀଙ୍କ ସହ ଆଳାପ ମାଧ୍ୟମରେ ସେମାନଙ୍କ ପରିବାରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏ ନେଇ ଉଭୟ ପ୍ରତିନିଧି ଦଳ ପରବର୍ତ୍ତୀ ପଦକ୍ଷେପ ସକାଶେ ବିଧିବଦ୍ଧ ରିପୋର୍ଟ ଜିଲା ଆଇନସେବା ପ୍ରାଧିକରଣ ନିକଟରେ ଉପସ୍ଥାପିତ କରିଥିବା ଜଣାଯାଇଛି।

SIDAC

## ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ

ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୩୦
ଫୋନ୍ : ୦୬୭୪-୨୩୫୦୩୧୮, ଫ୍ୟାକ୍ସ : ୦୬୭୪-୨୩୫୧୩୮୯

**ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ୧ ବର୍ଷିଆ ପାଠ୍ୟକ୍ରମରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି ।**

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ମାଷ୍ଟର ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲା ସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତ ଶିଳ୍ପର ନାମ ଏବଂ ସ୍ଥାନ ସଂଖ୍ୟା | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର : ସ୍ଥାନ - ଆକୁଲା (ଆଠଗଡ ବ୍ଲକ) ଏବଂ କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ପଥର ଖୋଦେଇ : ସ୍ଥାନ - କୋଣାର୍କ, ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ। | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ମୌଳିକ ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ। | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଅଧିନସ୍ଥ ତାଲିମ କେନ୍ଦ୍ରରୁ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ। | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ। କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ। |
| ବୟସ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୫ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୬ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ |
| ଚୟନ ପାଇଁ ପରିକ୍ଷା ତାରିଖ | ତା. ୨୭.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୮.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୯.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୪.୦୬.୨୦୧୯ ରିଖ ଦିବା ୧୧ ଘଟିକା (କେନ୍ଦୁଲି) ତା.୨୫.୦୬.୨୦୧୯ ରିଖ ଦିବା ୧୧ ଘଟିକା (କୋଣାର୍କ) ତା.୨୬.୦୬.୨୦୧୯ ରିଖ ଦିବା ୧୧ ଘଟିକା (ଆକୁଲା) |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟ ସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର ଠାରେ ଏବଂ ଜିଲ୍ଲା ସ୍ତରୀୟ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସମ୍ପୃକ୍ତ ତାଲିମ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ । ଏହି ପରୀକ୍ଷାରେ ଯୋଗଦେବା ନିମିତ୍ତ କୌଣସି ଗସ୍ତଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ। | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା ଓ ଆବେଦନ ପ୍ରଣାଳୀ | ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି । ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ମାସିକ ବୃତ୍ତି ଟ.୨୦୦୦.୦୦ ଟଙ୍କା, ରାଜ୍ୟ ସ୍ତରୀୟ ତାଲିମ ନିମନ୍ତେ ଏବଂ ଟ.୧୦୦୦.୦୦ ଟଙ୍କା ଜିଲ୍ଲା ସ୍ତରୀୟ ତାଲିମ ନିମନ୍ତେ) ଦିଆଯିବାର ବ୍ୟବସ୍ଥା ଅଛି । ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର କିମ୍ବା ସାଧା କାଗଜରେ ନିଜର ଠିକଣା (ଫୋନ ନମ୍ବର ସହିତ), ବୟସ, ଏକ ପାସ୍‌ପୋର୍ଟ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ ତାଲିମ ନିମନ୍ତେ ଆଗ୍ରହୀ ହସ୍ତଶିଳ୍ପର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହିତ ସାଧାକାଗଜରେ **୧୭.୦୬.୨୦୧୯** ତାରିଖ ସୁଦ୍ଧା **ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦**ରେ ଦାଖଲ କରିବାକୁ ଅନୁରୋଧ । | | | |

ବି.ଦ୍ର.: (କ) ବର୍ତ୍ତମାନ ଅଧ୍ୟୟନରତ ଥିବା ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷା ଛାତ୍ର / ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଆବେଦନ କରିପାରିବେ । ସେମାନଙ୍କର ପରୀକ୍ଷା ଫଳ ବାହାରି ସାରିବାପରେ ସେମାନଙ୍କୁ ନୂତନ ଶିକ୍ଷା ବର୍ଷରେ ନାମ ଲେଖାଇବାର ସୁଯୋଗ ଦିଆଯାଇପାରେ।

(ଖ) ଏହି ପାଠ୍ୟକ୍ରମ ଗୁଡିକ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାଶିଳ୍ପ କେନ୍ଦ୍ର / ଆଞ୍ଚଳିକ ଶିଳ୍ପକେନ୍ଦ୍ର କିମ୍ବା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୩୦ରେ ଉପଲବ୍ଧ ତଥା **www.sidacodisha.org.in** ୱେବ୍‌ସାଇଟ୍‌ରୁ **download** କରାଯାଇ ପାରିବ।

**ସ୍ୱା/- ସଭ୍ୟ ସଚିବ**



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

ବୌଦ୍ଧ,୧୭।୫(ସ୍ୱ.ପ୍ର) ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଅଞ୍ଚଳରେ ଶୁକ୍ରବାର ଜଣେ ଆଇସ୍‌କ୍ରିମ ବିକାଳିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତକ ହେଲେ ଶମ୍ଭୁ ଦେହୁରୀ(୫୨) । ଶମ୍ଭୁ ମଧ୍ୟାହ୍ନରେ ଆଇସ୍‌କ୍ରିମ ବିକ୍ରୟ କରି ଘରକୁ ଫେରିବା ପରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ । ଗଳା ଶୁଖି ଯାଉଥିବା କହି ଘର ଲୋକଙ୍କୁ ପାଣି ମାଗି ପିଇବା ପରେ ସେ ଆହୁରି ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ।

### ବଢୁଛି ତାପମାତ୍ରା, ଜନଜୀବନ ଅସ୍ତବ୍ୟସ୍ତ

ମନମୁଣ୍ଡା, ୧୭।୫ (ଡି.ଏନ.ଏ) ମନମୁଣ୍ଡାରେ ତାପମାତ୍ରା ବଢ଼ିବାରେ ଲାଗିଛି । ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ସହର ରାଜରାସ୍ତା ଶୂନଶାନ ହେଉଛି । ଗୃହ ପାଳିତ ପ୍ରାଣୀ ଚରିବାକୁ ନ ଯାଇ ଗଛ ମୂଳ ଛାଇରେ ଶୋଇ ରହୁଥିବା ଦେଖିବାକୁ ମିଳୁଛି । ଦୋକାନ, ବଜାର ଖାଁ ଖାଁ ଲାଗୁଛି । ବ୍ୟବସାୟ ମାନ୍ଦା ରହୁଛି । ଅନ୍ୟପକ୍ଷେ ଥଣ୍ଡା ପାନୀୟ ବ୍ୟବସାୟ ଭଲ ଚାଲିଛି । ପେଟର ଲାଗି ଦୁକାନ ଦେଇଛୁ, ଥଣ୍ଡା ବିକି କରି ଲାଭ ମିଳୁଛେ ସତ ହେଲେ ଖରା ତରା ଦୁଇପହର ଯାକର ଦୁକାନେ ରହି ନିଜେ ସିଝି ଯିବାକେ ହେଉଛେ ବୋଲି ସ୍ଥାନୀୟ ଦୋକାନୀ ହେମନ୍ତ ସେଠୀ, ଅର୍ଜୁନ ଲୋଇ ପ୍ରକାଶ କରିଛନ୍ତି । ଗୃହ ପାଳିତ ପ୍ରାଣୀମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନ ଥିବାରୁ ସେମାନେ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି ।

### ହରଭଙ୍ଗା ବ୍ଲକରେ ପାନୀୟ ଜଳ ସଙ୍କଟ

# ନାଳ ଚୁଆପାଣି ହିଁ ଭରସା

ତଳଗା,୧୭।୫(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଅଧିକାଂଶ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। କେଉଁଠି ପ୍ରକଳ୍ପ ଅଛି, ବିଦ୍ୟୁତ ନାହିଁ। କେଉଁଠି ପାଇପ କାମ ଅଧାପନ୍ତରିଆ ତ କେଉଠି ଷ୍ଟାଣ୍ଡପୋଷ୍ଟ ନାହିଁ। କେଉଠି କୂଅରେ ପାଣି ନାହିଁ, ଆଉ କେଉଁଠି ପମ୍ପ ଚାଳକଙ୍କୁ ଦରମା ଦିଆଯାଉ ନ ଥିବାରୁ ପାନୀୟ ଜଳ ଯୋଗାଣ ବ୍ୟାହତ ହେଉଛି। ଶେଷରେ ଲୋକମାନେ ନାଳ ଚୂଆର ଦୂଷିତ ପାଣି ବ୍ୟବହାର କରୁଛନ୍ତି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ହରଭଙ୍ଗା ବ୍ଲକ ମାଓବାଦୀ ପ୍ରବଣ ତଳଗାଁ ପଞ୍ଚାୟତର ଗଣ୍ଡାପାକୁ ପାଣ୍ଡ୍ରାମାସ୍କା ଗ୍ରାମରେ। ଏହି ଗ୍ରାମରେ ୭ଟି ପରିବାର ବର୍ଷର ବାରମାସ ଗ୍ରାମ ନିକଟସ୍ଥ ନାଳରେ ଚୂଆ ଖୋଳି ପାଣି ସଂଗ୍ରହ କରିଥାନ୍ତି। ସେମାନେ ଏହି ପାଣିକୁ ପିଇବା ସହ ଗାଧୋଇବା କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଏଠାରେ ଏକ ନଳକୂପ ଖୋଳା ଯାଇଥିଲା । ବର୍ଷା ଦିନେ ବହୁ କଷ୍ଟରେ ପାଣି ବାହାରିଥାଏ। କିନ୍ତୁ ଶୀତ କି ଖରାରେ ଆଦୌ ପାଣିର ଦେଖା ନ ଥାଏ । ଫଳରେ ଗ୍ରାମବାସୀ ବର୍ଷ ସାରା ନାଳଚୂଆ ପାଣି ଉପରେ ଭରସା କରିଥାନ୍ତି। ଦୂଷିତ ପାଣି ଯୋଗୁ ସେମାନେ ବିଭିନ୍ନ ରୋଗର ଶିକାର ହେଉଥିବା କୃଷ୍ଣଚନ୍ଦ୍ର ବାଘ, ଜଗନ୍ନାଥ କହଁର, ବିଭୀଷଣ ବାଘ ଓ ନୀଳାଞ୍ଚଳ କହଁର ପ୍ରକାଶ କରିଛନ୍ତି । ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ନାଳରେ ଚୁଆ ଖୋଲି ଲୋକମାନେ ପାଣି ସଂଗ୍ରହ କରୁଛନ୍ତି।

## ବିଶ୍ରାମାଗାର ନାହିଁ, ଯାତ୍ରୀ ହଇରାଣ

ମନମୁଣ୍ଡା, ୧୭।୫ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଶଗଡା ଛକ ଓ ଡାକ୍ତରଖାନା ଛକରେ ବିଶ୍ରାମାଗାର ନାହିଁ। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଛକରେ ଗୁଦୁଲିଆ, ଶଗଡା, କରଗୋଛା, ଶୁଣ୍ଢିପଦର, ବିଳାସପୁର, ଗୁଡଭେଲିପଦର ଆଦି ଗ୍ରାମପଞ୍ଚାୟତର ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିଥାନ୍ତି। ସେହିପରି ଗାନ୍ଧୀଛକଠାରେ ଯାତ୍ରୀମାନେ ଖୁଣ୍ଟିଗୋରା, ଘଣ୍ଟାପଡା, କନ୍ଧମାଳ, ପଳସାଗୋରା ଆଦି ଅଞ୍ଚଳକୁ ଯିବାକୁ ବସ୍‌କୁ ଅପେକ୍ଷା କରି ରହିଥାନ୍ତି। ସେଠାରେ ଏକ ବିଶ୍ରାମାଗାର ରହିଛି। ଏହା ସାମ୍ନାରେ ବ୍ୟବସାୟୀମାନେ ଜିନିଷ ଗଦା କରୁଥିବାରୁ ଅବରୋଧ ହୋଇ ରହିଛି । ଏଣୁ ଡାକ୍ତରଖାନା ଛକରେ ଏକ ନୂତନ ବିଶ୍ରାମାଗାର ନିର୍ମାଣ ସହ ଗାନ୍ଧୀଛକ ବିଶ୍ରାମାଗାର ଜବରଦଖଲମୁକ୍ତ କରିବା ପାଇଁ ଦାବି ହେଉଛି ।

## ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

ଧର୍ମଗଡ଼,୧୭।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବଗାଡ ଗ୍ରାମଠାରେ ଶୁକ୍ରବାର କୁଲରରେ ପାଣି ଭର୍ତ୍ତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ ମହିଳାଙ୍କ ନାମ ଲବଣି ଦଲାଇ । ଲବଣି ସକାଳେ ନିଜର ନିତ୍ୟ କର୍ମ ସାରି କୁଲରେ ପାଣି ଭରିବା ପାଇଁ ଏକ ପାତ୍ରରେ ପାଣି ଆଣି ଚାଲୁଥିବା ଅବସ୍ଥାରେ ପକାଇ ଦେଇଥିଲେ। ସେହି ସମୟରେ ସେଠାରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ପରେ ତାଙ୍କୁ ତୁରନ୍ତ ଧର୍ମଗଡ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଚିକିତ୍ସାବେଳେ ଗର୍ଭାଶୟ ଫାଟିଗଲା

# ଜୀବନ ହାରିଲେ ଆସନ୍ନ ପ୍ରସବା

ବରଗଡ଼ ଅଫିସ୍,୧୭।୫

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଯୋଗୁ ବୁର୍ଲା ଭୀମସାର୍ ନେବା ବାଟରେ ଜନୈକା ଆସନ୍ନ ପ୍ରସବା ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ହେଲେ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ବରିହାପାଲି ଗ୍ରାମର ସୁଷମା ସାହୁ । ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ଅସ୍ତ୍ରୋପଚାର ନ କରି ସ୍ୱାଭାବିକ ଭାବେ ଶିଶୁ ପ୍ରସବ ପାଇଁ ଉଦ୍ୟମ କରାଯିବା ବେଳେ ଗର୍ଭାଶୟ ଫାଟି ଯିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ବୁର୍ଲା ସ୍ଥାନାନ୍ତର କରାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏନ. କେ ପାଢ଼ୀଙ୍କୁ ପଚାରିବାରୁ ସେ କହିଥିଲେ, ଡାକ୍ତରଖାନାକୁ ପହଞ୍ଚିବାବେଳେ ସମ୍ପୃକ୍ତ ମହିଳାଙ୍କ ଗର୍ଭାଶୟ ଫାଟି ସାରିଥିଲା ଏବଂ ସେଥିପାଇଁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ବୋଲି ମହିଳାଙ୍କୁ ଚିକିତ୍ସା କରିଥିବା ଡାକ୍ତର ତାଙ୍କୁ କହିଛନ୍ତି । ତଥାପି ଏ ନେଇ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପାଢ଼ୀ ପ୍ରକାଶ କରିଛନ୍ତି ।

ସୂଚନା ଅନୁସାରେ, ସୁଷମାଙ୍କ ପ୍ରସବ ବେଦନା ହେବା ଯୋଗୁ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପୂର୍ବାହ୍ନ ୮ଟାବେଳେ ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ସ୍ୱାଭାବିକ ଭାବେ ଶିଶୁ ଜନ୍ମ ପାଇଁ ସେ ଉଦ୍ୟମ କରିଥିଲେ । ମାତ୍ର ଶିଶୁ ଜନ୍ମ ହେବା ପରିବର୍ତ୍ତେ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଏହାପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର ପାଇଁ ସମ୍ପୃକ୍ତ ଡାକ୍ତର କହିଥିବା ଅଭିଯୋଗ ହେଉଛି । ମୃତା ମହିଳାଙ୍କ ପ୍ରଥମ ସନ୍ତାନ ଜନ୍ମ ହେବାବେଳେ ଅସ୍ତ୍ରୋପଚାର କରାଯାଇଥିଲା । ମାତ୍ର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନଙ୍କୁ ଅସ୍ତ୍ରୋପଚାର କରା ନ ଯାଇ ସ୍ୱାଭାବିକ ଭାବେ ଜନ୍ମ ପାଇଁ ଡାକ୍ତରଖାନାରେ ଉଦ୍ୟମ କରାଯିବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏ ଦିଗରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରିବାର ଲୋକେ ଦାବି କରିଛନ୍ତି ।

## ବଜ୍ରପାତରେ ବଳଦ, ମଇଁଷି ମୃତ

ଭବାନୀପାଟଣା,୧୭।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରି ଗାଁରେ ବଜ୍ରପାତରେ ଗୋଟିଏ ମଇଁଷି ଏବଂ ଗୋଟିଏ ବଦଳ ମୃତ୍ୟୁ ଘଟିଥିବା ଜଣାପଡିଛି। ମଇଁଷିଟି ଗାଁର ବନମାଳି ସାହୁଙ୍କ ହୋଇଥିବା ବେଳେ ବଳଦ ରଇଲୁ ସାହୁଙ୍କ ବୋଲି ଜଣାପଡିଛି। ଦୁଇ ଗୃପାଳିତ ପଶୁ ୧୩ ତାରିଖ ବଜ୍ରପାତରେ ଶିକାର ହୋଇଥିବା ସନ୍ଦେହ କରାଯାଉଛି। ୧୩ ତାରିଖରେ କାଳବୈଶାଖୀ ତାଣ୍ଡବରେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ବଜ୍ରପାତ ମଧ ହୋଇଥିଲା । ସେହି ଦିନଠାରୁ ମଇଁଷି ଏବଂ ବଳଦ ନିଖୋଜ ହୋଇ ଯାଇଥିଲେ । ବହୁ ଖୋଜାଖୋଜି ପରେ ବି କୌଣସି ସନ୍ଧାନ ମିଳି ନ ଥିଲା । ପରଦିନ ସକାଳେ ମଇଁଷି ଓ ବଳଦ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମରି ପଡିଥିବା ଖବର ମାଲିକମାନେ ଜାଣିବାକୁ ପାଇଥିଲେ। ଉଭୟ ପଶୁ ବଜ୍ରପାତର ଶିକାର ହୋଇଥିବା ଅନୁମାନ କରି ଥୁଆମୂଳ ରାମପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅମିତ ରଞ୍ଜନ ସାହୁଙ୍କୁ ଜଣାଇଥିଲେ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ




ସ୍ୱର୍ଗତ ଶରତ ଚନ୍ଦ୍ର ଜେନା
ପ୍ଲଟ ନଂ. ଏନ୍ ୫/୨୨୫, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୪
ତିରୋଧାନ: ୩୦।୦୪।୨୦୧୮
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ସେପାରିକି ଚାଲିଗଲ। ବିଶ୍ୱାସ ହେଉନି ତୁମେ ଆମ ଗହଣରେ ନାହଁ ବୋଲି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପତ୍ନୀ (ରେଖା), ପୁତ୍ର- ଜିନୁ, ବୁନା, ପୁତ୍ରବଧୂ- ଲିଲି, ମାମା, ନାତୁଣୀ- ସୋନୁ, ଖୁସି ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୦୫୨

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ରମାରାଣୀ ସାହୁ
ଆବିର୍ଭାବ: ୧୯୬୧
ତିରୋଧାନ: ୦୮।୦୫।୨୦୧୯
(ବୈଶାଖ ଶୁକ୍ଳପକ୍ଷ ଚତୁର୍ଥୀ)
ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱାସ କରିହେଉ ନାହିଁ, ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ବୁଡ଼ାଇ ଇହଲୀଳା ସମ୍ବରଣ କଲେ। ଆପଣ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ସମସ୍ତଙ୍କ ସୁଖ ଦୁଃଖରେ ଭାଗୀ ହେବା ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ। ଆପଣଙ୍କ ଚଞ୍ଚଳ କଥାବାର୍ତ୍ତା, ଅନ୍ୟଙ୍କ ଦୁଃଖରେ ନିଜେ କାନ୍ଦି ପକାଇବା ଆପଣଙ୍କ ଅନନ୍ୟ ଗୁଣ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ନିଜ ପଦାରବିନ୍ଦରେ ସ୍ଥାନ ଦିଅନ୍ତୁ ଏତିକି କାମନା। ଆପଣଙ୍କ ଗୁଣମୁଗ୍ଧ ଏବଂ ଶୋକାକୁଳ ରାଧାରମଣପଡ଼ା ବାସୀ।
ଧ-୧୨୫୪୫

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ. ରଜନୀକାନ୍ତ ମହାପାତ୍ର
ପ୍ଲଟ ନଂ.୫, ଶକ୍ତିନଗର, କଟକ
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)
ଦୀର୍ଘ ୧୦ବର୍ଷ ବିତିଗଲାଣି ତଥାପି ଆମମାନଙ୍କର ଆଖିର ଲୁହ ଓ ହୃଦୟର କୋହ ସରିନାହିଁ କି ସରିବ ନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ ପାଇଁ ଚିରସ୍ମରଣୀୟ ହେଉ ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ ପାଖରେ। ତୁମର ଅମର ଆତ୍ମା ଶାନ୍ତିପାଉ।
ଶୋକସନ୍ତପ୍ତ
ପତ୍ନୀ, କନ୍ୟା, ଜାମାତା, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୨୫୪୭



# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

DHARITRI Career appointment Every Wednesday and

EDUCATION

ADMISSION GUIDANCE
Last Chance for **MD, MS & MDS** aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are **MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB** etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରାମାୟଣ ପାରାୟଣ ଉଦ୍‌ଯାପିତ

ଗାଇସିଲେଟ,୧୭।୫(ଡି.ଏନ.ଏ)

ଗାଇସିଲେଟ ଥାନା ସନ୍ଧିବାହାଲ ପଞ୍ଚାୟତ ସଦର ଗ୍ରାମବାସୀଙ୍କ ଉଦ୍ୟମରେ ଚାଲିଥିବା ରାମାୟଣ ପାରାୟଣ ଉଦ୍‌ଯାପିତ ହୋଇଯାଇଛି । ସନ୍ଥ ଲକ୍ଷ୍ମୀନାରାୟଣ ଜୀ ମହାରାଜଙ୍କ ଉପସ୍ଥିତିରେ ରାମଭକ୍ତ ଗୋକୁଳାନନ୍ଦ ପଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ସୁକଲ ପାତ୍ର, ଉପସଭାପତି ଦିଗମ୍ବର ସାହୁ, କୋଷାଧକ୍ଷ ପିତାମ୍ବର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ । ଗୌର ଷାଣ୍ଡ ସସ୍ତ୍ରୀକ କର୍ତ୍ତା, ବଲାଙ୍ଗୀର ଜିଲା ଲରମ୍ବା ଥାନା ଭରତବାହାଲର କାର୍ତ୍ତିକ ଶତପଥି ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ । ବାଦ୍ୟଯନ୍ତ୍ରରେ ବଲାଙ୍ଗୀର ଜିଲା ଇଂସା ଗ୍ରାମର ଭୀକାରି ପାଣ୍ଡେ, ବଂଶୀଧର ବେହେରା ଓ ମାଟିଆଭଟା ଗ୍ରାମର ଟଙ୍କଧର ସାହୁ ସହଯୋଗ କରିଥିଲେ। ଗ୍ରାମର ଛୋଟ ଛୋଟ ଝିଅମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ।

### କୁର୍ମାରେ ରତ୍ନମୁଦ ଉତ୍ସବ

ପଦ୍ମପୁର, ୧୭।୫ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ କୁର୍ମା ଗ୍ରାମରେ ଶୁକ୍ରବାର ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରି ରତ୍ନମୁଦ କରିଥିଲେ । ଏହି ପରିପ୍ରେକ୍ଷୀରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ହୋଇଥିଲା। ଜୟପ୍ରକାଶ ପ୍ରଧାନ ଓ ସୁନୀତା ପ୍ରଧାନ ଦମ୍ପତି ମୁଖ୍ୟକର୍ତ୍ତା ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ । ନନ୍ଦଲାଲ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଶରତ ସାହୁ, ଗଣେଷ ଭୋଇ, ଅଲେଖ ସାହୁ, ମୋହନଲାଲ ସାହୁ, ଦୀନବନ୍ଧୁ ଜଗତ, ଧର୍ମରାଜ ପୋଡ଼, ଉତ୍ତର ଭୋଇ, ହରେକୃଷ୍ଣ ଭୋଇ, ସୁବାଷ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

ବରଗଡ଼ ଅଫିସ,୧୭।୫

ବରଗଡ଼ ଉପକଣ୍ଠସ୍ଥ ଅମ୍ବାପାଲି ଛକ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅମ୍ବାପାଲି ଗ୍ରାମର ସୁନୀଲ ନାଗ । ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସକାଳେ ଶବ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଫେରିବା ପରେ ଅମ୍ବାପାଲି ଗ୍ରାମବାସୀ କ୍ଷତିପୂରଣ ଦାବିକରି ୨୬ ନମ୍ବର ଜାତୀୟ ରାଜପଥରେ ଶବ ରଖି ଅବରୋଧ କରିଥିଲେ । ଖବର ପାଇ ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା ସେଠାକୁ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ଏହାପରେ ରାସ୍ତା ଅବରୋଧ ହଟିଥିଲା । ସୂଚନା ଅନୁଯାୟୀ, ସୁନୀଲ ରାତି ପ୍ରାୟ ୧୦ଟାରେ କାମ ସାରି ନିଜ ଘରକୁ ସାଇକେଲରେ ଫେରୁଥିଲେ। ସେ ନିଜ ଘର ପାଖରେ ଅନ୍ଧାରୁଆ ରାସ୍ତା ପାରି ହେଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ବରଗଡ଼ ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି ।

■ ବିଜେପୁରର ଐତିହାସିକ ଦାମୋଦର କଟା

# ମୁଣ୍ଡ ଟେକିଲାଣି ଅମରି, ପଦ୍ମପତ୍ର

■ ପୁନରୁଦ୍ଧାର କାମ ଅସମ୍ପୂର୍ଣ୍ଣ ଅଭିଯୋଗ
■ ସଫା ନ କଲେ ପୂର୍ବସ୍ଥିତିକୁ ଫେରିବ

ବିଜେପୁର, ୧୭।୫ (ଡି.ଏନ.ଏ)

ଐତିହାସିକ ଦାମୋଦର କଟା ପାଇଁ ବରଗଡ ଜିଲା ବିଜେପୁରର ସ୍ୱତନ୍ତ୍ର ପରିଚୟ ରହିଛି । ୧୫୩ ଏକର ପରିସୀମା ବିଶିଷ୍ଟ ଉକ୍ତ କଟା ଏହି ଅଞ୍ଚଳର ଜନଜୀବନ ସହ ଓତପ୍ରୋତଃ ଭାବେ ଜଡିତ । ବର୍ଷ ତମାମ ଜଳଧାରଣ କ୍ଷମତା ରଖିଥିବା ଏହି କଟା ଏକ କ୍ଷୁଦ୍ର ଜଳଭଣ୍ଡାର କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ବିଗତ ଦଶବର୍ଷ ତଳେ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଦଳ, ପଙ୍କ, ପଦ୍ମ, ଅମରି ଲଟାରେ କଟା ଭର୍ତ୍ତି ହୋଇ ଜଳଧାରଣ କ୍ଷମତା ହ୍ରାସ ହେବା ସହ ଏହାର ଜଳ ବ୍ୟବହାର ଅନୁପଯୋଗୀ ହୋଇଥିଲା। ଗତ ବିଜେପୁର ଉପନିର୍ବାଚନ ପୂର୍ବରୁ ପ୍ରାୟ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଉକ୍ତ କଟାର ପୁନରୁଦ୍ଧାର କାମ ହୋଇଥିଲା। କଟାର ତଳମୁଣ୍ଡରେ କିଛିକାଂଶରେ କାମ ଭଲ ହୋଇଥିବା ବେଳେ ଉପରମୁଣ୍ଡରେ ପଙ୍କୋଦ୍ଧାର କାମ ଅସମ୍ପୂର୍ଣ୍ଣ ହୋଇ ରହିଥିବା ଅଭିଯୋଗ ହେଉଛି। ସମ୍ପୂର୍ଣ୍ଣ ଭାବେ ପଙ୍କୋଦ୍ଧାର କାମ ହୋଇ ନ ଥିବାରୁ ଉପରମୁଣ୍ଡର ବିଭିନ୍ନ ସ୍ଥାନରେ ଅମରି, ପଦ୍ମପତ୍ର ମଥା ଟେକିଲାଣି। ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଅମରି, ପଦ୍ମପତ୍ର ସଫା କରାଯିବାର ଆବଶ୍ୟକତା ରହିଛି। ଏହି ଦିଗପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଏହି କଟା ପୂର୍ବସ୍ଥିତିକୁ ଫେରିବାର ଆଶଙ୍କାକୁ ଏଡାଇ ଦେଇହେବ ନାହିଁ ।



ଦାମୋଦର କଟାର ଉପରମୁଣ୍ଡରେ ମୁଣ୍ଡଟେକିଥିବା ଅମରି ଓ ପଦ୍ମପତ୍ର ।

କଟାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଗାଧୁଆ ତୁଠରେ ଏନଏସି ପକ୍ଷରୁ ଲଗାଯାଇଥିବା ଡଷ୍ଟବିନ ନିମ୍ନମାନର କାମ ଯୋଗୁ ଉପୁଡି ଯାଇ ଏଠିସେଠି ପଡିଲାଣି। କଟାର ପୁନରୁଦ୍ଧାର ପରେ ଚଳିତ ବର୍ଷ ପୂର୍ବାପେକ୍ଷା ଜଳ ଧାରଣ କ୍ଷମତା ବୃଦ୍ଧି ପାଇଛି । ଚାଷ ପାଇଁ ପର୍ଯ୍ୟାପ୍ତ ଜଳ ମିଳି ପାରୁଛି ବୋଲି ଯୁବଚାଷୀ ଭାଗବତ ପଧାନ କହିଛନ୍ତି । କଟାର ଉପରମୁଣ୍ଡରେ ଠିକ୍ ଭାବେ ପଙ୍କୋଦ୍ଧାର ହୋଇନାହିଁ। ଫଳସ୍ୱରୂପ ଉପରମୁଣ୍ଡର ବିଭିନ୍ନ ସ୍ଥାନରେ ଅମରି ଓ ପଦ୍ମପତ୍ର ଛାଇ ହୋଇ ଗଲାଣି । ଖୁବ ଶୀଘ୍ର ଏହାକୁ ସଫା କରା ନ ଗଲେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ କଟାଟି ପଦ୍ମପତ୍ରରେ ପୋତି ହୋଇଯିବ ବୋଲି ଜଣେ ବରିଷ୍ଠ ସଚେତନ ନାଗରିକ କହିଛନ୍ତି। ଏ ସମ୍ପର୍କରେ ଏନଏସିର କନିଷ୍ଠ ଯନ୍ତ୍ରୀ ଅଜୟ ପାତ୍ରଙ୍କୁ ପଚରାବାରୁ ଉକ୍ତ କାମର ବିଲ୍ ହୋଇନାହିଁ। ନିର୍ବାଚନ ଆଚରଣ ବିଧି ଉଠିଲା ପରେ ଏହାକୁ ମରାମତି କରାଯିବ ବୋଲି ସେ କହିଥିଲେ । ଏ ନେଇ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ଅନୁଦାନ ଟଙ୍କାର କାମ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଫାଇନାଲ ବିଲ୍ ହୋଇନାହିଁ। ପଦ୍ମପତ୍ରକୁ ସମ୍ପୂର୍ଣ୍ଣ ବିନାଶ କରିବା ସମ୍ଭବ ନୁହେଁ । ତଥାପି ନୂତନ ଭାବେ ଉଠିଥିବା ପଦ୍ମପତ୍ର ସଫା କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ ସାହୁ କହିଥିଲେ ।



ଦୁର୍ଘଟଣାରେ ଆହତମାନେ ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।

# ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୧୩ ଆହତ

ଭଟଲି/ଅମ୍ବାଭୋନା, ୧୭।୫ (ଡି.ଏନ.ଏ)

ବରଗଡ଼ ଜିଲା ଭଟଲି-ଅମ୍ବାଭୋନା ମୁଖ୍ୟ ରାସ୍ତାର ସମ୍ବରଧରା ବୁଲାଣି ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ଘରୋଇ ବସ୍ (ନଂ.ଓଆର୧୭ସି/୫୧୯୬) ଏବଂ ଟ୍ରକ୍ (ନଂ.ସିଜି୧୩ଏଡି/୩୯୨୦) ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ୧୩ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ବସ୍ ଚାଳକ ଗୋବର୍ଦ୍ଧନ ସାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଏହି ଦୁର୍ଘଟଣାରେ ବସ୍ ପଛପଟେ ଥିବା ଏକ କାର୍ (ନଂ.ସିଜି୦୪କେଜେ/୪୬୦୬)କୁ ବସ୍‌ର ପଛପଟ ଧକ୍କା ଦେବାରୁ କାର୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି । ବସ୍‌ଟି ଅମ୍ବାଭୋନା ବ୍ଲକ୍ କୁମ୍ଭୋ ଗ୍ରାମରୁ ବରଗଡ଼ ଆସୁଥିବାବେଳେ ଟ୍ରକ୍‌ଟି ଭଟଲି ପଟରୁ ଅମ୍ବାଭୋନା ପଟକୁ ଯାଉଥିଲା । ଉକ୍ତ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଉଭୟେ ମୁହାଁମୁହିଁ ଧକ୍କା ହୋଇଥିଲେ ।

# ବୈଶାଖ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ସାଂସ୍କୃତିକ ମଣ୍ଡପକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ପାଇକମାଳ,୧୭।୫(ଡି.ଏନଏ)

ପାଇକମାଳର ନୃସିଂହନାଥ ପୀଠରେ ଚାଲିଥିବା ମହାପ୍ରଭୁଙ୍କ ଜନ୍ମ ଉତ୍ସବ ତଥା ବୈଶାଖ ମେଳାର ଗୁରୁବାର ୪ର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିନ୍ଧ୍ୟବାସିନୀ ସାଂସ୍କୃତିକ ମଣ୍ଡପକୁ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଜିଏମ ରଞ୍ଜନ କୁମାର ପୃଷ୍ଟି, ଜିଏମ ଭାଗ୍ୟଧର ସାହୁ, ଆରଏମ ସଦାନନ୍ଦ ପଣ୍ଡା, ଗବେଷକ ସଞ୍ଜୟ କୁମାର ବହିଦାର, ବିଡିଓ ସଦାଶିବ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସମ୍ମାନିତ ଅତିଥି, ବାବା ନରସିଂହ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁବୋଧ ପଣ୍ଡା, ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ, ଅନନ୍ତ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ସଞ୍ଜୀବ ମାଝୀ ପ୍ରମୁଖ ସହଯୋଗ କରିଥିଲେ । ପରେ ହାସ୍ୟକବି ସମ୍ମିଳନୀ ଓ ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା । ଶେଷରେ ମୂଷିକ ଦୈତ୍ୟ ଦରବାର ହୋଇଥିଲା । ମାର୍ଜାର କେଶରୀ ମଣ୍ଡପରେ ସଙ୍ଗୀତ ଝଙ୍କାର ଓ ସିଂହଦ୍ୱାର ମଣ୍ଡପରେ ପଦ୍ମନାଭ ତ୍ରିପାଠୀ ପ୍ରବଚନ ଦେଇଥିଲେ । ସେହିପରି ସଂସ୍କୃତ ସ୍କୁଲ ପରିସରରେ ଓରମାସ ଦ୍ୱାରା ଆୟୋଜିତ ବାଣିଜ୍ୟ ମେଳାକୁ ଡିଆରଡିଏ ପିଡି ରାଉତ ଉଦ୍‌ଘାଟନ କରିଥିଲେ । ଓରମାସ୍‌ର ଉପ ନିର୍ଦ୍ଦେଶକ ରାଜ ଗୋପାଳ ଦାସ, ବିଡିଓ ନାୟକ, ରମେଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ନିତ୍ୟାନନ୍ଦ ପ୍ରଧାନ, ସତ୍ୟ କୁମ୍ଭାର ସହଯୋଗ କରିଥିଲେ ।

### ଭୋଟ ଗଣତି ପାଇଁ ପ୍ରଶିକ୍ଷଣ

ପଦ୍ମପୁର, ୧୭।୫ (ଡି.ଏନ.ଏ)

ଆସନ୍ତା ୨୩ ତାରିଖରେ ସାଧାରଣ ନିର୍ବାଚନ ଭୋଟ ଗଣତି କରାଯିବ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ୧- ପଦ୍ମପୁର ଓ ୨- ବିଜେପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ଭୋଟ ଗଣତି ପାଇଁ ନିଯୁକ୍ତିପ୍ରାପ୍ତ କାଉଣ୍ଟିଂ ଆସିଷ୍ଟାଣ୍ଟ, ସୁପରଭାଇଜରମାନଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ମନୋଜ କୁମାର ସ୍ୱାଇଁ ଯୋଗଦାନ କରି ଭୋଟ ଗଣତି ସଂକ୍ରାନ୍ତୀୟ କମିଶନଙ୍କ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏତତ୍‌ବ୍ୟତୀତ ଇଭିଏମ ଏବଂ ଭିଭିପାଟରୁ କିଭଳି ଭୋଟ ଗଣତି କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ରିଟର୍ଣ୍ଣିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ସହକାରୀ ରିଟର୍ଣ୍ଣିଂ ଅଫିସର ତଥା ତହସିଲଦାର ବିଜେପୁର ପଦ୍ମନାଭ ସାମନ୍ତରାୟ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର, ପାଇକମାଳ ବିଡିଓ ସଦାଶିବ ନାୟକ, ଗାଇସିଲାଟ ତହସିଲଦାର ପୁଷ୍ପକ କୁମାର ପ୍ରଧାନ, ବିଡିଓ ଆଦିତ୍ୟ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ସହକାରୀ ଜିଲାପାଳ ଅନୀଲ କୁମାର ହୋତା ଓ ସୁଶ୍ରୀ ଦୀପ୍ତିମୟୀ ଭୁଏ, ଉପକୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମର ତଥା ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ ।

# ଧାନ ବୋଝେଇ ଟ୍ରକ୍‌କୁ ଧକ୍କା ଦେଲା ଭ୍ୟାନ୍

■ ୭ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଗୁରୁତର
■ ଘଟଣାସ୍ଥଳକୁ ୮ ଘଣ୍ଟା ବିଳମ୍ବରେ ପହଞ୍ଚିଲା ପୋଲିସ

ଅତାବିରା, ୧୭।୫ (ଡି.ଏନ.ଏ)

ଏକ ବରଯାତ୍ରୀ ଗାଡି ବିବାହ କାର୍ଯ୍ୟ ସାରି ଫେରୁଥିବା ବେଳେ ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ ଦେଶଭଟିଲି ଫୁଟବଲ ପଡିଆ ନିକଟରେ ଏକ ଟ୍ରକ୍‌କୁ ଧକ୍କା ଦେବାରୁ ବରଯାତ୍ରୀ ଗାଡି ଚୂରମାର ହୋଇଯାଇଛି । ଏହାସହ ଗାଡିରେ ବସିଥିବା ୭ଜଣରୁ ଊର୍ଦ୍ଧ୍ୱ ବରଯାତ୍ରୀ ଗୁରୁତର ଆହତ ହୋଇଛନ୍ତି।

ପ୍ରକାଶ ଯେ, ଗୋଡଭଗା ଫାଣ୍ଡି ସ୍ଥିତ କାଦୋବାହାଲ ଗ୍ରାମରୁ ବିବାହ କାର୍ଯ୍ୟ ସାରି ଏକ ପିକ୍‌ଅପ୍ ଭ୍ୟାନ ବରଯାତ୍ରୀଙ୍କୁ ଧରି ଗୁରୁବାର ବିଳମ୍ବିତ ରାତିରେ ଫେରୁଥିଲା । ଦେଶଭଟିଲି ଫୁଟବଲ ପଡିଆ ନିକଟରେ ଭ୍ୟାନ୍‌ଟି ଆଗରେ ଯାଉଥିବା ଏକ ଧାନ ବୋଝେଇ ଟ୍ରକ୍ ପଛକୁ ଧକ୍କା ଦେବାରୁ ଭ୍ୟାନରେ ବସିଥିବା ୭ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଗୁରୁତର ଆହତ ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ । ପୋଲିସ ଶୁକ୍ରବାର ସକାଳ ୯ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଛି । ତେବେ ଟ୍ରକ୍ ଫେରାର ଥିବାରୁ ତାକୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି । ଏ ସମ୍ପର୍କରେ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ଚାଲିଛି । ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଜବତ କରାଯାଇଛି । ଫେରାର ଟ୍ରକ୍‌ର ସନ୍ଧାନ ଚାଲିଛି ବୋଲି କହିଥିଲେ ।

# କାଳବୈଶାଖୀରେ ଘରଦ୍ୱାର ଭାଙ୍ଗିଲା

ଅମ୍ବାଭୋନା, ୧୭।୫ (ଡି.ଏନ.ଏ)

ଅମ୍ବାଭୋନା ବ୍ଲକର ବଡଦଲ୍ଲିପାଲିଠାରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖି ଯୋଗୁ ବହୁ ଘରଦ୍ୱାର, ହୋଟେଲ, ଢ଼ାବା, ଦୋକାନ ବଜାର ଆଜବେଷ୍ଟସ ଭାଙ୍ଗି ନଷ୍ଟ ହୋଇଯାଇଛି । ବଡ ବଡ ଗଛ ମଧ ଭାଙ୍ଗି ପଡିଛି । ୨୪ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ ବିଭ୍ରାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ଗରମ ସାଙ୍ଗକୁ ଗୁଲୁଗୁଲି ଏବଂ ଜଳାଭାବ ଯୋଗୁଁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି। ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାରଙ୍କ ନିର୍ଦ୍ଦେଶକ୍ରମେ କଣ୍ଡପଲା ରାଜସ୍ୱ ନିରୀକ୍ଷକ ସେବକ ବାଗ କାଳବୈଶାଖି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। କାଳବୈଶାଖି ଯୋଗୁ ବହୁ ଗରୀବ ଲୋକଙ୍କ ଚାଳ ଛପର ମଧ ଉଡିଯାଇଛି। ଫଳରେ ଖୋଲା ଆକାଶ ତଳେ ବିପନ୍ନ ଲୋକେ ଛୁଆପିଲାଙ୍କୁ ଧରି ରହୁଛନ୍ତି । ତୁରନ୍ତ ସେମାନଙ୍କୁ ଅନୁକମ୍ପା ସାହାଯ୍ୟ ଯୋଗାଇ ଦେବାକୁ ବିପନ୍ନ ଲୋକେ ପ୍ରଶାସନିକ ଅଧିକାରୀଙ୍କୁ ଦାବି ଜଣାଇଛନ୍ତି ।



କାଳବୈଶାଖୀରେ ଘର ଛପର ଉଡିଯାଇଛି ।

# ଜୁନ୍ ୩ରୁ ଆନନ୍ଦ ଆଚାର୍ଯ୍ୟ କ୍ରିକେଟ ଲିଗ୍

ବରଗଡ଼ ଅଫିସ,୧୭।୫

ଆଗାମୀ ଜୁନ୍ ୩ ତାରିଖରୁ ବରଗଡ଼ରେ ପ୍ରଥମ ଆନନ୍ଦ ଆଚାର୍ଯ୍ୟ କ୍ରିକେଟ ଲିଗ୍ ଆରମ୍ଭ ହେବ। ଏ ନେଇ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଥିଲା। ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ହେବାକୁ ଥିବା ଏହି ଦିବାରାତ୍ର କ୍ରିକେଟ ଲିଗ୍ ସମ୍ପୂର୍ଣ୍ଣ ଆଇପିଏଲ ଢ଼ାଞ୍ଚା ଏବଂ ବିସିସିଆଇର ନିୟମ ଅନୁଯାୟୀ ଅନୁଷ୍ଠିତ ହେବ। ଏଥିରେ ପାଞ୍ଚଟି ଦଳ ଭାଗ ନେବାକୁ ଥିବା ବେଳେ ଜିଲା କ୍ରିକେଟ ଆସୋସିଏଶନ ସମସ୍ତ ପ୍ରକାର ବୈଷୟିକ ସାହାଯ୍ୟ ଯୋଗାଇ ଦେବ। ଏହାସହ ଉପଦେଷ୍ଟା ଭାବେ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଥିଲା। ରଙ୍ଗୀନ ପୋଷାକ ସହ ଧଳା ବଲ ଏବଂ ଫ୍ଲଡ ଲାଇଟରେ ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ । ଜୁନ ୩ ତାରିଖରେ ଏହାର ରଙ୍ଗାରଙ୍ଗ ଉଦଘାଟନ ସମାରୋହ ହେବ । ପ୍ରଥମ ଦିନ ଗୋଟିଏ ମ୍ୟାଚ ସହ ପ୍ରତିଯୋଗିତା ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ବରଗଡ଼ ରୟାଲ ଟାଇଗର୍ସ, ସୁରେନ୍ଦ୍ର ବୀର୍‌ସ, ଶକ୍ତି ୱାରିୟର୍ସ, ବରଗଡ଼ ସ୍ମାର୍ଟନସ୍ ଏବଂ ପପଙ୍ଗା ବୀର୍‌ସ ପରି ପାଞ୍ଚଟି ଦଳ ଭାଗ ନେବେ । ଏହି ପ୍ରତିଯୋଗିତା ଜିଲାର ଲୁକ୍କାୟିତ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ଏକ ପ୍ରୟାସ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ପ୍ରତ୍ୟେକ ଦିନ ୨ଟି ଲେଖାଏଁ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁନ ୯ ତାରିଖରେ ଏହାର ଫାଇନାଲ ମୁକାବିଲା ହେବ । ପ୍ରତିଯୋଗିତାରେ ବିଜେତା ଦଳକୁ ଟ୍ରଫି ସହ ନଗଦ ୭୦ ହଜାର ଏବଂ ଉପବିଜେତା ଦଳକୁ ନଗଦ ୩୫ ହଜାର ଟଙ୍କା ପ୍ରଦାନ କରାଯିବ । ଏହାସହ ଖେଳାଳିମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ । ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର ସମ୍ପିତ ଆଚାର୍ଯ୍ୟ, ଦେବଦତ୍ତ ମିଶ୍ର, ଶେଖ୍ ସବଦର, ୱାସିମ ରାଜା ପ୍ରମୁଖ ମଞ୍ଚାସୀନ ଥିଲେ ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଆୟୋଜକ ଅନୁଷ୍ଠାନର କର୍ମକର୍ତ୍ତା ।

# ଉଚ୍ଚମାନର ଶିକ୍ଷାଦାନକୁ ଗୁରୁତ୍ୱ

ବରଗଡ଼ ଅଫିସ,୧୭।୫

ବରଗଡ଼ ଜିଲା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମୂହର ଶିକ୍ଷକ କର୍ମଶାଳା 'ଲେଟ୍‌ସ ରାଇଟ୍ ଇଟ୍ ରାଇଟ୍' ଅନୁଷ୍ଠିତ ହୋଇଯାଇଛି । ଏହା ଗତ ୧୦ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ମୁଖ୍ୟ ଅତିଥି ଏବଂ ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼, ସମ୍ବଲପୁର ଏବଂ ଭବାନୀପାଟଣା ଶାଖାର ଅଧ୍ୟକ୍ଷ ଏବଂ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଗଣିତ ଏବଂ ଇଂରାଜୀ ବିଭାଗର ଅଧ୍ୟାପିକା ଅଧ୍ୟାପକମାନେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଉଚ୍ଚମାନର ଶିକ୍ଷାଦାନ ପ୍ରଣାଳୀ ତଥା ଶିକ୍ଷକମାନଙ୍କର ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଯୋଗଦେଇ ଅଧ୍ୟାପିକା ଅଧ୍ୟାପକ ମାନଙ୍କ ଅନ୍ତର୍ନିହିତ ଗୁଣବତ୍ତାକୁ ଛାତ୍ରମାନଙ୍କ ସମ୍ମୁଖରେ ପରିପ୍ରକାଶ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଭବାନୀପାଟଣା ଶାଖାର ଡାଇରେକ୍ଟର ଡି. ଶ୍ୟାମ ଯୋଗଦେଇ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଉତ୍ସାହିତ କରିଥିଲେ । ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉନ୍ନତମାନର ଛାତ୍ରୋପଯୋଗୀ ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ପ୍ରଥମ ବର୍ଷରୁ ହିଁ ପରୀକ୍ଷା ସମ୍ବନ୍ଧୀୟ ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଉକ୍ତ କର୍ମଶାଳାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ସମ୍ବଲପୁର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଏବଂ ଭବାନୀପାଟଣା ଅଧ୍ୟକ୍ଷ ଯୁବରାଜ ନାୟକ ନିଜ ନିଜର ବିବରଣୀ ପାଠ କରିଥିଲେ । ଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଆଡମିନିଷ୍ଟ୍ରେଟିଭ ଅଫିସର ଏସ୍. କାନ୍ତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।




ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମୂହର ଶିକ୍ଷକ କର୍ମଶାଳାରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଅତିଥିମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୮ ମେ ୨୦୧୯




ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ



**ସଂକ୍ଷେପରେ**

## ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ମେଳା

**ଖପ୍ରାଖୋଲ, ୧୭।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ଶୁକ୍ରବାର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଦ୍ୱିତୀୟ ଦିବସରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଛି। ଚତୁର୍ଦ୍ଦଶୀ ତିଥୀ ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ ସ୍ନାନ କରି ହରିଶଙ୍କର ବାବାଙ୍କ ଦର୍ଶନ କରୁଥିଲେ । ପଲ୍ଲିଶ୍ରୀ ମେଳାରେ ଅନେକ ଷ୍ଟଲ ଖାଲି ରହିଥିଲେ ବି କିଛି ଏସଏଚଜି ଏବଂ ଉତ୍ପାଦନକାରୀ ଦଳ ଆଣିଥିବା ନିଜ ଉତ୍ପାଦିତ ଦ୍ରବ୍ୟ ଓ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ସେହିପରି ଆର୍ଯ୍ୟ ସମାଜ ତରଫରୁ ବୈଦିକ ଯଜ୍ଞର ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ଅଧ୍ୟକ୍ଷତା କରିଥିଲେ ଅଧାପକ ବଳଭଦ୍ର ଦାସ। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ଦିଲୀପ କୁମାର ବିଶ୍ୱାଳ ଓ ମୁଖ୍ୟବକ୍ତାଭାବେ ଗବେଷକ ରାଜୀବ ସଗରିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ତହସିଲଦାର ନିରଞ୍ଜନ ନାୟକ, ତୁରେକେଲା ବିଡିଓ ପ୍ରଭାତ କୁମାର ସାହୁ, ସବ୍‌କମିଟି ସଦସ୍ୟ ଗୁପ୍ତେଶ୍ୱର କୁଅଁର ଓ ଅଭୟ ତ୍ରିପାଠୀ ମଞ୍ଚାସୀନ ଥିଲେ।ଆରକିଷ୍ଟା ପରିବେଶିତ ହୋଇଥିଲା।

■ ଅଚଳ ହୋଇ ପଡ଼ିଛି ଜଳଯୋଗାଣ ପ୍ରକଳ୍ପ

# ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଦେଓଗାଁ,୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରତନପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ ସଙ୍କଟ ମୁଖ୍ୟ ସମସ୍ୟା ପାଲଟିଛି। ଏ ସଂକ୍ରାନ୍ତରେ ଶୁକ୍ରବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟରେ ବିଡିଓ ବେର୍ଣ୍ଣାଦେତ୍ ଲାକ୍ରାଙ୍କୁ ସାକ୍ଷାତ କରି ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ନିବେଦନ କରିଛନ୍ତି। ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବୁ ବୋଲି କଡା ଚେତାବନୀ ଦେଇଛନ୍ତି । ସୂଚନା ଅନୁସାରେ ଏହି ଗ୍ରାମରେ ୧୨୯ ପରିବାର ବାସ କରନ୍ତି । ଗାଁରେ ଥିବା ୪ଟି ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବା ନେଇ ୧୦ ବର୍ଷତଳେ ଅଭିଯୋଗ ହୋଇଥିଲା । ବିଭାଗ ତରଫରୁ ସମସ୍ତ ନଳକୂପର ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନଳକୂପରୁ ୨.୨, ତଳିପଡା ନଳକୂପରୁ ୧.୯ ଓ ଗାଁ ମଧ୍ୟଭାଗରେ ଥିବା ନଳକୂପରୁ ୨.୯ ମାତ୍ରାର ଫ୍ଲୋରାଇଡ ଅଂଶ ଥିବା ଜଣାପଡିଥିଲା । ସେଦିନଠାରୁ ଏହି ଫ୍ଲୋରାଇଡ ପାଣିକୁ ପାନୀୟ ଭାବେ ଗ୍ରହଣ କରିବା ପାଇଁ ମନା ବାରଣ କରାଯାଇଛି। ଅପରପକ୍ଷରେ ବିଶୁଦ୍ଧ ଜଳଯୋଗାଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସୋପଟ୍ୟାଙ୍କ ଓ ଗାଇବାହାଲ ନଦୀଖଣ୍ଡିରେ ଗଭୀର କୂପ ଖନନ କରାଯାଇଥିଲା। ହେଲେ ବିଭାଗୀୟ ତ୍ରୁଟି ଯୋଗୁଁ ଜଳଯୋଗାଣ ଫେଲ ମାରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨ ମାସହେଲା ଗାଁରେ ଜଳଯୋଗାଣ ବନ୍ଦ ରହିଛି। ସେଦିନଠାରୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ପାରିବାରୁ ଗ୍ରାମବାସୀ ବାଧ୍ୟ ହୋଇ ନେଳକୂପର ଫ୍ଲୋରାଇଡ ଯୁକ୍ତ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ସମସ୍ୟା ବିଷୟରେ ବିଡିଓ ଲାକ୍ରାଙ୍କୁ ପଚାରିବାରୁ, ଅଭିଯୋଗ ପାଇଛି। ଟ୍ୟାଙ୍କର ବ୍ୟବସ୍ଥା କରାଯାଉଛି। ଯୋଗାଣ ବିଭାଗ ଯନ୍ତ୍ରୀ(କ) ମୃତ୍ୟୁଞ୍ଜୟ ରାଉତଙ୍କ ସହ କଥାହେଲା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏ ଦିଗରେ ବିଭାଗ ତଥା ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଗ୍ରାମବାସୀ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଗାଁର ଅଶୋକ କୁମାର ଭଣ୍ଡା, ଅକ୍ଷୟ କୁମାର ରାଉତ, ଶିବ ଭୋଇ, ଗୋପାଳ ସାହୁ, ପପୁ ପାତ୍ର, ବ୍ଲକ କଂଗ୍ରେସ ଯୁବସଭାପତି ସମୀର ସାହୁ, କୁନା ସାହୁ, ପିଣ୍ଟୁ ପୋଢ, ଆହ୍ଲାଦିନୀ ଭଣ୍ଡା, ରେବତୀ ଭଣ୍ଡା ପ୍ରମୁକ ଚେତାବନୀ ଦେଇଛନ୍ତି।



ରତନପୁର ଗ୍ରାମବାସୀ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଡିଓଙ୍କଠାରେ ଅଭିଯୋଗ କରୁଛନ୍ତି ।

- ରତନପୁରରେ ପାନୀୟ ଜଳ ସଂକଟ
- ନଳକୂପର ଫ୍ଲୋରାଇଡ୍ ପାଣି ଭରସା
- ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

## ଲାଣ୍ଟେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ: ଟିକ୍ରାପଡା ସେମିରେ

**ଟିକ୍ରାପଡା, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡାଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୫ମ ଲାଣ୍ଟେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଷଷ୍ଠ ଦିବସ । ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଟିକ୍ରାପଡା ଦଳ ପ୍ରଥମେ ବ୍ୟାଟିଂ କରି ସୁରଜ କାଲସାଏଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୧୦ଓଭରରେ ୪ ଉଇକେଟ ହରାଇ ୧୧୭ରନ କରିଥିଲେ। ଜବାବରେ ମାଟୁପାଲି ଦଳ ୧୦ଓଭରରେ ୭ଉଇକେଟ ହରାଇ ୧୦୭ ରନ କରିଥିଲେ । ରାମଗୋପାଳ ଚନ୍ଦନ, ବ୍ରହ୍ମାନନ୍ଦ ମହାକୁର, ଆକଶ ବଛା ଖେଳ ପରିଚାଳନା କରିଥିଲେ। ବିକାଶ ବାଗ, ନବିନ ବୁଡେକ ଧାରା ବିବରଣୀ ପ୍ରଦାନ କରିଥିଲେ । ଶନିବାର ପ୍ରଥମ ସେମିଫାଇନାଲ ଖେଳ ଡୁକେରଚଚରା ବନାମ କୁଡାସିଂହା ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଟିକ୍ରାପଡା ବନାମ ଝିଙ୍କିଡୁଙ୍ଗୁରି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

ବିନିକା ମାର୍କେଟ ୟାର୍ଡରେ ଧାନକ୍ରୟର ଶୁଭାରମ୍ଭ

# ପ୍ରଥମ ଦିନ ଉଠିଲା ୧୭୬୧କୁଇଣ୍ଟାଲ

**ବିନିକା,୧୭।୫(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିନିକା ମାର୍କେଟ୍‌ୟାର୍ଡରେ ଶୁକ୍ରବାର ରବିଧାନ କ୍ରୟ କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଦ୍ୱାରା ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସହିତ ଏସିଏସ୍‌ଓ ପ୍ରକ୍ୟୁରମେଣ୍ଟ ରାମପ୍ରସାଦ ମାଝୀ, ଜିଲା ସମବାୟ ସମିତି ଅଧିକାରୀ ଭୀମସେନ ସାହୁ, ଜିଲା ସହକାରୀ ସମବାୟ ସମିତି ଅଧିକାରୀ ଗିରିଶ ଚନ୍ଦ୍ର ପୁରୋହିତ, ଡୁଙ୍ଗୁରିପାଲି ଆର୍‌ଏମ୍‌ସି ସମ୍ପାଦକ ଉଦିତ୍ ବାବୁ ଏବଂ ବିନିକା ପ୍ୟାକ୍ସ ସଭାପତି ସନ୍ତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ୟାର୍ଡରେ ରବିବାର ବ୍ୟତୀତ ସପ୍ତାହର ବାକି ୬ଦିନ ଧାନକିଣା ପ୍ରକ୍ରିୟା ଚାଲିବ । ସମୁଦାୟ ୧୧ ମିଲର୍ସ ମାର୍କେଟ୍‌ୟାର୍ଡରୁ ଚାଷୀଙ୍କ ଧାନ ଉଠାଇବେ । ଚଳିତ ବର୍ଷ ପ୍ରଥମ କରି ମାର୍କେଟ୍‌ୟାର୍ଡରେ ସିସିଟିଭି କ୍ୟାମେରା ଲଗା ଯାଇଛି। ଏଥିସହ ଚାଷୀଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଏବଂ ବିଶ୍ରାମଗାର ବ୍ୟବସ୍ଥା ମଧ୍ୟ ହୋଇଛି । ଶୁଭାରମ୍ଭ ଦିବସରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ୨୧ ଚାଷୀଙ୍କଠାରୁ ୧୭୬୧ କୁଇଣ୍ଟାଲ ୨୪କେଜି ଧାନ କ୍ରୟ ହୋଇଛି। ଦୈନିକ ଜଣେ ଚାଷୀ ୧୫୦କୁଇଣ୍ଟାଲ ଧାନ ବିକ୍ରି କରି ପାରିବାକୁ ଥିବା ବେଳେ ୪୭୫୦ କୁଇଣ୍ଟାଲ ଧାନ ମିଲର୍ସମାନଙ୍କ ଦ୍ୱାରା ଉଠାଣର ବ୍ୟବସ୍ଥା ରହିଛି।



ଧାନକ୍ରୟ ଶୁଭାରମ୍ଭ ଅବସରରେ ଜିଲାପାଳ ମଧୁସୂଦନ ମିଶ୍ର ଓ ଅନ୍ୟାନ୍ୟ ଅଧିକାରୀ ।

# ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଗଞ୍ଜେଇ ଜବତ

**ଦେଓଗାଁ,୧୭।୫(ଡି.ଏନ.ଏ.)**

**ଡ୍ରାଇଭର ଫେରାର, ପୋଲିସ ତଦନ୍ତ ଆରମ୍ଭ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଙ୍ଗଳା ଛକ ଓ ସୋନଗଡ ବ୍ରିଜ ମଧ୍ୟଭାଗ ଜାତୀୟ ରାଜପଥ ପାର୍ଶ୍ୱଜମିକୁ ଶୁକ୍ରବାର ସକାଳେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଗାଡି ଡ୍ରାଇଭର ଫେରାର ହୋଇ ଯାଇଛନ୍ତି । ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସମୟରେ ଗାଡି ନଂଓଡି ୧୭ କେ ୪୪୭୮ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲା । ଏଥିରୁ ୩ଟି ବସ୍ତାରେ ୭୮.୭୧ କେଜି ଓଜନର ଗଞ୍ଜେଇ ଜବତ ହୋଇଛି । ଯାହାର ବଜାରରେ ଆନୁମାନିକ ମୂଲ୍ୟ ୭ରୁ ୮ଲକ୍ଷ ବୋଲି ଜଣାପଡିଛି । ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ, ଗୋପିନାଥ ମାହାକୁଡ ଓ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତରେ ଗାଡିରୁ ଗଞ୍ଜେଇକୁ ଜବତ କରାଯାଇଥିଲା। ଗାଡିରୁ ମିଳିଥିବା କିଛି କାଗଜପତ୍ର ଅନୁସାରେ ଏହାର ମାଲିକ ଭଟଲି ଥାନା ଅନ୍ତର୍ଗତ ରାଏସୁଙ୍ଗାର ପ୍ରସାଦ ସାହୁ ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ନାରାୟଣ ପ୍ରଧାନୀ କହିଛନ୍ତି । ସୂଚନା ଅନୁସାରେ ତୁଷୁରା ରାସ୍ତା ଦେଇ ଅନେକ ସମୟରେ ଶହଶହ କୁଇଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ ହେଉଛି। ତୁଷୁରା ପୋଲିସ ଏ ନେଇ ସୁରାଗ ପାଇ କିଛିଦିନ ହେଲା ଏକ ଟିମ୍ ବିଭିନ୍ନ ଛକରେ ଛପି ରହୁଥିଲା। ଏହିଦିନ ପାହାନ୍ତରେ ଉକ୍ତ ବୋଲେରୋ ଦ୍ରୁତ ଗତିରେ ଆସୁଥିବା ବେଳେ ତୁଷୁରା ପୋଲିସ ଅଟକାଇ ନ ପାରି ଦେଓଗାଁ ଫାଣ୍ଡିକୁ ରାସ୍ତା ସିଲ କରିବା ପାଇଁ ତୁରନ୍ତ ସୂଚନା ଦେଇଥିଲେ । ପରେ ବଙ୍ଗଳା ଛକ ନିକଟରେ ଅଭିଯୁକ୍ତମାନେ ଗାଡିକୁ ଦୁର୍ଘଟଣା କରିଦେଇ ଫେରାର ହୋଇଯାଇଥିବା ନଜରକୁ ଆସିଥିଲା । ଗାଡିରୁ କେବଳ ୩ ଟି ଜରି ପ୍ୟାକେଟରେ ଗଞ୍ଜେଇ ଥିବା ନଜରକୁ ଆସିଥିଲା। ଆହୁରି ୫ରୁ ୭ ପ୍ୟାକେଟ ଗଞ୍ଜେଇ ଅଭିଯୁକ୍ତମାନେ କେଉଁଠି ଲୁଚାଇ ଦେବାରେ ସକ୍ଷମ ହୋଇଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ଏହାର ତଦନ୍ତ କରିବା ସହ ଅଞ୍ଚଳରେ କାମ କରୁଥିବା ଏହି ର୍ୟାକେଟକୁ ପର୍ଦ୍ଦାଫାଶ କରିବାକୁ ସାଧାରଣରେ ଦାବି ହେଉଛି ।



ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଚାଲାଣ ହେଉଥିବା ଗଞ୍ଜେଇକୁ ପୋଲିସ ଜବତ କରୁଛି ।

## ଭଡ଼ାରେ ଚାଲିଛି କେଶାଇବାହାଲ ପିଇଓ କ୍ୱାର୍ଟର୍ସ

**ବାମରା,୧୭।୫(ସ୍ୱ.ପ୍ର.)**

ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ସେହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ହେଡକ୍ୱାର୍ଟସରେ ରହି ସରକାରୀ କାର୍ଯ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କ୍ୱାର୍ଟସ ନିର୍ମାଣ କରାଯାଉଛି। ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ପାଇଁ ମୋଟ ୭ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଏକ କ୍ୱାର୍ଟସ ନିର୍ମାଣ କରାଯାଇଛି । ହେଲେ କାର୍ଯ୍ୟରତ ପିଇଓ କ୍ୱାର୍ଟସରେ ନ ରହି ଏହାକୁ ଭଡ଼ାରେ ଲାଗାଇଥିବା ଅଭିଯୋଗ ହୋଇଛି।

ବୀରମହାରାଜପୁର ବିଧାନସଭା କ୍ଷେତ୍ର

# ଭୋଟଗଣତି ପାଇଁ ୯୦ ଅଧିକାରୀଙ୍କୁ ତାଲିମ

**ବୀରମହାରାଜପୁର, ୧୭।୫ (ଡି.ଏନ୍.ଏ.)**

ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇଁ ଆସନ୍ତା ୨୩ ତାରିଖରେ ଭୋଟଗଣତି ହେବ। ଏଥିପାଇଁ ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସକାଶେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଭା କକ୍ଷଠାରେ ଭୋଟଗଣତିକାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ଗଣତିକୁ ସୁଚାରୁରୂପେ ସମାପନ କରିବା ପାଇଁ ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶୀ ଆଧାରରେ ପ୍ରସ୍ତୁତି ଚାଲିଛି। ଭୋଟଗଣତି କାର୍ଯ୍ୟକ୍ରମରେ ନିୟୋଜିତ ହେବାକୁ ଥିବା କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ମାଇକ୍ରୋ ଅବ୍‌ଜର୍‌ଭରମାନଙ୍କୁ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଭୋଟଗଣତିର ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ସୂଚନାମତେ, ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଶୁକ୍ରବାର ୪୫ଜଣ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ଶନିବାର ମଧ୍ୟ ସମାନ ସଂଖ୍ୟକ ଅଧିକାରୀ ତାଲିମ ନେବେ ବୋଲି ଜଣାଯାଇଛି। ଏଥର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଲୋକ ସଭା ଓ ବିଧାନସଭା ପାଇଁ ୭ଟି ଲେଖାଁଏ ଗଣତି ଟେବୁଲର ବ୍ୟବସ୍ଥା ଥିବା ବେଳେ ୫ଟି କରି ଭିଭିପିଏଟି ଗଣତି ହେବ। ତେଣୁ ଗଣତି ପ୍ରକ୍ରିୟାକୁ ଠିକ୍ ଭାବେ ପରିଚାଳନା କରି ନିର୍ଦ୍ଧାରିତ ସମୟ ସୁଦ୍ଧା ସାରିବାକୁ ତାଲିମ ସମୟରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ୨୩ ତାରିଖ ସକାଳ ୮ ଟାଠାରୁ ଗଣତି ପ୍ରକ୍ରିୟା ଶେଷହେବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଜଣା ପଡିଛି।



ଭୋଟଗଣତି ପାଇଁ ରିଟର୍ଣ୍ଣିଂ ଅଫିସରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

## ନୃସିଂହ ଜନ୍ମୋତ୍ସବ ପାଳିତ

**ଟିକ୍ରାପଡା, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କରମତଲାସ୍ଥିତ ଗିରି ଗୋବର୍ଦ୍ଧନ ମନ୍ଦିରରେ ଚାରିଦିନ ଧରି ଚାଲିଥିବା ନୃସିଂହ ଜନ୍ମୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମଠାଧୀଶ ବାବା ସଦାନନ୍ଦ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଲିମପଡା ଗ୍ରାମର ସରସ୍ୱତୀ ମହାକୁର, ବୁଦ୍ଧଦେବ ମହାକୁର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ଗ୍ରନ୍ଥ ପାଠ, ସତ୍‌ସଙ୍ଗ, ନାମ ସଂକୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଶ୍ମିରଞ୍ଜନ ବାଗ ଗ୍ରନ୍ଥ ପାଠ କରିଥିଲେ। ପଦ୍ମନ ବାଗ, ଦିଗାମ୍ବର ମହାକୁର, ତୀର୍ଥବାସୀ ପୁଟେଲ, ଯୋଗେନ୍ଦ୍ର ମହାକୁର ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଫନୀ ପୀଡ଼ିତଙ୍କୁ ସହାୟତା ପାଇଁ ଆମ୍ବ ନିଲାମ କରିବେ ଚାଷୀ

**ବଲାଙ୍ଗୀର ଅଫିସ, ୧୭।୫**


ଉପକୂଳ ଓଡିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ସାମୁଦ୍ରିକ ଝଡ ଫନୀ ପ୍ରାଦୁର୍ଭାବର ପୀଡିତଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ବଲାଙ୍ଗୀରର ଜଣେ ଚାଷୀ ତାଙ୍କ ବଗିଚାର ଆମ୍ବକୁ ନିଲାମ କରି ସେହି ଅର୍ଥକୁ ଫନୀ ପୀଡିତଙ୍କ ପାଖକୁ ପଠାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବଲାଙ୍ଗୀର ସହର ପଥରଚେପାଠାରେ ଆମ୍ବ ବଗିଚା କରିଥିବା ଚାଷୀ ଅରୁଣ ମିଶ୍ର ତାଙ୍କ ଉପାର୍ଜିତ ଆମ୍ବକୁ ଶନିବାର ନିଲାମ କରି ସେଥିରୁ ଯେଉଁ ଅର୍ଥ ମିଳିବ ତାକୁ ଫନୀ ପୀଡିତଙ୍କ ପାଖକୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ବଲାଙ୍ଗୀର ସାମ୍ବାଦିକ ଭବନଠାରେ ସନ୍ଧ୍ୟା ୭ଟାରେ ଏହି ଆମ୍ବ ନିଲାମ କାର୍ଯ୍ୟକ୍ରମ କରାଯିବ ବୋଲି ଚାଷୀ ମିଶ୍ର ସୂଚନା ଦେଇଛନ୍ତି । ତାଙ୍କ ଆମ୍ବ ବଗିଚାରେ ଉନ୍ନତ କିସମର ଆମ୍ବ ଚାଷ ହୋଇଥାଏ । ନିଲାମ ପ୍ରକ୍ରିୟାରେ ବହୁ ଲୋକଙ୍କୁ ସାମିଲ କରି ଫନୀ ପୀଡିତଙ୍କୁ ସହାୟତା ଯୋଗାଇବା ପାଇଁ ଚାଷୀ ମିଶ୍ର ଏଭଳି ଏକ ଅଭିନବ ପନ୍ଥା ବାଛିଛନ୍ତି। ସହରର ବୁଦ୍ଧିଜୀବୀ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକଙ୍କୁ ସେ ଆମ୍ବ ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ଫନୀ ପୀଡିତଙ୍କୁ ସହାୟତା ଯୋଗାଇବା ପାଇଁ ମିଶ୍ରଙ୍କ ଏଭଳି ଅଭିନବ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

■ ଗନ୍ଧମାର୍ଦ୍ଦନ ପାହାଡ଼ ଲୋକାରଣ୍ୟ

# ହରିଶଙ୍କରରୁ ନୃସିଂହନାଥକୁ ପାହାଡ଼ ଚଢ଼ି ଯିବା ମଜା ନିଆରା

**ଖପ୍ରାଖୋଲ, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଓ ବରଗଡ ଜିଲା ସୀମାନ୍ତରେ ରହିଛି ଗନ୍ଧମାର୍ଦ୍ଦନ ପାହାଡ। ପାହାଡର ଦୁଇପାର୍ଶ୍ୱରେ ହରିଶଙ୍କର ଏବଂ ନୃସିଂହନାଥ ପୀଠ। ବର୍ଷ ସାରା ଦୁଇ ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ଧାର୍ମିକ, ଆଧ୍ୟାତ୍ମିକ, ପୌରାଣିକ, କିମ୍ବଦନ୍ତୀକୁ ନେଇ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥାଏ। ଦୁଇ ପୀଠକୁ ଲାଗି ଉଭୟ ପାର୍ଶ୍ୱରେ ବହିଯାଇଛି ଚିରସ୍ରୋତା ଝରଣା । ଦୁଇପୀଠକୁ ଭଲ ସଡକ ପଥ ଦେଇ ଗଲେ ୮୦ କିମିରୁ ଅଧିକ ଦୂର ପଡୁଥିବାବେଳେ ଲୋକେ ଗାଡି ମୋଟରରେ ଯାଆସ କରିଥାନ୍ତି । ହେଲେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉଭୟ ପୁଣ୍ୟକ୍ଷେତ୍ରରେ ହେଉଥିବାରୁ ତିନିଦିନ ଧରି ଗନ୍ଧମାର୍ଦ୍ଦନ ପାହାଡ ପାଲଟେ ଲୋକାରଣ୍ୟ । ହଜାର ହଜାର ଶ୍ରଦ୍ଧାଳୁ ଆଶା ବିଶ୍ୱାସ ଓ ମାନସିକ ରଖି ଉଠାଣି ଗଡାଣି ପାହାଡ ରାସ୍ତାରେ ଦୀର୍ଘ ୧୫ କିମିରୁ ଊର୍ଦ୍ଧ୍ୱ ପଥକୁ ଦିନ ରାତି ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଗନ୍ଧମାର୍ଦ୍ଦନ ପାହାଡ ଜଙ୍ଗଲରେ ଭରା ଥିବାବେଳେ ବନ୍ୟଜନ୍ତୁ ରହିଛନ୍ତି। ହେଲେ ବିଶ୍ୱାସ ପାଖରେ ସବୁ ହାର ମାନିଥାଏ। ପିଲା ଠୁଁ ବୁଢା ଯାଏଁ ସବୁ ବୟସର ଶ୍ରଦ୍ଧାଳୁ ପାହାଡ ଚଢି କିଏ ନୃସିଂହନାଥ ଯାଉଛି ତ କିଏ ହରିଶଙ୍କର ଆସୁଛି ଏହି ନିର୍ଘାତ ଖରାରେ। ସତେ ଯେମିତି ବୈଶାଖ ଚତୁର୍ଦ୍ଦଶୀ ମେଳାବେଳେ ଏହି ତିନି ଦିନ ପାଲଟିଛି ପାହାଡ ଚଢାର ମାହାକୁମ୍ଭ । ସମସ୍ତଙ୍କ ଅପେକ୍ଷା ଏହି ଦିନକୁ । ଚଳିତ ବର୍ଷ ହଜାର ହଜାର ଶ୍ରଦ୍ଧାଳୁ ପାହାଡ ଚଢୁଥିବା ଓ ଓହ୍ଲାଉ ଥିବା ଦେଖିବାକୁ ମିଳିଥିଲା। ଅଧିକ ସଂଖ୍ୟାରେ ଛତିଶଗଡ ଅଞ୍ଚଳର ଶ୍ରଦ୍ଧାଳୁ ଥିବା ଅନ୍ୟ ବର୍ଷ ଭଳି ଦେଖିବାକୁ ମିଳିଛି । ପାହାଡ ଚଢା ସମୟରେ କୌଣସି ଅଘଟଣ ଆଜି ଯାଏଁ ଘଟି ନ ଥିବା ହରିଶଙ୍କର ମନ୍ଦିର ପରିଚାଳନା ସବ କମିଟି ସଭାପତି ବିପ୍ର ବିଶି ପ୍ରକାଶ କରିଛନ୍ତି। ପାହାଡ ଚଢା କଷ୍ଟକର ହୋଇଥିଲେ ବି ଗନ୍ଧମାର୍ଦ୍ଦନ ମାତା, ହରିଶଙ୍କର ବାବା, ନୃସିଂହନାଥ ବାବାଙ୍କ କରୁଣାରୁ ଶ୍ରଦ୍ଧାଳୁମାନେ ସହଜରେ ଯାଆସ କରିଥାନ୍ତି। ମନ୍ଦିର ତରଫରୁ ଗନ୍ଧମାର୍ଦ୍ଦନ ପାହାଡର ୫ କିମି ଉପରେ ଭୀମ ମୋଡ ନିକଟରେ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ହରିଶଙ୍କର ମନ୍ଦିର ପରିଚାଳକ ବେଣୁଧର ସାହୁ କହିଛନ୍ତି। ପାହାଡ ପଥ ୧୫କିମିରୁ ଊର୍ଦ୍ଧ୍ୱ ହେଉଥିବାରୁ ଶ୍ରଦ୍ଧାଳୁଙ୍କୁ ସ୍ୱାସ୍ଥ୍ୟସେବା ପାହାଡ ଉପରେ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।



ଶ୍ରଦ୍ଧାଳୁ ପାହାଡ ଚଢି ନୃସିଂହନାଥ ପୀଠ ଅଭିମୁଖେ ଯାଉଛନ୍ତି।

## ସଂକ୍ଷେପରେ

### ପ୍ରଭୁ ନୃସିଂହଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖଡିଆଳ,୧୭।୫ (ଡି.ଏନ.ଏ.)-** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ତାରବନ୍ଦ ପୋଖରୀରେ କାଲାଚୁରୀ ସଭ୍ୟତା ଅମଳରେ ଆଜକୁ ୨ ହଜାର ବର୍ଷ ତଳେ ସ୍ଥାପିତ ହୋଇଥିବା ଭୁବନେଶ୍ୱର ମହାଦେବ ମନ୍ଦିର ପାର୍ଶ୍ୱରେ ପ୍ରଭୁ ନୃସିଂହନାଥଙ୍କ ମନ୍ଦିର ଶୁକ୍ରବାର ପ୍ରତିଷ୍ଠା କରାଯାଇଛି । ମନ୍ଦିର ପୂଜକ ମାର୍କଣ୍ଡ ମହାପାତ୍ରଙ୍କ ଉଦ୍ୟମ ଏବଂ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିର ତିଆରି ହୋଇଥିବା ବେଳେ ଖଡିଆଳ ପବନ ସୋନୀଙ୍କ ଆର୍ଥିକ ସହାୟତାରେ ନୃସିଂହନାଥଙ୍କ ମୂର୍ତ୍ତି ତିଆରି ହୋଇଛି। ମନ୍ଦିର ପୂଜକ ସରୋଜ ମହାପାତ୍ରଙ୍କ ପୌରହିତ୍ୟରେ ନୃସିଂହଙ୍କୁ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ହୋମଯଜ୍ଞ ହୋଇ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଭୁବନେଶ୍ୱର ମହାଦେବ ମନ୍ଦିରର ପୂଜକ ମାର୍କଣ୍ଡ ମହାପାତ୍ର ଓ ଚନ୍ଦ୍ରକଳା ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପ୍ରତିଷ୍ଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିବା ବେଳେ ସ୍ଥାନୀୟ ରାଧେ ରାଧେ ଅନୁଷ୍ଠାନ ପକ୍ଷରୁ ଦିନତମାମ ଭଜନ ପରିବେଷଣ କରାଯାଇଥିଲା । ଉକ୍ତ ପ୍ରତିଷ୍ଠା ସମାରୋହରେ ମନ୍ଦିର ଟ୍ରଷ୍ଟର ତାରା ପ୍ରସାଦ ଆଚାର୍ଯ୍ୟ, ଯୋଗଧାନ ବୈଠାରୁ, ଶୈଳେନ୍ଦ୍ର ପାଣିଗ୍ରାହୀ ଓ ରତନ ସୋନୀ ପ୍ରମୁଖ ସହଯୋଗ କରିଥିଲେ ।

# ଦୁର୍ଗମ ଇଲାକାରେ ସ୍ୱାସ୍ଥ୍ୟ ବିଭାଗ ପହଞ୍ଚିଲା

- ଦ୍ୱାର ମୁହଁରେ ଚିକିତ୍ସା ବ୍ୟବସ୍ଥା
- ସମ୍ପୂର୍ଣ୍ଣା ଯୋଜନାରେ ଅଭୟାରଣ୍ୟ

**ନୂଆପଡ଼ା ଅଫିସ,୧୭।୫**

ନୂଆପଡ଼ା ଜିଲାର ସବୁଠାରୁ ଦୁର୍ଗମ ସୁନାବେଡା ଅଭୟାରଣ୍ୟରେ ସ୍ୱାସ୍ଥ୍ୟ ସେବା ଦୁର୍ଲଭ । ଲୋକେ ଆଜିବି ସ୍ୱାସ୍ଥ୍ୟସେବା ଭଳି ମୌଳିକ ସେବାରୁ ବଞ୍ଚିତ ରହୁଛନ୍ତି । ସରକାରୀ ଚିକିତ୍ସା ବ୍ୟବସ୍ଥାରୁ ଆସ୍ଥା ହରାଇ ଜଡିବୁଟି ଭଳି ଘରୋଇ ଚିକିତ୍ସାକୁ ଆପଣାଉଥିବା ଦେଖାଯାଉଛି । ହେଲେ ଏସବୁକୁ ଦୃଷ୍ଟିରେ ରଖି ଜିଲାପାଳ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ଏଣି କି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ସଦଳବଳେ ଅଭୟାରଣ୍ୟ ଭିତରକୁ ଯାଇ ଲୋକଙ୍କ ଦ୍ୱାର ମୁହଁରେ ସେବା ଦେବା ଆରମ୍ଭ କରିଛନ୍ତି । ସମ୍ପୂର୍ଣ୍ଣା ଭଳି ଯୋଜନାରେ ଗାଁଗୁଡିକୁ ସାମିଲ କରାଯାଇ ସଫଳ ଚିକିତ୍ସାକୁ ସୁନିଶ୍ଚିତ କରାଯାଉଛି । ଏହି କ୍ରମରେ ଏକ ସ୍ୱାସ୍ଥ୍ୟ ବିଭାଗର ଟିମ ସୁନାବେଡା ଅଭୟାରଣ୍ୟସ୍ଥିତ ୪ଟି ଗାଁ ପରିଦର୍ଶନ କରି ସେବା ପ୍ରଦାନ କରି ଫେରିଛନ୍ତି । ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଇନଚାର୍ଜ ବୀରେନ୍ଦ୍ର କୁମାର ବାଗଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସେଖ ୱାସିମ ରାଜା ଏବଂ ପବ୍ଲିକ ହେଲଥ ଅଫିସର ଚାନ୍ଦିନୀ କିଷାନଙ୍କ ନେତୃତ୍ୱରେ



ସ୍ୱାସ୍ଥ୍ୟକର୍ମୀମାନେ ଜଣେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଦେଉଛନ୍ତି ।


ଏକ ଟିମ ଅଭୟାରଣ୍ୟସ୍ଥିତ ସୋସେଙ୍ଗ ଗ୍ରାମପଞ୍ଚାୟତକୁ ଯାଇଥିଲେ । ସେଠିକାର ପ୍ରଥମେ ଭାଓସିଲ, ଝର୍ଲାମ, ଶିବନାରାୟଣ ପୁର, ରାଜକେନ୍ଦୁପଡାରେ ପହଞ୍ଚିଥିଲେ। ଗୋଟିଏ ପଟେ ଗ୍ରୀଷ୍ମର ଟାଣ ଖରା ଏବଂ ଅନ୍ୟପଟେ ମାଓବାଦୀଙ୍କ ଗଡକୁ ଭେଦ କରି ହସ୍ପିଟାଲ ଟିମ ଚିକିତ୍ସା ସେବା ଆରମ୍ଭ କରିଥିଲେ। ସକାଳୁ ସନ୍ଧ୍ୟା ଯାଏଁ ଘରକୁ ଘର ବୁଲିଥିଲେ। ସୂଚନାଯୋଗ୍ୟ ଯେ, ସରକାର ଶିଶୁ ଓ ମାତୃ ମୃତ୍ୟୁହାର କମାଇବାକୁ ବର୍ତ୍ତମାନ ସମ୍ପୂର୍ଣ୍ଣା (ଶିଶୁ ଏବଂ ମାତୃ ମୃତ୍ୟୁହାର ପୂର୍ଣ୍ଣ ନିରାକରଣ ଅଭିଯାନ) କାର୍ଯ୍ୟକାରୀ କରିଛନ୍ତି । ଏଥିରେ ବିଶେଷ କରି ଦୁର୍ଗମ ଇଲାକାରେ ଯେଉଁଠି ୧୦୮ କିମ୍ବା ୧୦୨ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇଥାଏ । ସେଠାରେ ଏହି ଯୋଜନାକୁ ପ୍ରାଧାନ୍ୟ ଦିଆଯାଇଛି । ତେବେ ଏହି ସ୍ୱାସ୍ଥ୍ୟ ଟିମ ସମ୍ପୂର୍ଣ୍ଣା ଯୋଜନାକୁ ନିଶ୍ଚିତ କରିବା ସହ ଘରେ ସବୁ ପ୍ରକାର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ହେଲ୍‌ଥ ଟିମ ମଧ୍ୟ ଗସ୍ତ କରିଥିଲା । ଏଥିରେ ଡାକ୍ତର, ନର୍ସଙ୍କ ସହ ଏକ ପୁରା ଟିମ ଔଷଧ ଧରି ଯାଇଥିଲେ। ପ୍ରତିଦ୍ୱାରକୁ ଯାଇ ପରିବାରର ସମସ୍ତ ସଦସ୍ୟଙ୍କୁ ଯାଞ୍ଚ କରି ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଏହି ଗାଁଗୁଡିକରେ ୧୨/୧୩ଜଣ ନବଜାତ ଶିଶୁ ଏବଂ ୨୫ଜଣ ଗର୍ଭବତୀ ଏବଂ ପ୍ରସୂତି ମା'ଙ୍କୁ ଚିହ୍ନଟ କରି ଚିକିତ୍ସା କରାଯାଇଥିଲା । ଏହି ଡାକ୍ତର ଟିମକୁ ଦେଖି ଗ୍ରାମବାସୀ ଖୁସି ପ୍ରକଟ କରିଥିଲେ। ଦିନଥିଲା ଏଠାରେ ସାଧାରଣ ଝାଡାବାନ୍ତି ଭଳି ରୋଗରେ ଲୋକେ ମୃତ୍ୟୁବରଣ କରୁଥିଲେ । ଏମାନଙ୍କୁ ଚିକିତ୍ସା ସେବା ଉପଲବ୍ଧ ହେବା ସ୍ୱପ୍ନ ଥିଲା । ତେବେ ଏଭଳି ସେବାକୁ ନିୟମିତ କରିବାକୁ ଗ୍ରାମବାସୀ ଦାବି କରିଥିଲେ । ଟିମରେ ଅନ୍ୟମାନଙ୍କ ମଧ୍ୟରେ ଏଲଏଚବି ପୁଷ୍ପଲତା ନାଥ, କିର୍ତ୍ତିକା ଚନ୍ଦ୍ରିକା ପ୍ରମୁଖ ସାମିଲ ଥିଲେ । ଏହିଭଳି ପ୍ରତି ମାସର ତୃତୀୟ ଗୁରୁବାର ଅଭୟାରଣ୍ୟ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଥିବା ଟିମ ମୁଖ୍ୟ ସେଖ ୱାସିମ ସୂଚନା ଦେଇଛନ୍ତି ।

# ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ଡୁଙ୍ଗୁରୀପାଲି, ଖଏରଭାଡି ଗାଁ ଲୋକେ ଅନ୍ଧାରରେ

**ଖଡିଆଳ,୧୭।୫ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଖଏରଭାଡି ଗାଁରେ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ଅନ୍ଧାରରେ ରହିଛନ୍ତି । ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯିବା ଯୋଗୁ ଖଏରଭାଡି ଗାଁ ଲୋକେ ଅନ୍ଧାରରେ ରହି ଆସୁଥିବା ବେଳେ ଡୁଙ୍ଗୁରୀପାଲି ଗାଁ ଲୋକଙ୍କ ପାଇଁ ବିଦ୍ୟୁତ ସେବା ସାତସପନ ପାଲଟିଛି । ଏ ନେଇ ବାରମ୍ବାର ବିଦ୍ୟୁତ ବିଭାଗକୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗାଁ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । କେବଳ ଯେ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଜଣାଉଛନ୍ତି ତାହା ନୁହେଁ ପଞ୍ଚାୟତ କି ବିଧାନସଭା କି ଲୋକ ସଭା ନିର୍ବାଚନ ଆସିଲେ ଭୋଟ ମାଗିବା ପାଇଁ ଆସିଥିବା ନେତାଙ୍କୁ ଜଣାଇଲେ ମଧ ବିଦ୍ୟୁତ ସେବା ଯୋଗାଇବାରେ କେବଳ ପ୍ରତିଶ୍ରୁତି ମିଳୁଛି । କିନ୍ତୁ ସମାଧାନ ହେଉ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ ଖଏରଭାଡିରେ ୧୦୨ ଓ ଡୁଙ୍ଗୁରୀପାଲି ଗାଁରେ ୪୪ ପରିବାର ବାସ କରନ୍ତି । ସମସ୍ତେ ଗଉଡ ସମ୍ପ୍ରଦାୟର । ଗାଁ ଲୋକଙ୍କ ଜୀବନ ଜୀବିକା କହିଲେ କିଏ ଚାଷ କରି ତ ଆଉ କିଏ କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରିଥାନ୍ତି । ନବେଶଦକରେ ଖଏରଭାଡି ଗାଁକୁ ବିଦ୍ୟୁତ ସଂଯୋଗ କରାଯାଇଥିଲା। ଏହି ଗାଁରୁ ପ୍ରାୟ ୫୦୦ ମିଟର ଦୂରରେ ଡୁଙ୍ଗୁରୀପାଲି ଗାଁ ଅବସ୍ଥିତ ଥିବାରୁ ଏଠାକାର ୩ରୁ ୪ ଜଣ ଉପଭୋକ୍ତାଙ୍କ ସମେତ ଖଏରଭାଡି ଗାଁର କିଛି ଉପଭୋକ୍ତା ବିଦ୍ୟୁତ ସେବା ପାଇ ଆସୁଥିଲେ । ତେବେ ଅଧିକାଂଶ ଲୋକେ ଦାରିଦ୍ର ସୀମା ରେଖା ତଳେ ଥିବାରୁ ବିଦ୍ୟୁତ ସେବା ପାଇବା ପାଇଁ ଆବେଦନ କରିଥିଲେ ହେଁ ବିଦ୍ୟୁତ ଆଲୁଅ ମିଳି ନ ଥିଲା । ଟ୍ରାନ୍ସଫର୍ମର ପୋଡିଯିବା ପରଠାରୁ ଆଜି ପର୍ଯ୍ୟନ୍ତ ଗାଁ ଲୋକେ ଅନ୍ଧାରରେ ରହି ଆସୁଛନ୍ତି । ବିଦ୍ୟୁତ ଆଲୁଅ ନ ଥିବା ଯୋଗୁ ଅନେକ ସମୟରେ ଗାଁ ଲୋକେ ବିଷାକ୍ତ ବିଛା, ସାପ କାମୁଡି ଥିବା ନଜିର ଥିବା ବେଳେ ବିଶେଷ କରି ଗାଁର ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ହେଉଛି । ଏ ନେଇ ୱେସ୍କୋର ଏସଡିଓଙ୍କ ସହ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନ ଥିଲା । ଜିଲା ପ୍ରଶାସନ ଦୃଷ୍ଟି ଦେଇ ଖଏରଭାଡି ଓ ଡୁଙ୍ଗୁରୀପାଲି ଗାଁକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ଗାଁ ଲୋକେ ଦାବି କରିଛନ୍ତି ।

## ଫଟୋରେ ଖବର



ନୂଆପଡା ଜିଲା କୁରୁମପୁରୀ ନିକଟରେ ଏକ ଗ୍ୟାରେଜ ମାଲିକ ନିଜ ଖର୍ଚ୍ଚରେ ଜଳଛତ୍ର କରି ପାଣି ଦେଉଛନ୍ତି ।



ପ୍ରବଳ ଖରା ଯୋଗୁ କୋମନା ବ୍ଲକ ଚାରିଛକ ବଜାରରେ ଲୋକଙ୍କ ଗହଳି କମିବାରେ ଲାଗିଛି ।

# ଭୋଟ ଗଣତି ପାଇଁ ଦୁଇଦିନିଆ ତାଲିମ

**ଭବାନୀପାଟଣା,୧୭।୫(ଡି.ଏନ.ଏ.)**

ଆସନ୍ତା ୨୩ ତାରିଖରେ ଲୋକ ସଭା ଏବଂ ବିଧାନସଭାର ଭୋଟ ଗଣତି ହେବ । କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟରେ ଏପ୍ରେଲ ୧୧ ତାରିଖରେ ମତଦାନ ଗ୍ରହଣ କରାଯାଇଥିଲା । ଭୋଟ ପରେ ସମସ୍ତ ଇଭିଏମ୍, ଭିଭିପିଏଟ୍, କଣ୍ଟ୍ରୋଲ ୟୁନିଟ୍‌ଗୁଡିକ ବାନ୍ଦୋପଲାସ୍ଥିତ କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ ରୁମ୍‌ରେ ସିଲ୍ କରି ରଖାଯାଇଛି । ଏହା ପୂର୍ବରୁ ଭୋଟ ଗଣତି ନିମନ୍ତେ ସ୍ଥାନୀୟ ଡିଆଇଇଟି ଓ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ୨ ଦିନିଆ ତାଲିମ ଶିବିର ଆୟୋଜିତ ହୋଇଛି । ଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଡା. ଗାଭାଲି ପରାଗ ହର୍ଷଦଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋଙ୍କ ସମେତ ସମସ୍ତ ସହକାରୀ ରିଟର୍ଣ୍ଣିଂ ଅଧିକାରୀ ତାଲିମଦାତା ଭାବେ ଯୋଗଦେଇ କାଉଣ୍ଟିଂ ସୁପରଭାଇଜର ଓ କାଉଣ୍ଟିଂ ସହାୟକମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ୨ ତାଲିମ କେନ୍ଦ୍ରରେ ୧୯୦ କାଉଣ୍ଟିଂ ସହାୟକଙ୍କୁ ତାଲିମ ପ୍ରଦାନ କରାଯାଇଛି । ଜିଲାର ୫ଟି ବିଧାନସଭା ଓ ଗୋଟିଏ ଲୋକ ସଭା ନିମନ୍ତେ ୫ଟି କକ୍ଷରେ ଗଣତି କରାଯିବ । ପ୍ରତ୍ୟେକ ବିଧାନସଭା ପାଇଁ ୭ଟି ଟେବୁଲ ଓ ଲୋକ ସଭା ପାଇଁ ୭ଟି ଗଣତି ଟେବୁଲ ରହିବ । ପ୍ରତି ରାଉଣ୍ଡ ଗଣତିରେ ପର୍ଯ୍ୟବେକ୍ଷକମାନେ ମଧ୍ୟ ଚେକ୍ କରିପାରିବେ । ଜିଲାର ଭୋଟ କେନ୍ଦ୍ରରେ ସମୁଦାୟ ୫୬୫ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବ ବୋଲି ଜିଲା ନିର୍ବାଚିତ ଅଧିକାରୀ ସୂଚନା ଦେଇଛନ୍ତି ।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

SIDAC

**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**

ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୩୦
ଫୋନ୍ : ୦୬୭୪-୨୩୫୦୩୧୮, ଫ୍ୟାକ୍ସ : ୦୬୭୪-୨୩୫୧୩୮୯

**ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ୧ ବର୍ଷିଆ ପାଠ୍ୟକ୍ରମରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି ।**

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ମାଷ୍ଟର ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲା ସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତ ଶିଳ୍ପର ନାମ ଏବଂ ସ୍ଥାନ ସଂଖ୍ୟା | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଚାନ୍ଦୁଆ କାମ, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, ପଟ୍ଟଚିତ୍ର, କାଠ ଖୋଦେଇ, ତାଳପତ୍ର ଖୋଦେଇ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର : ସ୍ଥାନ - ଆଙ୍କୁଲା (ଆଠଗଡ ବ୍ଲକ) ଏବଂ କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ପଥର ଖୋଦେଇ : ସ୍ଥାନ - କୋଣାର୍କ, ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ମୌଳିକ ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଅଧିନସ୍ଥ ତାଲିମ କେନ୍ଦ୍ରରୁ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାଶ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧିନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟ କରିଥିବା ଅଭିଜ୍ଞତା ଥିବ । | ଆବେଦନକାରୀ ୮ମ ଶ୍ରେଣୀ ପାଶ୍ କରିଥିବେ ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । କାରିଗର ପରିବାରଙ୍କର ସଦସ୍ୟଙ୍କୁ ଅଗ୍ରାଧୀକାର ଦିଆଯିବ । |
| ବୟସ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୫ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୬ ରୁ ୪୦ ବର୍ଷ | ତା. ୦୧.୦୭.୨୦୧୯ ରିଖ ସୁଦ୍ଧା ୧୪ ରୁ ୪୦ ବର୍ଷ |
| ଚୟନ ପାଇଁ ପରିକ୍ଷା ତାରିଖ | ତା. ୨୭.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୮.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୯.୦୬.୨୦୧୯ ରିଖ ଦିବା ୧୧ ଘଟିକା | ତା. ୨୪.୦୬.୨୦୧୯ ରିଖ ଦିବା ୧୧ ଘଟିକା (କେନ୍ଦୁଲି) ତା.୨୫.୦୬.୨୦୧୯ ରିଖ ଦିବା ୧୧ ଘଟିକା (କୋଣାର୍କ) ତା.୨୬.୦୬.୨୦୧୯ ରିଖ ଦିବା ୧୧ ଘଟିକା (ଆଙ୍କୁଲା) |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟ ସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର ଠାରେ ଏବଂ ଜିଲ୍ଲା ସ୍ତରୀୟ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସମ୍ପୃକ୍ତ ତାଲିମ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ । ଏହି ପରୀକ୍ଷାରେ ଯୋଗଦେବା ନିମିତ୍ତ କୌଣସି ଗସ୍ତଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ । | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା ଓ ଆବେଦନ ପ୍ରଣାଳୀ | ତଫସିଲଭୁକ୍ତ ଜାତି/ଜନଜାତି/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି । ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ମାସିକ ବୃତ୍ତି ଟ.୨୦୦୦.୦୦ ଟଙ୍କା, ରାଜ୍ୟ ସ୍ତରୀୟ ତାଲିମ ନିମନ୍ତେ ଏବଂ ଟ.୧୦୦୦.୦୦ ଟଙ୍କା ଜିଲ୍ଲା ସ୍ତରୀୟ ତାଲିମ ନିମନ୍ତେ) ଦିଆଯିବାର ବ୍ୟବସ୍ଥା ଅଛି । ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର କିମ୍ବା ସାଧା କାଗଜରେ ନିଜର ଠିକଣା (ଫୋନ ନମ୍ବର ସହିତ), ବୟସ, ଏକ ପାସ୍‌ପୋଟ୍ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ ତାଲିମ ନିମନ୍ତେ ଆଗ୍ରହୀ ହସ୍ତଶିଳ୍ପର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହିତ ସାଧାକାଗଜରେ **୧୭.୦୬.୨୦୧୯** ତାରିଖ ସୁଦ୍ଧା **ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦**ରେ ଦାଖଲ କରିବାକୁ ଅନୁରୋଧ । | | | |

ବି.ଦ୍ର.: (କ) ବର୍ତ୍ତମାନ ଅଧ୍ୟୟନରତ ଥିବା ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷା ଛାତ୍ର / ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ ଆବେଦନ କରିପାରିବେ । ସେମାନଙ୍କର ପରୀକ୍ଷା ଫଳ ବାହାରି ସାରିବାପରେ ସେମାନଙ୍କୁ ନୂତନ ଶିକ୍ଷା ବର୍ଷରେ ନାମ ଲେଖାଇବାର ସୁଯୋଗ ଦିଆଯାଇପାରେ ।

(ଖ) ଏହି ପାଠ୍ୟକ୍ରମ ଗୁଡିକ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାଶିଳ୍ପ କେନ୍ଦ୍ର / ଆଞ୍ଚଳିକ ଶିଳ୍ପକେନ୍ଦ୍ର କିମ୍ବା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର-୩୦ରେ ଉପଲବ୍ଧ ତଥା **www.sidacodisha.org.in** ୱେବ୍‌ସାଇଟ୍‌ରୁ **download** କରାଯାଇ ପାରିବ ।

**ସ୍ୱା/- ସଭ୍ୟ ସଚିବ**

### ମାରୱାଡି ଧର୍ମଶାଳାରୁ କାଠପଟା ଜବତ ଘଟଣା

# ୯ଦିନ ବିତିଲା ହେଉନି କାର୍ଯ୍ୟାନୁଷ୍ଠାନ


**ଦେବଗଡ,୧୭।୫ (ସ୍ୱ.ପ୍ର.)**

ବନ ବିଭାଗ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ବନକର୍ମଚାରୀମାନେ ଗତ ୯ତାରିଖରେ ସହରର ତଳଭିତିରିଆ ସାହିସ୍ଥିତ ଉଗ୍ରେସନ ଭବନ ତଥା ମାରୱାଡି ଧର୍ମଶାଳାରେ ଚଢାଉ କରି ମୂଲ୍ୟବାନ କାଠପଟା ଜବତ କରିଥିଲେ । ହେଲେ ଘଟଣାର ୯ଦିନ ବିତିଯାଇଥିଲେ ସୁଧା ବନବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏପରି କି ଉକ୍ତ ମାମଲାକୁ ରଫା ଦଫା କରିଦେବାକୁ ଉଦ୍ୟମ ସହ ଟଙ୍କା କାରବାର ହେଉଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି । ଏ ନେଇ ଡିଏଫଓ ଷଡଙ୍ଗୀଙ୍କୁ ପଚାରିବାରୁ ରେଞ୍ଜର କୁଶ ଚରଣ ସିଂ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ । ଏନେଇ ରେଞ୍ଜର କୁଶ ଚରଣ ସିଂ ପଚାରିବାରୁ ମାମଲାର ତଦନ୍ତ ଚାଲିଥିବା କହିଥିଲେ ।

# ଜିଲାସ୍ତରୀୟ ବିଶ୍ୱ ରକ୍ତଚାପ ଦିବସ

**ନୂଆପଡା ଅଫିସ,୧୭।୫**

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଜିଲାସ୍ତରୀୟ ବିଶ୍ୱ ରକ୍ତଚାପ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପି.କେ.ବି. ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଡା.ବି.ବି.ଜଗତ, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଡା. ଜଗତ ଉଚ୍ଚ ରକ୍ତଚାପ କ'ଣ ଏବଂ ଏହାର କିପରି ଚିକିତ୍ସା କରିବା, ଏଥିପାଇଁ କ'ଣ ସବୁ ସଚେତନତା ନେବା ଆବଶ୍ୟକ ସେ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ପଣ୍ଡା ସ୍ୱାସ୍ଥ୍ୟ ପ୍ରତି ଆମେ



ବିଶ୍ୱ ରକ୍ତଚାପ ଦିବସ ଅବସରରେ ମୁକ୍ତରେ ରକ୍ତଚାପ ପରୀକ୍ଷଣ କରାଯାଉଛି ।।

ସଚେତନ ରହିବା ଏବଂ ସୁସ୍ଥ ରହିବା ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାଗଣା ରକ୍ତଚାପ ପରୀକ୍ଷା ଶିବିର କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡା. ବିନୟ କୁମାର ବେହେରା, ଡା.ରାଧାରମଣ ବର୍ଡିଆ, ଡିପିଏମ ବିଶ୍ୱମ୍ଭର ବେହେରା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶରତ କୁମାର ବେଜୋ ସହଯୋଗ କରିଥିଲେ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ଗଣେଶ୍ୱର ବାବାଙ୍କ ନବନିର୍ମିତ ବିଗ୍ରହ ସ୍ଥାପନ

**ଉଲୁଣ୍ଡା ୧୭ା୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ସ୍ଥିତ ସର୍ବପୁରାତନ ଶୈବପୀଠ ଗଣେଶ୍ୱର ବାବାଙ୍କ ପୀଠସ୍ଥଳୀରେ ନୂତନ ନାଗମୂର୍ତ୍ତୀ ପ୍ରତିଷ୍ଠା ଓ ସ୍ଥାପନା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ବୁଧବାରଠାରୁ ୩ ଦିନ ଧରି ହୋଇଥିବା ଏହି ଆଧାତ୍ମିକ ପରିବେଶରେ କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ଅଷ୍ଟପ୍ରହର ନାମଯଜ୍ଞ, ବିଶ୍ୱଶାନ୍ତି ହୋମ, ଶିବ ସହସ୍ର ନାମ ପଠନ, ମୂର୍ତ୍ତୀ ପ୍ରତିଷ୍ଠା, ପ୍ରାଣସଞ୍ଚାର ଏବଂ ସ୍ଥାପନ ଉତ୍ସବ ଆୟୋଜନ କରାଯାଇଥିଲା। ଯାତ୍ରା ପରିଚାଳନା ପରିଷଦ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଶ୍ରୀ ଗଣେଶ୍ୱର ବାବାଙ୍କ ଚରଣାଶ୍ରିତ ୨୨ ଖଣ୍ଡ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ମୁଖ୍ୟପୂଜକ ଅର୍ଜୁନ ଗୁରୁଙ୍କ ନେତୃତ୍ୱରେ ବିଘ୍ନରାଜ ମିଶ୍ର, ରାଜକିଶୋର ପୁରୋହିତ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ପଦ୍ମନାଭ ପାଣ୍ଡିଆ ଓ ଡିଙ୍ଗର ମେହେର ସସ୍ତ୍ରୀକ କର୍ତ୍ତାଭାବରେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞରେ ଶିବପ୍ରସାଦ ପାଣ୍ଡିଆ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଭୋଇ, ସତ୍ୟ ନାରାୟଣ ପୂଜାହାରୀ ପ୍ରମୁଖ ଯାତ୍ରା ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

# ସନ୍ତୁଳିତ ଜୀବନଯାପନ ଦୂର କରିବ ଉଚ୍ଚ ରକ୍ତଚାପ

**ସୋନପୁର,୧୭ା୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ସଚେତନତା ସଭାରେ ଅଧକ୍ଷତା କରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ନିୟମିତ ଶାରୀରିକ ପରିଶ୍ରମ, ଉପଯୁକ୍ତ ସୁଷମ ଖାଦ୍ୟ ଶୈଳୀ ସାଙ୍ଗକୁ ମାନସିକ ଚାପରୁ ସବୁବେଳେ ମୁକ୍ତ ରହିବାକୁ ଚେଷ୍ଟା କଲେ ଉଚ୍ଚ ରକ୍ତଚାପ ପରି ସମସ୍ୟାକୁ ଦୂରେଇ ଦିଆଯାଇପାରିବ ବୋଲି ମତପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ନିରୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ ମଣିଷ ଦେହରେ ଏହି ରୋଗର କୁପ୍ରଭାବ ସମ୍ପର୍କରେ ବ୍ୟାପକ ଆଲୋଚନା ସହ ଆଳସ୍ୟପୂର୍ଣ୍ଣ ଜୀବନ, ମେଦ ବହୁଳତା, ଆବଶ୍ୟକତାଠାରୁ ଅଧିକ ପରିମାଣ ଲୁଣର ବ୍ୟବହାର, ଚର୍ବି ଜାତୀୟ ଖାଦ୍ୟ, ଫାଷ୍ଟ ଫୁଡ ଆଦି ଖାଦ୍ୟର ବ୍ୟବହାର ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରପ୍ରାପ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ ଜିଲାରେ ଥିବା ଉଚ୍ଚ ରକ୍ତଚାପ ରୋଗୀଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ କହିବା ଅନୁସାରେ ୨୦୧୭-୧୮ ଏବଂ ୨୦୧୮-୧୯ ମସିହାରେ ବାହ୍ୟ ବିଭାଗରେ ଯଥାକ୍ରମେ ମୋଟ ୨୪୫୧୮ ଓ ୨୦୪୫୩ ଜଣ ଉଚ୍ଚ ରକ୍ତଚାପ ରୋଗୀ ଚିହ୍ନଟ ହୋଇଛନ୍ତି। ଠିକ୍ ସେହିପରି ୨୦୧୯-୨୦ ଏପ୍ରିଲ ମାସ ପର୍ଯ୍ୟନ୍ତ ମୋଟ ୨୦୫୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ୪୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ସଚେତନ ହୋଇ ନିଜ ରକ୍ତଚାପ ପରୀକ୍ଷା କରାଇନେବା ଉଚିତ ବୋଲି ସେ କହିବା ସହ ଏଥିପାଇଁ ବିଭିନ୍ନସ୍ତରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧକ୍ଷା କନକଲତା ବେହେରାଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ। ସଚେତନତା ସଭା ପରେ ଏକ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକ୍ରମ ପରିଚାଳିକା ମୌସୁମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ତାରିଣୀ ଚରଣ ପାତ୍ର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।



ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାନ୍ଧିବାଢ଼ି କରି ଶୋଇଲା କିଏ;**
**ପତର ପକେଇ ଖାଇଲା କିଏ ?**

ରନ୍ଧାବଢ଼ା କରି ମଧ ସମୟ ଓ ପରିସ୍ଥିତି ଚାପରେ ପଡ଼ି ମଣିଷ ବେଳେବେଳେ ଭୋକ ଉପାସରେ ପଡ଼ିରହେ ଅଥଚ ଅନ୍ୟ କେହି ବିନା ଶ୍ରମରେ ସେସବୁକୁ ଗ୍ରହଣ କରିନିଏ। କଷ୍ଟ କରିବା ଲୋକର ଫଳପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରଖେଇ ଲୋ;**
**ହଉଥାଉ କେତେ ଦେଖେଇ ଲୋ !**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତା'ଠୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖାଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।


ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ମେଳା

# ପାପନାଶିନୀ ଝରଣାରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ


**ଖପ୍ରାଖୋଲ, ୧୭ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ଶୁକ୍ରବାର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଦ୍ୱିତୀୟ ଦିବସରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଛି। ଚତୁର୍ଦ୍ଦଶୀ ତିଥୀ ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ ସ୍ନାନ କରି ହରିଶଙ୍କର ବାବାଙ୍କ ଦର୍ଶନ କରୁଥିଲେ । ପଲ୍ଲିଶ୍ରୀ ମେଳାରେ ଅନେକ ଷ୍ଟଲ ଖାଲି ରହିଥିଲେ ବି କିଛି ଏସଏଚଜି ଏବଂ ଉତ୍ପାଦନକାରୀ ଦଳ ଆଣିଥିବା ନିଜ ଉତ୍ପାଦିତ ଦ୍ରବ୍ୟ ଓ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ସେହିପରି ଆର୍ଯ୍ୟ ସମାଜ ତରଫରୁ ବୈଦିକ ଯଜ୍ଞର ଆରମ୍ଭ କରାଯାଇଥିଲା । ମୀନା ବଜାର, ବିଭିନ୍ନ ଦୋକାନ, ଦୋଳି ସମେତ ଭଳିକି ଭଳି ଜଙ୍ଗଲ ଜାତ ଦ୍ରବ୍ୟର ଦୋକାନମାନଙ୍କରେ ବିକ୍ରିବଟା ଦେଖିବାକୁ ମିଳିଥିଲା । ଦ୍ୱିତୀୟ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ଅଧ୍ୟକ୍ଷତା କରିଥିଲେ ଅଧ୍ୟାପକ ବଳଭଦ୍ର ଦାସ। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ଦିଲୀପ କୁମାର ବିଶ୍ୱାଳ ଓ ମୁଖ୍ୟବକ୍ତାଭାବେ ଗବେଷକ ରାଜୀବ ସଗରିଆ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ତହସିଲଦାର ନିରଞ୍ଜନ ନାୟକ, ତୁରେକେଲା ବିଡିଓ ପ୍ରଭାତ କୁମାର ସାହୁ, ସବ୍‌କମିଟି ସଦସ୍ୟ ଗୁପ୍ତେଶ୍ୱର କୁଅଁର ଓ ଅଭୟ ତ୍ରିପାଠୀ ମଞ୍ଚାସୀନ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପାଟଣାଗଡ ଏଡିପିଆରଓ ରୀତାକାନ୍ତି ବଳିୟାର ସିଂ। ପ୍ରଥମ ଷ୍ଟେଜରେ ପଞ୍ଚମ ବଲାଙ୍ଗୀର, ଉତ୍କଳ କଳାକେନ୍ଦ୍ର ଟିଟିଲାଗଡର ଢାପ ନୃତ୍ୟ ସହିତ ମା' ସମଲେଶ୍ୱରୀ ମିକ୍ସଚର ଦଣ୍ଡ ନୃତ୍ୟ ପରିବେଶିତ ହୋଇଥିଲା । ସେହିପରି ଷ୍ଟେଜ ୨ ଯାତ୍ରା ପଡିଆରେ ଆର.କେ. ରକଷ୍ଟାର ରୁକୁ ସୁନା ଏବଂ ସାଥୀଙ୍କ ଆରକିଷ୍ଟା ପରିବେଶିତ ହୋଇଥିଲା। ଶେଷରେ ମା' ଶକ୍ତିମୟୀ ଛେଲିଆପାଟ ମହିଳା ଦଣ୍ଡନୃତ୍ୟ ପରିବେଶିତ ହୋଇଥିଲା।


ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଦ୍ୱିତୀୟ ଦିବସରେ ଶ୍ରଦ୍ଧାଳୁଙ୍କ ଭିଡ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତ ଶରତ ଚନ୍ଦ୍ର ଜେନା**
ପ୍ଲଟ ନଂ. ଏନ୍ ୫/୨୨୫, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୪
ତିରୋଧାନ: ୩୦।୦୪।୨୦୧୮
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ସେପାରିକି ଚାଲିଗଲ। ବିଶ୍ୱାସ ହେଉନି ତୁମେ ଆମ ଗହଣରେ ନାହଁ ବୋଲି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ (ରେଖା), ପୁତ୍ର- ଜିନୁ, ବୁନା, ପୁତ୍ରବଧୂ- ଲିଲି, ମାମା, ନାତୁଣୀ- ସୋନୁ, ଖୁସି ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୦୫୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ରମାରାଣୀ ସାହୁ**
ଆବିର୍ଭାବ: ୧୯୬୧
ତିରୋଧାନ: ୦୮।୦୫।୨୦୧୯
(ବୈଶାଖ ଶୁକ୍ଳପକ୍ଷ ଚତୁର୍ଥୀ)
ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱାସ କରିହେଉ ନାହିଁ, ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ବୁଡ଼ାଇ ଇହଲୀଳା ସମ୍ବରଣ କଲେ। ଆପଣ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ସମସ୍ତଙ୍କ ସୁଖ ଦୁଃଖରେ ଭାଗୀ ହେବା ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ। ଆପଣଙ୍କ ଚଞ୍ଚଳ କଥାବାର୍ତ୍ତା, ଅନ୍ୟଙ୍କ ଦୁଃଖରେ ନିଜେ କାନ୍ଦି ପକାଇବା ଆପଣଙ୍କ ଅନନ୍ୟ ଗୁଣ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ନିଜ ପଦାରବିନ୍ଦରେ ସ୍ଥାନ ଦିଅନ୍ତୁ ଏତିକି କାମନା। ଆପଣଙ୍କ ଗୁଣମୁଗ୍ଧ ଏବଂ ଶୋକାକୁଳ ରାଧାରମଣପଡ଼ା ବାସୀ।
ଧ-୧୨୫୪୫

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ. ରଜନୀକାନ୍ତ ମହାପାତ୍ର**
ପ୍ଲଟ ନଂ.୫, ଶକ୍ତିନଗର, କଟକ
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣିମୀ)
ଦୀର୍ଘ ୧୦ବର୍ଷ ବିତିଗଲାଣି ତଥାପି ଆମମାନଙ୍କର ଆଖିର ଲୁହ ଓ ହୃଦୟର କୋହ ସରିନାହିଁ କି ସରିବ ନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ ପାଇଁ ଚିରସ୍ମରଣୀୟ ହେଉ ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ ପାଖରେ। ତୁମର ଅମର ଆତ୍ମା ଶାନ୍ତିପାଉ।
ଶୋକସନ୍ତପ୍ତ
ପତ୍ନୀ, କନ୍ୟା, ଜାମାତା, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୨୫୪୭

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କମ୍ପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କମ୍ପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

DHARITRI Career appointment Every Wednesday and

EDUCATION

ADMISSION GUIDANCE
Last Chance for **MD, MS & MDS** aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are **MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB** etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ

## ସଂକ୍ଷେପରେ

### ନୃସିଂହ ଜନ୍ମୋତ୍ସବ ପାଳିତ

**ଟିକ୍ରାପଡା, ୧୭।୫(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲାସ୍ଥିତ ଗିରି ଗୋବର୍ଦ୍ଧନ ମନ୍ଦିରରେ ଚାରିଦିନ ଧରି ଚାଲିଥିବା ନୃସିଂହ ଜନ୍ମୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମଠାଧୀଶ ବାବା ସଦାନନ୍ଦ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଲିମପଡା ଗ୍ରାମର ସରସ୍ୱତୀ ମହାକୁର, ବୁଦ୍ଧଦେବ ମହାକୁର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଗ୍ରନ୍ଥ ପାଠ, ସତ୍‌ସଙ୍ଗ, ନାମ ସଂକୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଶ୍ମିରଞ୍ଜନ ବାଗ ଗ୍ରନ୍ଥ ପାଠ କରିଥିଲେ। ପଦ୍ମନ ବାଗ, ଦିଗାମ୍ବର ମହାକୁର, ତୀର୍ଥବାସୀ ପୁଟେଲ, ଯୋଗେନ୍ଦ୍ର ମହାକୁର ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଘର କବାଟ ଭାଙ୍ଗି ଲୁଟିନେଲେ ୨୦ଭରି ସୁନା, ୨ ଲକ୍ଷ ଟଙ୍କା

**ବଲାଙ୍ଗୀର ଅଫିସ, ୧୭।୫:** ଘରେ ତାଲା ମାରି ଦୁଇଦିନ ଅନ୍ୟତ୍ର ଯିବା ବଲାଙ୍ଗୀର ସହରର ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ତାଙ୍କ ଘରେ ଚୋରମାନେ କଳାକନା ବୁଲାଇ ୨୦ଭରି ସୁନା ଅଳଙ୍କାର, ୨ଲକ୍ଷ ଟଙ୍କା ଓ ବିଭିନ୍ନ ସୌଖୀନ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପ୍ୟାଲେସ ଲାଇନ୍‌ଠାରେ ରହୁଥିବା ସୁଧାଂଶୁ ବାବୁ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଗତ ୧୫ ତାରିଖ ଦିନ ଏକ ବ୍ରତଘରକୁ ଯିବା ପାଇଁ ଘରୁ ବାହାରିଥିଲେ। ଶୁକ୍ରବାର ସକାଳେ ଆସି ଦେଖିଲାବେଳକୁ ତାଙ୍କ ଘରର ବାହାରପଟ କବାଟ ଭାଙ୍ଗି ଖୋଲାଯାଇଥିଲା। ଭିତରକୁ ପଶିବା ପରେ ଭିତର ଆଲମିରା ଭାଙ୍ଗି ପ୍ରାୟ ୨ଭରି ଓଜନର ସୁନାଗହଣା, ୨ ଲକ୍ଷ ନଗଦ ଟଙ୍କା ଓ ବହୁମୂଲ୍ୟ ସାମଗ୍ରୀ ଚୋରି କରିନେଇଥିବା ଟାଉନ୍ ଥାନାରେ ବାବୁ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୪୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଆଇଆଇସି ତୋଫାନ ବାଗ ସୂଚନା ଦେଇଛନ୍ତି।

### ବ୍ୟବସାୟୀଙ୍କ ପରଲୋକ



**ବଲାଙ୍ଗୀର ଅଫିସ, ୧୭।୫:** ବଲାଙ୍ଗୀର ସହରର ବ୍ୟବସାୟୀ ବୀରବଲ ପ୍ରସାଦ ଅଗ୍ରୱାଲ (୭୩)ଙ୍କ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେଲା ସେ ମଧୁମେହ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ଶୁଭେଚ୍ଛୁ ତାଙ୍କ ରାଧାରାଣୀପଡାସ୍ଥିତ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୁକ୍ରବାର ସକାଳେ ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପୁତ୍ର ପ୍ରଦୀପ, ବାବୁଲାଲ, ଗଣେଶରାମ, ରମେଶ ଓ ନାତି ଅମିତ୍, ରାହୁଲ, ରୋହନ୍ ଓ ରାଜଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜ୍ୟେଷ୍ଠପୁତ୍ର ପ୍ରଦୀପ ମୁଖାଗ୍ନି ଦେଇଥିଲେ।

■ ଅଚଳ ହୋଇ ପଡ଼ିଛି ଜଳଯୋଗାଣ ପ୍ରକଳ୍ପ

# ନଳକୂପର ଫ୍ଲୋରାଇଡ୍ ପାଣି ଭରସା

■ ରତନପୁରରେ ପାନୀୟ ଜଳ ସଂକଟ
■ ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ
■ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**ଦେଓଗାଁ, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରତନପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ ସଙ୍କଟ ମୁଖ୍ୟ ସମସ୍ୟା ପାଲଟିଛି। ଏ ସଂକ୍ରାନ୍ତରେ ଶୁକ୍ରବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟରେ ବିଡିଓ ବେର୍ଣ୍ଣାଦେତ୍ ଲାକ୍ରାଙ୍କୁ ସାକ୍ଷାତ କରି ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ନିବେଦନ କରିଛନ୍ତି। ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବୁ ବୋଲି କଡା ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ଏହି ଗ୍ରାମରେ ୧୨୯ ପରିବାର ବାସ କରନ୍ତି। ଗାଁରେ ଥିବା ୪ଟି ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବା ନେଇ ୧୦ ବର୍ଷତଳେ ଅଭିଯୋଗ ହୋଇଥିଲା। ବିଭାଗ ତରଫରୁ ସମସ୍ତ ନଳକୂପର ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନଳକୂପରୁ ୨.୨, ତଳିପଡା ନଳକୂପରୁ ୧.୯ ଓ ଗାଁ ମଧ୍ୟଭାଗରେ ଥିବା ନଳକୂପରୁ ୨.୯ ମାତ୍ରାର ଫ୍ଲୋରାଇଡ ଅଂଶ ଥିବା ଜଣାପଡିଥିଲା। ସେଦିନଠାରୁ ଏହି ଫ୍ଲୋରାଇଡ ପାଣିକୁ ପାନୀୟ ଭାବେ ଗ୍ରହଣ କରିବା ପାଇଁ ମନା ବାରଣ କରାଯାଇଛି। ଅପରପକ୍ଷରେ ବିଶୁଦ୍ଧ ଜଳଯୋଗାଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସୋପଟ୍ୟାଙ୍କ ଓ ଗାଇବାହାଲ ନଦୀଖଣ୍ଡିରେ ଗଭୀର କୂପ ଖନନ କରାଯାଇଥିଲା। ହେଲେ ବିଭାଗୀୟ ତ୍ରୁଟି ଯୋଗୁଁ ଜଳଯୋଗାଣ ଫେଲ ମାରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨ ମାସହେଲା ଗାଁରେ ଜଳଯୋଗାଣ ବନ୍ଦ ରହିଛି। ସେଦିନଠାରୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ପାରିବାରୁ ଗ୍ରାମବାସୀ ବାଧ୍ୟ ହୋଇ ନେଳକୂପର ଫ୍ଲୋରାଇଡ ଯୁକ୍ତ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ସମସ୍ୟା ବିଷୟରେ ବିଡିଓ ଲାକ୍ରାଙ୍କୁ ପଚାରିବାରୁ, ଅଭିଯୋଗ ପାଇଛି। ଟ୍ୟାଙ୍କର ବ୍ୟବସ୍ଥା କରାଯାଉଛି। ଯୋଗାଣ ବିଭାଗ ଯନ୍ତ୍ରୀ(କ) ମୃତ୍ୟୁଞ୍ଜୟ ରାଉତଙ୍କ ସହ କଥାହେଲା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ଦିଗରେ ବିଭାଗ ତଥା ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଗ୍ରାମବାସୀ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଗାଁର ଅଶୋକ କୁମାର ଭଣ୍ଡା, ଅକ୍ଷୟ କୁମାର ରାଉତ, ଶିବ ଭୋଇ, ଗୋପାଳ ସାହୁ, ପପୁ ପାତ୍ର, ବ୍ଲକ କଂଗ୍ରେସ ଯୁବସଭାପତି ସମୀର ସାହୁ, କୁନା ସାହୁ, ପିଣ୍ଟୁ ପୋଢ, ଆହ୍ଲାଦିନୀ ଭଣ୍ଡା, ରେବତୀ ଭଣ୍ଡା ପ୍ରମୁକ ଚେତାବନୀ ଦେଇଛନ୍ତି।



ରତନପୁର ଗ୍ରାମବାସୀ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଡିଓଙ୍କଠାରେ ଅଭିଯୋଗ କରୁଛନ୍ତି।

### ଲାଲ୍ଟେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ: ଟିକ୍ରାପଡା ସେମିରେ

**ଟିକ୍ରାପଡା, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୫ମ ଲାଲ୍ଟେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଷଷ୍ଠ ଦିବସ। ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଟିକ୍ରାପଡା ଦଳ ପ୍ରଥମେ ବ୍ୟାଟିଂ କରି ସୁରଜ କାଲସାଏଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୧୦ଓଭରରେ ୪ ଉଇକେଟ ହରାଇ ୧୧୭ରନ କରିଥିଲେ। ଜବାବରେ ମାଟୁପାଲି ଦଳ ୧୦ଓଭରରେ ୭ଉଇକେଟ ହରାଇ ୧୦୭ ରନ କରିଥିଲେ। ରାମଗୋପାଳ ଚନ୍ଦନ, ବ୍ରହ୍ମାନନ୍ଦ ମହାକୁର, ଆକଶ ବଚ୍ଛା ଖେଳ ପରିଚାଳନା କରିଥିଲେ। ବିକାଶ ବାଗ, ନବିନ ବୁଡେକ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପ୍ରଥମ ସେମିଫାଇନାଲ ଖେଳ ଡୁକେରଚଚରା ବନାମ କୁଡାସିଂହା ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଟିକ୍ରାପଡା ବନାମ ଝିଙ୍କିଡୁଙ୍ଗୁରି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

# ମହୁଲଫୁଲ ସଂଗ୍ରହକାରୀ ଶୋଷଣର ଶିକାର

**ଲାଠୋର, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଜଙ୍ଗଲ ଏବଂ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମହୁଲ ଫୁଲ, ଫଳ ଏବଂ ମଞ୍ଜି ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ପ୍ରତିବର୍ଷ ସେମାନଙ୍କର ସେହି ଆଶା ନିରାଶରେ ପରିଣତ ହୋଇଥାଏ। ସରକାର ମହୁଲ ଫୁଲ ସହ ସମୁଦାୟ ୧୬୯ ପ୍ରକାର ବନଜାତ ଦ୍ରବ୍ୟକୁ ପଞ୍ଚାୟତ ହାତରେ ନ୍ୟସ୍ତ କରି ତାର ଦର ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପଞ୍ଚାୟତମାନଙ୍କ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଗ୍ରହକାରୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ସରକାରୀ ନିୟମ ହିସାବରେ ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହେଲାପରେ ପ୍ରତି ପଞ୍ଚାୟତରେ ବୈଠକ ମାଧ୍ୟମରେ ମହୁଲ ଫୁଲର ଦର ନିର୍ଦ୍ଧାରଣ କରି ଉପଜିଲାପାଳଙ୍କୁ ଦେବା କଥା। ଆଉ ସେହି ଦର ହିସାବରେ ବ୍ୟବସାୟୀମାନେ ସଂଗ୍ରହକାରୀଙ୍କଠାରୁ ଉଚିତ ମୂଲ୍ୟ ଦେଇ ଫୁଲ କିଣିବା କଥା। ହେଲେ ଏଠାରେ ତାର ଓଲଟା ନୀତି ଯୋଗୁଁ ବ୍ୟବସାୟୀମାନେ ଗାଁଗାଁରେ ପହଞ୍ଚି ସଂଗ୍ରହକାରୀଙ୍କଠାରୁ ୨୦ରୁ ୨୫ ଟଙ୍କା ଦରରେ ମହୁଲ ଫୁଲ କିଣୁଛନ୍ତି। ହେଲେ ସରପଞ୍ଚମାନଙ୍କୁ ପଚାରିଲେ ଆମ ପାଖରେ ଖବର ନାହିଁ ବୋଲି କହୁଛନ୍ତି। ପୁନଶ୍ଚ ମାପରେ ମଧ୍ୟ ଗଡବଡ କରି ସଂଗ୍ରହକାରୀଙ୍କଠାରୁ ଏକ ପ୍ରକାର ବ୍ୟବସାୟୀମାନେ କୋଟିକୋଟି ଟଙ୍କା ରୋଜଗାର କରଥିବା ବେଳେ ସଂଗ୍ରହକାରୀ ହତାଶ ହେଉଛନ୍ତି। ସଂଗ୍ରହକାରୀମ ଦୀର୍ଘ ୩ରୁ ୪ ମାସ ମଧ୍ୟରେ ହାଡଭଙ୍ଗା ପରିଶ୍ରମ କରି ସପରିବାର ଫୁଲ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ରହିଥିଲେ ସବୁ ପରିଶ୍ରମର ଫଳ ବେପାରି ମାଡକରି ଲାଭବାନ ହେଉଛନ୍ତି। ଅପରପକ୍ଷରେ ଅବକାରୀ ବିଭାଗ ଜରିଆରେ ଲାଇସେନ୍ସ ପାଇଥିବା ବ୍ୟବସାୟୀ ହିଁ ମହୁଲ ଫୁଲ କିଣି ପାରିବେ। ହେଲେ ଅଞ୍ଚଳରେ ମାଳମାଳ ବ୍ୟବସାୟୀ ଗାଁଗାଁରେ ପହଞ୍ଚି ଫୁଲ କିଣୁଥିଲେ ମଧ୍ୟ ସେ ଦିଗରେ ପ୍ରଶାସନ ଅଙ୍କୁଶ ଲଗାଇବାରେ ବିଫଳ ହେଉଥିବା ଦେଖାଯାଉଛି। ପ୍ରତିବର୍ଷ ଫୁଲ କାରବାର ବଢ଼ି ଚାଲିଥିବା ବେଳେ ତା ପ୍ରତି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବଡ ବ୍ୟବସାୟୀମାନେ ମାଲେ ମାଲ ହେଉଥିବା ବେଳେ ସଂଗ୍ରହକାରୀମାନେ ଶୋଷଣର ଶିକାର ହେଉଛନ୍ତି। ଏଥିରେ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଫୁଲ ସଂଗ୍ରହର ପ୍ରଥମ ମାସରୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କଲେ ସଂଗ୍ରହକାରୀ ଶୋଷଣରୁ ମୁକ୍ତି ପାଇ ପାରିବେ ବୋଲି ମତ ପ୍ରକାଶ ପାଉଛି।



# ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଗଞ୍ଜେଇ ଜବତ

**ଡ୍ରାଇଭର ଫେରାର, ପୋଲିସ ତଦନ୍ତ ଆରମ୍ଭ**

**ଦେଓଗାଁ, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଙ୍ଗଳା ଛକ ଓ ସୋନଗଡ ବ୍ରିଜ ମଧ୍ୟଭାଗ ଜାତୀୟ ରାଜପଥ ପାର୍ଶ୍ୱଜମିକୁ ଶୁକ୍ରବାର ସକାଳେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଗାଡି ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସମୟରେ ଗାଡି ନଂଓଡି ୧୭ କେ ୪୪୭୮ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଏଥିରୁ ୩ଟି ବସ୍ତାରେ ୭୮.୭୧ କେଜି ଓଜନର ଗଞ୍ଜେଇ ଜବତ ହୋଇଛି। ଯାହାର ବଜାରରେ ଆନୁମାନିକ ମୂଲ୍ୟ ୭ରୁ ୮ଲକ୍ଷ ବୋଲି ଜଣାପଡିଛି। ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ, ଗୋପିନାଥ ମାହାକୁଡ ଓ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତରେ ଗାଡିରୁ ଗଞ୍ଜେଇକୁ ଜବତ କରାଯାଇଥିଲା। ଗାଡିରୁ ମିଳିଥିବା କିଛି କାଗଜପତ୍ର ଅନୁସାରେ ଏହାର ମାଲିକ ଭଟଲି ଥାନା ଅନ୍ତର୍ଗତ ରାଏସୁଙ୍ଗାର ପ୍ରସାଦ ସାହୁ ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ନାରାୟଣ ପ୍ରଧାନୀ କହିଛନ୍ତି। ସୂଚନା ଅନୁସାରେ ତୁଷୁରା ରାସ୍ତା ଦେଇ ଅନେକ ସମୟରେ ଶହଶହ କୁଇଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ ହେଉଛି। ତୁଷୁରା ପୋଲିସ ଏ ନେଇ ସୁରାଗ ପାଇ କିଛିଦିନ ହେଲା ଏକ ଟିମ୍ ବିଭିନ୍ନ ଛକରେ ଛପି ରହୁଥିଲା। ଏହିଦିନ ପାହାନ୍ତରେ ଉକ୍ତ ବୋଲେରୋ ଦ୍ରୁତ ଗତିରେ ଆସୁଥିବା ବେଳେ ତୁଷୁରା ପୋଲିସ ଅଟକାଇ ନ ପାରି ଦେଓଗାଁ ଫାଣ୍ଡିକୁ ରାସ୍ତା ସିଲ କରିବା ପାଇଁ ତୁରନ୍ତ ସୂଚନା ଦେଇଥିଲେ। ପରେ ବଙ୍ଗଳା ଛକ ନିକଟରେ ଅଭିଯୁକ୍ତମାନେ ଗାଡିକୁ ଦୁର୍ଘଟଣା କରିଦେଇ ଫେରାର ହୋଇଯାଇଥିବା ନଜରକୁ ଆସିଥିଲା। ଗାଡିରୁ କେବଳ ୩ ଟି ଜରି ପ୍ୟାକେଟରେ ଗଞ୍ଜେଇ ଥିବା ନଜରକୁ ଆସିଥିଲା। ଆହୁରି ୫ରୁ ୭ ପ୍ୟାକେଟ ଗଞ୍ଜେଇ ଅଭିଯୁକ୍ତମାନେ କେଉଁଠି ଲୁଚାଇ ଦେବାରେ ସକ୍ଷମ ହୋଇଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏହାର ତଦନ୍ତ କରିବା ସହ ଅଞ୍ଚଳରେ କାମ କରୁଥିବା ଏହି ର୍‍ୟାକେଟକୁ ପର୍ଦ୍ଦାଫାଶ କରିବାକୁ ସାଧାରଣରେ ଦାବି ହେଉଛି।



ଦେଓଗାଁ ସୋନଗଡନଦୀ ବ୍ରିଜ ନିକଟସ୍ଥ ରାଜପଥରେ ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଚୋରାଚାଲାଣ ହେଉଥିବା ଗଞ୍ଜେଇକୁ ପୋଲିସ ଜବତ କରୁଛି।

### ବରିଷ୍ଠ ନାଗରିକ ମଞ୍ଚ ଗଠିତ

**ସୋନପୁର, ୧୭।୫(ନି.ପ୍ର.)**

ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ମଞ୍ଚ ଗଠିତ ହୋଇଯଛି। ଶୁକ୍ରବାର ସନ୍ଧ୍ୟାରେ ଅବସରପ୍ରାପ୍ତ ଅଧକ୍ଷ ନାରାୟଣ ପ୍ରସାଦ ରାୟଗୁରୁଙ୍କ ଆବାହକତ୍ୱରେ ସ୍ଥାନୀୟ ମହାରାଜା ହାଇସ୍କୁଲ ଶତବାର୍ଷିକ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଫେସର ରାୟଗୁରୁ ସୂଚନା ପ୍ରଦାନ କରିଥିଲେ।

ବୀରମହାରାଜପୁର ବିଧାନସଭା କ୍ଷେତ୍ର

# ଭୋଟଗଣତି ପାଇଁ ୯୦ ଅଧିକାରୀଙ୍କୁ ତାଲିମ

**ବୀରମହାରାଜପୁର, ୧୭।୫ (ଡି.ଏନ୍.ଏ.)**

ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇଁ ଆସନ୍ତା ୨୩ ତାରିଖରେ ଭୋଟଗଣତି ହେବ। ଏଥିପାଇଁ ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସକାଶେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଭା କକ୍ଷଠାରେ ଭୋଟଗଣତି କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ଗଣତିକୁ ସୁଚାରୁରୂପେ ସମାପନ କରିବା ପାଇଁ ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶୀ ଆଧାରରେ ପ୍ରସ୍ତୁତି ଚାଲିଛି। ଭୋଟଗଣତି କାର୍ଯ୍ୟକ୍ରମରେ ନିୟୋଜିତ ହେବାକୁ ଥିବା କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଡ ଓ ମାଇକ୍ରୋ ଅବ୍‌ଜର୍‌ଭରମାନଙ୍କୁ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଭୋଟଗଣତିର ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ସୂଚନାମତେ, ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଶୁକ୍ରବାର ୪୫ଜଣ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ଶନିବାର ମଧ୍ୟ ସମାନ ସଂଖ୍ୟକ ଅଧିକାରୀ ତାଲିମ ନେବେ ବୋଲି ଜଣାଯାଇଛି। ଏଥର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଲୋକ ସଭା ଓ ବିଧାନସଭା ପାଇଁ ୭ଟି ଲେଖାଁଏ ଗଣତି ଟେବୁଲର ବ୍ୟବସ୍ଥା ଥିବା ବେଳେ ୫ଟି କରି ଭିଭିପିଏଟି ଗଣତି ହେବ। ତେଣୁ ଗଣତି ପ୍ରକ୍ରିୟାକୁ ଠିକ୍ ଭାବେ ପରିଚାଳନା କରି ନିର୍ଦ୍ଧାରିତ ସମୟ ସୁଦ୍ଧା ସାରିବାକୁ ତାଲିମ ସମୟରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ୨୩ ତାରିଖ ସକାଳ ୮ ଟାଠାରୁ ଗଣତି ପ୍ରକ୍ରିୟା ଶେଷହେବା ପର୍ଯ୍ୟନ୍ତ ନିରବଛିନ୍ନ ଭାବେ ଚାଲିବାକୁ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଜଣା ପଡିଛି।

## ଫନୀ ପୀଡ଼ିତଙ୍କୁ ସହାୟତା ପାଇଁ ଆମ୍ବ ନିଲାମ କରିବେ ଚାଷୀ

**ବଲାଙ୍ଗୀର ଅଫିସ, ୧୭।୫**


ଉପକୂଳ ଓଡିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ସାମୁଦ୍ରିକ ଝଡ ଫନୀ ପ୍ରାଦୁର୍ଭାବର ପୀଡିତଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ବଲାଙ୍ଗୀରର ଜଣେ ଚାଷୀ ତାଙ୍କ ବଗିଚାର ଆମ୍ବକୁ ନିଲାମ କରି ସେହି ଅର୍ଥକୁ ଫନୀ ପୀଡିତଙ୍କ ପାଖକୁ ପଠାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବଲାଙ୍ଗୀର ସହର ପଥରଚେପାଠାରେ ଆମ୍ବ ବଗିଚା କରିଥିବା ଚାଷୀ ଅରୁଣ ମିଶ୍ର ତାଙ୍କ ଉପାର୍ଜିତ ଆମ୍ବକୁ ଶନିବାର ନିଲାମ କରି ସେଥିରୁ ଯେଉଁ ଅର୍ଥ ମିଳିବ ତାକୁ ଫନୀ ପୀଡିତଙ୍କ ପାଖକୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ବଲାଙ୍ଗୀର ସାମ୍ବାଦିକ ଭବନଠାରେ ସନ୍ଧ୍ୟା ୭ଟାରେ ଏହି ଆମ୍ବ ନିଲାମ କାର୍ଯ୍ୟକ୍ରମ କରାଯିବ ବୋଲି ଚାଷୀ ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ଆମ୍ବ ବଗିଚାରେ ଉନ୍ନତ କିସମର ଆମ୍ବ ଚାଷ ହୋଇଥାଏ। ନିଲାମ ପ୍ରକ୍ରିୟାରେ ବହୁ ଲୋକଙ୍କୁ ସାମିଲ କରି ଫନୀ ପୀଡିତଙ୍କୁ ସହାୟତା ଯୋଗାଇବା ପାଇଁ ଚାଷୀ ମିଶ୍ର ଏଭଳି ଏକ ଅଭିନବ ପନ୍ଥା ବାଛିଛନ୍ତି। ସହରର ବୁଦ୍ଧିଜୀବୀ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକଙ୍କୁ ସେ ଆମ୍ବ ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ଫନୀ ପୀଡିତଙ୍କୁ ସହାୟତା ଯୋଗାଇବା ପାଇଁ ମିଶ୍ରଙ୍କ ଏଭଳି ଅଭିନବ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

■ ଗନ୍ଧମାର୍ଦ୍ଦନ ପାହାଡ଼ ଲୋକାରଣ୍ୟ

# ହରିଶଙ୍କରରୁ ନୃସିଂହନାଥକୁ ପାହାଡ଼ ଚଢ଼ି ଯିବା ମଜା ନିଆରା

**ଖପ୍ରାଖୋଲ, ୧୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଓ ବରଗଡ ଜିଲା ସୀମାନ୍ତରେ ରହିଛି ଗନ୍ଧମାର୍ଦ୍ଦନ ପାହାଡ। ପାହାଡର ଦୁଇପାର୍ଶ୍ୱରେ ହରିଶଙ୍କର ଏବଂ ନୃସିଂହନାଥ ପୀଠ। ବର୍ଷ ସାରା ଦୁଇ ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ଧାର୍ମିକ, ଆଧ୍ୟାତ୍ମିକ, ପୌରାଣିକ, କିମ୍ବଦନ୍ତୀକୁ ନେଇ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥାଏ। ଦୁଇ ପୀଠକୁ ଲାଗି ଉଭୟ ପାର୍ଶ୍ୱରେ ବହିଯାଇଛି ଚିରସ୍ରୋତା ଝରଣା। ଦୁଇପୀଠକୁ ଭଲ ସଡକ ପଥ ଦେଇ ଗଲେ ୮୦ କିମିରୁ ଅଧିକ ଦୂର ପଡୁଥିବାବେଳେ ଲୋକେ ଗାଡି ମୋଟରରେ ଯାଆସ କରିଥାନ୍ତି। ହେଲେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉଭୟ ପୁଣ୍ୟକ୍ଷେତ୍ରରେ ହେଉଥିବାରୁ ତିନିଦିନ ଧରି ଗନ୍ଧମାର୍ଦ୍ଦନ ପାହାଡ ପାଲଟେ ଲୋକାରଣ୍ୟ। ହଜାର ହଜାର ଶ୍ରଦ୍ଧାଳୁ ଆଶା ବିଶ୍ୱାସ ଓ ମାନସିକ ରଖି ଉଠାଣି ଗଡାଣି ପାହାଡ ରାସ୍ତାରେ ଦୀର୍ଘ ୧୫ କିମିରୁ ଊର୍ଦ୍ଧ୍ୱ ପଥକୁ ଦିନ ରାତି ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଗନ୍ଧମାର୍ଦ୍ଦନ ପାହାଡ ଜଙ୍ଗଲରେ ଭରା ଥିବାବେଳେ ବନ୍ୟଜନ୍ତୁ ରହିଛନ୍ତି। ହେଲେ ବିଶ୍ୱାସ ପାଖରେ ସବୁ ହାର ମାନିଥାଏ। ପିଲା ଠୁଁ ବୁଢା ଯାଏଁ ସବୁ ବୟସର ଶ୍ରଦ୍ଧାଳୁ ପାହାଡ ଚଢି କିଏ ନୃସିଂହନାଥ ଯାଉଛି ତ କିଏ ହରିଶଙ୍କର ଆସୁଛି ଏହି ନିର୍ଘତ ଖରାରେ। ସତେ ଯେମିତି ବୈଶାଖ ଚତୁର୍ଦ୍ଦଶୀ ମେଳାବେଳେ ଏହି ତିନି ଦିନ ପାଲଟିଛି ପାହାଡ ଚଢାର ମାହାକୁମ୍ଭ। ସମସ୍ତଙ୍କ ଅପେକ୍ଷା ଏହି ଦିନକୁ। ଚଳିତ ବର୍ଷ ହଜାର ହଜାର ଶ୍ରଦ୍ଧାଳୁ ପାହାଡ ଚଢୁଥିବା ଓ ଓହ୍ଲାଉ ଥିବା ଦେଖିବାକୁ ମିଳିଥିଲା। ଅଧିକ ସଂଖ୍ୟାରେ ଛତିଶଗଡ ଅଞ୍ଚଳର ଶ୍ରଦ୍ଧାଳୁ ଥିବା ଅନ୍ୟ ବର୍ଷ ଭଳି ଦେଖିବାକୁ ମିଳିଛି। ପାହାଡ ଚଢା ସମୟରେ କୌଣସି ଅଘଟଣ ଆଜି ଯାଏଁ ଘଟି ନ ଥିବା ହରିଶଙ୍କର ମନ୍ଦିର ପରିଚାଳନା ସବ କମିଟି ସଭାପତି ବିପ୍ର ବିଶି ପ୍ରକାଶ କରିଛନ୍ତି। ପାହାଡ ଚଢା କଷ୍ଟକର ହୋଇଥିଲେ ବି ଗନ୍ଧମାର୍ଦ୍ଦନ ମାତା, ହରିଶଙ୍କର ବାବା, ନୃସିଂହନାଥ ବାବାଙ୍କ କରୁଣାରୁ ଶ୍ରଦ୍ଧାଳୁମାନେ ସହଜରେ ଯାଆସ କରିଥାନ୍ତି। ମନ୍ଦିର ତରଫରୁ ଗନ୍ଧମାର୍ଦ୍ଦନ ପାହାଡର ୫ କିମି ଉପରେ ଭୀମ ମୋଡ ନିକଟରେ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ହରିଶଙ୍କର ମନ୍ଦିର ପରିଚାଳକ ବେଣୁଧର ସାହୁ କହିଛନ୍ତି। ପାହାଡ ପଥ ୧୫କିମିରୁ ଊର୍ଦ୍ଧ୍ୱ ହେଉଥିବାରୁ ଶ୍ରଦ୍ଧାଳୁଙ୍କୁ ସ୍ୱାସ୍ଥ୍ୟସେବା ପାହାଡ ଉପରେ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।



ଶ୍ରଦ୍ଧାଳୁ ପାହାଡ ଚଢି ନୃସିଂହନାଥ ପୀଠ ଅଭିମୁଖେ ଯାଉଛନ୍ତି।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

**ଧର୍ମଗଡ଼,୧୭।୫ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବଗାଡ ଗ୍ରାମଠାରେ ଶୁକ୍ରବାର କୁଲରରେ ପାଣି ଭର୍ତ୍ତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥବା ଜଣାଯାଇଛି। ମୃତ ମହିଳାଙ୍କ ନାମ ଲବଣି ଦଲାଇ । ଲବଣି ସକାଳେ ନିଜର ନିତ୍ୟ କର୍ମ ସାରି କୁଲରେ ପାଣି ଭରିବା ପାଇଁ ଏକ ପାତ୍ରରେ ପାଣି ଆଣି ଚାଲୁଥିବା ଅବସ୍ଥାରେ ପକାଇ ଦେଇଥିଲେ। ସେହି ସମୟରେ ସେଠାରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ପରେ ତାଙ୍କୁ ତୁରନ୍ତ ଧର୍ମଗଡ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଗାଡ଼ି ଧକ୍କାରେ ଯୁବକ ମୃତ

**ଭବାନୀପାଟଣା,୧୭।୫ (ଡି.ଏନ.ଏ.)-** ଭବାନୀପାଟଣା ସଦର ଥାନାରୁ ମାତ୍ର ୬ କି.ମି. ଦୂରରେ କାମଠଣା ବାଲିଜୋର ଛକରେ ଗୁରୁବାର ରାତି ପ୍ରାୟ ୧୧ଟାରେ ଅଜଣା ଗାଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଛତିଶଗଡର ଲାବନ ଗ୍ରାମର ଅଶୋକ କୁମାର ଘ୍ରିତଲହେରୀ (୩୪)। ସୂଚନାମତେ, ରାତିରେ ଏକ ଗାଡି ଅଶୋକଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଖବର ପାଇ ସଦର ଥାନା ପୋଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି । ଅଶୋକଙ୍କ ପରିବାର ଲୋକେ ଭବାନୀପାଟଣା ପହଞ୍ଚି ଶବ ଚିହ୍ନଟି କରିଥିଲେ। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ ସୂଚନା ଦେଇଛନ୍ତି ।

### ଟ୍ରେଲର ଧକ୍କାରେ ହୋମଗାର୍ଡ଼ ଗୁରୁତର

**କୋକସରା,୧୭।୫(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମୋଟେର ଛକ ଜୟପାଟଣା ରାସ୍ତା ନିକଟରେ ଟ୍ରେଲର ଧକ୍କାରେ ଜଣେ ହୋମଗାର୍ଡ଼ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଆହତ ହୋମଗାର୍ଡ଼ ହେଲେ ବାସୁଦେବ ଦୁଣ୍ଡକିଆ (୪୫) । ଖବର ପାଇ ମୋଟେର ଫାଣ୍ଡି କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଏକ ଅଟୋରେ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଜୟପାଟଣା ଥାନାରେ ହୋମଗାର୍ଡ଼ ଥିବା ବାସୁଦେବ ପୁରିରୁ ଫନୀ ବାତ୍ୟା ଉଦ୍ଧାର କାର୍ଯ୍ୟ ସାରି ପୁଣି ଥରେ ଜୟପାଟଣା ଫେରୁଥିବା ବେଳେ ଜୟପାଟଣା ପଟୁ ଆସୁଥିବା ଏକ ଟ୍ରେଲର (ନଂ. ଓଆର୨୯ଏ-୦୭୯୨) ସହ ତାଙ୍କ ବାଇକ୍ (ନଂ. ଓଆର୦୮ -ସି ୬୩୫୨)କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିବା ବେଳେ କୋକସରା ଡ଼ାକ୍ତାଖାନାରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନାଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ।

# ଧାନମଣ୍ଡି ଖୋଲିବା ନେଇ ଅନିଶ୍ଚିତତା

**ଭବାନୀପାଟଣା,୧୭।୫ (ଡି.ଏନ.ଏ.)**

**କଳାହାଣ୍ଡି ଜିଲା: ଚଳିତ ରବିଋତୁ**
- ଅଡୁଆ ବଢ଼ାଇଲେ ମିଲର୍ସ, ଚାଷୀକୁଳ ଚିନ୍ତିତ
- ୨୦ ଲକ୍ଷ କ୍ୱଇଣ୍ଟାଲ ଧାନ କ୍ରୟ ପାଇଁ ଧାର୍ଯ୍ୟ

କଳାହାଣ୍ଡି ଜିଲାରେ ରବି ଚାଷ ପାଇଁ ଧାନ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି । ଜିଲା ପ୍ରଶାସନ ପକ୍ଷରୁ ମେ ୧୫ ତାରିଖରୁ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇନାହିଁ । ମିଲର୍ସମାନେ ବିଭିନ୍ନ ଦାବି ନେଇ ଏଗ୍ରିମେଣ୍ଟ କରି ନ ଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ବିଭାଗୀୟ ପୋର୍ଟାଲ କାର୍ଯ୍ୟକ୍ଷମ ନ ହେବା ନେଇ ବିଳମ୍ବ ହେଉଥିବା କହିବା ଘଟଣା ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ଚଳିତ ରବିଋତୁରେ ୨୦ ଲକ୍ଷ କ୍ୱଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୭ ଲକ୍ଷ ୫୦ ହଜାର କ୍ୱଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ କରିଛି । ଜିଲାରେ ରବି ଋତୁରେ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ୱଇଣ୍ଟାଲ ଧାନ ଅମଳ ହେବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ମେ ପ୍ରଥମ ସପ୍ତାହରୁ ଧାନ ମଣ୍ଡି ଆରମ୍ଭ ହେବା ପାଇଁ ଥିବା ବେଳେ ଜିଲା ଧାନ କ୍ରୟ ପ୍ରସ୍ତୁତି ବୈଠକରେ ଏହା ମେ ୧୫ ତାରିଖରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ୧୫ ଠାରୁ ଧାନ କ୍ରୟ ଆରମ୍ଭ ହେବା ପାଇଁ ମଣ୍ଡି ଖୋଲିବା କଥା । କିନ୍ତୁ ଏହାକୁ ଜାଣିଶୁଣି ବିଳମ୍ବ ହେଉଥିବା ନେଇ ଚାଷୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବର୍ତ୍ତମାନ ଜିଲାରେ ୫୯ ଜଣ ମିଲର୍ସମାନେ ଏଗ୍ରିମେଣ୍ଟ କରି ନ ଥିବା ଯୋଗୁ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି ।

ଚଳିତବର୍ଷ ୧୭ ମହିଳା ଏସ୍‌ଏଚ୍‌ଜି ଧାନ କ୍ରୟ କିରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପଦକ୍ଷେପ ନେଇଛି । ଜିଲାର ୮୩ଟି ମଣ୍ଡିରେ ୫୧ଟି ପ୍ୟାକ୍ସ ଧାନ କ୍ରୟ କରିବା ପାଇଁ ପ୍ରସ୍ତୁତି ପାଇଁ ଚୂଡାନ୍ତ କରାଯାଇଛି । ଗତବର୍ଷ ରବି ଋତୁରେ ୧୨ ଲକ୍ଷ କ୍ୱଇଣ୍ଟାଲ ଧାନ ମଣ୍ଡି ମାଧ୍ୟମରେ କ୍ରୟ କରାଯାଇଥିଲା । ବର୍ତ୍ତମାନ ଫନୀ ଓ କାଳବୈଶାଖୀ ଯୋଗୁ ରବି ଧାନଚାଷ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଜୁନ ଦ୍ୱିତୀୟ ସପ୍ତାହରେ ମୌସୁମି ବର୍ଷା ଆସିବାର ସମ୍ଭାବନା ଥିବା ବେଳେ ଏ ପର୍ଯ୍ୟନ୍ତ ମଣ୍ଡି ନ ଖୋଲିବା ନେଇ ଜିଲା ପ୍ରଶାସନର ଭୂମିକା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଚଳିତ ନିର୍ବାଚନରେ ମିଲର୍ସମାନେ କିଛି ରାଜନେତାମାନଙ୍କୁ ହାତ କରିଥିବା ଯୋଗୁ ଏହାର ଫାଇଦା ଉଠାଇବା ପାଇଁ ଜାଣିଶୁଣି ବିଳମ୍ବ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯୋଗାଣ ବିଭାଗ ପକ୍ଷରୁ ବାତ୍ୟା ଫନୀ ଯୋଗୁ ବିଭାଗୀୟ ପୋର୍ଟାଲ ସ୍ୱାଭାବିକ ହୋଇ ନ ଥିବା ଯୋଗୁ ବିଳମ୍ବର ଅନ୍ୟ ଏକ କାରଣ ବୋଲି ସଫେଇ ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ମଣ୍ଡି ଆରମ୍ଭ ହେଉ ନ ଥିବା ବେଳେ ରେଜିଷ୍ଟ୍ରେଶନ କରିଥିବା ଚାଷୀମାନେ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଅମଳ ହୋଇଥିବା ଧାନରୁ କାଳବୈଶାଖୀ ଦାଉରୁ ରକ୍ଷା ପାଇବା ପାଇଁ ଚାଷୀମାନେ ଅଣ୍ଡର ରେଟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରାଙ୍କୁ ପଚାରିବାରୁ ମଣ୍ଡି ଖୋଲିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛୁ। ୬୦ ଜଣ ମିଲର୍ସଙ୍କ ମଧ୍ୟରୁ ପ୍ରାଡ ୩୧ ଜଣ ମିଲର୍ସ ସେମାନଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିଛନ୍ତି। ମିଲର୍ସମାନଙ୍କ କିଛି ଦାବି ରହିଥିବା ଯୋଗୁ ସେମାନଙ୍କୁ ବୁଝାଶୁଝା କରାଯାଇ ମଣ୍ଡି ଆରମ୍ଭ ପାଇଁ ଚେଷ୍ଟା ଚାଲିଛି ବୋଲି ଦୋରା କହିଥିଲେ।



ବିଧବା ଚାନ୍ଦିନୀ ଜାଲ ରହୁଥିବା ଘରକୁ ପାଲିଥିନ ଘୋଡାଇ ରଖିଛନ୍ତି ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା
## ସ୍ୱାମୀଙ୍କ ମୃତ୍ୟୁର ବର୍ଷେ ବିତିଲା, ସ୍ତ୍ରୀଙ୍କୁ ମିଳୁନି ବକେୟା ରାଶି

**କର୍ଲାମୁଣ୍ଡା,୧୭।୫ (ଡି.ଏନ.ଏ.)**

ବାସହୀନଙ୍କ ପାଇଁ ବାସଗୃହ ଯୋଗାଇବାକୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଭଳି ଯୋଜନା କରି ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଛି । ଏଥିପାଇଁ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଥିବା ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ମଧ୍ୟ ଦେବାକୁ ଘୋଷଣା କରିଛନ୍ତି। ସରକାରୀ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ସରକାରଙ୍କ ଯୋଜନାଗୁଡିକ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମରୁ ଆସିଛି। ସୂଚନା ଅଅନୁସାରେ ଏହି ଗାଁର ଗରିବ ବାସହୀନ ସ୍ୱର୍ଗତ ଚନ୍ଦିଆ ଜାଲଙ୍କୁ ଗତ ୨୫।୦୫।୨୦୧୮ରେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଉକ୍ତ ଯୋଜନାରେ ୨୦ ହଜାର ଟଙ୍କା ସହିତ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟାଦେଶ ମୁତାବକ ସ୍ୱର୍ଗତ ଚନ୍ଦିଆ ଜାଲ ପ୍ଲିନ୍ତ ଲେବେଲ ମଧ୍ୟ କାର୍ଯ୍ୟ ସାରିଥିଲେ । ତେବେ ଚନ୍ଦିଆ ଜାଲ ନଭେମ୍ବର ୭ ତାରିଖ ୨୦୧୮ରେ ମୃତ୍ୟୁ ଘଟିଥିଲା । ଚନ୍ଦିଆଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ସ୍ତ୍ରୀ ଚାନ୍ଦିନୀ ଜାଲ ଅନେକ ଥର ବ୍ଲକ ପ୍ରଶାସନଠାରେ ଗୁହାରୀ କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବକେୟା ଟଙ୍କା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଆବାସ ଯୋଜନା କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ବ୍ଲକ ସଂଯୋଜକ ରୁଦ୍ର ନାରାୟଣ ସାହୁଙ୍କୁ ପଚାରିବାରୁ ଗତ ୮ ତାରିଖରେ ଚାନ୍ଦିନୀ ଜାଲଙ୍କ ଜମାଖାତାରେ ବକେୟା ଟଙ୍କା ଜମା କରିବାକୁ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୧୧୧୩, ତା. ୦୮।୦୫।୨୦୧୯ରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଥିବା ପ୍ରକାଶ କରିଥିଲେ। ଅନ୍ୟପଟେ ଦୀର୍ଘ ୧ ବର୍ଷ ବିତିଥିଲେ ହେଁ ବ୍ଲକ ପ୍ରଶାସନ କାହିଁକି କୌଣସି ପଦକ୍ଷେପ ନେଇ ନ ଥିଲା, ସେ ବିଷୟ ଜାଣିବା ପାଇଁ କର୍ଲାମୁଣ୍ଡା ବିଡିଓଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ ହେଁ ବିଡିଓ ଫୋନ ଗ୍ରହଣ କରୁ ନ ଥିବାରୁ ଅଧିକ ତଥ୍ୟ ଜଣାପଡି ନାହିଁ। ତୁରନ୍ତ ବିଧବା ଚାନ୍ଦିନୀ ଜାଲଙ୍କୁ ଗୃହ ନିର୍ମାଣ ପାଇଁ ବକେୟା ଟଙ୍କା ପ୍ରଦାନ କରିବାକୁ ଗ୍ରମବାସୀ ଦାବି କରିଛନ୍ତି।

# ରାସ୍ତା ପାର୍ଶ୍ୱରୁ ହଟିନି ଭଙ୍ଗା ଇଟା

**କେସିଙ୍ଗା,୧୭।୫ (ଡି.ଏନ.ଏ.)**

**ଦୋକାନ ଉଚ୍ଛେଦକୁ ୩ ମାସ ବିତିଲା**



କେସିଙ୍ଗା ଷ୍ଟେଶନ ୧ ନଂ. ପ୍ଲାଟଫର୍ମ ପାର୍ଶ୍ୱରେ ଭଙ୍ଗା ଇଟା ଗୁଣ୍ଡ ପଡିରହିଛି ।

ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ କେସିଙ୍ଗା ଷ୍ଟେଶନର ୧ନଂ. ପାର୍ଶ୍ୱରେ ଥିବା ସମସ୍ତ ଦୋକାନ ଗୃହ ଗତ ଫେବୃୟାରୀରେ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ଆଜକୁ ୩ ମାସ ବିତିଯାଇଥିଲେ ସୁଦ୍ଧା ଦୋକାନ ଗୃହ ଭଙ୍ଗାଯାଇଥିବା ଭଙ୍ଗା ଇଟା, ପଥରସବୁ ରାସ୍ତା ପାର୍ଶ୍ୱରେ ପଡି ରହିଛି । ଏହି ରାସ୍ତା ଦେଇ କେସିଙ୍ଗା ଏନଏସିର ୧ ଓ ୨ ନମ୍ବର ୱାର୍ଡକୁ ଯିବାକୁ ରାସ୍ତା ରହିଛି । ଏଠାରେ ଯାତ୍ରୀବାହୀ ଘରୋଇ ବସ ମଧ୍ୟ ଆସି ଟ୍ରେନରୁ ଯାତ୍ରୀମାନଙ୍କୁ ଭବାନୀପାଟଣା, ବଲାଙ୍ଗୀର ଆଦି ଜାଗାକୁ ନିଆଯାଇଥାଏ । ଜାତୀୟ ରାଜପଥ ୨୬ରୁ ବଲାଙ୍ଗୀର ଛକଠାରୁ ରେଳୱେ ଷ୍ଟେଶନ ଦେଇ ୧ ଓ ୨ ନମ୍ବର ୱାର୍ଡକୁ ଯିବା ସହିତ ଦୈନନ୍ଦିନ ରେଳୱେ ଗୋଦାମକୁ ଶହ ଶହ ସଂଖ୍ୟାରେ ଟ୍ରକ ଦ୍ୱାରା ସିମେଣ୍ଟ, ଚାଉଳ, ଗହମ, ମକା ଇତ୍ୟାଦି ଜିନିଷ ପତ୍ର ବୋଝେଇ ହୋଇ ବାହାର ରାଜ୍ୟକୁ ଚାଲାଣ କରାଯାଇଥାଏ । ଏହି ରାସ୍ତାରେ ବସ, ଟ୍ରକ, ଯାନବାହନ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେବା ସହିତ ଭଙ୍ଗା ଇଟା ରାସ୍ତା ପାର୍ଶ୍ୱରେ ପଡିରହିଥିବା ଧୂଳିଗୁଣ୍ଡ ଉଡି ୩ନମ୍ବର ୱାର୍ଡବାସୀ ତଥା ୧ ନମ୍ବର ପ୍ଲାଟ ଫର୍ମରେ ଧୂଳି ଗୁଣ୍ଡରେ ଉଡି ପରିବେଶ ନଷ୍ଟ ହେଉଛି । ୱାର୍ଡବାସୀମାନେ ବିଭାଗୀୟ ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବି କରିଥିଲେ ସୁଦ୍ଧା ଆଜକୁ ୩ ମାସ ବିତି ଯାଇଥିଲେ ସୁଦ୍ଧା ଭଙ୍ଗା ଇଟା ଗୁଣ୍ଡ ଏଯାଏ ହଟା ନ ଯାଇ ପଡିରହିଛି । କେସିଙ୍ଗା ଷ୍ଟେଶନକୁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନବୀକରଣ କରାଯାଉଥିଲେ ସୁଦ୍ଧା ଧୂଳି ଧୂଷର ଗୁଣ୍ଡରେ ୱାର୍ଡବାସୀ ହନ୍ତସନ୍ତ ହେଉଛନ୍ତି । ରେଳୱେ ମାଲ ଗୋଦାମରୁ ଶହ ଶହ ସଂଖ୍ୟାରେ ମାଲ ବୋଝେଇ ଟ୍ରକ ଗମନାଗମନ କରୁଥିବାରୁ ଇଟା ଗୁଣ୍ଡ ଉଡି ପରିବେଶକୁ ନଷ୍ଟ କରି ପକାଉଛି । ଏ ନେଇ ରେଳ ବିଭାଗର ଡିସିଏମଙ୍କୁ ପଚାରିବାରୁ ଠିକାଦାର ସଫା କରିବା କଥା । କିନ୍ତୁ ତୁରନ୍ତ ସଫା କରିବାକୁ ମୁଁ ନିର୍ଦ୍ଦେଶ ଦେବି ବୋଲି ପ୍ରକାଶ କରିଥିଲେ ।

### ବଜ୍ରପାତରେ ବଳଦ, ମଇଁଷି ମୃତ

**ଭବାନୀପାଟଣା,୧୭।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରି ଗାଁରେ ବଜ୍ରପାତରେ ଗୋଟିଏ ମଇଁଷି ଏବଂ ଗୋଟିଏ ବଦଳ ମୃତ୍ୟୁ ଘଟିଥିବା ଜଣାପଡିଛି। ମଇଁଷିଟି ଗାଁର ବନମାଳି ସାହୁଙ୍କ ହୋଇଥିବା ବେଳେ ବଳଦ ରଇଲୁ ସାହୁଙ୍କ ବୋଲି ଜଣାପଡିଛି। ଦୁଇ ଗୃପାଳିତ ପଶୁ ୧୩ ତାରିଖ ବଜ୍ରପାତରେ ଶିକାର ହୋଇଥିବା ସନ୍ଦେହ କରାଯାଉଛି। ୧୩ ତାରିଖରେ କାଳବୈଶାଖୀ ତାଣ୍ଡବରେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ବଜ୍ରପାତ ମଧ୍ୟ ହୋଇଥିଲା। ସେହି ଦିନଠାରୁ ମଇଁଷି ଏବଂ ବଳଦ ନିଖୋଜ ହୋଇ ଯାଇଥିଲେ। ବହୁ ଖୋଯାଖୋଜି ପରେ ବି କୌଣସି ସନ୍ଧାନ ମିଳି ନ ଥିଲା। ପରଦିନ ସକାଳେ ମଇଁଷି ଓ ବଳଦ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମରି ପଡିଥିବା ଖବର ମାଲିକମାନେ ଜାଣିବାକୁ ପାଇଥିଲେ। ଉଭୟ ପଶୁ ବଜ୍ରପାତର ଶିକାର ହୋଇଥିବା ଅନୁମାନ କରି ଥୁଆମୂଳ ରାମପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅମିତ ରଞ୍ଜନ ସାହୁଙ୍କୁ ଜଣାଇଥିଲେ। ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମଇଁଷି ଓ ବଳଦର ବ୍ୟବଚ୍ଛେଦ କରାଇ ମାଲିକଙ୍କୁ ହସ୍ତାନ୍ତର କରିଥିଲେ। କ୍ଷତିପୂରଣ ସହାୟତା ରାଶି ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ଅଧିକାରୀ କହିଥିଲେ। ସେହିଭଳି ଗୋପୀନାଥପୁରରେ ମଧ୍ୟ ଅନୁରୂପ ଭାବେ ଏକ ଗାଈର ମୃତ୍ୟୁ ହୋଇଥିବା ପ୍ରାଣୀ ଚିକିତ୍ସା ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସାମାନ୍ୟ ବର୍ଷା ଯୋଗୁ ଏହି ଅଞ୍ଚଳର ତାପମାତ୍ରା କିଛି ମାତ୍ରାରେ କମ୍ ହୋଇଥିଲେ ହେଁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

# ଦାଦନ ଯାଇଥିବା ଶ୍ରମିକ ନିଖୋଜ ଅଭିଯୋଗ

**ଭବାନୀପାଟଣା,୧୭।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଥମୁନି ଦାଦନ ଯନ୍ତ୍ରଣା। ଦାଦନ ଖଟିବାକୁ ଯାଇ ପୁଣି ଜଣେ ଶ୍ରମିକ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ନିଖୋଜ ଶ୍ରମିକ ହେଲେ ଜୟପାଟଣା ବ୍ଲକ ରଣମାଲ ପଞ୍ଚାୟତ ଭୂର୍ଷିଗୁଡା ଗାଁର ଭରତ ଗହୀର (୪୨)। ଦାଦନ ଖଟିବାକୁ ଯାଉଥିବାବେଳେ ହାଇଦ୍ରାବାଦ ରେଳ ଷ୍ଟେଶନରେ ସେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ସୂଚନାମତେ, ଭରତ ଗାଁର ଅନ୍ୟ ୭ ଜଣ ସାଥୀଙ୍କ ସହ ଆନ୍ଧ୍ରପ୍ରଦେଶ ଦାଦନ ଖଟିବାକୁ ଗତ ୧୧ ତାରିଖ ଘରୁ ବାହାରିଥିଲେ। କିନ୍ତୁ ହାଇଦ୍ରାବାଦ ଷ୍ଟେସଶନରେ ପହଞ୍ଚିବା ପରେ ସେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏ ସମ୍ପର୍କରେ ଭରତଙ୍କୁ ସାଙ୍ଗରେ ନେଇ ଯାଇଥିବା ଅନ୍ୟ ଶ୍ରମିକମାନେ ଗାଁରେ ଥିବା ତାଙ୍କ ପରିବାର ଲୋକଙ୍କ ଖବର ଦେଇଥିଲେ। ଭରତଙ୍କ ନିଖୋଜ ଖବର ଶୁଣି ପରିବାର ଲୋକଙ୍କ ମଧ୍ୟରେ ନାନା ଆଶଙ୍କା ପ୍ରକାଶ ପାଇଛି। ଘରେ ସ୍ତ୍ରୀ ଶତନାମି ଗହୀର, ଝିଅ ଶିବାନୀ ଓ ବୃଦ୍ଧା ମା' କୟା ଥିବା ବେଳେ ଭରତଙ୍କ ପୁଅ ବିଷ୍ଣୁ (୧୮) ମଧ୍ୟ ଦାଦନ ଖଟିବାକୁ ବିଜୟୱାଡା ଯାଇଛନ୍ତି। ନିଖୋଜ ଭରତଙ୍କୁ ଫେରାଇ ଆଣିବା ପାଇଁ ଅସହାୟ ପରିବାର ପ୍ରଶାସନ ପାଖରେ ଗୁହାରୀ କରିଛନ୍ତି।

### ଜୁନାଗଡ଼ ଆଦର୍ଶ ବିଦ୍ୟାଳୟ
## ଯୁକ୍ତ ୨ ବିଦ୍ୟାଳୟ ଖୋଲିବା ଦାବି

**ଜୁନାଗଡ,୧୭।୫ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ଚଳିତବର୍ଷ ଯୁକ୍ତ ୨ ଖୋଲିବା ପାଇଁ ଦାବି ହେଉଛି। ଚଳିତବର୍ଷ ପ୍ରଥମ ମାଟ୍ରିକ ବ୍ୟାଚ ପରୀକ୍ଷା ଦେଇଥିବା ବେଳେ ଜିଲାରେ ଶତ ପ୍ରତିଶତ ପାସହାର କରି ଏହି ସ୍କୁଲ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ବର୍ତ୍ତମାନ ଗଣ ଶିକ୍ଷା ବିଭାଗ ଅଧୀନରେ ଯୁକ୍ତ ୨ ଥିବା ବେଳେ ଆଦର୍ଶ ବିଦ୍ୟାଳୟ ସିବିଏସଇ ମାଧ୍ୟମରେ ଶିକ୍ଷା ଦାନ କରାଯାଇଛି। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷ ଯୁକ୍ତ ୨ ଶିକ୍ଷା ଦାନ ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରଦାନ ପାଇଁ ଏକ ପ୍ରକାର ଚୂଡାନ୍ତ ହୋଇଥିବା ବେଳେ ଜୁନାଗଡରେ ଯୁକ୍ତ ଦୁଇ ବିଦ୍ୟାଳୟ ଖୋଲିବା ନେଇ ଅନିଶ୍ଚୟତା ଦେଖାଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ଓଡିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକମାନେ ଏକ ଜରୁରୀ ବୈଠକ କରିଥିଲେ। ଗତ ୨ ତାରିଖରେ ରାଜ୍ୟ ଶିକ୍ଷା ଉପନିର୍ଦ୍ଦେଶକଙ୍କୁ ଭେଟିବା ସହିତ କଳାହାଣ୍ଡି ଜିଲାପାଳ ଓ ଶିକ୍ଷା ଅଧିକାରୀଙ୍କୁ ଭେଟି ଜୁନାଗଡରେ ଯୁକ୍ତ ୨ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ବର୍ତ୍ତମାନ ଅନ୍ୟୁନ୍ୟ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ଆଗାମୀ ଦିନରେ ଜିଲାରେ କୌଣସି ସ୍ଥାନରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଦ୍ୟାଳୟ ଖୋଲାଯାଏ ତେବେ ତାହା ଜୁନାଗଡଠାରେ ଅଗ୍ରାଧିକାର ଭିତ୍ତିରେ ପ୍ରତିଷ୍ଠା ପାଇଁ ଆଲୋଚନା ହୋଇଛି। ଯଦି ପ୍ରଶାସନ ତାହାକୁ ଅଣଦେଖା କରେ ଆଗାମୀ ଦିନରେ ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

### ବେଦାନ୍ତ କମ୍ପାନୀ ସମ୍ମୁଖ ଗଣ୍ଡଗୋଳ ଘଟଣା
# ଗିରଫଦାରି ସଂଖ୍ୟା ୧୮ରେ ପହଞ୍ଚିଲା
### ଅଭିଯୋଗ ଫର୍ଦ୍ଦରେ ୩୦୦ରୁ ଉର୍ଦ୍ଧ୍ୱଙ୍କ ନାଁ

**ଲାଞ୍ଜିଗଡ଼,୧୭।୫ (ଡି.ଏନ.ଏ.)**



କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଫାଟକ ସାମ୍ନାରେ ଓଆଇଏସ୍ଏଫ୍ ଯବାନମାନଙ୍କ ଆକ୍ରମଣରେ ଜଣେ ଶ୍ରମିକ ଓ ଜନତାଙ୍କ ପାଲଟା ଆକ୍ରମଣରେ ଜଣେ ମେଜର ହାବିଲଦାର ମୃତ୍ୟୁବରଣ କରିଥିଲେ। କେବଳ ମେଜର ହାବିଲଦାରଙ୍କ ମୃତ୍ୟୁ ଓ ବେଦାନ୍ତ କମ୍ପାନୀରେ ପୋଡ଼ାଜଳା ତଥା ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ଇତିମଧ୍ୟରେ ଲାଞ୍ଜିଗଡ଼ ଅଞ୍ଚଳର ୧୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବଳଭଦ୍ର ନାଏକ, ବସନ୍ତ ମୁଣ୍ଡା, ବିପ୍ର ମୁଣ୍ଡା, ଭୁଷଣ ଚଲାଣ, ମନୋଜ କୁମାର ପ୍ରଧାନ, ବିଶ୍ୱାମିତ୍ର ନାଗ, ରାଜେନ୍ଦ୍ର ମାଝି, ପଟ୍ଟନାୟକ ହରିଜନ, ବିନୟ ନାୟକ, ମନୋଜ ନାଗ, ଦିଗାମ୍ବର ତାଣ୍ଡି, କର୍ଣ୍ଣ ମାଝି, ଜଳନ୍ଧର ହରିଜନ, ବିପେନ୍ଦ୍ର ବାଗ, ପାର୍ଥସାରଥି ସୁନାନି, ସୁଲିଆ ମହାନନ୍ଦ, ପଞ୍ଚାନନ ପୂଜାରୀ ଓ ଭିମସେନ ସାହୁ। ଏ ନେଇ ଦଫା ୧୪୭, ୧୪୮, ୧୪.୩୨୩, ୩୨୫, ୪୩.୩୦୨ ଓ ୫୦୬ ଭଳି ସଙ୍ଗିନ ଦଫା ଓ ୨୭ ଆର୍ମ ଆକ୍ଟରେ ଏକ ମାମଲା (ନଂ.୧୫/୨୦୧୯) ରୁଜୁ କରାଯାଇଛି। ଏପରିକି ପୋଲିସ ଏହି ଗୋଟିଏ ମାମଲାରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ଅଭିଯୋଗ ଦାଖଲ କରିଛି। ସ୍ଥାନୀୟ ଲୋକଙ୍କୁ ଗିରଫ୍ କରିବାକୁ ଜାଲ ବିଛାଉଥିବା ଜାଣି ଅଭିଯୁକ୍ତଙ୍କ ବ୍ୟତିତ ମାମଲାରେ ସମ୍ପୃକ୍ତ ନ ଥିବା ଲାଞ୍ଜିଗଡ, ବସନ୍ତପଡା, ଛତ୍ରପୁର, ରେଙ୍ଗୋପାଲି, ବସନ୍ତପଡା, ଜଗନ୍ନାଥପୁର, ପତରାପଡା ଆଦି ଗାଁର ଲୋକେ ଘରଦ୍ୱାର ଛାଡି ପୋଲିସ ଭୟରେ ଲୁଚି ରହିଥିବା ବେଳେ ଗରିବ ନିରୀହ ପରିବାରଙ୍କ ଘରେ ଚୁଲି ଜଳୁନାହିଁ । ହେଲେ ସମାନ ଭାବେ ଲୋକଙ୍କ ଉପରେ ଆକ୍ରମଣ କରିଥିଲା ବେଦାନ୍ତ ସୁରକ୍ଷା କର୍ମୀ ଓଆଇଏସ୍ଏଫ୍ । ସେହି ଆକ୍ରମଣରେ ଜଣେ ଶ୍ରମିକ ପୋଖରୀରେ ବୁଡି ଛତ୍ରପୁରର ଦାନି ବାତ୍ରା ନାମକ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ହେଲେ ପୋଲିସ ଏ ଯାଏଁ ଓଆଇଏସ୍ଏଫ୍ ଯବାନମାନଙ୍କ ବିରରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନିରୀହ ସାଧାରଣ ଜନତାଙ୍କ ଉପରେ ପୋଲିସ ବିଭିନ୍ନ ଦଫା ଲଗାଇ ଗିରଫ କରୁଥିବା ବେଳେ ଓଆଇଏସ୍ଏଫ୍ ଯବାନମାନଙ୍କୁ ଅନୁକମ୍ପା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହାକୁ ନେଇ ଅଞ୍ଚଳରେ ଦାନା ବାନ୍ଧୁଛି। କଳାହାଣ୍ଡି ଅତିରିକ୍ତ ଏସ୍‌ପି ମନୋଜ କୁମାର ମହନ୍ତଙ୍କୁ ପଚାରିବାରୁ ପୋଲିସ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ଅଛି ଏବଂ ଏହି ମାମଲା ଠିକ୍ ପଦକ୍ଷେପ ନିଆଯିବ ଓ ଦାନି ବାତ୍ରାଙ୍କ ଶବବ୍ୟବଚ୍ଛେଦ ରିପୋର୍ଟ ଏଯାଏଁ ଆସିନାହ। ଆସିବା ପରେ ଯବାନମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ କେସରେ ନିଜେ କଳାହାଣ୍ଡି ଏସ୍‌ପି ସୁପରଭିଜନରେ ଅଛନ୍ତି ବୋଲି ମହନ୍ତ କହିଛନ୍ତି ।

# ଭେରିଫିକେଶନ ନାଁରେ ଟଙ୍କା ଆଦାୟ ଅଭିଯୋଗ

**କୋକସରା,୧୭।୫ (ଡି.ଏନ.ଏ.)**

**କୋକସରା ବିଇଓ ଅଫିସ**

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏମଡିଏମ ଭେରିଫିକେଶ ନାଁରେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏଭଳିକି ପ୍ରାଇମେରୀ ସ୍କୁଲ ଭେରିଫିକେଶନ ପାଇଁ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୫ ଶହ ଟଙ୍କା ଏବଂ ଅପର ପ୍ରାଇମେରୀ ସ୍କୁଲ ଭେରିଫିକେଶନ ପାଇଁ ୧ ହଜାର ଟଙ୍କା ବେଆଇନ ଭାବେ ଆଦୟ ହେଉଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ କୋକସରା ବ୍ଲକରେ ୧୦୦ ପ୍ରାଇମେରି ଓ ୭୦ଟି ଅପର ପ୍ରାଇମେରି ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ୧୦ ହଜରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢୁଛନ୍ତି । ସେମାନଙ୍କୁ ପାଠପଢାରେ ଆକୃଷ୍ଟ କରିବା ପାଇଁ ସରକାରଙ୍କ ତରଫରୁ ମାଗଣା ମଧ୍ୟାହ୍ନ ଭୋଜନ, ଉନ୍ନତମାନର ଡାଲି ସହ ସପ୍ତାହକୁ ୨ ଦିନ ଅଣ୍ଡା ଯୋଗାଣ କରାଯାଉଛି। କିଛି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଜାଲ ଉପସ୍ଥାନ ଦେଖାଇ ମଧ୍ୟାହ୍ନଭୋଜନ ଯୋଜନା ଅର୍ଥ ଲୁଟ କରୁଥିବା ଅଭିଯୋଗ ହେଉଥିଲା। ଯାହର ହିସାବ କିତାବର ତାଳମେଳ ମଧ୍ୟ ରହୁ ନ ଥିବାରୁ କୋକସରା ବ୍ଲକରେ ଆଗରୁ ମଧ୍ୟାହ୍ନଭୋଜନରେ ଘୋଟଲା ହୋଇଥିବା ମଧ୍ୟ ଚର୍ଚ୍ଚା ପରିସରକୁ ଆସିଥିଲା। ଏହାର ସ୍ୱଚ୍ଛତା ଆଣିବା ପାଇଁ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଗତବର୍ଷର ହିସାବ ନିକାଶ କରିବାକୁ ଜିଲା ଶିକ୍ଷାଧିକରୀଙ୍କ କାର୍ଯ୍ୟାଳୟରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠି ଆସିଛି। ଫଳରେ ବ୍ଲକ ଶିକ୍ଷା ବିଭାଗ କିଛି ଅଧିକାରୀ ଓ କର୍ମଚାରୀ କାଗଜପତ୍ର ଭେରିଫିକେଶନ କରିବା ନାଁରେ ବିଦ୍ୟାଳୟରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ସରକାର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଶିକ୍ଷକ ନିଯୁକ୍ତି କରିଥିବାବଳେ କର୍ମଚାରୀମାନଙ୍କୁ ତଦାରଖ କରିବା ପାଇଁ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି। ହେଲେ ଶିକ୍ଷାବିଭାଗ କିଛି କର୍ମଚାରୀ ଓ କିଛି ଅଧିକାରୀ ମିଳିତ ଭାବେ ମଧ୍ୟାନ୍ନଭୋଜନ ଭଳି ସରକାରଙ୍କ ଜନହିତକର ଯୋଜନାର କାଗଜପତ୍ର ଭେରିଫିକେଶନ ନାଁରେ ଲୁଟିବାକୁ ଶିକ୍ଷା ବିଭାଗ କିଛି ଅସାଧୁ କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଭେରିଫିକେଶନ ନାଁରେ ଟଙ୍କା ଅସୁଲ କରୁଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ କୋକସରା ବିଇଓ ଈଶ୍ୱର ଚନ୍ଦ୍ର ମାଝିଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି ।




କୋକସରା ବିଇଓଙ୍କ କାର୍ଯ୍ୟାଳୟ ।